# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

•VOLUME- 42 •ISSUE-216 •BHUBANESWAR •SATURDAY •1 FEBRUARY 2025 •PAGE-14 •₹ 6.00

•ବର୍ଷ-୪୨ •ସଂଖ୍ୟା-୨୧୬ •ଭୁବନେଶ୍ୱର •ଶନିବାର •୧ ଫେବୃଆରୀ ୨୦୨୫ •ପୃଷ୍ଠା-୧୪ •ଟ.୬.୦୦




ଇଂଲଣ୍ଡ ବିପକ୍ଷରେ ଟି-୨୦ ସିରିଜ୍ ଜିତିଲା ଭାରତ

▶କ୍ରୀଡ଼ା ପୃଷ୍ଠା ଦେଖନ୍ତୁ...


DSPL - 373



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## କଥା ଦେଇ କଥା ରଖିଲେ ସରକାର
# ସଶକ୍ତ କୃଷକ, ସମୃଦ୍ଧ ଓଡ଼ିଶା

ଅଦ୍ୟାବଧି ପ୍ରାୟ ୧୦ ଲକ୍ଷ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ହିସାବରେ ୧୦,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଶି ପ୍ରଦାନ କରାଯାଇଛି ।

ଧାନର କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ହିସାବରେ ୩,୫୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଶି ପ୍ରଦାନ କରାଯାଇଛି ।



OIPR - 07002/13/0025/2425

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-216 ◆BHUBANESWAR ◆SATURDAY ◆1 FEBRUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୧୬ ◆ଭୁବନେଶ୍ୱର ◆ଶନିବାର ◆୧ ଫେବୃଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦



ସାରା-ଅର୍ଜୁନ ସମ୍ପର୍କର ଖୁଲାସା

▸ପୃଷ୍ଠା ୨ ଦେଖନ୍ତୁ...

# ମହାମଣ୍ଡଳେଶ୍ୱର ପଦରୁ ମମତା କୁଲକର୍ଣ୍ଣୀ ବହିଷ୍କୃତ



■ **ପ୍ରୟାଗରାଜ, ୩୧।୧ (ଏଜେନ୍ସି):** କିଛି ଦିନ ତଳେ ଅଭିନେତ୍ରୀରୁ କିନ୍ନର ଆଖଡ଼ାର ମହାମଣ୍ଡଳେଶ୍ୱର ପାଲଟି ଥିବା ଅଭିନେତ୍ରୀ ମମତା କୁଲକର୍ଣ୍ଣୀଙ୍କୁ ବହିଷ୍କାର କରିଦିଆଯାଇଛି। ମମତାଙ୍କୁ ମହାମଣ୍ଡଳେଶ୍ୱର କରିଥିବା ତାଙ୍କ ଗୁରୁ ତଥା ଆଚାର୍ଯ୍ୟ ଲକ୍ଷ୍ମୀ ନାରାୟଣଙ୍କୁ ମଧ ପଦ ଏବଂ ଆଖଡ଼ାରୁ ବାହାର କରାଯାଇଛି। କିନ୍ନର ଆଖଡ଼ା ପକ୍ଷରୁ ଶୁକ୍ରବାର ଏହି ଘୋଷଣା କରାଯାଇଛି। ନିଜକୁ ଏହି ଆଖଡ଼ାର ପ୍ରତିଷ୍ଠାତା କହୁଥିବା ଋଷି ଅଜୟ ଦାସ କହିଛନ୍ତି ଯେ ମହାମଣ୍ଡଳେଶ୍ୱର କରିବା ପାଇଁ ନିର୍ଦ୍ଧାରିତ ପ୍ରକ୍ରିୟାକୁ ମମତାଙ୍କ କ୍ଷେତ୍ରରେ ପାଳନ କରାଯାଇ ନାହିଁ। ଏହି ଅଭିନେତ୍ରୀଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ ଲାଗିଛି। ଏଭଳି କ୍ଷେତ୍ରରେ ତାଙ୍କୁ ମହାମଣ୍ଡଳେଶ୍ୱର କରିହେବ ନାହିଁ। ଏହା କୌଣସି ବିଗ୍ ବସ୍ ଶୋ' ନୁହେଁ ଯେ ମହାକୁମ୍ଭରେ ଯାହାକୁ ମନ ତାହାକୁ ମାସେ ପର୍ଯ୍ୟନ୍ତ ଚଳାଇ ଦେବୁ। କିନ୍ନର ସମାଜର ଉତ୍ଥାନ ଏବଂ ଧର୍ମ ପ୍ରଚାର ପାଇଁ ଲକ୍ଷ୍ମୀନାରାୟଣଙ୍କୁ ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ନିଯୁକ୍ତି କରାଯାଇଥିଲା। କିନ୍ତୁ ସେ ମାର୍ଗ ଭୁଲି ଯାଇଛନ୍ତି। ଦେଶହିତକୁ ଛାଡ଼ି ▸ପୃଷ୍ଠା-୭

# ମାମଲା ଚାପ ହ୍ରାସ ପାଇଁ ସନ୍ଧ୍ୟାରେ ଖୋଲିବ କୋର୍ଟ



■ **ନୂଆଦିଲ୍ଲୀ, ୩୧।୧ (ଏଜେନ୍ସି):** ଦେଶର ଅଦାଲତଗୁଡ଼ିକରେ ଲକ୍ଷାଧିକ ମାମଲା ପଡ଼ି ରହିଛି। ତେଣୁ କୋର୍ଟଙ୍କ ଉପରେ ବୋଝ ବଢ଼ିବାରେ ଲାଗିଛି। ଏହାକୁ ହ୍ରାସ କରିବା ପାଇଁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ବିହୀତ ପଦକ୍ଷେପ ନେଉଛନ୍ତି। ସେ ଏକ ପ୍ରମୁଖ ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି। ସନ୍ଧ୍ୟାରେ କୋର୍ଟ ଖୋଲିବା ପାଇଁ ଯୋଜନା କରୁଛନ୍ତି। ଏ ଦିଗରେ ସମ୍ବନ୍ଧିତ ପକ୍ଷଙ୍କ ସହ ସିଜେଆଇ ଆଲୋଚନା ଜାରି ରଖିଛନ୍ତି। ଏଥିପାଇଁ ଶନିବାର ସୁପ୍ରିମକୋର୍ଟରେ ଏକ ସମ୍ମିଳନୀ ଆୟୋଜନ କରାଯାଇଛି। ଏବେ କେବଳ ସୁପ୍ରିମକୋର୍ଟରେ ୮୨, ୪୪୫ ମାମଲା ପଡ଼ି ରହିଛି। ସେହିପରି ନିମ୍ନ କୋର୍ଟରେ ନିୟୁତ ନିୟୁତ ମାମଲା ରହିଛି।

ଏହି ସମ୍ମିଳନୀରେ ମାମଲା ଫଇସଲାକୁ ଗୁରୁତ୍ୱ ଦିଆଯିବ। ଏହି ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରତ୍ୟେକ ହାଇକୋର୍ଟର ମୁଖ୍ୟ ବିଚାରପତି, ଜଣେ ବରିଷ୍ଠ ବିଚାରପତି ଏବଂ ଜିଲ୍ଲା କୋର୍ଟର ଦୁଇ ବରିଷ୍ଠ ବିଚାରପତିଙ୍କୁ ନିମନ୍ତ୍ରଣ କରାଯାଇଛି। ଏହାର ସମାଧାନ ପାଇଁ ସମସ୍ତଙ୍କୁ ଯୋଜନା ଆଣି ଆସିବାକୁ କୁହାଯାଇଛି। ▸ପୃଷ୍ଠା-୭

## ଧାନ କ୍ରୟ ଲକ୍ଷ୍ୟ ବୃଦ୍ଧି

# ସତ ଲୁଚାଇବାକୁ ଫନ୍ଦି !



- ସବୁଠି ଚାଲିଛି ମିଲରମାନଙ୍କ ମନମାନି
- ରାଜ୍ୟବ୍ୟାପୀ ବଢ଼ୁଛି ଚାଷୀ ଅସନ୍ତୋଷ
- ଧାନକିଣାରୁ ବାଦ୍ ପଡ଼ିଛନ୍ତି ଏସ୍ଏଚ୍‌ଜି
- ପୂର୍ବରୁ ଲକ୍ଷ୍ୟ ରହିଥିଲା ୬୫ ଲକ୍ଷ ଟନ୍
- ଏଯାଏ କିଣାଯାଇଛି ମାତ୍ର ୪୬ ଲକ୍ଷ ଟନ୍

■ **ଭୁବନେଶ୍ୱର, ୩୧।୧ (ସମିସ):** ଠିକ୍ ସମୟରେ ଚାଷୀଙ୍କୁ ଟୋକନ ମିଳିବ, ବିନା କଟ୍‌ନୀଛଟ୍‌ନୀରେ ଧାନ କିଣାଯିବ। ଚାଷୀମାନେ ବିନା ବାଧାରେ ଧାନ ବିକ୍ରି କରିବେ। ସରକାର ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କ ଖାତାରେ ଧାନ ବିକ୍ରି ଟଙ୍କା ଜମା କରିବେ। ଖରିଫ ଧାନ କ୍ରୟ ସଂକ୍ରାନ୍ତ ମନ୍ତ୍ରିସ୍ତରୀୟ ବୈଠକରେ ଏପରି ନିଷ୍ପତ୍ତି ହୋଇଥିଲା। ମାତ୍ର ନଭେମ୍ବର ୨୦ ତାରିଖରୁ ବରଗଡ଼ ଜିଲ୍ଲାରେ ଧାନ କିଣା ଶୁଭାରମ୍ଭ ହେବାର ୭୦ ଦିନ ପରେ ଏବେ ଖରିଫରେ ୬୫ ଲକ୍ଷ ଟନ୍ କ୍ରୟ ଲକ୍ଷ୍ୟକୁ ୭୭ ଲକ୍ଷ ଟନ୍‌କୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର।

ଧାନ କିଣା ପ୍ରକ୍ରିୟା ସ୍ୱଚ୍ଛ ଓ ସଫଳ ହୋଇଥିବାରୁ ଏବଂ ୮୦୦ ଟଙ୍କା ଅଧିକ ଇନ୍‌ପୁଟ୍ ସବସିଡି ମିଳୁଥିବାରୁ ଚାଷୀମାନେ ଅଧିକରୁ ଅଧିକ ଧାନ ବିକିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି, ତେଣୁ ଖରିଫରେ ଅଧିକ ଧାନ କିଣିବାକୁ ଶୁକ୍ରବାର ମନ୍ତ୍ରି ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସରକାର ସୂଚନା ଦେଇଛନ୍ତି। ମାତ୍ର ଲକ୍ଷ୍ୟର ମାତ୍ର ୬୫% ଧାନ କିଣା ହୋଇଥିବା ସମୟରେ ମନ୍ତ୍ରି ପରିଷଦ ବୈଠକରେ ଅକସ୍ମାତ ଆଉ ୧୨ ଲକ୍ଷ ଟନ୍ ଅଧିକ ଧାନ କିଣିବା ନିଷ୍ପତ୍ତି ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି। ଧାନ କିଣାରେ ସୃଷ୍ଟି ହୋଇଥିବା ଅବ୍ୟବସ୍ଥା, ଚାଷୀ ଅସନ୍ତୋଷ, ମିଲରଙ୍କ ମନମାନି ଓ କଟ୍‌ନୀଛଟ୍‌ନୀରୁ ଦୃଷ୍ଟି ହଟାଇବା ପାଇଁ ସରକାର ଏପରି ପ୍ରହେଳିକା ସୃଷ୍ଟି କରିଛନ୍ତି ବୋଲି ବିରୋଧୀ ଓ ଚାଷୀ ନେତାମାନେ ଅଭିଯୋଗ କରିଛନ୍ତି।

ଧାନ କିଣାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ଲାଗି ରହିଛି। ଚାଷୀମାନଙ୍କୁ ଠିକ୍ ସମୟରେ ଟୋକନ ମିଳୁ ନ ଥିବା ଅଭିଯୋଗ ହୋଇଛି। ମିଲରମାନେ ପ୍ରତି କ୍ୱିଣ୍ଟାଲରେ ୮ରୁ ୧୦ କେଜି କଟ୍‌ନୀଛଟନୀ କରୁଥିବା ନେଇ ଅଭିଯୋଗ ଆସିବାରେ ଲାଗିଛି। ମିଲରଙ୍କ ମନମାନିକୁ ଖୋଦ୍ ଯୋଗାଣମନ୍ତ୍ରୀ ଗଣମାଧ୍ୟମରେ ସ୍ୱୀକାର କରିଛନ୍ତି। ଯୋଗାଣ ବିଭାଗର ଉଚ୍ଚ ଅଧିକାରୀମାନେ ବିଭାଗୀୟ ମନ୍ତ୍ରୀଙ୍କୁ ଏ କଥାରେ ମୁଣ୍ଡ ନ ଖେଳାଇବାକୁ ପରାମର୍ଶ ଦେଉଥିବା ଯୋଗୁଁ ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି। ସିଏମ୍-କିସାନ ଯୋଜନାରେ ପ୍ରାୟ ୪୬ ଲକ୍ଷ ଚାଷୀ ପଞ୍ଜିକରଣ କରିଥିଲେ ସୁଦ୍ଧା କାହିଁକି ମାତ୍ର ୯.୭୭ ଲକ୍ଷ ଚାଷୀଙ୍କଠାରୁ ଧାନ କିଣାଯାଇଛି, ସେ ସମ୍ପର୍କରେ କାହାରିକୁ ତର୍ଜମା କରିବାକୁ ସମୟ ମିଳିନାହିଁ। ୭୦ ଦିନ ମଧ୍ୟରେ ଧାର୍ଯ୍ୟ ଲକ୍ଷ ୬୬ ଲକ୍ଷ ଟନ୍ ମଧ୍ୟରୁ କାହିଁକି ମାତ୍ର ୪୬.୩୬ ଲକ୍ଷ ଟନ୍ ଧାନ କ୍ରୟ ହୋଇ ପାରିଛି ତାହାର ଅନୁଧ୍ୟାନ କରାଯାଇ ନାହିଁ। ମାତ୍ର ଧାନ କିଣା ମଝିରୁ ମନ୍ତ୍ରି ପରିଷଦ ବୈଠକରେ ଆଉ ୧୨ ଲକ୍ଷ ଟନ୍ ଅଧିକ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯିବା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି।

ରାଜ୍ୟର ପ୍ରାୟ ପ୍ରତ୍ୟେକ ମଣ୍ଡିରେ ଅବ୍ୟବସ୍ଥା। ଧାନ ବିକ୍ରି ପାଇଁ ରାତିରାତି ଚାଷୀଙ୍କୁ ଅନିଦ୍ରା ହେବାକୁ ପଡୁଛି। ୧୦ କେଜି ଯାଏ ନ କାଟିଲେ ଧାନ କିଣାଯିବ ନାହିଁ ବୋଲି ମିଲର ଅଲିଖିତ ନିୟମ କରିଛନ୍ତି। ଯିଏ ଏଥିରେ ରାଜି ▸ପୃଷ୍ଠା-୭

# ରାଷ୍ଟ୍ରପତିଙ୍କୁ ସୋନିଆଙ୍କ କଟାକ୍ଷ ନେଇ ବିବାଦ



## ଆପତ୍ତି ଉଠାଇଲା ରାଷ୍ଟ୍ରପତି ଭବନ

■ **ନୂଆଦିଲ୍ଲୀ, ୩୧।୧ (ଏଜେନ୍ସି):** ସଂସଦର ବଜେଟ ଅଧିବେଶନ ଆଜି ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ବଡ଼ ଧରଣର ବିବାଦ ସୃଷ୍ଟି ହୋଇଛି। ସଂସଦର ମିଳିତ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣକୁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ କଟାକ୍ଷ କରିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସୋନିଆଙ୍କର କଟାକ୍ଷ ନେଇ ରାଷ୍ଟ୍ରପତି ଭବନ ଦୃଢ଼ ଆପତ୍ତି ଉଠାଉଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦୀ ସୋନିଆଙ୍କର ତୀବ୍ର ସମାଲୋଚନା କରିଛନ୍ତି। ଏଭଳି ମନ୍ତବ୍ୟ ଦେଇ ରାଷ୍ଟ୍ରପତିଙ୍କୁ ଅପମାନିତ କରିଥିବାରୁ ସୋନିଆ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ବିଜେପି ଦାବି କରିଛି।

ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ଗଣମାଧ୍ୟମ ପ୍ରତିନିଧି ଆଜି ସଂସଦ ବାହାରେ ସୋନିଆଙ୍କ ପ୍ରତିକ୍ରିୟା ଲୋଡ଼ିଥିଲେ। ଦୀର୍ଘ ୫୯ ମିନିଟର ଅଭିଭାଷଣକୁ କଟାକ୍ଷ କରି ସୋନିଆ କହିଥିଲେ, ବିଚାରୀ ରାଷ୍ଟ୍ରପତି। ଭାଷଣ ପଢ଼ି ପଢ଼ି ଶେଷ ଆଡ଼କୁ ସେ କ୍ଳାନ୍ତ ଦେଖାଯାଉଥିଲେ। ସେ ଏତେ କ୍ଳାନ୍ତ ହୋଇପଡ଼ିଥିଲେ ଆଉ କହିବା ସ୍ଥିତିରେ ନଥିଲେ। ଭାରି ଖରାପ। ସୋନିଆ ଏଭଳି ମନ୍ତବ୍ୟ ଦେଉଥିବାର ଭିଡିଓ ଗଣମାଧ୍ୟମରେ ପ୍ରସାରିତ ହେଲା ପରେ ବଡ଼ ଧରଣର ବିବାଦ ସୃଷ୍ଟି ହୋଇଥିଲା।

**ନିନ୍ଦାକଲେ ପ୍ରଧାନମନ୍ତ୍ରୀ**

ସୋନିଆଙ୍କ ମନ୍ତବ୍ୟକୁ ରାଷ୍ଟ୍ରପତି ଭବନ ପକ୍ଷରୁ ବିରୋଧ କରାଯାଇଛି। ରାଷ୍ଟ୍ରପତି ଭବନ ପକ୍ଷରୁ ଆଜି ସନ୍ଧ୍ୟାରେ ଜାରି କରଯାଇଥିବା ବିବୃତିରେ କୁହାଯାଇଛି ଯେ ସୋନିଆଙ୍କ ଏଭଳି ମନ୍ତବ୍ୟ ଦୁର୍ଭାଗ୍ୟଜନକ ଏବଂ ଏହା କଦାପି ଗ୍ରହଣୀୟ ନୁହେଁ। ଏହାକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଯାଇ ପାରିଥା'ନ୍ତା। ▸ପୃଷ୍ଠା-୭

# ମାର୍କଫେଡ୍ ଅଧିକାରୀଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ

■ **ବ୍ରହ୍ମପୁର, ୩୧।୧ (ସମିସ):** ଚାଷୀଙ୍କ ପାଇଁ ଆସିଥିବା ସାରବିକ୍ରି କରି ସରକାରୀ ଅର୍ଥ ଆତ୍ମସାତ କରିବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଗଞ୍ଜାମ ଜିଲା ବୁଗୁଡା ସ୍ଥିତ ମାର୍କଫେଡ ଡିପୋ (ଅତିରିକ୍ତ ଷ୍ଟୋରେଜ୍ ୟୁନିଟ୍)ର ପୂର୍ବତନ ଇନଚାର୍ଜ ପ୍ରଦୀପ୍ତ କୁମାର ପରିଜା(୬୮)। ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅରୁଣ କୁମାର ସାହୁ ୨୦୦୪ ମସିହାର ଏହି ମାମଲାର ଚୁଡାନ୍ତ ରାୟ ପ୍ରକାଶ କରି ଅଭିଯୁକ୍ତ ପ୍ରଦୀପ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡ ସହ ୩୫ ହଜାର ଲେଖାଏଁ ଜୋରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ମରିମାନା ଅନାଦେୟ ୯ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ଜଜ୍ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ତେବେ ଏହି ମାମଲାରେ ଅଭିଯୁକ୍ତ ଥିବା ଜଗନ୍ନାଥପୁର ଗୋଦାମର ପୂର୍ବତନ ଏରିଆ ମାନେଜର୍ ଭୁବନମୋହନ ଦାସଙ୍କୁ ପ୍ରମାଣ ଅଭାବରୁ ଜଜ୍ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମାମଲାର ବିରଣୀରୁ ପ୍ରକାଶଯେ, ୨୦୦୪ ବେଳକୁ ଭୂବନ ମାର୍କଫେଡର ଏରିଆ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ବେଳେ ପ୍ରଦୀପ୍ତ ବୁଗୁଡା ସ୍ଥିତ ମାର୍କଫେଡର ଅତିରିକ୍ତ ଷ୍ଟୋରେଜ ପଏଣ୍ଟ ଇନଚାର୍ଜ ଭାବେ କାର୍ଯ୍ୟ କରୁଥିଲେ। ସେତେବେଳେ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଯୋଗାଣ ପାଇଁ ଜଗନ୍ନାଥପୁରକୁ ଆସିଥିବା ସାର ବୁଗୁଡା ସହ ବିଭିନ୍ନ ଅଞ୍ଚଳରେ ଥିବା ଷ୍ଟୋରେଜ୍ ୟୁନିଟକୁ ପଠାଯାଇଥିଲା। ହେଲେ ବୁଗୁଡ଼ାକୁ ଆସିଥିବା ସାର ହେରଫେର କରାଯାଇଥିବା ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ଏକ ଟିମ ସେହି ଷ୍ଟୋରେଜ ପଏଣ୍ଟରେ ଅଚାନକ ପରିଦର୍ଶନ କରିଥିଲେ। ▸ପୃଷ୍ଠା-୭

## ସଂସଦର ବଜେଟ ଅଧିବେଶନରେ ଅର୍ଥନୈତିକ ସର୍ଭେ ରିପୋର୍ଟ

# ୭% ତଳେ ରହିବ ଜିଡିପି ଅଭିବୃଦ୍ଧି

**ଆଜି ବଜେଟ**

■ **ନୂଆଦିଲ୍ଲୀ, ୩୧।୧ (ଏଜେନ୍ସି):** ସଂସଦର ବଜେଟ୍ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି। ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଗୃହକୁ ସମ୍ବୋଧିତ କରିବା ଅବସରରେ ଦିବଂଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



- ୮% ହାରରେ ବଢ଼ିଲେ ୨୦୪୭ ସୁଦ୍ଧା ଭାରତ ହେବ ବିକଶିତ
- ନିୟନ୍ତ୍ରଣରେ ଖୁଚୁରା ମୁଦ୍ରାସ୍ଫୀତି
- ବେକାରୀ ସମସ୍ୟାରେ ସୁଧାର

ଏହାପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୃହରେ ୨୦୨୪-୨୫ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଥିଲେ। ଆସନ୍ତାକାଲି ଅର୍ଥମନ୍ତ୍ରୀ ଗୃହରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ।

ଆଜି ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ୍ ଘରୋଇ ଉତ୍ପାଦ ଅଭିବୃଦ୍ଧି ହାର ୬.୩ରୁ ୬.୮ ପ୍ରତିଶତ ମଧ୍ୟରେ ରହିବ ବୋଲି ଅନୁମାନ କରାଯାଇଛି, ଯାହାକି ୨୦୨୩-୨୪ ତୁଳନାରେ ପ୍ରାୟ ୨ ପ୍ରତିଶତ କମ୍। ପୂର୍ବବର୍ଷ ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୮ ପ୍ରତିଶତ ଉପରେ ରହିଥିଲା। ପୁଣି ଚଳିତ ଆର୍ଥିକ ବର୍ଷରେ ଅର୍ଥନୈତିକ ଅଭିବୃଦ୍ଧି ହାର ୬.୪ ପ୍ରତିଶତକୁ ଖସି ଆସିବ। ଗତ ୪ ବର୍ଷରେ ଏହି ହାର ଏତେ ନିମ୍ନ ସ୍ତରକୁ କେବେ ଖସି ନ ଥିଲା। ବିଶ୍ୱରେ ଅସ୍ଥିରତାକୁ ଏଥିପାଇଁ ଦାୟୀ କରି କୁହାଯାଇଛି ଯେ ବିକାଶ ହାର ବଢ଼ାଇବାକୁ ହେଲେ ଭିନ୍ନ ରଣନୀତି ଆପଣାଇବାକୁ ହେବ। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ୮ ପ୍ରତିଶତ ଅଭିବୃଦ୍ଧି ହାର ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ ଯୁକ୍ତି କରାଯାଇଛି।

ଆସନ୍ତାକାଲି ସାଧାରଣ ବଜେଟ ଉପସ୍ଥାପିତ ହେବାକୁ ଯାଉଥିବା ବେଳେ ଆଜିର ଏହି ସର୍ଭେ ରିପୋର୍ଟକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। କାରଣ ଚଳିତ ଆର୍ଥିକ ବର୍ଷରେ ଦେଶର ଅର୍ଥନୈତିକ ଅବସ୍ଥା କଣ ଥିଲା ଏବଂ ଆସନ୍ତାବର୍ଷ ବିକାଶକୁ କିପରି ଆଗେଇ ନେବାକୁ ପଡ଼ିବ ସେ ସଂପର୍କରେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ▸ପୃଷ୍ଠା-୭

## ଏକ ଦେଶ-ଏକ ନିର୍ବାଚନ

# ବଢ଼ିବ ଜେପିସି କାର୍ଯ୍ୟକାଳ

- ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ସଂଗ୍ରହ ହେବ ମତ
- ବିଭିନ୍ନ ବର୍ଗ, ସଂଗଠନ ଓ ପ୍ରତିଷ୍ଠାନରୁ ମତ ଲୋଡ଼ାଯିବ

■ **ନୂଆଦିଲ୍ଲୀ, ୩୧।୧ (ସମିସ):** 'ଏକ ଦେଶ, ଏକ ନିର୍ବାଚନ' ନିମନ୍ତେ ଗଠିତ ସଂଯୁକ୍ତ ସଂସଦୀୟ ସମିତି (ଜେପିସି)ର ଦ୍ୱିତୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବୈଠକରେ ଜେପିସିର କାର୍ଯ୍ୟକାଳ ବୃଦ୍ଧି ନିମନ୍ତେ ସଦସ୍ୟମାନେ ସହମତ ହୋଇଛନ୍ତି ଏବଂ ଲୋକସଭା ବାଚସ୍ପତି ଏ ସଂକ୍ରାନ୍ତ ଘୋଷଣା କରିବେ ବୋଲି ସ୍ଥିର କରାଯାଇଛି । ଏହାବ୍ୟତୀତ ସମଗ୍ର ଦେଶର ବିଭିନ୍ନ ବର୍ଗ ଓ ସମୁଦାୟରୁ 'ଏକ ଦେଶ, ଏକ ନିର୍ବାଚନ' ସଂକ୍ରାନ୍ତରେ ମତାମତ ଲୋଡ଼ାଯିବା ନିମନ୍ତେ ମଧ ନିଷ୍ପତ୍ତି ହୋଇଛି।

ସୂଚନାନୁସାରେ 'ଏକ ଦେଶ, ଏକ ନିର୍ବାଚନ' ସଂକ୍ରାନ୍ତରେ ସଂଯୁକ୍ତ ସଂସଦୀୟ ସମିତିର ସଦସ୍ୟମାନେ ସାରା ଦେଶର ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳରୁ ମତାମତ ସଂଗ୍ରହ କରିବେ। ସଂଯୁକ୍ତ ସମିତି କାହାର ଓ କେଉଁ ବର୍ଗର ମତାମତ ସଂଗ୍ରହ କରିବେ ସେଥିପାଇଁ ଏକ ମୋଡ଼ାଲିଟି ପ୍ରସ୍ତୁତ କରାଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ଦଳ, ନିର୍ବାଚନ ଆୟୋଗ, ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଗଠନ, ବରିଷ୍ଠ ଆଇନଜୀବୀ ଓ ଆଇନ ସଙ୍ଗଠନ, କେନ୍ଦ୍ର ଓ ରାଜ୍ୟର ଶୀର୍ଷ ପୁଲିସ ଓ ପ୍ରଶାସନିକ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ରାଜନୈତିକ ସମୀକ୍ଷକ, ଫିକି ଓ ସିଆଆଇ ପରି ଉଦ୍ୟୋଗୀଙ୍କ ସଂଗଠନ, ବିଭିନ୍ନ ବର୍ଗର ବୃତ୍ତିଧାରୀ, ଶ୍ରମିକ ଓ କୃଷକ ସଂଗଠନ, ଯୁବ ଓ ମହିଳା ସଙ୍ଗଠନ, ବ୍ୟାଙ୍କ ଓ ବୀମା କର୍ମଚାରୀ ସଙ୍ଗଠନ ଆଦି ମୋଟ ୨୪ଟି ବର୍ଗରୁ ମତାମତ ସଂଗ୍ରହ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ କିଛି ସଦସ୍ୟ ଏହି ପ୍ରସଙ୍ଗରେ ଜନସାଧାରଣଙ୍କଠାରୁ ମତାମତ ▸ପୃଷ୍ଠା-୭




# ଆଉ ଜଣଙ୍କ ମୁଣ୍ଡ ନେଲା ଝାଡ଼ାବାନ୍ତି

## କଣାସ ଝାଡ଼ାବାନ୍ତି ମୃତ୍ୟୁସଂଖ୍ୟା ୬କୁ ବୃଦ୍ଧି

■ **ପୁରୀ/କଣାସ, ୩୧।୧ (ସମିସ):** ବେଳ ଥାଉଥାଉ ନିୟନ୍ତ୍ରଣ କରିପାରିଲେନି। ତେଣୁ ପୂର୍ବାପେକ୍ଷା ଅଧିକ ଉଗ୍ରରୂପ ନେଲାଣି କଣାସ ଝାଡ଼ାବାନ୍ତି। ସ୍ଥିତି ପୂରା ବେକାବୁ ହୋଇପଡ଼ିଲାଣି। ଗୋଟିଏ ପରେ ଗୋଟିଏ ଗାଁକୁ ବ୍ୟାପି ଚାଲିଛି। ଅନ୍ୟପକ୍ଷରେ ଅସୁସ୍ଥଙ୍କ ସହ ତାଳ ଦେଇ ମୃତ୍ୟୁ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ଗୁରୁବାର ରାତିରେ ଆଉ ଜଣେ ଝାଡ଼ାବାନ୍ତିରେ ଜଣେ ପ୍ରାଣ ହରାଇଛନ୍ତି। ସେ ହେଲେ, ସ୍ଥାନୀୟ ଜାଗୁଲେଇପଦରର ଜହ୍ନି ବେହେରା (୬୫)। ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଜହ୍ନିଙ୍କ ମୃତ୍ୟୁକୁ ମିଶାଇ ମୋଟ ମୃତ୍ୟୁସଂଖ୍ୟା ୬ ଛୁଇଁଥିବା ବେଳେ ସରକାର କିନ୍ତୁ ଏହାକୁ ମାନିବାକୁ ନାରାଜ।

**ବାଧ୍ୟ ହୋଇ ଦୟାର ବିଷ ପାଣି ପିଉଛନ୍ତି ଅଞ୍ଚଳବାସୀ**

**ସାଂସଦ, ବିଧାୟକ, ଅଧିକାରୀ ସଚେତନ କରିଥିଲେ କିପରି?**

କଣାସ ଝାଡ଼ାବାନ୍ତିର ମୁଖ୍ୟ କାରଣ ଦୟା ନଦୀର ବିଷାକ୍ତ ପାଣି। ତେବେ ଦୟାନଦୀ ପାଣି ଯେ ବିଷାକ୍ତ ଏହା ବହୁ ପୂର୍ବରୁ ଜଣାପଡ଼ିଥିଲା। ଭୁବନେଶ୍ୱରର ଗଙ୍ଗୁଆ ପାଇଁ ଦୟା ନଦୀର ଜଳ ପାଲଟି ଯାଇଥିଲା ଜହର। ଅନ୍ୟପଟେ ପୁରୀ ଜିଲ୍ଲାର ଜଳକଷ୍ଟ ଅଞ୍ଚଳ କୁହାଯାଉଥିବା କଣାସର ଅନେକ ଲୋକେ ଦୟା ନଦୀର ପାଣିକୁ ବ୍ୟବହାର କରି ଆସୁଥିଲେ। ସେମାନେ ଚିରାଚରିତ ଢଙ୍ଗରେ ଦୟାନଦୀର ପାଣି ବ୍ୟହାର କରିବା ଫଳରେ ଗଡ଼ିଶାଗୋଦା, ଜାମଳଗୋଦା, ଗୋପୀନାଥପୁର ଆଦି କିଛି ପଞ୍ଚାୟତରେ ଆରମ୍ଭ ହୋଇଥିଲା ଝାଡ଼ାବାନ୍ତି। ଧୀରେଧୀରେ ଏହା ଗାଁକୁ ଗାଁ ବ୍ୟାପିଥିଲା। ଏହାର କାରଣ ଖୋଜିବାକୁ ଯାଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତ ଡିସେମ୍ବରର ଦୟାନଦୀର ପାଣିର ▸ପୃଷ୍ଠା-୭

## ଚିନ୍ତା ପ୍ରକଟ କଲେ ନବୀନ

# ସରକାରଙ୍କର କୌଣସି ନିଘା ନଥିବା ପରି ମନେ ହେଉଛି



■ **ଭୁବନେଶ୍ୱର, ୩୧।୧ (ସମିସ):** ପୁରୀ ଜିଲ୍ଲା କଣାସ ବ୍ଲକ୍‌ରେ ହଇଜାରେ ପୁଣି ଜଣଙ୍କର ଜୀବନ ଯାଇଛି। ଏହାକୁ ମିଶାଇ ମୋଟ ୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏହି ଘଟଣାରେ ଆଜି ଚିନ୍ତା ପ୍ରକଟ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିଜ 'ଏକ୍ସ' ଆକାଉଣ୍ଟରେ ନବୀନ ଉଲ୍ଲେଖ କରିଛନ୍ତି ଯେ କଣାସରେ ହଇଜା ଭୟାନକ ସ୍ଥିତିରେ ପହଞ୍ଚିଛି। ଲୋକଙ୍କ ଜୀବନ ବିପଦରେ ପଡ଼ିଛି। ଘଟଣାରେ ୬ ଜଣ ନିରୀହ ଲୋକଙ୍କ ପ୍ରାଣହାନୀ ହେବା ତାଙ୍କୁ ଦୁଃଖିତ କରିଛି। ଜାନୁଆରୀ ୨ ତାରିଖରୁ ସ୍ଥାନୀୟ ଅଞ୍ଚଳରେ ହଇଜା ସ୍ଥିତି ନଜରକୁ ▸ପୃଷ୍ଠା-୭

# ମହିଳାଙ୍କୁ ସୁରକ୍ଷା ଦେବ ଜୋତା



ଏଣିକି ମହିଳାଙ୍କୁ ସୁରକ୍ଷା ଦେବ ଜୋତା । ଉତ୍ତର ପ୍ରଦେଶ ମହାରାଜଗଞ୍ଜ ଜିଲ୍ଲା ସ୍ଥିତ ଆର୍‌ପିଆଇସି ସ୍କୁଲର ଅମ୍ରିତ ତିୱାରୀ ଏବଂ କୋମଲ ଜୟସ୍ୱାଲ ମହିଳାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ଭିନ୍ନଧରଣର ଜୋତା ତିଆରି କରିଛନ୍ତି । ଜୋତାଟିକୁ ଏଭଳି ଭାବେ ଡିଜାଇନ୍ କରାଯାଇଛି ଯେ, ଏହା ଜରୁରିକାଳୀନ ସ୍ଥିତିରେ ଆଲର୍ଟ ପ୍ରଦାନ କରିବ । ଜୋତା ତଳେ ଏକ ବଟନ୍ ଲଗାଯାଇଛି । ଯାହାକୁ ଦବାଇବା ଦ୍ୱାରା ଏସ୍‌ଓଏସ୍ ଆଲର୍ଟ ବ୍ୟବହାରକାରୀଙ୍କ ଇଚ୍ଛାନୁସାରେ ତାଙ୍କ ପରିବାର ସଦସ୍ୟ, ସାଙ୍ଗସାଥୀଙ୍କ ସ୍ମାର୍ଟଫୋନକୁ ଯିବ । ସେହିପରି ଏହି ଜୋତା ବ୍ୟବହାର କରୁଥିବା ମହିଳା ଜଣକ କେଉଁ ସ୍ଥାନରେ ଅଛନ୍ତି, ତାଙ୍କ ସହିତ କ'ଣ ଘଟିଛି ସେସମ୍ପର୍କୀୟ ଏକ ଅଡିଓ ମଧ୍ୟ ଏହା ସେୟାର୍ କରିଥାଏ । ତେବେ ସେମାନେ ଏନେଇ ଏକ ଆପ୍ଲିକେସନ ବିକଶିତ କରିଛନ୍ତି । ଯାହାକି ଜୋତାରେ ଉପଯୋଗ ହୋଇଥିବା ଟେକ୍ନୋଲୋଜିକୁ ଫୋନ୍ ସହିତ ଯୋଡ଼ିଥାଏ । ସେହିପରି ଆଗକୁ ଯେପରି ଏହା ଆଖପାଖ ପରିବେଶର ଶବ୍ଦ, ସ୍ଥାନ ଓ ଦୃଶ୍ୟକୁ ସେୟାର୍ କରିବ, ସେଥିପାଇଁ ଏଥିରେ କ୍ୟାମେରା ଖଞ୍ଜିବା ଯୋଜନା ସେମାନେ କରୁଛନ୍ତି । ଏହି ଜୋତା ହଳର ଦାମ୍ ୨୫୦୦ ଟଙ୍କା ରହିଛି । ସେହିପରି ମହିଳାଙ୍କ ସୁରକ୍ଷା ନିମନ୍ତେ ସେମାନେ ଆଉ ଏକ ଜୋତା ମଧ୍ୟ ତିଆରି କରିଛନ୍ତି । ଏହି ଜୋତାରେ ମହିଳାମାନେ ଆକ୍ରମଣକାରୀଙ୍କୁ ଆଘାତ ଦେବା ଦ୍ୱାରା ବିଦ୍ୟୁତ୍ ଝଟ୍‌କା ଲାଗିବ ।

# ଜଣେ ବିଦ୍ୟାର୍ଥୀରେ ବିଦ୍ୟାଳୟ



ତେଲଙ୍ଗାନାର ଏକ ଛୋଟ ଗାଁ ହେଉଛି ନାରାପନେନିପଲେ । ଏଠାରେ ଏକ ସରକାରୀ ବିଦ୍ୟାଳୟ ଅଛି । ତେବେ ଅନ୍ୟ ସ୍କୁଲଠାରୁ ଏହା ଏଇଥିପାଇଁ ଭିନ୍ନ ଯେ, ଏହା ଜଣେ ଛାତ୍ରୀଙ୍କୁ ନେଇ ପରିଚାଳିତ । ୯ ବର୍ଷୀୟା କିରଥାନା ହେଉଛନ୍ତି ଉକ୍ତ ସ୍କୁଲର ଏକମାତ୍ର ବିଦ୍ୟାର୍ଥୀ । ତାଙ୍କୁ ପଢ଼ାଇବା ପାଇଁ ଉମା ନାମକ ଜଣେ ଶିକ୍ଷୟତ୍ରୀ ନିଯୁକ୍ତି ହୋଇଛନ୍ତି । ସେ କିରଥାନାଙ୍କୁ ପଢ଼ାଇବା ପାଇଁ ନିତିଦିନ ସ୍କୁଲ ଆସିଥାନ୍ତି । କିରଥାନା ଚତୁର୍ଥ ଶ୍ରେଣୀର ଛାତ୍ରୀ । ସେ କହନ୍ତି, ଥରେ ଯଦି ସ୍କୁଲ ବନ୍ଦ ହେଇ ଯାଉଛି, ତେବେ ଏହାକୁ ପୁଣି ଥରେ ଖୋଲିବା କଷ୍ଟକର ହୋଇ ପଡ଼ିବ । ତେବେ କିରଥାନାଙ୍କ ବାପା ତାଙ୍କୁ ଏହି ସ୍କୁଲରେ ପଢ଼ାଇବା ନିଷ୍ପତ୍ତି ନେଇଛନ୍ତି । କେହି ପିଲା ନ ଥିଲେ ବି କିରଥାନା ଉକ୍ତ ସ୍କୁଲରେ ସପ୍ତମ ଶ୍ରେଣୀ ଯାଏଁ ପଢ଼ିବେ ବୋଲି ତାଙ୍କ ବାପା ସ୍ଥିର କରିଛନ୍ତି । ସେହିପରି ସ୍କୁଲରେ ଜଣେ ଛାତ୍ରୀ ଥିଲେ ମଧ୍ୟ ଶିକ୍ଷାଦାନ ପ୍ରକ୍ରିୟା ସମାନ ଥିବା ଶିକ୍ଷୟିତ୍ରୀ ଉମା କୁହନ୍ତି । ଅବଶ୍ୟ କମ୍ ପିଲା ଥିବାରୁ ଚାପ କମ୍ ରହୁଥିବା ସେ ସ୍ୱୀକାର କରିଛନ୍ତି । ସାମାଜିକ ଗଣମାଧମରେ ଏକଥା ସେୟାର୍ ହେବା ପରେ ସ୍କୁଲଟି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । କିରଥାନା ଏକୁଟିଆ ସ୍କୁଲରେ ପଢୁଥିବାରୁ ଶିକ୍ଷୟିତ୍ରୀ ତାଙ୍କୁ ପ୍ରାଧାନ୍ୟ ଦେଉଥିବା କଥା ଅନେକ କହିଛନ୍ତି । ସେହିପରି ସେ ଏକୁଟିଆ ପଢୁଥିବାରୁ ଅନ୍ୟ ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତି ଅନେକ ସମୟରେ କିରଥାନାଙ୍କୁ ବିଚଳିତ କରୁଥିବ ବୋଲି କିଛି ଜଣ ମନ୍ତବ୍ୟ ଦେଇଛନ୍ତି ।

## ଆଜି ବାହୁଡ଼ିଥିଲେ

# ଭାରତର ପ୍ରଥମ ମହିଳା ମହାକାଶଚାରୀ



କଳ୍ପନା ଚାୱଲା । ଖାଲି ଦେଶରେ ନୁହେଁ, ସମଗ୍ର ବିଶ୍ୱରେ ଏହି ନାଁଟି ବେଶ୍ ପରିଚିତ । କଳ୍ପନା ଚାୱଲା ୨୦୦୩ ଜାନୁଆରୀ ୧୬ ତାରିଖରେ ଆମେରିକାର ମହାକାଶ ଯାନ କଲମ୍ବିଆର ସଦସ୍ୟ ଥିଲେ । ପ୍ରଥମ ଭାରତୀୟ ମହିଳା ଭାବରେ ସେ ମହାକାଶଯାତ୍ରା କରିଥିଲେ । ୨୦୦୩ ଫେବ୍ରୁଆରୀ ୧ ତାରିଖରେ ୧୬ ଦିନ ମହାକାଶ ଯାତ୍ରା ଶେଷ କରି ସେ ପୃଥିବୀ ପୃଷ୍ଠକୁ ଫେରୁଥିବାବେଳେ ଲ୍ୟାଣ୍ଡିଂର ଠିକ୍ ୧୬ ମିନିଟ୍ ପୂର୍ବରୁ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ ସମୟରେ କଲମ୍ବିଆ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ଏହି ଦୁର୍ଘଟଣାରେ କଳ୍ପନାଙ୍କ ସହ ସମସ୍ତ ମହାକାଶଚାରୀଙ୍କର ମୃତ୍ୟୁ ହୋଇଥିଲା । ମାର୍ଚ୍ଚ ୧୭, ୧୯୬୨ରେ ହରିଆଣାର କରନାଲରେ ଜନ୍ମଗ୍ରହଣ କରିଥିଲେ କଳ୍ପନା । ତାଙ୍କ ବାପା ବନାରସୀ ଲାଲ୍ ଚାୱଲା ଓ ମା'ଙ୍କ ନାଁ ସଂଜ୍ୟୋତି । ସେ ତାଙ୍କ ପ୍ରାରମ୍ଭିକ ଶିକ୍ଷା ହରିଆଣାର ଟାଗୋର ସ୍କୁଲରୁ ସମାପ୍ତ କରିଥିଲେ । କଳ୍ପନାଙ୍କୁ ଆରମ୍ଭରୁ ଉଡ଼ାଜାହାଜ ଖୁବ୍ ଭଲ ଲାଗୁଥିଲା । ଉଡ଼ାଜାହାଜ ପ୍ରତି ତାଙ୍କର ରୁଚିକୁ ଦେଖି ତାଙ୍କ ବାପା ଅନେକ ସମୟରେ ତାଙ୍କୁ ପ୍ରଶିକ୍ଷକ ଉଡ଼ାଜାହାଜଗୁଡ଼ିକରେ ବସାଇବା ପାଇଁ ସ୍ଥାନୀୟ ଉଡ଼ାଜାହାଜ ଚାଳକ ସଂଘକୁ ନେଇ ଯାଉଥିଲେ । ପଞ୍ଜାବ ଇଞ୍ଜିନିୟରିଂ କଲେଜରୁ ଏରୋନଟିକାଲ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିବା ପରେ ସେ ୧୯୮୨ରେ ଆମେରିକା ଚାଲିଯାଇଥିଲେ । ସେଠାରେ ସେ ଏରୋସ୍ପେସ୍ ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ କରିଥିଲେ । ୧୯୮୩ ମସିହାରେ କଳ୍ପନା ଜିନ୍ ପେରୀ ହ୍ୟାରିସନ୍ ନାମକ ଜଣେ ଫ୍ରେଞ୍ଚ ଆମେରିକୀୟ ବ୍ୟକ୍ତିଙ୍କୁ ବିବାହ କରିଥିଲେ । ଏହାପରେ ୧୯୮୬ରେ ସେ ଦ୍ୱିତୀୟ ମାଷ୍ଟର ଡିଗ୍ରୀ ସମାପ୍ତ କରିବା ପରେ ୧୯୮୮ରେ ଏଥିରେ ପିଏଚ୍‌ଡି କରିଥିଲେ । ୧୯୮୮ରେ ସେ ନାସା ରିସର୍ଚ୍ଚ ସେଣ୍ଟରରେ ଯୋଗ ଦେଇଥିଲେ । ୧୯୯୭ ନଭେମ୍ବର ୧୯ରେ ସେ ପ୍ରଥମ ମହାକାଶ ଯାତ୍ରା ଆରମ୍ଭ କରିଥିଲେ । ସେ ତାଙ୍କ ପ୍ରଥମ ଯାତ୍ରାରେ ମହାକାଶରେ ୩୭୬ ଘଣ୍ଟା ଅତିବାହିତ କରିଥିଲେ । ପ୍ରଥମ ମିଶନର ସଫଳତା ପରେ ସେ ଦ୍ୱିତୀୟ ମହାକାଶ ଯାତ୍ରା ପାଇଁ ବାହାରିଲେ । ତେବେ ତାଙ୍କର ଦ୍ୱିତୀୟ ତଥା ଅନ୍ତିମ ଉଡ଼ାଣ ୨୦୦୩ ଜାନୁଆରୀ ୧୬ରେ ସ୍ପେଶ ସଟଲ କଲମ୍ବିଆରୁ ଆରମ୍ଭ ହେଲା । ତାହା ଥିଲା ୧୬ଦିନର ମହାକାଶ ମିଶନ । ୨୦୦୩ରେ 'ସ୍ପେଶ୍ ସଟଲ୍ କଲମ୍ବିଆ'ର ଆକସ୍ମିକ ଦୁର୍ଘଟଣାରେ କଳ୍ପନାଙ୍କୁ ମିଶାଇ ସମସ୍ତ ୭ଜଣ ମହାକାଶଚାରୀଙ୍କ ମୃତ୍ୟୁ ଘଟିଥିଲା । କଳ୍ପନା ଚାୱଲାଙ୍କ ଦେହାନ୍ତ ପରେ ତାଙ୍କ ସମ୍ମାନରେ ବିଶ୍ୱବିଦ୍ୟାଳୟ, ଛାତ୍ରବୃତ୍ତି ଓ ଅନେକ ସଡ଼କ ମଧ୍ୟ ତାଙ୍କ ନାଁରେ ନାମକରଣ କରାଯାଇଛି । କଳ୍ପନାଙ୍କର ସ୍ୱପ୍ନ ଏବଂ ଅତୁଳନୀୟ ସାହସ ତାଙ୍କୁ ମହାକାଶ ପର୍ଯ୍ୟନ୍ତ ପହଞ୍ଚାଇପାରିଥିଲା । କୁହାଯାଏ ଯେ, କଳ୍ପନା ପିଲାଦିନରୁ ଆକାଶରେ ଉଡ଼ିବାର ସ୍ୱପ୍ନ ଦେଖିଥିଲେ ଆଉ ଏହି ସ୍ୱପ୍ନକୁ ପୂରଣ କରିବା ପାଇଁ ସେ ତାଙ୍କର ସମଗ୍ର ଜୀବନକୁ ଉତ୍ସର୍ଗ କରିଥିଲେ ।

# ଅଲ୍‌ଚିକି ଲିପିର ଜନକ ପଣ୍ଡିତ ରଘୁନାଥ ମୁର୍ମୁ



କୌଣସି ଜାତି ବା ସମ୍ପ୍ରଦାୟ ବା ବର୍ଗର ପରିପ୍ରକାଶ ପାଇଁ ଶ୍ରେଷ୍ଠ ମାଧ୍ୟମ ହେଉଛି ମାତୃଭାଷା । ମାତୃଭାଷାକୁ ସ୍ୱଚ୍ଛ ଭାବରେ ପରିପ୍ରକାଶ କରିବା ଲାଗି ଆବଶ୍ୟକ ନିଜସ୍ୱ ସ୍ୱତନ୍ତ୍ର ଲିପି । ଏ କଥାକୁ ମର୍ମେ ମର୍ମେ ଅନୁଭବ କରିଥିଲେ ସାନ୍ତାଳୀ ଭାଷାର ନବଜାଗରଣ ସୃଷ୍ଟିକର୍ତ୍ତା ପଣ୍ଡିତ ରଘୁନାଥ ମୁର୍ମୁ । ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ସେ ଯେଉଁ ପଦକ୍ଷେପ ନେଇଥିଲେ ତାହା ଚିର ସ୍ମରଣୀୟ ହୋଇ ରହିଛି । ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରର ଦଣ୍ଡବୋଷ ଗ୍ରାମରେ ମଇ ୧୮, ୧୯୦୫ରେ ଜନ୍ମଗ୍ରହଣ କରିଥିଲେ ପଣ୍ଡିତ ମୁର୍ମୁ । ସେ ରାଇରଙ୍ଗପୁରର ବଡ଼ାମତଲିଆଠାରେ ସ୍କୁଲ୍ ଶିକ୍ଷକ ଥିବା ସମୟରେ ସାନ୍ତାଳୀ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଥିଲେ । ଅଲ୍‌ଚିକି ଲିପିର ପ୍ରସାରକୁ ଅଧିକ ସମୟ ଦେବା ନିମନ୍ତେ ସେ ଚାକିରି ଛାଡ଼ି ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାରର ସାନ୍ତାଳ ଅଧ୍ୟୁଷିତ ଅଞ୍ଚଳ ଗସ୍ତ କରିଥିଲେ । ଲିପିର ଆବଶ୍ୟକତା ସମ୍ପର୍କରେ ସେମାନଙ୍କୁ ବୁଝାଇଥିଲେ । ଭାଷା ଓ ଧର୍ମକୁ ନେଇ ତାଙ୍କର ବାଣୀ ସମସ୍ତଙ୍କୁ ଜାଗ୍ରତ କରିଥିଲା । ସାନ୍ତାଳମାନେ ଲିପି ପ୍ରତି ଆଗ୍ରହ ପ୍ରକାଶ କରିଥିଲେ । ଭାରତୀୟ ଭାଷାରେ ସାନ୍ତାଳୀ ଭାଷାକୁ ସ୍ୱତନ୍ତ୍ର ସ୍ଥାନ ଦେବାରେ ସେ ନିରନ୍ତର ଉଦ୍ୟମ କରିଥିଲେ । ଅଲ୍‌ଚିକି ଲିପି ସୃଷ୍ଟି ହେବା ଫଳରେ ସାନ୍ତାଳୀ ସମ୍ପ୍ରଦାୟର ଲୋକମାନେ ସେମାନଙ୍କ ଭାଷାର ମହତ୍ତ୍ୱକୁ ବୁଝିପାରିଛନ୍ତି । ୩୦ ଅକ୍ଷର ବିଶିଷ୍ଟ ଅଲ୍‌ଚିକି ଲିପି ସୃଷ୍ଟି କରିଥିଲେ ପଣ୍ଡିତ ମୁର୍ମୁ । ତାଙ୍କର ବିଚକ୍ଷଣ ପାଣ୍ଡିତ୍ୟ ଓ ଧୀଶକ୍ତି ଯୋଗୁଁ ଏହା ସମ୍ଭବ ହୋଇପାରିଥିଲା । ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଓ ଆସାମରେ ରହୁଥିବା ସାନ୍ତାଳୀ ଆଦିବାସୀମାନେ ଏହି ଲିପିକୁ ଆଗ୍ରହର ସହ ଗ୍ରହଣ କରି ନେଇଥିଲେ । ରଘୁନାଥ ମୁର୍ମୁଙ୍କ ଅବଦାନକୁ ପଶ୍ଚିମବଙ୍ଗ ସରକାର ମଧ୍ୟ ସ୍ୱୀକାର କରିଛନ୍ତି । ଫଳରେ ସାନ୍ତାଳୀ ସାହିତ୍ୟର ନବକଳେବର ସମ୍ଭବ ହୋଇଥିଲା । ତାଙ୍କରି ସ୍ମୃତିରେ ୧୯୮୬ ମସିହାରେ ପଶ୍ଚିମବଙ୍ଗର ବାଙ୍କୁଡ଼ା ଜିଲ୍ଲାର ଜାମବାଣୀଠାରେ ପଣ୍ଡିତ ରଘୁନାଥ ମୁର୍ମୁ ସ୍ମୃତି ମହାବିଦ୍ୟାଳୟ ଓ ୨୦୦୭ ମସିହାରେ ମୁର୍ସିଦାବାଦଠାରେ କଲ୍ୟାଣୀ ବିଶ୍ୱବିଦ୍ୟାଳୟ ଅଧୀନରେ ଏକ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ରାଜ୍ୟ ସରକାର ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମ୍ମାନାର୍ଥେ ବାରିପଦା ମେଡିକାଲ୍ କଲେଜକୁ ତାଙ୍କ ନାମରେ ନାମିତ କରିଛନ୍ତି । ୧୯୮୨ ମସିହା ଆଜିର ଦିନରେ ତାଙ୍କର ଦେହାନ୍ତ ହୋଇଥିଲା । ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ପାଇଁ ତାଙ୍କ ଉଦ୍ୟମ ସବୁବେଳେ ପ୍ରଶଂସନୀୟ । ମୟୂରଭଞ୍ଜ ରାଜ୍ୟ ଆଦିବାସୀ ମହାସଭା ପକ୍ଷରୁ ତାଙ୍କୁ 'ଗୁରୁ ଗମ୍‌କେ' ଉପାଧିରେ ସମ୍ମାନିତ କରାଯାଇଥିଲା ।

# ମହିଳାଙ୍କ ଆହାର ଇଟା, ପଥର



ଦୁନିଆରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ବିଭିନ୍ନ କାରଣରୁ ଅଭକ୍ଷ ଭକ୍ଷଣ କରିଥାନ୍ତି । ସେମିତି ଜଣେ ମହିଳାଙ୍କ ବାବଦରେ ଜଣାପଡ଼ିଛି, ଯେ କି ଦୈନିକ ଖାଦ୍ୟ ଭାବେ ପଥର ଓ ଇଟା ଖାଇଥାନ୍ତି । ଛତିଶଗଡ଼ର ଜାଜଗିର ଚାମ୍ପାର ଖୋଖରାରେ ରହୁଥିବା ଗିରିଜାବାଈ ବରେଠ ନିୟମିତ ଭାବେ ଇଟା, ପଥର ଖାଇଥାନ୍ତି । ସେ ଦୀର୍ଘ ୨୫-୩୦ ବର୍ଷ ହେଲାଣି ଏହାକୁ ଖାଇ ଆସୁଛନ୍ତି । ଏନେଇ ଗିରିଜାବାଈଙ୍କ କହିବା କଥା, ଏବେ ଏଗୁଡ଼ିକ ତାଙ୍କ ଖାଦ୍ୟ ପାଲଟି ଯାଇଛି । ଏବେ ସେ ଦିନଟିଏ ଏହାକୁ ନ ଖାଇ ରହିପାରୁ ନାହାନ୍ତି । ତେବେ ୩୦ ବର୍ଷ ତଳେ ତାଙ୍କ ଘରେ ରଙ୍ଗ ଚୂନ ଦିଆଯାଉଥିବାବେଳେ ସେ ଶୁଖିଯାଉଥିବା ଚୂନକୁ ଖାଇବାକୁ ଆରମ୍ଭ କରିଥିଲେ । ଏହାପରେ ସେ ପୋଖରୀରୁ ମିଳୁଥିବା ଗୋଡ଼ି, ପଥରଗୁଡ଼ିକୁ ଦୁଇ ତିନି ବର୍ଷ ଧରି ଖାଇଥିଲେ । ପ୍ରଥମେ ପ୍ରଥମେ ତାଙ୍କ ପୁଅ, ବୋହୂ ଏହାକୁ ବାରଣ କରୁଥିଲେ । ଏବେ କିନ୍ତୁ ଆଉ କେହି କିଛି କହୁ ନାହାନ୍ତି । ସେହିପରି ତାଙ୍କ ନାତି କରନ ବରେଠଙ୍କ କହିବାନୁଯାୟୀ, ତାଙ୍କ ଜେଜେ ମାଆ ଇଟା, ପଥର ଖାଆନ୍ତି । ଏବେ ପଥର ଖାଇବା ଟିକେ କମ୍ କରିଛନ୍ତି । କିନ୍ତୁ ଅଧିକ ମାତ୍ରାରେ ଇଟା ଖାଉଛନ୍ତି । ତେବେ ଏସବୁ ଅଖାଦ୍ୟ ଖାଇ ମଧ୍ୟ ଗିରିଜାବାଈଙ୍କର ସ୍ୱାସ୍ଥ୍ୟରେ କୌଣସି ସମସ୍ୟା ହେଉ ନ ଥିବା ତାଙ୍କ ଘର ଲୋକ କହିଛନ୍ତି ।

# ପକ୍ଷାଘାତ ରୋଗୀ ଉଡ଼ାଇଲେ ଭର୍ଚ୍ଚୁଆଲ ଡ୍ରୋନ୍



ଟେକ୍ନୋଲୋଜି ଏବେ ମଣିଷ ଜୀବନକୁ ସବୁ ଦିଗରୁ ଉନ୍ନତ କରିବାରେ ଲାଗିଛି । ଏହି କ୍ରମରେ ଏହି ଟେକ୍ନୋଲୋଜି ମାଧ୍ୟମରେ ଜଣେ ପକ୍ଷାଘାତ ରୋଗୀ କେବଳ ନିଜ ଚିନ୍ତାଧାରା ମାଧ୍ୟମରେ ଏକ ପରୀକ୍ଷାରେ ଭର୍ଚ୍ଚୁଆଲ ଡ୍ରୋନ୍‌କୁ ଉଡ଼ାଇବାରେ ସଫଳ ହୋଇଛନ୍ତି । ଗୋଟିଏ ଏଆଇ ମଡେଲ ସମ୍ପୃକ୍ତ ରୋଗୀଙ୍କ ମସ୍ତିଷ୍କର ଚିନ୍ତାଧାରାକୁ ବୁଝି ସ୍କ୍ରିନରେ ଡ୍ରୋନ୍ ଉଡ଼ାଇବାରେ ସଫଳ ହୋଇଛି । ଏହାକୁ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି । ସେହିପରି ଏହାକୁ ଦୃଷ୍ଟିରେ ରଖି ଏକଥା ଅନୁମାନ କରାଯାଉଛି ଯେ, ଆଗକୁ ଏହି ଟେକ୍ନୋଲୋଜି ଅଧିକ ବିକଶିତ ହେବ । ଯଦ୍ୱାରା ଦିବ୍ୟାଙ୍ଗଙ୍କ ଜୀବନକୁ ଅଧିକ ସୁବିଧାଜନକ କରାଯାଇପାରିବ । ତେବେ ବ୍ରେନ୍ କମ୍ପ୍ୟୁଟର ଇଣ୍ଟରଫେସ୍ (ବିସିଆଇ) ଉପରେ ଗତ କିଛି ବର୍ଷ ଧରି କାମ ଚାଲି ଆସୁଛି । ଏଥିରେ ଜଣେ ବ୍ୟକ୍ତିଙ୍କ ମସ୍ତିଷ୍କରେ ଏକ ଚିପ୍ ଲଗାଯାଏ । ଯାହାକି ମସ୍ତିଷ୍କରେ ଚାଲିଥିବା ଚିନ୍ତାଧାରାକୁ ବୁଝି ମାଉସ୍ ହଲାଇବା କାମ କରିପାରେ । ତେବେ ଏକ ନୂତନ ମାମଲାରେ ମିଶିଗନ୍ ବିଶ୍ୱବିଦ୍ୟାଳୟର ମାଥ୍ୟୁ ୱେଲସ ଏବଂ ତାଙ୍କ ସହକର୍ମୀ ବଡ଼ ସଫଳତା ହାସିଲ କରିଛନ୍ତି । ସେମାନେ ଏକ ଆଲଗରିଦିମ୍ ପ୍ରସ୍ତୁତ କରିଛନ୍ତି । ଯଦି କୌଣସି ବ୍ୟବହାରକାରୀ ମସ୍ତିଷ୍କରେ ହାତ ହଲାଇବା କଥା ଚିନ୍ତା କରୁଥାନ୍ତି, ତେବେ ତାହା ସେହି ସିଗନାଲ୍‌କୁ ଧରି ଥାଏ । ଅନ୍ୟପଟେ ଏଥିରେ ଦେଖାଯାଇଛି ଯେ, ଉକ୍ତ ପକ୍ଷାଘାତ ରୋଗୀଙ୍କ ମସ୍ତିଷ୍କରେ ବିସିଆଇ ଖଞ୍ଜା ଯାଇଥିଲା । ଏହାକୁ ମସ୍ତିଷ୍କର ସେହି ଅଂଶରେ ଲଗାଯାଇଥିଲା, ଯେଉଁଠି ହାତର ଗତିବିଧିକୁ ନିୟନ୍ତ୍ରିତ କରାଯାଇଥାଏ । ଏହାପରେ ଏକ ଏଆଇ ମଡେଲ ସାହାଯ୍ୟରେ ମସ୍ତିଷ୍କରେ ଚାଲିଥିବା ଚିନ୍ତାଧାରାକୁ ବୁଝାଯାଇଥିଲା । ଯେତେବେଳେ ବ୍ୟବହାରୀ ଜଣକ ହାତ ହଲାଇବା କଥା ଚିନ୍ତା କରିଥିଲେ, ଏଆଇ ମଡେଲ ତାକୁ ବୁଝି ସେହି କାମ କରିଥିଲା । ତେବେ କଷ୍ଟକର କାର୍ଯ୍ୟଗୁଡ଼ିକରେ ବିସିଆଇର ବ୍ୟବହାରକୁ ସୁରକ୍ଷିତ କରିବା ପାଇଁ ଆହୁରି ଗବେଷଣାର ଆବଶ୍ୟକତା ରହିଛି ।

# ସାରାଙ୍କ ସହ ସମ୍ପର୍କ ନେଇ ମୁହଁ ଖୋଲିଲେ ଅର୍ଜୁନ

କିଛିଦିନ ହେଲା ସାରା ଅଲ୍ଲୀ ଖାନ୍‌ଙ୍କ ନାମ ଅଭିନେତା ଅର୍ଜୁନ୍ ପ୍ରତାପ ବାଜୱାଙ୍କ ସହ ଯୋଡ଼ା ଯାଇଛି । ଅକ୍ଟୋବର, ୨୦୨୪ରେ ଦୁହିଁଙ୍କୁ ଏକାଠି କେଦାରନାଥରେ ଦେଖାଯାଇଥିଲା । ଏହାପରେ ଉଭୟ ରାଜସ୍ଥାନରେ ଦେଖାଯାଇଥିଲେ । ଉଭୟଙ୍କର ଫଟୋ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା । ତେବେ ସେହିଦିନଠାରୁ ସାରା ଓ ଅର୍ଜୁନ୍ ପରସ୍ପରକୁ ଡେଟ୍ କରୁଥିବା କଥା ଚର୍ଚ୍ଚା ହେଉଛି । ନିକଟରେ ଅର୍ଜୁନ୍, ସାରାଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ମୁହଁ ଖୋଲିଛନ୍ତି । ଅର୍ଜୁନ୍ କହିଛନ୍ତି ଯେ, 'ଲୋକଙ୍କୁ ଯାହା ଲେଖିବା କଥା ସେ ଲେଖିବେ । ଏହା ତାଙ୍କର କାମ । ମତେ ଏବେ କ'ଣ କରିବାର ଅଛି ମୁଁ ତାହା ଉପରେ ମନୋନିବେଶ କରେ ।' ଏଠାରେ ପ୍ରକାଶ ଥାଉ କି, ଅର୍ଜୁନ୍ ଜଣେ ଆଗଧାଡ଼ିର ମଡ଼େଲ । ସେ ଜଣେ ମଧ୍ୟ ଭଲ ଗାୟକ । ଅର୍ଜୁନ୍ ଏବେ ତାଙ୍କ ଫିଲ୍ମ 'ବ୍ୟାଣ୍ଡ ଅଫ୍ ମହାରାଜା' ପାଇଁ ଚର୍ଚ୍ଚାରେ ଅଛନ୍ତି । ଏହା ଓସ୍କାର ପାଇଁ ମନୋନୀତ ହୋଇଛି । ସେହିଭଳି ସାରାଙ୍କ ଅଭିନୀତ 'ସ୍କାଏ ଫୋର୍ସ' ଏଇ ୨୪ ତାରିଖରେ ମୁକ୍ତିଲାଭ କରିଛି । ଏଥିରେ ସେ ବୀର ପହାଡ଼ିଆ ଓ ଅକ୍ଷୟ କୁମାରଙ୍କ ସହ ନଜର ଆସିଛନ୍ତି ।



## ଆଜିର ଇତିହାସ

- ୧୭୮୬-ଲର୍ଡ କର୍ଣ୍ଣୱାଲିସ୍ ଭାରତର ଗଭର୍ଣ୍ଣର୍ ଜେନେରାଲ ହେଲେ ।
- ୧୮୨୭- ମରିସସ୍‌ରେ କ୍ରୀତଦାସ ପ୍ରଥାର ସମାପନ ।
- ୧୮୫୫- ଇଷ୍ଟ ଇଣ୍ଡିଆ ରେଲୱେର ବିଧିବଦ୍ଧ ଉଦ୍‌ଘାଟନ ହେଲା ।
- ୧୮୮୪-ଡାକ ବୀମା ଯୋଜନା ଲାଗୁ ହେଲା ।
- ୧୯୩୦- ପ୍ରଥମ ଥର 'ଟାଇମ୍ସ ଅଫ୍ ଇଣ୍ଡିଆ' କ୍ରସ୍ ୱାର୍ଡ ପଜଲ୍ ଅଭ୍ୟାସର ଆରମ୍ଭ କଲା ।
- ୧୯୬୪-ଭାରତରେ 'ୟୁନିଟ୍ ଟ୍ରଷ୍ଟ'ର ଆରମ୍ଭ ହେଲା ।
- ୨୦୧୭- ଭାରତରେ ପ୍ରଥମ ଥର ଦିନ ୧୧ଟାରେ ସାଧାରଣ ବଜେଟ୍ ଉପସ୍ଥାପନା କରାଗଲା ।

## ଆଜିର ରାଶିଫଳ

**ମେଷ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ହେବ । ଦୂରଯାତ୍ରା ଦ୍ୱାରା ସ୍ୱାସ୍ଥ୍ୟ ବିଗିଡ଼ି ପାରେ । ରାଜନୀତିରେ ସହଯୋଗ ପାଇବେ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି ।

**ବୃଷ:** ଦିନଟି ସବୁ ଦୃଷ୍ଟିରୁ ଭଲ ରହିବ । କାର୍ଯ୍ୟରେ ସଫଳତା ପ୍ରାପ୍ତି । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଖାଦ୍ୟ ପାନୀୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ବିଗିଡ଼ିଯାଇଥିବା କାର୍ଯ୍ୟ ସଂପୂର୍ଣ୍ଣ ହେବ । ଖୁସି ଖବର ମିଳିପାରେ ।

**ମିଥୁନ:** ସମସ୍ତ ଜରୁରୀ କାର୍ଯ୍ୟ ପୂରଣ ହେବ । ପରିବାରରେ ସୁଖଶାନ୍ତି ବୃଦ୍ଧି ପାଇବ । କ୍ୟାରିୟରରେ ଉନ୍ନତି ପାଇଁ ନୂତନ ଦିଗ ଚୟନ କରିବେ । ଗୁରୁଜନଙ୍କ ଆର୍ଶିବାଦ ପ୍ରାପ୍ତି ହେବ । ଅଚାନକ ଖୁସି ଖବର ପାଇବେ ।

**କର୍କଟ:** ଆର୍ଥିକ ମାମଲାରେ ସାବଧାନତା ଅବଲମ୍ବନ କରିବାକୁ ପଡ଼ିପାରେ । ଅନେକ ଦିନ ଧରି ଚାଲିଥିବା ସମସ୍ୟା ଭିନ୍ନ ମୋଡ଼ ନେବ । ପରିବାର ମଧ୍ୟରେ ଶାନ୍ତି ବଜାଇ ରଖିବାକୁ ଚେଷ୍ଟା କରିବେ ।

**ସିଂହ:** ଦିନଟିରେ ଜଗି ରହି ଚଳନ୍ତୁ । ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ । ଯାତାୟତ ସମୟରେ ଦରକାରୀ କାଗଜପତ୍ର ଦାୟିତ୍ୱରେ ରଖନ୍ତୁ । ଭୁଲ୍ କାର୍ଯ୍ୟ କରିବାରୁ ଦୂରେଇ ରୁହନ୍ତୁ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ ।

**କନ୍ୟା:** ନୂତନ ଲୋକଙ୍କ ସହିତ ଜଡ଼ିତ ହୋଇପାରନ୍ତି । ସହକର୍ମୀମାନଙ୍କର ପୂର୍ଣ୍ଣ ସହଯୋଗ ପାଇବେ । ପ୍ରତିଶୋଧ ପରାୟଣ ହୋଇ କାର୍ଯ୍ୟ କରିବାରୁ ନିବୃତ୍ତ ରୁହନ୍ତୁ । ପରିବାରର ଦାୟିତ୍ୱ ବୃଦ୍ଧି ପାଇବ ।

**ତୁଳା:** କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ପୂର୍ବରୁ ଚିନ୍ତା କରି ନିଷ୍ପତ୍ତି ନିଅନ୍ତୁ । କର୍ମକ୍ଷେତ୍ରରେ ସଫଳତା ପାଇବା ପାଇଁ ଅନେକ ଉତ୍ତମ ଅବସର ପ୍ରାପ୍ତି ହେବ । କମ୍ ପରିଶ୍ରମରେ ଅଧିକ ଲାଭ ପାଇବେ ।

**ବିଛା:** ନିଜ ପ୍ରଚେଷ୍ଟା ବଳରେ ସଫଳତା ପାଇବେ । ପୂର୍ବରୁ କରିଥିବା ପରିଶ୍ରମର ଫଳ ମିଳିବ । ମହିଳାମାନେ ଭିନ୍ନ ପ୍ରକାର ପରିସ୍ଥିତି ସହ ଖାପ ଖୁଆଇ ଚଳିବେ । ବିଦ୍ୟାର୍ଥୀ କୃତୀତ୍ୱ ଅର୍ଜନ କରିବେ ।

**ଧନୁ:** ଭାଗିଦାରୀ କାର୍ଯ୍ୟରୁ ଲାଭାନ୍ୱିତ ହେବେ । ପଦୋନ୍ନତିର ସମ୍ଭାବନା ରହିଛି । ଆର୍ଥିକ ସ୍ଥିତିରେ ସମନ୍ୱୟ ରକ୍ଷା କରିବେ । ଅନ୍ୟକୁ ଆବଶ୍ୟକତା ଠାରୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ ।

**ମକର:** ଜୀବନଶୈଳୀରେ ସାମାନ୍ୟ ପରିବର୍ତ୍ତନ ହୋଇପାରେ । ଉଦାରପଣ ପାଇଁ ପ୍ରଶଂସାର ପାତ୍ର ହେବେ । ପରିବାରବର୍ଗଙ୍କ ସଂପୂର୍ଣ୍ଣ ସହଯୋଗ ମିଳିବ ।

**କୁମ୍ଭ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ପରିବାରର ପରିବେଶ ସକରାତ୍ମକପୂର୍ଣ୍ଣ ହେବ । ଅନ୍ୟମାନଙ୍କ ପ୍ରତି ଦୟାଳୁ ସ୍ୱଭାବ ରହିବ । କର୍ମସ୍ଥଳୀରେ ଭଲ ଫଳାଫଳ ପାଇ ଉତ୍ସାହିତ ହେବେ ।

**ମୀନ:** କୌଣସି କାର୍ଯ୍ୟ ପାଇଁ ପରିବାର ଉପରେ ନିର୍ଭର ହେବାକୁ ପଡ଼ିପାରେ । ସାଙ୍ଗସାଥୀଙ୍କ ସହ ଅଧିକ ସମୟ ଅତିବାହିତ କରିବେ । ପ୍ରେମ ବ୍ୟାପାରରେ ସଫଳତା ମିଳିବ ।

## ଫେବୃଆରୀରେ ଅଧିକ ତାତି

**ଭୁବନେଶ୍ୱର,୩୧ା୧(ସମିସ):** ରାଜ୍ୟରେ ଖରାର ପ୍ରଭାବ ଆରମ୍ଭ ହୋଇଯାଇଛି। ନିର୍ମଳ ଆକାଶ ଯୋଗୁଁ ଟାଣ ଖରା ଅନୁଭୂତ ହେଉଛି। ଏହା ପ୍ରଭାବରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ଉପର ମୁହାଁ ହୋଇଛି। ଫଳରେ ୩ ଟି ସହରରେ ତାପମାତ୍ରା ୩୪ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଥିବା ବେଳେ ୩୪.୫ ଡିଗ୍ରୀ ସହ ଝାରସୁଗୁଡ଼ାରେ ରାଜ୍ୟର ସବୁଠୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଭବାନୀପାଟଣାରେ ତାପମାତ୍ରା ୩୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଏହି ତାତି ଜାନୁଆରୀ ମାସରେ ଭବାନୀପାଟଣାର ଦ୍ୱିତୀୟ ସର୍ବାଧିକ ତାତିରେ ପରିଣତ ହୋଇଛି। ଏହା ପୂର୍ବରୁ ୧୯୯୭୩ ଜାନୁଆରୀ ୧୩ରେ ଏଠାରେ ତାପମାତ୍ରା ୩୩.୮ ଡିଗ୍ରୀ ରହିଥିଲା। ଆଜିର ତାତି ୫୨ ବର୍ଷର ରେକର୍ଡ ଭାଙ୍ଗିଛି। ସେହିପରି ଝାରସୁଗୁଡ଼ାରେ ଆଜି ଜାନୁଆରୀରେ ତୃତୀୟ ସର୍ବାଧିକ ତାତି ରେକର୍ଡ ହୋଇଛି। ୨୦୦୯ ଜାନୁଆରୀ ୨୬ରେ ଏଠାରେ ତାପମାତ୍ରା ୩୪.୪ ଡିଗ୍ରୀ ରହିଥିଲା। ମାତ୍ର ଆଜି ୩୪.୫ ଡିଗ୍ରୀ ସହ ଏହି ରେକର୍ଡ ଭଙ୍ଗ ହୋଇଛି। ଏହି ଦୁଇ ସହର ବ୍ୟତୀତ ଆଜି ପାରଳାଖେମୁଣ୍ଡିରେ ମଧ ତାପମାତ୍ରା ୩୪ ଡିଗ୍ରୀ ରେକର୍ଡ ହୋଇଛି।

ଅନ୍ୟପଟେ ଆଜି ଆଇଏମ୍‌ଡି ପକ୍ଷରୁ ଫେବୃଆରୀ ମାସ ପାଇଁ ତାତି ଆକଳନ ଜାରି ହୋଇଛି। ଏହି ପୂର୍ବାନୁମାନରେ ଦର୍ଶାଯାଇଛି ଯେ ଫେବୃଆରୀରେ ରାଜ୍ୟରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ଅଧିକ ରହିବାର ସମ୍ଭାବନା ରହିଛି। ମୁଖ୍ୟତଃ ଦିନର ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବାର ପୂର୍ବାନୁମାନ କରାଯାଉଥିବାରୁ ଏହି ସମୟରେ ଅଧିକ ଖରା ଅନୁଭୂତ ହେବାର ଆଶଙ୍କା କରାଯାଉଛି। ବର୍ତ୍ତମାନ ରାଜ୍ୟରେ ଉଭୟ ଦିନ ଏବଂ ରାତିର ତାପମାତ୍ରା ପ୍ରାୟ ସ୍ୱାଭାବିକ ଠାରୁ ୩-୪ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହୁଛି। ଆସନ୍ତା ୫ ଦିନ ମଧ୍ୟରେ ତାପମାତ୍ରା ଆହୁରି ବୃଦ୍ଧି ହେବାକୁ ଥିବାରୁ ତାତି ଅଧିକ ଅନୁଭୂତ ହେବାର ଆଶଙ୍କା ରହିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆଗାମୀ ୭ ଦିନ ଯାଏ ପାଗ ଶୁଖିଲା ରହିବା ସହ ତାପମାତ୍ରା ବୃଦ୍ଧି ହେବ। ବିଶେଷ କରି ଉପକୂଳ ଅପେକ୍ଷା ଆଭ୍ୟନ୍ତରୀଣ ଓଡିଶାରେ ଦିନ ତାପମାତ୍ରା ବଢିବ। ତାତି ସାଙ୍ଗକୁ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ବିଜେଡି ସାଂଗଠନିକ କାର୍ଯ୍ୟ ତ୍ୱରାନ୍ୱିତ

## ୧୦ ନେତାଙ୍କୁ ୨୭ ନିର୍ବାଚନମଣ୍ଡଳୀ ଦାୟିତ୍ୱ

**ଭୁବନେଶ୍ୱର,୩୧ା୧(ସମିସ):** ବିଜୁ ଜନତା ଦଳର ସଂଗଠନ ନିର୍ବାଚନ ପାଇଁ ଜାରି ରହିଛି ପ୍ରକ୍ରିୟା। ପୂର୍ବରୁ ଦଳର ସଭାପତି ନବୀନ ପଟ୍ଟନାୟକ ନ ବରିଷ୍ଠ ନେତା ପ୍ରତାପ ଦେବଙ୍କୁ ନିର୍ବାଚନ ଅଧିକାରୀ ରୂପେ ନିଯୁକ୍ତି ଦେବା ସହ ଗତ ୨୬ ତାରିଖରେ ସମସ୍ତ ଛାମୁଆ ସଂଗଠନକୁ ଭଙ୍ଗ କରିଛନ୍ତି। ତେବେ ଧାର୍ଯ୍ୟ ଅବଧି ମଧ୍ୟରେ ବିଭିନ୍ନ ନିର୍ବାଚନମଣ୍ଡଳୀରେ ସଙ୍ଗଠନକୁ ସୁଦୃଢ଼ କରି ସାଙ୍ଗଠନିକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସୁପ୍ରିମୋ ଶ୍ରୀ ପଟ୍ଟନାୟକ ୧୦ ବରିଷ୍ଠ ନେତାଙ୍କ ଉପରେ ୨୭ଟି ନିର୍ବାଚନମଣ୍ଡଳୀ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଦଳର ସଭାପତିଙ୍କ ନିର୍ଦ୍ଦେଶକ୍ରମେ ସମନ୍ୱ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ଦାୟିତ୍ୱ ଦିଆଯାଇଛି। ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ବିଜୟ କୁମାର ନାୟକଙ୍କୁ ତେଲକୋଇ, ପାଟଣା, ଚମ୍ପୁଆ, ପାରାଦୀପ ଓ ହିନ୍ଦୋଳ ନିର୍ବାଚନମଣ୍ଡଳୀ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ କଟକ-ବାରବାଟୀ, କଟକ ସଦର ଓ ନିଆଳି ନିର୍ବାଚନମଣ୍ଡଳୀ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ନିମାପଡ଼ା, ପିପିଲି ଓ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପାଇଁ ପୂର୍ବତନ ମନ୍ତ୍ରୀ ଅରୁଣ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କୁ ସାନଖେମୁଣ୍ଡି, ଛତ୍ରପୁର, ଗୋପାଳପୁର ଓ ବ୍ରହ୍ମପୁର ନିର୍ବାଚନମଣ୍ଡଳୀ, ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସଙ୍କୁ ବଡ଼ଚଣା, ରାଇରଙ୍ଗପୁର, ବଡ଼ସାହି, ଉଦଳା ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ, ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କୁ ବଣେଇଁ ଓ ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଦାୟିତ୍ୱ ଦିଆଯାଇଛି। ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଭଟଲି ଓ ବିଜେଡି ନେତା ଭୃଗୁ ବକ୍ସିପାତ୍ରଙ୍କୁ ଲକ୍ଷ୍ମୀପୁର ଏବଂ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜେଡିର ଏହି ବରିଷ୍ଠ ନେତାମାନେ ସେମାନଙ୍କୁ ଦିଆଯାଇଥିବା ନିର୍ବାଚନମଣ୍ଡଳୀରେ ଦଳର ସଂଗଠନକୁ ଅଧିକ ସକ୍ରିୟ କରିବା ସହ ବିଜେଡିର କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ସଭାପତି ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

## ଆଜି ମହାପ୍ରଭୁଙ୍କ ପଦ୍ମବେଶ

### ଶେଷ ପର୍ଯ୍ୟାୟରେ ବେଶ ପ୍ରସ୍ତୁତି

**ପୁରୀ, ୩୧ା୧ (ସମିସ):** ମାଘ ମାସ ଅମାବାସ୍ୟାଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଡ଼ିଲେ, ସେହିଦିନ ମହାପ୍ରଭୁଙ୍କ ଅତୀବ ରମଣୀୟ ପଦ୍ମବେଶ ହୋଇଥାଏ। ତେଣୁ, ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଦ୍ମବେଶ ଅନୁଷ୍ଠିତ ହେବ। ବଡ଼ସିଂହାର ବେଶରେ ଠାକୁରମାନଙ୍କୁ ବେଶ କରାଯିବ। ଏହି ବେଶ ପରେ ଖିରି ଓ ଅମାଲୁ ଭୋଗ କରାଯିବ। ପଦ୍ମବେଶ ଥାଇ ଠାକୁର ପହୁଡ଼ ହେବେ। ରବିବାର ମଙ୍ଗଳ ଆଳତି ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଏହି ବେଶ ରହିବ। ମଙ୍ଗଳ ଆଳତିରେ ଭକ୍ତମାନେ ଦୁର୍ଲଭ ପଦ୍ମବେଶରେ ଠାକୁରଙ୍କୁ ଦର୍ଶନ କରିପାରିବେ। ଏହାପରେ ଅବକାଶ ହୋଇ ବେଶ ଓଲାଗି କରାଯିବ। ତେବେ ବଡ଼ଛତା ମଠ ପକ୍ଷରୁ ପ୍ରତିବର୍ଷ ଏହି ବେଶ ଯୋଗାଇ ଦିଆଯାଇଥାଏ। ଗଙ୍ଗାମାତା ମଠ ପରିସରରେ ପାରମ୍ପରିକ ବେଶ କାରିଗର ବସନ୍ତ ରଣାଙ୍କ ନେତୃତ୍ୱରେ ଏହି ବେଶ ନିର୍ମାଣ ଚାଲିଛି। ସୋଲ, ଜରି, କଦଳୀପଟ, କନା, କଇଁଥ ଅଠା, ରଙ୍ଗ ସାହାଯ୍ୟରେ ନିର୍ମାଣ କରାଯାଉଛି। ଏହି ବେଶ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶନିବାର ସକାଳ ସୁଦ୍ଧା ସରିଯିବ ବୋଲି କାରିଗର କହିଛନ୍ତି।

## ଦାୟିତ୍ୱ ଗ୍ରହଣ କଲେ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର



**ଭୁବନେଶ୍ୱର, ୩୧ା୧ (ସମିସ):** ରାଜ୍ୟ ନିର୍ବାଚନ କମିଶନର୍ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ମଧୁସୂଦନ ପାଢ଼ୀ। ଭୁବନେଶ୍ୱର ତୋଷାଳି ଭବନସ୍ଥିତ ନିର୍ବାଚନ କମିସନଙ୍କ କାର୍ଯ୍ୟାଳୟରେ ସେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରଛନ୍ତି। ପୂର୍ବତନ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ୨୦୨୭ରେ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନକୁ ସୁରୁଖୁରରେ ସମାପନ କରିବା ତାଙ୍କ ପାଇଁ ଗୁରୁଦାୟିତ୍ୱ ବୋଲି ଶ୍ରୀ ପାଢ଼ୀ ଏହି ଅବସରରେ କହିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଶ୍ରୀ ପାଢ଼ୀ ଅଧିକାରୀମାନଙ୍କ ସହ ଆଲୋଚନା କରି ସମସ୍ତଙ୍କୁ ନିଷ୍ଠାପର ଓ ଦାୟିତ୍ୱର ସହ କାର୍ଯ୍ୟ ସଂପାଦନ କରି ନିର୍ବାଚନ ଆୟୁକ୍ତର ଗରିମା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନା କରି ରାଜ୍ୟବାସୀଙ୍କ ଅସ୍ଥାଭାଜନ ହେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ।

## ଉତ୍ତରାଞ୍ଚଳ ଆରଡିସିଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଦାୟିତ୍ୱ

**ଭୁବନେଶ୍ୱର, ୩୧ା୧(ସମିସ):** ଉତ୍ତରାଞ୍ଚଳ ରାଜସ୍ୱ କମିସନର (ଆରଡିସି)ଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ପଦ ଖାଲି ପଡ଼ିଛି। ନୂଆ ଅଧ୍ୟକ୍ଷ ନିଯୁକ୍ତ ହେବା ପର୍ଯ୍ୟନ୍ତ ଉତ୍ତରାଞ୍ଚଳ ରାଜସ୍ୱ କମିସନରଙ୍କୁ ଅତିରିକ୍ତ ଭାବେ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ କମିସନର ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ଭାବେ କାର୍ଯ୍ୟ କରିଥା'ନ୍ତି। ମାତ୍ର ଅଧ୍ୟକ୍ଷଙ୍କ ଅନୁପସ୍ଥିତି ଯୋଗୁଁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ରହିଛି। ସମ୍ଭବତଃ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅସ୍ଥାୟୀ ଭାବେ ଉତ୍ତରାଞ୍ଚଳ ରାଜସ୍ୱ କମିସନରଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି।

## ରାସ୍ତାଘାଟର ଉନ୍ନତି ପାଇଁ ଆସିବ ସ୍ୱତନ୍ତ୍ର ନୀତି

## ୫ ବର୍ଷରେ ନିର୍ମାଣ ହେବ ୭୫ ହଜାର କିମି ରାସ୍ତା

**ଭୁବନେଶ୍ୱର, ୩୧ା୧(ସମିସ):** ଆସନ୍ତା ୫ ବର୍ଷ ଭିତରେ ରାଜ୍ୟରେ ୭୫ ହଜାର କିଲୋମିଟର ରାସ୍ତା ନିର୍ମାଣ କରାଯିବ। ବାର୍ଷିକ ୧୫ ହଜାର କିଲୋମିଟର ହିସାବରେ ଏହି ରାସ୍ତା ନିର୍ମାଣ ନେଇ ଲକ୍ଷ୍ୟ ରଖାଯାଇଛି। ଏଥିରେ ଜାତୀୟ ରାଜପଥ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ, ନଗର ଉନ୍ନୟନ ବିଭାଗର ରାସ୍ତା ଓ ସେତୁ ଆଦି ରହିଛି। ସେହିଭଳି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁଁ ପାଣି ପାଇପ୍, ବିଦ୍ୟୁତ୍ ଲାଇନ୍, ଟେଲିଫୋନ୍ ଇଣ୍ଟରନେଟ୍ କେବୁଲ ଆଦି ବିଛାଇବା ପାଇଁ ଭଲଥିବା ରାସ୍ତାକୁ ବାରମ୍ବାର ଖୋଳାଯାଉଛି। ଏହି ସମସ୍ୟାରୁ ମୁକୁଳିବା ପାଇଁ ବିଭିନ୍ନ ରାସ୍ତାକଡରେ ସ୍ୱତନ୍ତ୍ର ୟୁଟିଲିଟି କରିଡର ନିର୍ମାଣ କରାଯିବ। ରାଜ୍ୟରେ ରାସ୍ତାଘାଟର ନିର୍ମାଣ, ମରାମତି ଏବଂ ଉନ୍ନତିକରଣ ପାଇଁ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ହେବ। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ଆଲୋଚନା କରାଯାଇଛି।

### ବିଦ୍ୟୁତ ତାର ପାଇଁ ୟୁଟିଲିଟି କରିଡର

ବିଶେଷକରି ରାସ୍ତା ସମ୍ପ୍ରସାରଣ ସମୟରେ ଯେପରି ଗଛ କାଟିବାକୁ ନପଡେ, ସେହିଭଳି ଭାବେ ଚାରାରୋପଣ ପାଇଁ ବ୍ୟବସ୍ଥା କରାଯିବ। ତେବେ ଆବଶ୍ୟକସ୍ଥଳେ ପୁରୁଣା ତଥା ବଡ ବଡ ଗଛକୁ ନ କାଟି ଆଧୁନିକ ଯନ୍ତ୍ରାଂଶ ସାହାଯ୍ୟରେ ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଇପାରିବ, ତା'ଉପରେ ନୂତନ ନୀତିରେ ବ୍ୟବସ୍ଥା ରଖିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ। ଏଥିସହିତ ବିଭିନ୍ନ ସ୍ଥାନରେ ନିର୍ମାଣ ହେବାକୁ ଥିବା କ୍ଷୁଦ୍ର, ମାଧ୍ୟମ ଏବଂ ଦୀର୍ଘ ସେତୁ ନିର୍ମାଣ ଶୈଳୀ ଓ ଏହାର ମାନ କିଭଳି ହେବ ସେଥିନେଇ ଏହି ନୀତିରେ ଉଲ୍ଲେଖ ରହିବ। ଅନେକ ସମୟରେ ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣବେଳେ ଜମି ଅଧିଗ୍ରହଣ ନେଇ ସମସ୍ୟା ଉପୁଜୁଥିବାରୁ ଏହାର ସମାଧାନ ପାଇଁ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା ରହିବ। ଏଥିସହିତ କେବଳ ନୂଆ ରାସ୍ତା ନିର୍ମାଣ ନୁହେଁ, ବରଂ ପୁରୁଣା ରାସ୍ତାର ନିୟମିତ ଯାଞ୍ଚ ଏବଂ ମରାମତି କରାଯିବ। ମୌସୁମୀ ଏବଂ ମୌସୁମୀ ପୂର୍ବ ଓ ପରବର୍ତ୍ତୀ ସମୟରେ ରାସ୍ତା ଯାଞ୍ଚ ତଥା ମରାମତି ଉପରେ ଧ୍ୟାନ ଦିଆଯିବ।

ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ଅନୁ ଗର୍ଗ, ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ କମିଶନର ଗିରୀଶ ଏସ୍.ଏନ୍, ପରିବହନ କମିଶନର ଅମିତାଭ ଠାକୁର, ଇଆଇସି ସିଭିଲ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ, ବିଡିଏ ଉପାଧ୍ୟକ୍ଷ ଏନ୍ ତିରୁମାଲା ନାଏକଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସତ୍ୟବ୍ରତ ରାଉତ ଓଡ଼ିଶା ବିଧାନସଭା ସଚିବ

**ଭୁବନେଶ୍ୱର, ୩୧ା୧(ସମିସ):** ଆଇଏଏସ୍ ସତ୍ୟବ୍ରତ ରାଉତ ଓଡ଼ିଶା ବିଧାନସଭା ସଚିବ ଭାବେ ନିଯୁକ୍ତ ହୋଇଛନ୍ତି। ପୂର୍ତ୍ତ ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ୨୦୧୩ ବ୍ୟାଚ୍‌ର ଆଇଏଏସ୍ ଶ୍ରୀ ରାଉତଙ୍କୁ ରାଜ୍ୟ ସରକାର ଏହି ନୂତନ ଦାୟିତ୍ୱ ଦେଇଛନ୍ତି। ଏନେଇ ଆଜି ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

### ତାପମାତ୍ରା (ଡିଗ୍ରୀ ସେଲ୍‌ସିୟସ)

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୦.୧ | ୧୯.୭ |
| ଚାନ୍ଦବାଲି | ୩୦.୬ | ୨୦.୯ |
| କଟକ | ୨୯.୮ | ୧୯.୫ |
| ପାରାଦୀପ | ୨୯.୦ | ୨୩.୩ |
| ଭୁବନେଶ୍ୱର | ୩୦.୭ | ୧୯.୮ |
| ଗୋପାଳପୁର | ୨୯.୧ | ୨୦.୧ |
| ପୁରୀ | ୨୯.୬ | ୨୪.୫ |
| ଅନୁଗୁଳ | ୩୧.୧ | ୧୬.୦ |
| ବାରିପଦା | ୩୦.୪ | ୨୦.୦ |
| ଝାରସୁଗୁଡା | ୩୩.୪ | ୧୭.୪ |
| କେନ୍ଦୁଝର | ୨୯.୩ | ୧୮.୦ |
| ସମ୍ବଲପୁର | ୩୩.୪ | ୧୯.୫ |
| ସୁନ୍ଦରଗଡ | ୩୩.୦ | ୧୮.୧ |
| ହୀରାକୁଦ | ୩୨.୯ | ୧୯.୬ |
| ତାଳଚେର | ୩୦.୨ | ୧୯.୬ |
| ଭବାନୀପାଟଣା | ୩୩.୦ | ୧୭.୫ |
| ବଲାଙ୍ଗୀର | ୩୩.୩ | ୨୧.୨ |
| କୋରାପୁଟ | ୩୦.୫ | ୧୧.୦ |
| ଫୁଲବାଣୀ | ୩୦.୨ | ୧୪.୦ |
| ଟିଟିଲାଗଡ | ୩୨.୫ | ୨୧.୦ |
| ମାଲକାନଗିରି | ୩୧.୨ | ୧୭.୮ |
| ସୋନପୁର | ୩୨.୬ | ୧୯.୨ |
| ଦାରିଙ୍ଗବାଡ଼ି | ୨୫.୫ | ୧୪.୦ |
| ନୟାଗଡ | - | ୧୭.୮ |
| ବୌଦ୍ଧ | ୩୨.୫ | ୧୫.୫ |
| ଛତ୍ରପୁର | ୩୦.୭ | ୨୦.୮ |
| ପାରଳାଖେମୁଣ୍ଡି | ୩୧.୪ | ୧୬.୦ |
| ରାୟଗଡା | ୩୧.୦ | ୧୭.୨ |
| ଭଦ୍ରକ | ୩୧.୯ | ୧୬.୦ |
| ଯାଜପୁର | ୩୧.୬ | ୧୬.୪ |
| ଢେଙ୍କାନାଳ | ୩୦.୯ | ୧୯.୧ |
| ବରଗଡ | ୩୧.୯ | ୧୭.୦ |
| ଦେବଗଡ | ୨୯.୦ | ୧୭.୦ |
| ନୂଆପଡା | ୩୨.୪ | - |
| ନବରଙ୍ଗପୁର | ୩୧.୫ | ୧୬.୫ |
| ଖୋର୍ଦ୍ଧା | ୩୦.୦ | ୧୭.୦ |
| ଜଗତସିଂହପୁର | ୩୧.୨ | ୧୭.୪ |
| କେନ୍ଦ୍ରାପଡା | ୩୦.୮ | ୧୭.୬ |
| ରାଉରକେଲା | ୩୧.୮ | ୧୬.୮ |

## ଆଜିଠୁ ଇ-ଯାଞ୍ଚରେ ଯୋଡ଼ିହେବ ବୀମା

**କଟକ, ୩୧ା୧(ସମିସ):** ଶନିବାରଠାରୁ ଇ-ଯାଞ୍ଚରେ ଯୋଡ଼ି ହେଉଛି ବୀମା। ମୋଟର ଯାନରେ ବୀମା ନଥିଲେ ସ୍ୱୟଂକ୍ରିୟ ପ୍ରଣାଳୀରେ ଟୋଲଗେଟ୍‌ରେ ଧରାପଡ଼ିଯିବ ଓ ଉଲ୍ଲଂଘନ ପାଇଁ ଜାରି ହେବ ଇ-ଚାଲାଣ। ଏଥିପାଇଁ ସମସ୍ତ ପ୍ରସ୍ତୁତି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଶେଷ ହୋଇଛି। ରାଜ୍ୟର ବିଭିନ୍ନ ଜାତୀୟ ରାଜପଥରେ ଥିବା ସମସ୍ତ ୨୨ଟି ଟୋଲଗେଟ୍‌ରେ ଏହା କାର୍ଯ୍ୟକାରୀ ହେବ। ମୋଟର ଯାନ ଆଇନର ଧାରା ୧୪୬ ଅନୁଯାୟୀ ପ୍ରତ୍ୟେକ ମୋଟର ଯାନ ବୈଧ ବୀମାଭୁକ୍ତ ହେବା ବାଧ୍ୟତାମୂଳକ। ଏହାର ଉଲ୍ଲଙ୍ଘନ କଲେ, ଧାରା ୧୯୬ ଅନୁଯାୟୀ ୨ ହଜାର ଟଙ୍କା ଜରିମାନା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ୍ କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି। ସେହିଭଳି ପୁନର୍ବାର ନିୟମ ଉଲ୍ଲଂଘନ କଲେ ଜରିମାନା ରାଶି ୪ ହଜାର ଟଙ୍କା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବାର ପ୍ରାବଧାନ ଅଛି। ଅନେକ ଘରୋଇ ଓ ବ୍ୟାବସାୟିକ ଗାଡ଼ି ନିୟମ ଉଲ୍ଲଙ୍ଘନ କରି ବୀମା କରୁନାହାନ୍ତି। ଫଳରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁରେ ମୃତକଙ୍କ ପରିବାର ଅନୁକମ୍ପାମୂଳକ ବୀମା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ବୀମା ନିୟମ ଉଲ୍ଲଂଘନକାରୀଙ୍କୁ ଇ-ଡିଟେକ୍ସନ୍ ଜରିଆରେ ଚିହ୍ନଟ କରିବାକୁ ରାଜ୍ୟ ପରିବହନ ପ୍ରାଧିକରଣ ନିଷ୍ପତ୍ତି ନେଇଛି।

**ଗାଡ଼ିର ବୀମା ନଥିଲେ ଦଣ୍ଡ ଗଣିବେ ଚାଳକ**

**ରାଜ୍ୟର ୨୨ଟି ଟୋଲଗେଟ୍‌ରେ କାର୍ଯ୍ୟକାରୀ**

## ବାଲ୍ୟ ବିବାହ ନିଷେଧ ଅଧିକାରୀ ଭାବେ କାର୍ଯ୍ୟ କରିବେ ପିଇଓ

**ଭୁବନେଶ୍ୱର, ୩୧ା୧ (ସମିସ):** ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଏଣିକି ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ କାର୍ଯ୍ୟ କରିବେ। ପିଇଓମାନେ ପଞ୍ଚାୟତ କାର୍ଯ୍ୟାଳୟରେ ଏ ସଂପର୍କିତ ସ୍ୱତନ୍ତ୍ର ନାମଫଳକ ମଧ ଲଗାଇବେ। ସେହିପରି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମହିଳା ସହାୟତା ନମ୍ବର, ଶିଶୁ ସହାୟତା ନମ୍ବର, ପୁଲିସ୍ ସହାୟତା ନମ୍ବର ଏବଂ ସୁଭଦ୍ରା ସହାୟତା ନମ୍ବର ସମ୍ପର୍କିତ ଚିତ୍ର ଅଙ୍କନ କରାଯିବ। ରାଜ୍ୟରେ ମହିଳା ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି।

ନିକଟରେ ରାଜ୍ୟରେ ମହିଳା ସୁରକ୍ଷାକୁ ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ମହିଳା ସୁରକ୍ଷା ସମ୍ପର୍କିତ କେତେକ ପ୍ରସ୍ତାବ ଉପସ୍ଥାପିତ କରିଥିଲେ। ପ୍ରସ୍ତାବ ପରେ ଉପରୋକ୍ତ ନିଷ୍ପତ୍ତି ସହ ଅନ୍ୟ କେତେକ ନିଷ୍ପତ୍ତି ଉପରେ ବୈଠକରେ ମୋହର ବାଜିଛି।

ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ, ଏସ୍‌ସି/ଏସ୍‌ଟି ଉନ୍ନୟନ, ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ହଷ୍ଟେଲରେ ୱାର୍ଡେନ୍/ମାଟ୍ରନ୍ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ କାର୍ଯ୍ୟ କରିବେ। ନିଜନିଜ କାର୍ଯ୍ୟାଳୟରେ ସେମାନେ ମଧ ସମାନ ଭାବେ ନାମଫଳକ ଲଗାଇବା ସହ ବିଦ୍ୟାଳୟ ପରିସରରେ ସମସ୍ତ ସହାୟତା ନମ୍ବରକୁ ଚିତ୍ରିତ କରିବେ। ଅପରପକ୍ଷେ, ନିଜ କାର୍ଯ୍ୟକ୍ଷେତ୍ରରେ କୌଣସି ବାଲ୍ୟବିବାହ ସମ୍ପର୍କିତ ଘଟଣା ସାମ୍ନାକୁ ଆସିଲେ, ସଂପୃକ୍ତ ଅଞ୍ଚଳର ପ୍ରଧାନଶିକ୍ଷକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ)ଙ୍କୁ ଅବଗତ କରିବେ। ଏହାସହ, ସିଡିପିଓମାନେ ଏଣିକି ବାଲ୍ୟ ବିବାହ ସୂଚନା ଅଧିକାରୀ ଭାବେ ପରିଗଣିତ ହେବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଅନ୍ୟ ପ୍ରମୁଖ ନିଷ୍ପତ୍ତି ମଧ୍ୟରେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଜ ପାଠ୍ୟକ୍ରମରେ ବାଲ୍ୟବିବାହ ସମ୍ପର୍କିତ ଏକ ଅଧ୍ୟାୟକୁ ସାମିଲ କରିବ। ଏହା ବାଲ୍ୟ ବିବାହକୁ ନେଇ ସାଧାରଣରେ ସଚେତନତା ବୃଦ୍ଧିରେ ସହାୟକ ହୋଇପାରିବ। ସେହିପରି ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ମହିଳା ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପୁଲିସ୍ ପିସିଆର୍ ଭ୍ୟାନ୍‌ଗୁଡ଼ିକରେ ଶତପ୍ରତିଶତ ମହିଳା କର୍ମଚାରୀଙ୍କୁ ନିୟୋଜିତ କରାଯିବ। ଏପରିକି, କୌଣସି ପ୍ରମୁଖ ପର୍ଯ୍ୟଟନସ୍ଥଳୀ ନିକଟରେ ଥାନା କିମ୍ବା ଫାଣ୍ଡି ଥିଲେ, ସେଠାରେ ଏଣିକି ୭୦% ମହିଳା କର୍ମଚାରୀ ନିୟୋଜିତ ହେବେ। ଏହାସହ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ୫୦% ମହିଳା ଗାଇଡ୍ ମହିଳାଙ୍କୁ ସହାୟତା ପାଇଁ ନିୟୋଜିତ ହେବେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ, ପରିବହନ, ଉଚ୍ଚଶିକ୍ଷା, ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପିସିଆର୍ ଭ୍ୟାନ୍‌ରେ ରହିବେ ଶତପ୍ରତିଶତ ମହିଳା ପୁଲିସ୍

### ପାଟଣାଗଡ଼ ନିର୍ବାଚନ ଅନିୟମିତତା ମାମଲା

## ଜବାବ ଦାଖଲରେ ବିଳମ୍ବ ପାଇଁ ଦଣ୍ଡ ଗଣିବେ କନକବର୍ଦ୍ଧନ

**କଟକ/ବଲାଙ୍ଗିର/ପାଟଣାଗଡ଼, ୩୧ା୧(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବିଧାନସଭା ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଲିଖିତ ଜବାବ ଦାଖଲରେ ବିଳମ୍ବ ପାଇଁ ପ୍ରତିପକ୍ଷ ତଥା ବିଧାୟକ କନକ ବର୍ଦ୍ଧନ ସିଂହଦେଓଙ୍କୁ ୨ହଜାର ଟଙ୍କା ଦଣ୍ଡ ଆକାରରେ ଜମା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବାର୍ କଲ୍ୟାଣ ପାଣ୍ଠିରେ ଏହି ଅର୍ଥରାଶି ପରବର୍ତ୍ତୀ ଶୁଣାଣି ସୁଦ୍ଧା ଜମା କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ପରାଜିତ ପ୍ରାର୍ଥୀ ସରୋଜ କୁମାର ମେହେରଙ୍କ ପକ୍ଷରୁ ରୁଜୁ ନିର୍ବାଚନୀ ମକଦ୍ଦମାର ଶୁଣାଣି କରି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗତ ୨୦୨୪ ଅଗଷ୍ଟରୁ ଜବାବ ଦାଖଲ ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ଥିବା ବେଳେ ପ୍ରତିପକ୍ଷ ବିଧାୟକ ବାରମ୍ବାର ସମୟ ନେଇ ବହୁ ବିଳମ୍ବରେ ଜବାବ ଦାଖଲ କରିଥିଲେ। ଅନ୍ୟପଟରେ ନିର୍ବାଚନ ସଂକ୍ରାନ୍ତୀୟ ଦସ୍ତାବିଜ ପ୍ରଦାନ ନିମନ୍ତେ ବଲାଙ୍ଗୀର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ପ୍ରାର୍ଥନା କରି ବିଧାୟକଙ୍କ ଅନ୍ତରୀଣ ଆବେଦନକୁ ହାଇକୋର୍ଟ ପୂର୍ବରୁ ଖାରଜ କରିଥିଲେ। ମାମଲାରୁ ପ୍ରକାଶ ଯେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ହେତୁ ଜନପ୍ରତିନିଧି ଆଇନ ଅନୁସାରେ ବିଜୟୀ ବିଧାୟକ ତଥା ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ହାଇକୋର୍ଟରେ ପରାଜିତ ବିଜେଡି ପ୍ରାର୍ଥୀ ସରୋଜ କୁମାର ମେହେରଙ୍କ ପକ୍ଷରୁ ନିର୍ବାଚନୀ ମାମଲା ଦାୟର ହୋଇଥିଲା।

## ବନ୍ଧାହେଲେ ଆଇଟିଡିଏ ପ୍ରକଳ୍ପ ଅଧିକାରୀ

### ଆୟଠାରୁ ୩୧୮ % ଅଧିକ ସଂପତ୍ତି

**ଭୁବନେଶ୍ୱର/ରାଉରକେଲା, ୩୧ା୧(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଇଟିଡିଏ ପ୍ରକଳ୍ପ ଅଧିକାରୀ ବିଶ୍ୱଦର୍ଶୀ ସାହୁଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଛି। ଗତକାଲି ଭିଜିଲାନ୍ସ ଶ୍ରୀ ସାହୁଙ୍କ ସୁନ୍ଦରଗଡ଼ ବଣାଇଁସ୍ଥିତ ବାସଭବନ ସମେତ ୭ଟି ସ୍ଥାନରେ ଚଢ଼ଉ କରି କୋଟିକୋଟି ଟଙ୍କାର ସଂପତ୍ତି ଠାବ କରିଥିଲା। ଏହି ଘଟଣାରେ ଭିଜିଲାନ୍ସ ଏକ ଆୟ ବହିର୍ଭୂତ ସଂପତ୍ତି ଠୁଳ (ଡିଏ) ମାମଲା ରୁଜୁ କରି ଗତକାଲି ଶ୍ରୀ ସାହୁଙ୍କୁ ଅଟକ ରଖିଥିଲା। ଠାବ ହୋଇଥିବା ସଂପତ୍ତି ତାଙ୍କ ଆୟଠାରୁ ୩୧୮ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ନିରୀହ ଆଦିବାସୀଙ୍କ ବିକାଶ ବା ଉନ୍ନୟନମୂଳକ କାମ ପାଇଁ ଆସୁଥିବା ଟଙ୍କା ବାଟମାରଣା ନେଇ ତାଙ୍କ ନାଁରେ ଅଭିଯୋଗ ଆସିଥିଲା। ଏପରିକି ବିନା ଲାଞ୍ଚରେ ତାଙ୍କ ଅଫିସ୍‌ରୁ ଫାଇଲ ଘୁଞ୍ଚୁନଥିଲା। ଏନେଇ ତାଙ୍କ ବିରୋଧରେ ମାଳମାଳ ପିଟିସନ୍ ଭିଜିଲାନ୍ସରେ ପଡ଼ି ଆସୁଥିଲା। ଭିଜିଲାନ୍ସ ଏହାର ତଦନ୍ତ କରିବା ପରେ ଗତକାଲି ଚଢ଼ଉ କରି ବିପୁଳ ସମ୍ପତ୍ତି ଠାକ କରିଛି।

# କୁହୁଡ଼ି କମାଇବ ଆମ୍ବ ଉତ୍ପାଦନ

**ଭୁବନେଶ୍ୱର,୩୧ା୧(ସମିସ):** ରାଜ୍ୟରେ ଗତ ୧୦ ଦିନ ହେଲା ଘନ କୁହୁଡ଼ି ଲାଗି ରହିଛି। ଏହା ପ୍ରଭାବରେ ଫୁଲରୁ କଷି ଧରୁଥିବା ଆମ୍ବ ବଉଳ ଗଛରୁ ଝଡ଼ିପଡୁଛି। ସାଧାରଣତଃ ସଅଳ କିସମ ଆମ୍ବ ବଉଳ ଡିସେମ୍ବର ମାସ ବେଳକୁ କଷି ଧରିଥାଏ। ଜାନୁଆରୀ ବେଳକୁ କିଛି ମାତ୍ରାରେ ଆକାର ବଢ଼ିଥାଏ। ହେଲେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଚଳିତବର୍ଷ ବିଳମ୍ବରେ ଫୁଲରୁ ବଉଳ ଧରିଥିଲା। ଯେତିକି ବଉଳି କଷି ହୋଇଥିଲା, ଏବେ କୁହୁଡ଼ି ପ୍ରଭାବରେ ସବୁ ଝଡ଼ିଗଲାଣି। ତେଣୁ ପୂର୍ବାପେକ୍ଷା ଏଥର ଆମ୍ବ ଉତ୍ପାଦନ ହ୍ରାସ ପାଇବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏଥିସହ ଆଗକୁ କାଳବୈଶାଖୀ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରୁଛି। ତେଣୁ ବର୍ଷା ହେଲେ ଆମ୍ବ ବଉଳରେ ବିଭିନ୍ନ ରୋଗପୋକ ଲାଗି ନଷ୍ଟ କରିବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି।

କୃଷି ବିଭାଗ ସୂଚନାନୁସାରେ, ସମଗ୍ର ଭାରତବର୍ଷରେ ଆମ୍ବ ଉତ୍ପାଦନରେ ଓଡ଼ିଶା ଅଷ୍ଟମ ସ୍ଥାନରେ ରହିଛି। ଦେଶରେ ୨କୋଟି ୯୬ଲକ୍ଷ ୪୬ହଜାର ୪୦୦ ମେଟ୍ରିକ୍ ଟନ୍ ଆମ୍ବ ଉତ୍ପାଦନ ହେଉଥିବା ବେଳେ ଓଡ଼ିଶାରେ ଏହାର ୪ ପ୍ରତିଶତ ଅର୍ଥାତ୍ ୮ ଲକ୍ଷ ୫୦ ହଜାର ୨୯୮ ମେଟ୍ରିକ୍ ଟନ୍



ଆମ୍ବ ଉତ୍ପାଦିତ ହେଉଛି। ମୟୂରଭଞ୍ଜ, କନ୍ଧମାଳ ଓ କୋରାପୁଟରେ ସର୍ବାଧିକ ଉତ୍ପାଦନ ହେଉଥିବା ବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ କ୍ରମଶଃ ଉତ୍ପାଦନ ବଢୁଛି। ଜିଲ୍ଲାୱାରୀ ଉତ୍ପାଦିତ ଆମ୍ବ ସ୍ଥାନୀୟ ବଜାରର ଆବଶ୍ୟକତା ପୂରଣ କରିଥାଏ। ଏହାଦ୍ୱାରା ଦର ନିୟନ୍ତ୍ରଣ ଭିତରେ ରହିଥାଏ। ତେଣୁ ଚଳିତବର୍ଷ ଉତ୍ପାଦନ ହ୍ରାସ ପାଇଲେ, ଦର ଉଚ୍ଚା ରହିବ ବୋଲି ବ୍ୟବସାୟୀମାନେ ଆକଳନ କରୁଛନ୍ତି। ଆବଶ୍ୟକତା ପୂରଣ କରିବା ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ବୋଲି କୁହାଯାଉଛି।

ଏପଟେ ଲୋକଙ୍କ ବିଶ୍ୱାସ ରହିଛି, ଆମ୍ବ ଗୋଟିଏ ବର୍ଷ ବ୍ୟବଧାନରେ ଭଲ ଉତ୍ପାଦନ ହୁଏ। ଉତ୍ତର ଭାରତରେ ଏହା ଅଧିକ ଦେଖିବାକୁ ମିଳେ।

■ ବାହାର ରାଜ୍ୟ ଭରସାରେ ଓଡ଼ିଶା ବଜାର
■ ଫୁଲରୁ କଷି ଧରିବା ପୂର୍ବରୁ ଝଡ଼ିପଡୁଛି

ଓଡ଼ିଶାର ଜଳବାୟୁ ଅନୁସାରେ ଉତ୍ପାଦନର ପ୍ରଭାବ ମାତ୍ର ୫ରୁ ୧୦ ପ୍ରତିଶତ ରହିଥାଏ। ଚାଷୀମାନେ ଏବେ ସାଧାରଣତଃ କେଶରୀ, ଦଶେରି, ବାଇଗଣପଲେଇ, ତୋଟାପଲ୍ଲୀ ଭଳି ବିଭିନ୍ନ ପ୍ରକାର ଆମ୍ବ କରୁଛନ୍ତି। ସେହି ଦୃଷ୍ଟିରୁ ଗତ କିଛି ବର୍ଷ ହେଲା ଓଡ଼ିଶାରେ ଦେଶୀ ଆମ୍ବର ବଜାର ଚାହିଦା ବଢ଼ିବାରେ ଲାଗିଛି। ହେଲେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଉତ୍ପାଦନ ବାଧାପ୍ରାପ୍ତ ହେଉଥିବାରୁ ବାହାର ରାଜ୍ୟର ଆମ୍ବ ହିଁ ଓଡ଼ିଶାର ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ବଜାରକୁ କବ୍‌ଜା କରି ରଖୁଛି।

ଏ ସମ୍ପର୍କରେ କୃଷି ବୈଜ୍ଞାନିକ ଦେବାଶିଷ ଜେନା କହିଛନ୍ତି, ବାୟୁମଣ୍ଡଳରେ ୬୦ରୁ ୭୦ ପ୍ରତିଶତ ଆପେକ୍ଷିକ ଆର୍ଦ୍ରତା ରହିବା ଯୋଗୁଁ କୁହୁଡ଼ି ହେଉଛି। ଏହାଦ୍ୱାରା ଫୁଲରେ ପରାଗ ସଂଗମ ଯେଉଁଭଳି ଭାବେ ହେବା କଥା, ହୁଏ ନାହିଁ। ସାଧାରଣତଃ ଭାବେ ଅଧିକ ମାତ୍ରାରେ ଫୁଲ ଝଡ଼ିଥାଏ। ତେଣୁ ଯେତିକି ପରିମାଣର ଫଳ ହେବା କଥା, ତାହା ହୋଇନଥାଏ। ଯଦି ବି ହୁଏ, ତେବେ ଆକାର ଛୋଟ ରହିଥାଏ। ଏହାସହ କୁହୁଡ଼ି ଯୋଗୁଁ ଆମ୍ବ ବଉଳରେ ପାଉଁଶିଆ ରୋଗ ଓ ବିଭିନ୍ନ କବକଜନିତ ରୋଗ ଲାଗିଥାଏ। ସେହିଭଳି ଡିଆଁପୋକଙ୍କ ପ୍ରାଦୁର୍ଭାବ ବଢ଼ିଥାଏ ବୋଲି ସେ କହିଛନ୍ତି।

ଉଲ୍ଲେଖଥାଉକି, ରାଜ୍ୟରେ ପ୍ରତିବର୍ଷ ସାମ୍ନା କରୁଥିବା ବାତ୍ୟା ଯୋଗୁଁ ବ୍ୟାପକ ଆମ୍ବଗଛ ନଷ୍ଟ ହେଉଛି। ଏହାର ସିଧାସଳଖ ପ୍ରଭାବ ଉତ୍ପାଦନ ଓ ଚାଷୀଙ୍କ ଉପରେ ପଡୁଛି। ସେହିଭଳି ବିଳମ୍ବରେ ଶୀତ ଆସିବା ଓ ଜଲ୍‌ଦି ପଳାଇବା କାରଣରୁ ମଧ ଆମ୍ବ ଉତ୍ପାଦନ ପାଇଁ ଅନୁକୂଳ ପାଗ ସୃଷ୍ଟି ହୋଇପାରୁନି।

ସକାଳ
THE SAKALA



## ଧରମପୁର ପ୍ରକଳ୍ପ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**କୟାଁଗୋଲା, ୩୧।୧(ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତର ଧରମପୁର ପ୍ରକଳ୍ପ ଉପ୍ରା ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାଂଶୁ ମଲ୍ଲିକ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୧୧୭ ଜଣ ଛାତ୍ରଛାତ୍ରୀ ଜୁନିଅର୍ ସିନିୟର୍ ବିଭାଗ ୧୦୦ ମିଟର, ୨୦୦ ମିଟର ଦୌଡ଼, ଅଖା ଦୌଡ଼, ଆଳୁ ଚାମଚ୍, ଫୁଚି, ଦୌଡ଼ଡିଆଁ ଇତ୍ୟାଦି ଖେଳରେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସୁବ୍ରତା ସେନାପତି, ସହକାରୀ ଶିକ୍ଷୟିତ୍ରୀ ରଜନୀରାଣୀ ସାହୁ, ସହକାରୀ ଶିକ୍ଷକ ଦୁଃଶାସନ ସେଠୀ, ଅମିତ ମହାପାତ୍ର, ତାପସ ରଣା କ୍ରୀଡ଼ା ପରିଚାଳନା କରିଥଲେ। ଦ୍ୱିତୀୟ ଦିବସରେ କୁଇଜ, ଚିତ୍ରାଙ୍କନ, ମ୍ୟୁଜିକଚେୟାର, ସଙ୍ଗୀତ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଜୟଚଣ୍ଡୀ କ୍ଲଷ୍ଟର ସଂଯୋଜକ ପ୍ରିୟରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ସନାତନ ନାୟକ, କେଲାଙ୍ଗ ୟୁଜିଏମଇର ପ୍ରଧାନଶିକ୍ଷକ ତୁମ୍ବ ବାଇ, କୟାଁ ପଞ୍ଚାୟତ ସମିତି ସଭ୍ୟ ରୋସନ ଦାଶ, ଜୟଚଣ୍ଡୀ କ୍ଲଷ୍ଟର ପୂର୍ବତନ ସଂଯୋଜକ ଖଗେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ୩୫ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ଓ ଟ୍ରଫି ପ୍ରଦାନ କରିଥିଲେ। ପରିଚାଳନ କମିଟି ସଭ୍ୟ ହିମାଂଶୁ ବାରିକ, ପଞ୍ଚାନନ ମଲ୍ଲିକ, ବିଦ୍ୟାଧର ମଲ୍ଲିକ, ଇପ୍‌ସିତା ଦାସ, ଶ୍ରୀମତୀ ମାଝୀ, ମାୟାଧର ସାହାଣୀ ପ୍ରମୁଖ ସହଯୋଗ କରିଥିଲେ।

### ସଡ଼କ ସୁରକ୍ଷା ମାସ ଉଦ୍‌ଯାପନୀ ସମାରୋହ

# ନିୟମ କଡ଼ାକଡ଼ି କରାଗଲେ ଦୁର୍ଘଟଣାକୁ ରୋକାଯାଇପାରିବ



**ଯାଜପୁର, ୩୧।୧(ସମିସ)**

ସଡ଼କ ସୁରକ୍ଷା ମାସ ଉଦଯାପନୀ ସମାରୋହ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ସଡ଼କ ସୁରକ୍ଷା ସମିତି ଅଧ୍ୟକ୍ଷା ତଥା ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାରୋହରେ ଉପଜିଲ୍ଲାପାଳ ଅଂଶୁମାନ ଶତପଥି, ଛତିଆ ଡ୍ରାଇଭିଂ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟର ଅଧ୍ୟକ୍ଷ ସାଦିଆ ସଏଦ, ବଡ଼ଚଣା ଆରକ୍ଷୀ ନିରୀକ୍ଷକ ଅସିତ ବଳବନ୍ତରାୟ ଯୋଗଦେଇ ସଡ଼କ ଦୁର୍ଘଟଣାର ନିରାକରଣ ପାଇଁ ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ି ପାଳନ କରିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ସ୍କୁଲ ଓ କଲେଜର ପିଲାଙ୍କୁ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦେବା ସହ ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇଲେ ଦୁର୍ଘଟଣାର ନିରାକରଣ ହୋଇପାରିବ ବୋଲି ମତପୋଷଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଡେପୁଟି କମିଶନର ତଥା ଯାଜପୁର ଆରଟିଓ ନୀଳକଣ୍ଠ ପ୍ରଧାନ ଓ ଚଣ୍ଡିଖୋଲ ଆରଟିଓ ସମ୍ବିତ କୁମାରଙ୍କ ମିଳିତ ଉଦ୍ୟମରେ ଜିଲ୍ଲାର ଟ୍ରକ୍ ମାଲିକ ସଂଘ ଓ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତା, ଏସ୍‌ପିଓଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବିଦ୍ୟାଳୟସ୍ତରୀୟ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏ ଅବସରରେ ସରକାରଙ୍କ ଦ୍ୱାରା ପ୍ରଚଳିତ ଗୁଡ୍ ସମରିଟାନ ଓ ସୋଲାସିଅମ ଫଣ୍ଡ ବାବଦରେ ଆଲୋକପାତ କରିବା ସହ ଏ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ବ୍ଲକ ସ୍ତରରେ ଶୋଭାଯାତ୍ରା, ସ୍ଲୋଗାନ, ରଥ ପରିକ୍ରମା, ହେଲମେଟ ଓ ସିଟ୍ ବେଲ୍ଟ ଚେକିଂ, ଚକ୍ଷୁ ଚିକିତ୍ସା ଶିବିର, ନାବାଳକ ଗାଡ଼ିଚଳନା ଚେକିଂ, ସ୍କୁଲ ଓ କଲେଜରେ ସଚେତନତା କାର୍ଯ୍ୟକ୍ରମ ଆଦି ଆୟୋଜିତ ହୋଇଥିଲା। ଅନ୍ୱେଷଣ, ଅଭୟ ଦାସ ଟ୍ରୁପ ଓ ସ୍କାଉଟ ପିଲାଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ ଉତ୍ସବରେ ଏମଭିଆଇ ଦୀପକ ସେଠୀ, ଖଗେଶ୍ୱର ମୁର୍ମୁ, ପ୍ରଦୀପ୍ତ ବେହେରା, ଯୁଗଳ କିଶୋର ତିରିୟା, ଉଭୟ ଯାଜପୁର ଓ ଚଣ୍ଡିଖୋଲ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

## ବର୍ଦ୍ଧିତ ଭତ୍ତା ବିତରଣ ଉତ୍ସବ

**କୁଆଖିଆ, ୩୧।୧(ସମିସ):** ରସୁଲପୁର ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରାଯାଇଛି। ବିଡିଓ ସତ୍ୟାନନ୍ଦ ଦାସଙ୍କ ପୌରୋହିତ୍ୟରେ ବ୍ଲକ ପରିସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ବରିଷ୍ଠ ଓ ଭିନ୍ନକ୍ଷମଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ନିମିତ୍ତ ସରକାର ସଂକଳବଦ୍ଧ। ତେଣୁ ସରକାର ପ୍ରତିଶ୍ରୁତି ଅନୁଯାୟୀ ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତ ଭିନ୍ନକ୍ଷମଙ୍କ ସୁରକ୍ଷା ପାଇଁ ଏହି ବର୍ଦ୍ଧିତ ଭତ୍ତା ସେମାନଙ୍କ ପାଇଁ ନୂଆ ଜୀବନ ଆଣିଦେବ ବୋଲି ମତ ପ୍ରକାଶ କରିଥିଲେ। ଏ ପରିପ୍ରେକ୍ଷୀରେ କୋରେଇ, ବରୀ ଓ ଧର୍ମଶାଳା ନିର୍ବାଚନମଣ୍ଡଳୀର ୨୮ଟି ପଞ୍ଚାୟତରୁ ସମୁଦାୟ ୩୫୨ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ କୋରେଇର ୯ ପଞ୍ଚାୟତରୁ ୪୮ ଜଣ, ବରୀର ୧୦ ପଞ୍ଚାୟତରୁ ୭୮ ଜଣ ଓ ଧର୍ମଶାଳାର ୧୦ ପଞ୍ଚାୟତରୁ ୫୨ ଜଣ ଭିନ୍ନକ୍ଷମଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶୀଭୂଷଣ ସାହୁ, ୩୩ନଂ ଜିଲ୍ଲା ପରିଷଦ ସଭ୍ୟ ଶିଶିର ମହାନ୍ତି, ସରପଞ୍ଚ ଅତୁଲ୍ୟ ପ୍ରଧାନ, ପ୍ରହ୍ଲାଦ ପଣ୍ଡା ଯୋଗ ଦେଇଥିଲେ।



## ସଡ଼କ ସୁରକ୍ଷା ସଚେତନତା



**ପାଣିକୋଇଲି, ୩୧।୧(ସମିସ):** ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ପାଣିକୋଇଲିର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଭୁକ୍ତା ଟ୍ରାନ୍ସପୋର୍ଟ ସହଭାଗିତାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଗୁରୁଜୀ ପ୍ରମୋଦ ପଣ୍ଡାଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି ଯୋଗଦେଇ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଜୁନିୟର ଏମଭିଆଇ ପ୍ରଦୀପ ବେହେରା, କର୍ମଚାରୀ କିଶୋର କୁମାର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଶବ ରାଓ ଭୁକ୍ତା, ସମ୍ପାଦକ ରାଜକିଶୋର ମଲିକ, ଯୁଗ୍ମସମ୍ପାଦକ ବଳରାମ ସାମଲ, ବରିଷ୍ଠ ସାମ୍ବାଦିକ ସୁବାସ ଧଳ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଭୁକ୍ତା ଟ୍ରାନ୍ସପୋର୍ଟର ପ୍ରଭାକର ଭୁକ୍ତା, ସଞ୍ଜୀବନ ଭୁକ୍ତା, ଅମିତ ମହାନ୍ତି, କାର୍ତ୍ତିକ ମହାନ୍ତି, ସରୋଜ ମଙ୍ଗରାଜ, ସନ୍ତୋଷ ସେନାପତି, ରାକେଶ ତ୍ରିପାଠୀ, ରାଧାକାନ୍ତ ବେହେରା, ସନ୍ଦୀପ ମହାକୁଡ଼, ପ୍ରଦୀପ ମାଝୀ, ରାଜକିଶୋର ମହାକୁଡ଼, ରବୀନ୍ଦ୍ର ପାଢ଼ୀ, ଅନିରୁଦ୍ଧ ମଲ୍ଲିକ, ଜନ୍ମେଞ୍ଜୟ ବିଶ୍ୱାଳ, ପ୍ରମୋଦ କବି, ବରେଣ୍ୟ ସ୍ୱାଇଁ, ଅରୁଣ ବାରିକ ଓ ଗୁରୁଜୀ ବଟକୃଷ୍ଣ ସ୍ୱାଇ ପ୍ରମୁଖ ପରିଚାଳନା କରିଥିଲେ।

## ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

**ଯାଜପୁର, ୩୧।୧ (ସମିସ):** ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଜିଲ୍ଲା କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱରାଜ୍ୟ ଓ ସର୍ବଧର୍ମ ସମନ୍ୱୟର ଯେଉଁ ବାର୍ତ୍ତା ଗାନ୍ଧିଜୀ ଦେଇଯାଇଛନ୍ତି, ତାହା ସମଗ୍ର ବିଶ୍ୱରେ ତାଙ୍କୁ ଅଦ୍ୱିତୀୟ ଶ୍ରେଷ୍ଠ ମାନବ ଭାବେ ପରିଗଣିତ କରିବା ସହ ଭାରତବର୍ଷ ଶାନ୍ତି ଓ ମୈତ୍ରୀ, ପ୍ରେମର ରାଷ୍ଟ୍ର ଭାବେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ବୋଲି ଶ୍ରୀ ରାଉତ ମତବ୍ୟକ୍ତ କରିଥିଲେ। ତାଙ୍କର ଅହିଂସା ନୀତି, ଶାନ୍ତିପୂର୍ଣ୍ଣ ଆନ୍ଦୋଳନର ମାର୍ଗ ଆମ ଜୀବନର ପଥ ପ୍ରଦର୍ଶକ ଭାବେ ଆମକୁ ଆମ ହକ୍ ସାବ୍ୟସ୍ତ କରିବା ପାଇଁ ସୁଯୋଗ ଦେଇଛି ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। ନାରାୟଣ ସାମନ୍ତ, ସୁଦୀପ୍ତ କର, ଦିଲ୍ଲୀପ ଦାସ, ସଂଗ୍ରାମ ସାହାଣୀ, ରଘୁନାଥ ସାହୁ, ନକୁଳଦେବ ସାହୁ, କପିଳେଶ୍ୱର ଦଳାଇ, ବିଦ୍ୟାଧର ବାରିକ, ପୂର୍ଣ୍ଣଚନ୍ଦ୍ର ଜେନା, ବିଜୟ ମହାପାତ୍ର, ଗୋବିନ୍ଦ ସାହୁ, ସନ୍ତୋଷ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଦୁର୍ଯ୍ୟୋଧନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ପର୍ଶ କୁଷ୍ଠ ସଚେତନତା

**ବ୍ୟାସନଗର, ୩୧।୧(ସମିସ):** ବ୍ୟାସନଗର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ପର୍ଶ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ମେଡିକାଲ ଅଧିକାରୀ ସନ୍ତୋଷ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଅଭ୍ୟର୍ଥନା କକ୍ଷରେ ପ୍ରଥମେ ଏ ନେଇ ବିଭିନ୍ନ ଆଶା କର୍ମୀ ଓ ମେଡିକାଲ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ପରେ ମେଡିକାଲ ପରିସରରେ ସମସ୍ତେ ଏକତ୍ରିତ ହୋଇ କୁଷ୍ଠ ରୋଗ ନିରାକରଣ ନିମନ୍ତେ ଶପଥ ପାଠ କରିଥିଲେ। କୁଷ୍ଠ ରୋଗର ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ତାଙ୍କୁ ଚିକିତ୍ସାରେ ସହଯୋଗ କରିବି, ପରିବାର କିମ୍ବା ସାହି ପଡ଼ିଶାରେ କାହାକୁ କୁଷ୍ଠ ରୋଗ ହୋଇଥିଲେ ତାଙ୍କ ସହିତ କୌଣସି ଭେଦଭାବ ରଖିବି ନାହିଁ ଓ ଉକ୍ତ ବ୍ୟକ୍ତିଙ୍କୁ ମର୍ଯ୍ୟାଦାର ସହିତ ଆପଣାଇବି ବୋଲି ଶପଥ ପାଠ କରାଯାଇଥିଲା। ଆସନ୍ତା ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ଦେଶରେ ସ୍ପର୍ଶ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ପାଳିତ ହେବ।

## ବ୍ଲକ୍‌ସ୍ତରୀୟ ପରାମର୍ଶ ଶିବିର

**ସୁକିନ୍ଦା, ୩୧।୧(ସମିସ):** ସୁକିନ୍ଦା ପଞ୍ଚାୟତ ସମିତି ସଭାଗୃହରେ ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ ତାଲିମ ପାଇଁ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ ତାଲିମ ନିମନ୍ତେ ସ୍ୱଳ୍ପକାଳୀନ ଓ ଦୀର୍ଘ ମିଆଦି ପ୍ରଶିକ୍ଷଣ ସମ୍ବନ୍ଧୀୟ ସୂଚନା ଓ ଚୟନ ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ ଓ ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଶିବିରକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଯାଜପୁର ଜିଲ୍ଲା ପ୍ରଶାସନ ଦ୍ୱାରା ଏହି ପରାମର୍ଶ ଶିବିର ଆୟୋଜିତ ହୋଇଛି। ଜିଲ୍ଲାର ଆଶାୟୀ ଯୁବକ/ଯୁବତୀ ଯେଉଁମାନଙ୍କ ବୟସ ୧୮ରୁ ୩୫ ମଧ୍ୟରେ ଓ ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀରୁ ସ୍ନାତକ ପାସ୍ ଓ ଆଇଟିଆଇ, ଡିପ୍ଲୋମା ପାସ୍ କରିଥିବେ, ଏଥିରେ ଅଂଶଗ୍ରହଣ କରିଥିଲେ। ସ୍କୁଲ କିମ୍ବା କଲେଜ ପାଠ୍ୟକ୍ରମ ମଝିରୁ ପାଠ ଛାଡ଼ିଥିବା ଯୁବକ/ଯୁବତୀ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି ଶିବିରରେ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ସମେତ ୧୬ଜଣ ଦକ୍ଷତା ବିକାଶ ତାଲିମ ପ୍ରଦାନକାରୀ ସଂସ୍ଥା ଓ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ଅନୁଷ୍ଠାନ ୨୪୫ ଜଣ ଶିବିରାର୍ଥୀଙ୍କ ମଧ୍ୟରୁ ୧୯୬ ଜଣଙ୍କୁ ବିଭିନ୍ନ ବିଭାଗର ଦକ୍ଷତା ବିକାଶ ତାଲିମ ପାଇଁ ଚୟନ କରିଛନ୍ତି। ଶିବିରକୁ ଯାଜପୁର ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ପ୍ରଭାତ ବସ୍ତି, ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋ ରାକେଶ ନାୟକ ପରିଚାଳନା କରିଥିବାବେଳେ ବିପିଏମ୍ ବିମଳ ରାୟଗୁରୁ ଓ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।



### ଏନ୍‌ସି କଲେଜରେ ବିରଜା ବକ୍ତୃତାମାଳା

# ସନ୍ଥ ସାହିତ୍ୟ ଅସ୍ମିତାର ବାର୍ତ୍ତା ବହନ କରେ



**ଯାଜପୁର, ୩୧।୧(ସମିସ):** ଯାଜପୁରର ଇତିହାସ, ଧର୍ମ, ସାହିତ୍ୟ ଓ ସଂସ୍କୃତି ଅତ୍ୟନ୍ତ ମହାନ୍। ଏସମ୍ପର୍କରେ ଅଧିକରୁ ଅଧିକ ଗବେଷଣା କରିବାକୁ ଏନ୍‌ସି କଲେଜରେ ଆୟୋଜିତ ବିରଜା ବକ୍ତୃତାମାଳାରେ ମୁଖ୍ୟଅତିଥି ପରାମର୍ଶ ଦେଇଛନ୍ତି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ସ୍ୱନକ୍ଷତ୍ର ଦିବସ ତ୍ରିବେଣୀ ଅମାବାସ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ସ୍ଥାନୀୟ ନରସିଂହ ଚୌଧୁରୀ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ପଞ୍ଚଶତତମ ବିରଜା ବକ୍ତୃତାମାଳାକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କୃତ ସାହିତ୍ୟିକ ପ୍ରଫେସର ଡଃ ବୈଷ୍ଣବ ଚରଣ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତୃତାମାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେ ମା' ବିରଜା ଓ ଶକ୍ତି ପୀଠର ମହତ୍ତ୍ୱ ଉପରେ ବିଶଦ ଆଲୋଚନା କରିବା ସହିତ ଯାଜପୁରରେ ସନ୍ଥ ସାହିତ୍ୟ ଉପରେ ତାତ୍ତ୍ୱିକ ଆଲୋଚନା କରିଥିଲେ। ସନ୍ଥମାନେ ଦିବ୍ୟ ଦୃଷ୍ଟି ପାଇଁ ପ୍ରେରଣା ଦେଇଆସିଛନ୍ତି ବୋଲି ପ୍ରକାଶ କରିବା ସହ ସନ୍ଥମାନେ ସବୁଠାରୁ ଊର୍ଦ୍ଧ୍ୱ ବୋଲି ପ୍ରକାଶ କରିଥିଲେ। ଶିଶୁ ସମ୍ପ୍ରଦାୟର ସନ୍ଥ ହାଡ଼ିବନ୍ଧୁ ଦାସ, ଓଳାଶୁଣୀ ପୀଠର ସନ୍ଥ ଅରକ୍ଷିତ ଦାସ, ସନ୍ଥ ବୈକୁଣ୍ଠ ବ୍ରହ୍ମଚାରୀ, ସନ୍ଥ ପର୍ଶୁରାମ ବିହାରୀ, ସନ୍ଥ ପ୍ରାଣକୃଷ୍ଣ ଦାସ ଓ ସନ୍ଥ ହରି ଦାସଙ୍କ ଉପରେ ତାତ୍ତ୍ୱିକ ଆଲୋଚନା କରି ସେମାନଙ୍କ ଧର୍ମ ଓ ସଂସ୍କୃତି ଉପରେ ଗୁରୁତ୍ୱାରୋପ କରିଥିଲେ। ଯାଜପୁରର ଇତିହାସ ଓ ଧର୍ମ, ସଂସ୍କୃତି, ସାହିତ୍ୟ ଉପରେ ଅଧିକରୁ ଅଧିକ ଗବେଷଣା କରାଯିବା ପାଇଁ ଡଃ ସାମଲ ଆହ୍ୱାନ ଦେଇଥିଲେ।

ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବକ୍ତୃତାମାଳାରେ ଅନ୍ୟତମ ଅତିଥି ଭାବେ ଖ୍ରୀଷ୍ଟ କଲେଜର ଇଂରାଜୀ ବିଭାଗ ଅଧ୍ୟାପକ ଡଃ ଶାରଦା ପ୍ରସାଦ କର ଯୋଗଦେଇ ବିରଜା ମଣ୍ଡଳର ପରମ୍ପରା ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବକ୍ତୃତାମାଳାର ଉପସଭାପତି ଇଂରାଜୀ ବିଭାଗ ଅଧ୍ୟାପକ ଡଃ ସରସ୍ୱତୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ଦେବାଶିଷ ଲେଙ୍କା, ପ୍ରଫେସର ଡଃ ଆଶିଷ ଜେନା, ଡଃ ଆର୍ଯ୍ୟ ବିଭାସ କୁମାର, ଡଃ ବ୍ରହ୍ମାନନ୍ଦ ପଣ୍ଡା ପ୍ରମୁଖ ସଭା ପରିଚାଳନା କରିଥିଲେ। ଏ ଅବସରରେ ସ୍ୱର୍ଗତ ନରସିଂହ ଚୌଧୁରୀଙ୍କ ପରିଜନ ପକ୍ଷରୁ ନାରାୟଣ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଇତିହାସ ବିଭାଗ ପକ୍ଷରୁ ଆଲୋଚନାଚକ୍ର



**ଧର୍ମଶାଳା, ୩୧।୧(ସମିସ):** ଧର୍ମଶାଳା ମହାବିଦ୍ୟାଳୟରେ ଇତିହାସ ବିଭାଗ ପକ୍ଷରୁ ଆଧୁନିକ ଓଡ଼ିଶାରେ ମଧୁସୂଦନ ଦାସ ଓ ଓଡ଼ିଆ ଜାତୀୟତାବାଦର ପୁନରୁତ୍ଥାନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା, ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡକ୍ଟର ଖାରବେଳ ମହାନ୍ତି ମଧୁସୂଦନ ଦାସଙ୍କ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଧର୍ମଶାଳା କଲେଜର ପୂର୍ବତନ ପ୍ରାଧ୍ୟାପକ ଡକ୍ଟର ବ୍ରଜବନ୍ଧୁ ଭଞ୍ଜ, ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ଅଧ୍ୟାପକ ସନ୍ତୋଷ ଦାଶ, ବିଜୟ ପ୍ରଧାନ, ଅରବିନ୍ଦ ମହାନ୍ତି, ଡ ବସନ୍ତ ତ୍ରିପାଠୀ, ଡ. ଆରତୀ ଶତପଥୀ, ଲୀନ ରାୟ, ଦେବସ୍ମିତା ଦାସ, ଡ. ସସ୍ମିତା ସାମଲ, ସସ୍ମିତା ରାଉଳ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଜେଏନ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ନିଲ୍ଲେଶ ମହାନ୍ତି, ଇତିହାସ ବିଭା ଅଧ୍ୟାପକ ରୁଦ୍ରନାରାୟଣ ଦାଶ, ମୁକୁନ୍ଦପାତ୍ର ମହାବିଦ୍ୟାଳୟ ଇତିହାସ ଅଧ୍ୟାପକ ପ୍ରତାପ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଲୋଚନାଚକ୍ରକୁ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପିକା ଡ. ରେଖାରାଣୀ ଖୁଣ୍ଟିଆ ପରିଚାଳନା କରିଥିବାବେଳେ ଅଧ୍ୟାପକ ଶ୍ରୀଧର ମହାକୁଡ଼ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଦେଇଥିଲେ।

## ଗ୍ରୀନ୍‌ଲ୍ୟାଣ୍ଡ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ମଙ୍ଗଳପୁର, ୩୧।୧(ସମିସ):** ଦଶରଥପୁର ବ୍ଲକ ଅଧୀନ ମଙ୍ଗଳପୁରସ୍ଥ ଗ୍ରୀନ୍‌ଲ୍ୟାଣ୍ଡ ପବ୍ଲିକ ସ୍କୁଲରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ସୁରଥ ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା, ମୁଖ୍ୟବକ୍ତା ଭାବେ ଯାଜପୁର ଜିଲ୍ଲା ବିଜେପି ସଭାପତି ଗୌତମ ରାୟ, ସମ୍ମାନିତ ଅତିଥି ଭାବେ ଦଶରଥପୁର ବ୍ଲକ ଶିକ୍ଷାଧିକାରୀ ଆଲୋକ ବନ୍ଧ, ଦଶରଥପୁର ବ୍ଲକର ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ମହାପାତ୍ର, ପରିଚାଳନା ସମିତି ସଭ୍ୟ କୈଳାସ ସାମଲ, ଚକ୍ରଧର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ୨୦୦୮ରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟରେ ବର୍ତ୍ତମାନ ୫ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ଡ୍ରାମା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ନୀଳିମା ପଲାଇ, ଶତାବ୍ଦୀ ବାରିକ, ସଂଘମିତ୍ରା ସାମଲ, ପ୍ରତୀକ୍ଷା ସାମଲ, ଶିକ୍ଷକ ରାଜକିଶୋର ସାହୁ, ସ୍ମୃତିସାଗର ସେନାପତି, ରଜତ ଦଳାଇ, ରମେଶ ଜେନା ଓ ପ୍ରଦୀପ ନାୟକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**ହାତୀବାରି, ୩୧।୧(ସମିସ):** ସୁକିନ୍ଦା ବିଡିଓ ଓ ତହସିଲଦାରଙ୍କ ଅଭିଯୋଗ ଶୁଣାଣି ଶିବିର ହାତୀବାରି ପଞ୍ଚାୟତ ଅଫିସରେ ଅନୁଷ୍ଠିତ ହୋଇଯାଇଛି। ୬୮ଟି ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ଏଡିଓ, ଏବିଓ, ଜିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଧିକାଂଶ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ବାବଦୀୟ ହୋଇଥିବାରୁ ବିଡିଓ ରେଶମା ଟେଟେ ଏବିଓଙ୍କୁ ତୁରନ୍ତ ସ୍ପଟ ଭେରିଫିକେସନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭତ୍ତା ବାବଦର ସମାଧାନ କରାଯାଇଥିଲା। ଏଥିରେ ହାତୀବାରି ପଞ୍ଚାୟତ ସରପଞ୍ଚ ମଧୁସ୍ମିତା ସେଠୀ, ବ୍ଲକ, ତହସିଲ୍, ମେଡିକାଲର ପଦାଧିକାରୀ, ଆଶା ଦିଦି ଓ ଅଙ୍ଗନବାଡି ଦିଦି ଉପସ୍ଥିତ ଥିଲେ।

## ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିମ ଶିବିର ଉଦ୍‌ଯାପିତ




**କବାଟବନ୍ଧ, ୩୧।୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଦୌଲତପୁର ହିଙ୍ଗୁଳା ସରକାରୀ ଉଚ୍ଚବିଦ୍ୟାଳୟ, ଦୌଲତପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ବିଳାଶୁଣୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତିନିଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସାଧନ କେନ୍ଦ୍ର ସଂଯୋଜକ ଆଶୁତୋଷ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ଧର୍ମଶାଳା ବ୍ଲକର ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମଣ୍ଡଳ ଶିକ୍ଷାଧିକାରୀ ଅଭିଜିତ୍ ବାରିକ, ଅତିରିକ୍ତ ଶିକ୍ଷାଧିକାରୀ ଜୟଦେବ ଜେନା, ଅତିରିକ୍ତ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ମମିତା ମହାନ୍ତି ଯୋଗ ଦେଇ ତାଲିମ ଶିବିରରେ ଆଲୋଚିତ ପ୍ରସଙ୍ଗକୁ ଶ୍ରେଣୀ କୋଠରୀରେ ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ବଳ ଶିକ୍ଷକ ଭାବେ ଅରୁଣ ଦାସ, ରଶ୍ମିରଞ୍ଜନ ସାହାଣୀ, ମନୋଜ ନାଥ, ସୌରଭ ପଟ୍ଟନାୟକ ତାଲିମ ପ୍ରଦାନ କରିଥିଲେ। ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ସଂଯୋଜିକା, ଶିକ୍ଷକ ସ୍ମୃତିରଞ୍ଜନ ସାହାଣୀ, ଲକ୍ଷ୍ମୀଧର ନାୟକ ପରିଚାଳନାରେ ସହଯୋଗ କରିଥିଲେ।

### ପୁଷ୍ପଗିରି ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ଶିକ୍ଷିତ ମଣିଷ ହେବା ଅପେକ୍ଷା, ଭଲ ମଣିଷ ହେବା ଉଚିତ'

**ବରୀ, ୩୧।୧(ସମିସ)**




ଶିକ୍ଷିତ ମଣିଷ ହେବା ଅପେକ୍ଷା, ଭଲ ମଣିଷଟିଏ ହେବାକୁ ପୁଷ୍ପଗିରି ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ଭୁବନେଶ୍ୱରର ନିର୍ଦ୍ଦେଶକ ଡଃ ଯଶୋବନ୍ତ ଜେନା ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି।

ପ୍ରଧାନଶିକ୍ଷକ ଶୁଭେନ୍ଦୁ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଡଃ ଯଶୋବନ୍ତ ଜେନା ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗ୍ୟଧର ସାହୁ, ସମ୍ମାନିତ ଅତିଥି ଭାବେ ଡାକ୍ତର ଜ୍ୟୋସ୍ନାରାଣୀ ଜେନା, ପରିଚାଳନା କମିଟିର ଉପଦେଷ୍ଟା ତଥା ବରିଷ୍ଠ ଅର୍ଥନୀତିଜ୍ଞ କିଶୋର ଚନ୍ଦ୍ର ଜେନା, ଅନ୍ୟତମ ଅତିଥି ଭାବେ ପଞ୍ଚଶଖା ଶିକ୍ଷା ସେତୁ କମିଟିର ସଭାପତି ବ୍ରହ୍ମାନନ୍ଦ ଜେନା, ପୂର୍ବତନ ସରପଞ୍ଚ ଇନ୍ଦ୍ରମଣି ପରିଡ଼ା ପ୍ରମୁଖ ଯୋଗଦେଇ ପାଠ ପଢ଼ିବା ସାଙ୍ଗକୁ ଭଲ ମଣିଷଟିଏ ହେବାକୁ ପିଲାମାନେ ଏହି ବୟସରୁ ଲକ୍ଷ୍ୟ ରଖିବା ଉଚିତ। ବଡ ଘରେ ରହିଲେ କିମ୍ବା ଚାକଚକ୍ୟ ପରିବେଶ ଭିତରେ ରହିଲେ ଯେ କେବଳ ଛାତ୍ରଟିଏ ଉପଯୁକ୍ତ ଶିକ୍ଷାଲାଭ କରିପାରିବ ସେ କଥା ନୁହେଁ, ବରଂ ଉଚ୍ଚ ହେବା ପାଇଁ ମାନସିକତା ରହିଲେ ପଙ୍କରୁ ପଦ୍ମ ଫୁଟିଲା ପରି ଗାଁ ଗହଳିରୁ ମଧ୍ୟ ବିଶ୍ୱରେ ପରିଚିତ ହେବାରେ କୌଣସି ଅସୁବିଧା ରହିବ ନାହିଁ ବୋଲି ମତପ୍ରକାଶ କରିଥିଲେ। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଶମ୍ଭୁନାଥ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ମହାପାତ୍ର ବିବରଣୀ ପାଠ କରିଥିଲେ।

ପ୍ରାରମ୍ଭରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁ ଦାସ ଓ ଶିକ୍ଷା ଅନୁରାଗି ସ୍ୱର୍ଗତ ନବଘନ ଜେନାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ମେଧା ତାଲିକାର ଶୀର୍ଷରେ ଥିବା ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଗତ ଡାକ୍ତର ରବୀନ୍ଦ୍ରନାଥ ଜେନା ଓ ଡାକ୍ତର ଜ୍ୟୋସ୍ନାରାଣୀ ଜେନାଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥରାଶିରୁ ଜୟରାମ ଜେନା ଓ ଗୋଲଖ ଜେନା ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମନ୍ତବ୍ୟକୁ ବିଜେପିର ବିରୋଧ

**ଯାଜପୁର, ୩୧।୧(ସମିସ):** ସଂସଦରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କଂଗ୍ରେସ ନେତ୍ରୀଙ୍କ ଆକ୍ଷେପଜନକ ମନ୍ତବ୍ୟର ପ୍ରତିବାଦ କରି ଯାଜପୁର ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଯାଜପୁର ସହରର ଗାନ୍ଧୀ ଛକରେ ମଣ୍ଡଳ ସଭାପତି ମନ୍ମଥ ବରାଳଙ୍କ ନେତୃତ୍ୱରେ ବହୁ ବିଜେପି ନେତା ଓ କର୍ମୀ କଂଗ୍ରେସ ବିରୋଧୀ ନାରବାଜି କରିଥିଲେ। ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ବିଜେପି ନେତା ସୁରେଶ ରାଉତ, ଜିତେନ୍ଦ୍ର ବେହେରା, ରାମ ସାହୁ, ପ୍ରିୟବ୍ରତ ପଣ୍ଡାଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

**ସୁକିନ୍ଦା:** ରାଷ୍ଟ୍ରପତିଙ୍କ ଭାଷଣ ଉପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟକୁ ବିଜେପି ପକ୍ଷରୁ ବିରୋଧ କରାଯାଇଛି। ଉଭୟ କଂଗ୍ରେସ ନେତା ଏହି ଘଟଣାରେ କ୍ଷମା ପ୍ରାର୍ଥନା କରିବାକୁ ଦାବି ହୋଇଛି। କଂଗ୍ରେସର ଚିନ୍ତାଧାରା ସବୁବେଳେ ଏସସି-ଏସଟି, ଓବିସି ଓ ମହିଳା ବିରୋଧୀ ରହିଆସିଛି। ପୁଣିଥରେ କଂଗ୍ରେସ ସେହି ମାନସିକତାର ପରିଚୟ ଦେଇଛି। ଶୁକ୍ରବାର ସନ୍ଧ୍ୟାରେ ସୁକିନ୍ଦା ବିଜେପି ପକ୍ଷରୁ ଶତାଧିକ କର୍ମୀ ହନୁମାନ ଛକ ନିକଟରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

**ଧର୍ମଶାଳା:** ଦେଶର ରାଷ୍ଟ୍ରପତି ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କ ପ୍ରତି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଆପତ୍ତିଜନକ ମନ୍ତବ୍ୟ ପ୍ରତିବାଦରେ ଧର୍ମଶାଳା ବିଜେପି ପକ୍ଷରୁ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଧର୍ମଶାଳା ବିଜେପି ନେତା ଶରତ ଚନ୍ଦ୍ର ଓଝାଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଆଜି ସନ୍ଧ୍ୟାରେ ରାହୁଲ, ସୋନିଆ ଓ କଂଗ୍ରେସ ଦଳ ବିରୁଦ୍ଧରେ ନାରାବାଜି କରି ଶୋଭାଯାତ୍ରାରେ ଯାଇ ଜାରକା ଛକ ନିକଟସ୍ଥ ଫ୍ଲାଇଓଭର ତଳେ ଏକତ୍ରିତ ହୋଇଥିଲେ। ଏଠାରେ ରାହୁଲ ଓ ସୋନିଆଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

### ନାହିଁ ନାହିଁରେ ଚାଲିଛି ଗୋଳା ଗାଁ ବିଦ୍ୟାଳୟ

## ଛାତ୍ରଛାତ୍ରୀଙ୍କୁ ମିଳୁନି ମୌଳିକ ସୁବିଧା

**ଯଖପୁରା, ୩୧।୧(ସମିସ)**



ସମସ୍ତେ ପଢ଼ନ୍ତୁ, ସମସ୍ତେ ବଢ଼ନ୍ତୁ। ଶିକ୍ଷା ହିଁ ସୁରକ୍ଷିତ ରହିବାର ମାଧ୍ୟମ। କଥାରେ ଅଛି ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ। ଶିକ୍ଷାର ମନ୍ଦିର ହେଉଛି ବିଦ୍ୟାଳୟ। ପିଲାଙ୍କୁ ଉଚ୍ଚ ଶ୍ରେଣୀର ଶିକ୍ଷା ଦେବାକୁ ସରକାର ଅନେକ ପଦକ୍ଷେପ ନେଉଥିବା ଦେଖିବାକୁ ମିଳୁଛି। ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏମିତିକି ପୂର୍ବ ସରକାର ବିଦ୍ୟାଳୟକୁ ଉଚ୍ଚମାନର କରିବାକୁ '୫-ଟି'ରେ ଅନ୍ତର୍ଭୁକ୍ତ କରିଥିଲେ। ଫଳରେ ସରକାରୀ ବିଦ୍ୟାଳୟ ବେସରକାରୀ ବିଦ୍ୟାଳୟର ଭ୍ରମ ସୃଷ୍ଟି କରିଥିଲା। ଏଥିରୁ ବାଦ୍ ପଡ଼ିଛି ଦାନଗଦି ବ୍ଲକ ଅଧୀନସ୍ଥ ଗୋଳା ଗାଁ ସରକାରୀ ବିଦ୍ୟାଳୟ। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧ୍ୟୟନ କରିଛନ୍ତି। ତେବେ ଏହି ବିଦ୍ୟାଳୟ ନାନା ସମସ୍ୟା ଦେଇ ଗତି କରୁଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

ଗୋଳା ଗାଁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୪୮୨। ବିଦ୍ୟାଳୟର ଆଦିବାସୀ ପିଲାଙ୍କ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ରହିଛି। ମାତ୍ର ବିଦ୍ୟାଳୟକୁ ଦେଖିଲେ ଅନେକ ଅସୁବିଧା ନଜରକୁ ଆସୁଛି। ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଠିକ୍ ଭାବେ ଦିଆଯାଉନାହିଁ। ପିଲାଙ୍କ ଖାଦ୍ୟ ଅତି ନିମ୍ନମାନର ବୋଲି ଅଭିଯୋଗ ହେଉଛି। ବିଦ୍ୟାଳୟରେ ଥିବା ପାଇଖାନା ଅବସ୍ଥା ଶୋଚନୀୟ। ପରିସ୍ରାଗାର ନିର୍ମାଣ ଦିନରୁ ତାହା ବ୍ୟବହାର ଯୋଗ୍ୟ ନୁହେଁ ବୋଲି ଅଭିଯୋଗ ହୋଇଛି। ବିଦ୍ୟାଳୟର ଗୋଟିଏ ପାର୍ଶ୍ୱ ଗେଟ୍ ଥାଇ ମଧ୍ୟ ସବୁବେଳେ ଖୋଲା କରି ତାହା ଭିତରେ ଗାଡ଼ି ରଖାଯାଉଛି। ଗାଈଗୋରୁ ଯିବା ଆସିବା କରୁଛନ୍ତି। ବିଦ୍ୟାଳୟ ପରିସରରେ ଥିବା ପୁରୁଣା ବିଦ୍ୟାଳୟରେ ଗୋରୁ ଗୁହାଳ କରାଯାଇଛି। ଏଥିସହ ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ଆସିବାକୁ ତିନିଦିନ ଧାର୍ଯ୍ୟ ଥିବାବେଳେ ସେ ସେହି ତିନିଦିନ ମଧ୍ୟ ଆସୁନାହାନ୍ତି। ଅନେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିର୍ଦ୍ଧାରିତ ସମୟର ବହୁ ବିଳମ୍ବରେ ଆସୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ଅନେକଗୁଡ଼ିଏ ଗୃହ ଖାଲି ଥିବାବେଳେ ଓ ୧୬ ଜଣ ଶିକ୍ଷକ ଥାଇ ମଧ୍ୟ ପ୍ରଥମରୁ ୩ୟ ଶ୍ରେଣୀ ସମସ୍ତ ଛାତ୍ରଛାତ୍ରୀ ଗୋଟିଏ କୋଠରୀରେ ଶିକ୍ଷାଦାନ ଦିଆଯାଉଛି।

ସେହିପରି ବିଦ୍ୟାଳୟରେ ହଷ୍ଟେଲରେ ରହି ପଢୁଥିବା ଆଦିବାସୀ ଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହଷ୍ଟେଲରେ ରାତ୍ର ଜଗୁଆଳୀ ନ ଥିବାରୁ ଛାତ୍ରୀ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଛାତ୍ରୀ ନିବାସରେ ବିଦ୍ୟୁତ କଟିଗଲେ କୌଣସି ବ୍ୟାଟେରୀର ବ୍ୟବସ୍ଥା ନ ଥିବାରୁ ହଷ୍ଟେଲ ସମ୍ପୂର୍ଣ୍ଣ ଅନ୍ଧାରରେ ରହିବାକୁ ପଡୁଛି। ହଷ୍ଟେଲ ଭିତର ଅବସ୍ଥା ଦେଖିଲେ ଯେକେହି ବିଶ୍ୱାସ କରିପାରିବ ନାହିଁ ଯେ ଏଠାରେ ଛାତ୍ରୀ ସୁରକ୍ଷିତ ରହିପାରୁଛନ୍ତି। ହଷ୍ଟେଲରେ ଥିବା ଗାଧୁଆ ଘରେ ଓ ପାଇଖାନାରେ କବାଟ ଭାଙ୍ଗିଯାଇ ଖୋଲା ପଡ଼ିଛି। ବିଦ୍ୟାଳୟର ସଭାପତି ମାନସ ବେହେରା ସମେତ ଗ୍ରାମବାସୀ ଶିକ୍ଷା ବିଭାଗକୁ ବହୁଥର ଅଭିଯୋଗ କରିଥିଲେ ମଧ୍ୟ ଏଯାଏଁ ତାହାର ସମାଧାନ ହୋଇପାରୁନାହିଁ। ତେଣୁ ପ୍ରଶାସନ ଶିକ୍ଷା ଭଳି ମନ୍ଦିରରେ ଥିବା ସମସ୍ୟାକୁ ଗୁରୁତ୍ୱ ଦେଇ ତୁରନ୍ତ ଏହାର ସମାଧାନ କରିବାକୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ଷଣ୍ଢ ସହ ବାଇକ୍ ଧକ୍କା, ଯୁବକ ଆହତ

**ଯଖପୁରା, ୩୧।୧(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ଶାସନ ଛକରେ ଷଣ୍ଢ ସହ ବାଇକ୍ ଧକ୍କା ହୋଇଛି। ଏଥିରେ ଆରୋହୀ ଆହତ ହୋଇଛନ୍ତି। ମନୋହରପୁର ଗ୍ରାମର ସଚିନ ଖଟୁଆ କୌଣସି କାମରେ ଛକକୁ ଯାଇ ଫେରୁଥିବାବେଳେ ଷଣ୍ଢ ସହ ଧକ୍କା ହୋଇ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଦାନଗଦି ଡାକ୍ତରଖାନାକୁ ପଠାଇଥିଲେ। ସ୍ଥାନୀୟ ଗ୍ରାମବାସୀ ଦୁର୍ଘଟଣା ଘଟିଥିବା ସ୍ଥଳରେ ଦୁଇ ପାର୍ଶ୍ୱରୁ ଯାନବାହନ ଚଳାଚଳ ବନ୍ଦ କରିଥିଲେ। ଯଖପୁରା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ଯାନବାହନ ଚଳାଚଳ ସ୍ୱାଭାବିକ କରିଥିଲେ।

## ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ଆହତ

**କବାଟବନ୍ଧ, ୩୧।୧(ସମିସ):** ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ତାରିଣୀ ଛକ ନିକଟରେ ହାଇୱା ଓ ବାଇକ୍ ଧକ୍କା ହେବା ଫଳରେ ୨ ବାଇକ୍ ଆରୋହୀ ଆହତ ହୋଇଥିବା ଜଣାପଡ଼ିଛି। ଆହତଙ୍କ ପରିଚୟ ମିଳିପାରିନାହିଁ। ସେମାନେ ଯାଜପୁର ଟାଉନ ଅଞ୍ଚଳର ସୂଚନା ମିଳିଛି। ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ତାରିଣୀ ଛକରେ ନିର୍ମାଣାଧୀନ ଫ୍ଲାଏଓଭର ତଳେ ବାଇକ୍‌ରେ ୨ ଜଣ ରାସ୍ତା ଅତିକ୍ରମ କରୁଥିବାବେଳେ ଡୁବୁରୀ ପଟୁ ଚଣ୍ଡିଖୋଲ ଅଭିମୁଖେ ସର୍ଭିସ ରୋଡରେ ଯାଉଥିବା ଏକ ହାଇୱା ଧକ୍କା ଦେଇଥିଲା। ଫଳରେ ଉଭୟ ବାଇକ୍ ଆରୋହୀ ଆହତ ହୋଇଥିଲେ। ଜଣଙ୍କର ବାମ ଗୋଡ଼ ଭାଙ୍ଗି ଯାଇଥିବାବେଳେ ଅନ୍ୟଜଣଙ୍କ ବାମ ପାଦ ଖଣ୍ଡିଆ ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡ଼ିକାଲକୁ ପଠାଇଥିଲେ।

## ଚୋର ଗିରଫ, ୬ ବାଇକ୍ ଉଦ୍ଧାର



**ଯାଜପୁର, ୩୧।୧(ସମିସ):** ଗୋଟିଏ ଚୋରା ବାଇକ୍‌କୁ ଧରିବାକୁ ଯାଇ ୬ଟି ଚୋରା ବାଇକ୍‌କୁ ଉଦ୍ଧାର କରିଛି ଯାଜପୁରଟାଉନ ଥାନା ପୁଲିସ। ୨୪ ତାରିଖ ଦିନ ଯାଜପୁର ଜିଲ୍ଲା ସଦର ମହକୁମା ଡାକ୍ତରଖାନାରୁ ମଙ୍ଗଳପୁର କରାଣ୍ଡିପୁର ଅଞ୍ଚଳର ରଶ୍ମିରଞ୍ଜନ ଦାସଙ୍କ ବାଇକ୍ ଚୋରି ହୋଇଯାଇଥିଲା। ସେ ଯାଜପୁର ଟାଉନ ଥାନାରେ ଅଭିଯୋଗ କରିବା ପରେ ଏହାର ତଦନ୍ତ କରିବାକୁ ଯାଇ ନୂଆ ଗୋବିନ୍ଦପୁର ଗ୍ରାମର ମାନସ ପାଲ ଓରଫ ବାବୁକୁ ଗିରଫ କରିଥିଲା। ତଦନ୍ତ ସମୟରେ ତା' ନିକଟରୁ ୬ଟି ଚୋରା ବାଇକ୍ ଜବତ କରିଛି। ଆଜି ଏ ନେଇ ଏକ ମାମଲା ରୁଜୁ କରି ବାବୁକୁ କୋର୍ଟ ଚାଲାଣ କରାଯାଇଥିବା ଯାଜପୁର ଟାଉନ ଥାନା ଅଧିକାରୀ ଶରତ ପାତ୍ର ସୂଚନା ଦେଇଛନ୍ତି।

## ଗାଡ଼ି ଧକ୍କାରେ ଯୁବତୀ ମୃତ

**ରଗଡ଼ି, ୩୧।୧(ସମିସ):** କୋରେଇ ଥାନା ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥର ରଗଡ଼ି ଓଭରବ୍ରିଜ ଗଡ଼ାଣି ଲକ୍ଷ୍ମୀ ଟାଇଲ ଦୋକାନ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତ ଯୁବତୀ ପାଟରଙ୍ଗା ପଞ୍ଚାୟତ ଭାଲୁକାହୁଡ଼ି ଆଦିବାସୀ ସାହିର ଡୁକୁଡୁ ସାମାଡ଼ଙ୍କ ଝିଅ ସୁମତୀ ସାମାଡ଼ (୨୨) ବୋଲି ଜଣାପଡ଼ିଛି। ସେ ରାସ୍ତା ପାର ହେଉଥିବାବେଳେ ଯାଜପୁରରୋଡ ଆଡୁ କେନ୍ଦୁଝର ଅଭିମୁଖେ ଯାଉଥିବା କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସଡ଼କ ସାଥି କଳାକାର ବାରିକ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

## ମୃତକଙ୍କ ପରିବାରକୁ ଭେଟିଲେ ପ୍ରଣବ



**ମଙ୍ଗଳପୁର, ୩୧।୧(ସମିସ):** ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତର ସରପଞ୍ଚ ଅପର୍ଣ୍ଣା ସେଠୀ ତଥା ପ୍ରାକ୍ତନ ସରପଞ୍ଚ ରଶ୍ମିରଞ୍ଜନ ସେଠୀଙ୍କ ପିତା ନଟବର ସେଠୀଙ୍କ ବିୟୋଗ ଖବର ପାଇ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଆଜି ସନ୍ଧ୍ୟାରେ ସ୍ୱର୍ଗତ ସେଠୀଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏ ଅବସରରେ ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ଦୁଦୁରାଅନ୍ତା ପଞ୍ଚାୟତ ସମିତିସଭ୍ୟାଙ୍କ ପ୍ରତିନିଧି ଶିଶିର ରାଉତ, ଦୁଦୁରାଅନ୍ତାର ପୂର୍ବତନ ସରପଞ୍ଚ ଶରତ ତ୍ରିପାଠୀ, ଦୁଦୁରାଅନ୍ତା ପଞ୍ଚାୟତ ବିଜେଡି ସଭାପତି ପୀତାମ୍ବର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ବିଞ୍ଝାରପୁର, ୩୧।୧(ସମିସ):** ବ୍ରଜସୁନ୍ଦର ଉଚ୍ଚବିଦ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ବ୍ଲକ ପ୍ରଶାସନ ମିଳିତରେ ସହଯୋଗରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଞ୍ଜିତା ଦାସ, ଅନ୍ୟତମ ଅତିଥି ଭାବେ ବିଡିଓ ହିତାଂଶୁ ସାମଲ, ଉପାଧ୍ୟକ୍ଷ ସେକ ଇର୍ସାଦ ଯୋଗଦେଇଥିଲେ। ଏହି ଶିବିରରେ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ୬୯୪ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ଦୃଷ୍ଟିଶକ୍ତିବାଧିତ, ଶ୍ରବଣଶକ୍ତି, ବାକ୍‌ଶକ୍ତିବାଧିତ, ବୌଦ୍ଧିକ ଅକ୍ଷମତା ଡାକ୍ତର, ଅସ୍ଥିଶଲ୍ୟ ଡାକ୍ତରଙ୍କ ସମେତ ସ୍ଥାନୀୟ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କ୍ଷିତୀଶ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ପୃଷ୍ଟିଙ୍କ ସମେତ ବ୍ଲକ୍ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ବିଭିନ୍ନ ପଞ୍ଚାୟତ ସରପଞ୍ଚ ସମିତିସଭ୍ୟ ଉପସ୍ଥିତ ରହି ଚିକିତ୍ସାରେ ସହଯୋଗ କରିଥିଲେ। ଶିବିରରେ ଦିବ୍ୟାଙ୍ଗଙ୍କୁ ଆବଶ୍ୟକ ଉପକରଣ ଯୋଗାଇ ଦିଆଯାଇଥିଲା।

## ସୌମ୍ୟରଞ୍ଜନଙ୍କ ବ୍ରୋଞ୍ଜ ପଦକ ହାସଲ

**ଯାଜପୁର, ୩୧।୧(ସମିସ):** ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ରଗବୀ ଫୁଟବଲ ଦଳ ସେମିଫାଇନାଲରେ ମହାରାଷ୍ଟ୍ରଠାରୁ ୧୨-୭ରେ ପରାସ୍ତ ହୋଇ ତୃତୀୟ ସ୍ଥାନ ପାଇ ପଶ୍ଚିମବଙ୍ଗ ସହ ଖେଳି ୨୬-୧୦ରେ ବିଜୟୀ ହୋଇ ବ୍ରୋଞ୍ଜ୍ ପଦକ ପାଇଛି। ଓଡ଼ିଶା ଦଳରେ ଯାଜପୁର ଜିଲ୍ଲା ଦଶରଥପୁରର ସୌମ୍ୟରଞ୍ଜନ ସ୍ୱାଇଁ ଖେଳାଳି ଭାବେ ଚୟନ ହୋଇଥିବାବେଳେ ଦଶରଥପୁର ବ୍ଲକ ଛଣିନାର ଅଜୟ ପ୍ରଧାନ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଫକୀରମୋହନ ଟୁଡୁ, ବ୍ଲକ ଅଧିକାରୀ ଆକାଶ ପଟ୍ଟନାୟକ, ଜିଲ୍ଲା ରଗବୀ ଫୁଟବଲ୍ ଆସୋସିଏସନ୍‌ର ସଭାପତି ନାରାୟଣ ସାହୁ ଓ ସମ୍ପାଦକ ଭରତ ସାହୁ ଖେଳାଳି ସୌମ୍ୟରଞ୍ଜନ ସ୍ୱାଇଁ ଓ ମ୍ୟାନେଜର ଅଜୟ ପ୍ରଧାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଅସଦାଚରଣ ଆରୋପ ପରେ କୀଟନାଶକ ପିଇଥିବା ଶିକ୍ଷକଙ୍କ ମୃତ୍ୟୁ

**ଦଶରଥପୁର, ୩୧।୧ (ସମିସ):** ଲୋକ ଲଜ୍ଜା ଓ ସାମାଜିକ ପ୍ରତିଷ୍ଠାରେ ହାନି ହୋଇଥିବା ଆଶଙ୍କା କରି ଆତ୍ମହତ୍ୟା ଉଦ୍ଦେଶ୍ୟରେ କୀଟନାଶକ ପିଇଥିବା ଜଣେ ଶିକ୍ଷକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଶିକ୍ଷକଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବା ସହିତ ମୃତ ଶିକ୍ଷକଙ୍କ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି।



ସୂଚନା ମୁତାବକ, ଦଶରଥପୁର ଶିକ୍ଷାମଣ୍ଡଳ ଅଧୀନରେ ଥିବା ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ ପିକ୍‌ନିକ୍‌ରୁ ବସ୍‌ରେ ଫେରୁଥିବାବେଳେ ସେହି ସ୍କୁଲର ଶିକ୍ଷକ ମାନସ ରଞ୍ଜନ ମିଶ୍ର (୫୮) ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ୍ ୩୪/୨୫ ଓ ପକ୍‌ସୋ ଆଇନରେ ମାମଲା ରୁଜୁ କରି ତନାଘନା କରିବା ସହିତ ଶିକ୍ଷକଙ୍କ ପୁଅକୁ ଦୁଇଦିନ ଥାନାରେ ଅଟକ ରଖି ଛାଡ଼ିଦେଇଥିଲା। ଶିକ୍ଷକତାରୁ ଅବସର ନେବାକୁ ମାତ୍ର ୨ ବର୍ଷ ବାକିଥିବାବେଳେ ଉଚ୍ଚଶିକ୍ଷିତ ପୁଅକୁ ପୁଲିସ୍ ଥାନାରେ ଅଟକ ରଖିଥିବା ସୂଚନା ପାଇ ଶିକ୍ଷକ ଶ୍ରୀ ମିଶ୍ର ୨୮ ତାରିଖରେ ଆତ୍ମହତ୍ୟା ଉଦ୍ଦେଶ୍ୟରେ କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଚିକିତ୍ସାଧୀନ ଅବସ୍ଥାରେ ଆଜି ମଧ୍ୟାହ୍ନରେ ଶିକ୍ଷକ ଶ୍ରୀ ମିଶ୍ରଙ୍କ ମୃତ୍ୟୁ ହୋଇଥିଲା। କଟକ ମଙ୍ଗଳାବାଗ ଥାନା ପୁଲିସ୍ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶିକ୍ଷକଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ବ୍ଲକ ଶିକ୍ଷକ ଓ ଶିକ୍ଷୟିତ୍ରୀ ମହଲରେ ଶୋକର ଛାୟା ଖେଳିଯାଇଥିଲା।

ସେହିପରି ମୃତ ଶିକ୍ଷକଙ୍କ ଗ୍ରାମରେ ଘଟଣାକୁ ନେଇ ଘୋର ଉତ୍ତେଜନା ପ୍ରକାଶ ପାଇଥିଲା। ବହୁ ସଂଖ୍ୟାରେ ଗ୍ରାମବାସୀ ମୃତ ଶିକ୍ଷକଙ୍କ ବାସଭବନରେ ଏକତ୍ରିତ ହୋଇ ଘଟଣାର ନିନ୍ଦା କରିଥିଲେ। ଶିକ୍ଷକଙ୍କ ନାମରେ ହୋଇଥିବା ଅଭିଯୋଗକୁ ତାଙ୍କ ପରିବାର ଲୋକେ ଭିତ୍ତିହୀନ କହିଥିବାବେଳେ ସମ୍ପୃକ୍ତ ନାବାଳିକାଙ୍କ ପରିବାର ଲୋକେ ପୂର୍ବରୁ ଏଭଳି ଏକାଧିକ ଅଭିଯୋଗ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ କରିଥିବା ଅଭିଯୋଗ କରି ନାବାଳିକା ଛାତ୍ରୀଙ୍କ ପଲିଗ୍ରାଫ୍ ପରୀକ୍ଷା କରିବାକୁ ଦାବି କରିଥିଲେ।

### କଲେଜ ଛକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

## 'ଶିଶୁଙ୍କୁ ପୂର୍ଣ୍ଣ ମାନବରେ ପରିଣତ କରିବା, ସଂସ୍କାରିତ କରାଯିବା ଉଚିତ'



**ଯାଜପୁର, ୩୧।୧(ସମିସ):** ଛାତ୍ରଛାତ୍ରୀ ଦେଶର ଭବିଷ୍ୟତ। ସରସ୍ୱତୀ ଶିଶୁମନ୍ଦିର ହେଉଛି ମଣିଷ ତିଆରୀ କାରଖାନା। ଶିଶୁଙ୍କୁ ପୂର୍ଣ୍ଣ ମାନବରେ ପରିଣତ କରିବା, ସଂସ୍କାରିତ କରାଯିବା ଉଚିତ। ଏହି ଅନୁଷ୍ଠାନକୁ ଭଲ ମଣିଷ ଗଢ଼ିବା ପାଇଁ କଲେଜ ଛକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଅତିଥିମାନେ ପରାମର୍ଶ ଦେଇଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଗଣେଶ୍ୱର ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନବଭାରତୀ ବିଦ୍ୟାଭବନର ପ୍ରଧାନଶିକ୍ଷକ ଡକ୍ଟର ଗିରିଶ ବିହାରୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେବା ସହ ୩୦ଟି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତାକୁ ରକ୍ଷା କରିବା ପାଇଁ ଏହି ଅନୁଷ୍ଠାନ ପ୍ରତିଷ୍ଠିତ। ଅତୀତରେ ଗୁରୁକୂଳ ଆଶ୍ରମ ଉପରେ ଆଲୋକପାତ କରିବା ସହିତ ଏହି ବିଦ୍ୟାଳୟର ଆଦର୍ଶ ଚିନ୍ତାଧାରାରେ ଛାତ୍ରଛାତ୍ରୀ ବଢୁଛନ୍ତି ବୋଲି ସୂଚନା ଦେଇଥିଲେ। ଶିଶୁଙ୍କୁ ପୂର୍ଣ୍ଣ ମାନବରେ ପରିଣତ କରିବା, ସଂସ୍କାରିତ କରିବା ଏହି ଅନୁଷ୍ଠାନର ମୂଳଲକ୍ଷ୍ୟ। ମୁଖ୍ୟବକ୍ତା ଭାବେ ବରିଷ୍ଠ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଯୋଗଦେଇ ସମ୍ପ୍ରତି ସମାଜକୁ ନଷ୍ଟ କରିବାର ପ୍ରବୃତ୍ତି ଚଳାଇଛି ବୋଲି ସୂଚନା ଦେବା ସହିତ ଦେଶ ଓ ରାଷ୍ଟ୍ର ପାଇଁ ଛାତ୍ରଛାତ୍ରୀ ଚିନ୍ତା କରିବା ପାଇଁ ପରାମର୍ଶ ଦେଇଥିଲେ। ଭାରତୀୟ ସଂସ୍କୃତିକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ସମାଜର ଅଜ୍ଞାନ, ଅନ୍ୟାୟ, ଅଭାବ, ସେବାହୀନତା ଏହି ୪ଟି ଶତ୍ରୁ ବୋଲି ସୂଚନା ଦେବା ସହିତ ଚରିତ୍ର ଗଠନ ସେବା ଓ କର୍ତ୍ତବ୍ୟପରାୟଣ ହେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଗୁରୁମା ମୋନାଲିସା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଡଃ ନିତ୍ୟାନନ୍ଦ ମିଶ୍ର ସମ୍ପାଦକୀୟ ବିବରଣୀ, ପ୍ରଧାନ ଆଚାର୍ଯ୍ୟ ଅଶୋକ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏ ଅବସରରେ ବିଦ୍ୟାଳୟର ମୁଖପତ୍ର 'ଶ୍ୱେତଗଙ୍ଗା' ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ବଡ଼ଚଣା, ୩୧।୧(ସମିସ):** ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ ପକ୍ଷରୁ ବିଚାରପତିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲ କୋର୍ଟରେ ଦୁଇବର୍ଷ ଛ ମାସ ଦଶ ଦିନ କାର୍ଯ୍ୟ କରିଥିବା ପରବିନ ମଣ୍ଡଳଙ୍କ ରାଉରକେଲା ଏସ୍‌ଡିଜେଏମ୍ ଭାବେ ଅନ୍ୟତ୍ର ବଦଳି ହେବା ପରେ ବାର୍ ଆସୋସିଏସନ ପକ୍ଷରୁ ତାଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବାର୍ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଦୌରାଜଜ ଗୋପବନ୍ଧୁ ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ସବ୍‌ଜଜ ଦୀପକ ସାହୁ, ଜେଏମ୍‌ଏଫ୍‌ସି ଶ୍ରୁତି ଅଭିଲାଷା ଯୋଗ ଦେଇଥିଲେ। ପ୍ରାରମ୍ଭିକ ସୂଚନା ବାର ସମ୍ପାଦକ ପ୍ରକାଶ କୁମାର ଦାଶ ଦେବା ପରେ ସଭାରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ସଭାରେ ବାର୍ ଆସୋସିଏସନର ପୂର୍ବତନ ସଭାପତି ଶରତ ଷଡ଼ଙ୍ଗୀ, ପ୍ରତାପ ଦାସ, ଜନ ବେହେରା, ଶରତ ବଳ, ପ୍ରେମାନନ୍ଦ ବେହେରା, ସୁରେଶ ସାହାଣୀ, ବୀରେନ୍ ବିଶ୍ୱାଳଙ୍କ ସମେତ ବହୁ ଆଇନଜୀବୀ ଯୋଗ ଦେଇଥିଲେ।

## ପୂର୍ବତନ ସମିତିସଭ୍ୟଙ୍କ ପରଲୋକ

**ବ୍ରହ୍ମବରଦା, ୩୧।୧(ସମିସ):** ବ୍ରହ୍ମବରଦା ଥାନା ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତ ଲଙ୍କାବାଲି ସାହି ଗ୍ରାମର ପୂର୍ବତନ ସମିତି ସଭ୍ୟ ସୁଶାନ୍ତ ସାହୁଙ୍କ ପରଲୋକ ଘଟିଛି। ଗୁରୁବାର ରାତି ୧୦ଟାରେ ଶ୍ରୀ ସାହୁ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଯାଜପୁର ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ନିଜ ଗ୍ରାମ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବନ୍ଧୁକ ଦେଖାଇ ୮୦ ହଜାର ଟଙ୍କା ଲୁଟ୍

**ଧର୍ମଶାଳା/କବାଟବନ୍ଧ, ୩୧।୧(ସମିସ):** ଧର୍ମଶାଳା ଥାନା ଜେନାପୁର-ନାକପୋଲ କେନାଲ ବନ୍ଧ ରାସ୍ତାର ଇମାମନଗରଠାରେ ବନ୍ଧୁକ ଦେଖାଇ ଜଣେ ଫାର୍ମା କର୍ମଚାରୀଙ୍କଠାରୁ ୮୦ ହଜାର ଟଙ୍କା ସହ ବାଇକ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ସୂଚନା ମୁତାବକ, ଜାରକାସ୍ଥ ଏକ ଫାର୍ମା କମ୍ପାନୀର କର୍ମଚାରୀ ରଞ୍ଜିତ ସେଠୀ ଆଜି ବାଇକ୍‌ରେ ଡୁବୁରୀରୁ କଲେକ୍ସନ କରି ଜାରକା ଫେରୁଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୨ଟା ସମୟରେ ଇମାମନଗର ନିକଟସ୍ଥ ନିଛାଟିଆ ସ୍ଥାନରେ ୨ ଜଣ ଦୁର୍ବୃତ୍ତ ପଲସରରେ ଆସି ବନ୍ଧୁକ ଫୁଟାଇ ଭୟଭୀତ କରି ବ୍ୟାଗରେ ଥିବା ୭୦ ହଜାର ଟଙ୍କା ସହ ବାଇକ୍ ଲୁଟି ନେଇ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନେ ଫାର୍ମା କର୍ମଚାରୀଙ୍କ ବାଇକ୍ ନେଇ ଫେରାର ହୋଇଯାଇଥିବାବେଳେ ସେମାନେ ବ୍ୟବହାର କରିଥିବା ପଲସରକୁ ସେଠାରେ ଛାଡ଼ିଯାଇଥିଲେ। ତେବେ ପଲସର ଗାଡ଼ିକୁ ଦୁର୍ବୃତ୍ତମାନେ ଆଜି କେଉଁ ଅଞ୍ଚଳରୁ ଚୋରି କରିଆଣିଥିବା ଶୁଣିବାକୁ ମିଳୁଛି। ଖବର ପାଇ ଧର୍ମଶାଳା ପୁଲିସ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପୁଲିସ ଦୁର୍ବୃତ୍ତଙ୍କ ସମ୍ପର୍କରେ କୌଣସି ତଥ୍ୟ ପାଇପାରି ନ ଥିବା ଜଣାପଡ଼ିଛି।

## ହାଇୱା ଧକ୍କାରେ ସ୍କୁଲ ଛାତ୍ରୀଙ୍କ ମୃତ୍ୟୁ; ପ୍ରତିବାଦରେ ରାସ୍ତାରୋକ

**ଦାନଗଦି, ୩୧।୧(ସମିସ)**



ଚୋରଦା-ଡୁବୁରୀ ରାସ୍ତାର ଦାନଗଦି ହାଟ ସମ୍ମୁଖରେ ଆଜି ପୂର୍ବାହ୍ନରେ ଦୁର୍ଘଟଣା ଘଟି ଜଣେ ସ୍କୁଲ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ଅନ୍ୟଜଣେ ଛାତ୍ରୀ ଆହତ ହୋଇଛନ୍ତି। ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳର ଲୋକେ ରାସ୍ତାରୋକ କରିବା ଫଳରେ ଯାତାୟାତ ବନ୍ଦ ହୋଇଯାଇଥିଲା। ମୃତ ଛାତ୍ରୀ ସ୍ଥାନୀୟ ଗୋପାଳପୁର ଗାଁର ଅର୍ଚ୍ଚିତା

**ଦାନଗଦି ହାଟ ସମ୍ମୁଖରେ ଦୁର୍ଘଟଣା**

ବେହେରା(୧୪)। ଆହତ ଛାତ୍ରୀ ଜଣକ ଧୂଳିଗଡ଼ ଗାଁର ସଞ୍ଜୟ ବାରିକଙ୍କ ଝିଅ ଶ୍ରୀୟା (୧୪) ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ଆଜି ସକାଳ ପ୍ରାୟ ୧୦ଟା ସମୟରେ ଅର୍ଚ୍ଚିତା ଓ ଶ୍ରୀୟା ସ୍କୁଲକୁ ସାଇକଲରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅର୍ଚ୍ଚିତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାର ହେବା ପରେ ଉତ୍ତ୍ୟକ୍ତ ଲୋକେ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇ ବିଦ୍ୟାଳୟ ସାମ୍ନାରେ ରାସ୍ତାରୋକ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ଦାନଗଦି ଦମକଳ ବାହିନୀ ନିଆଁ ଲିଭାଇଥିଲେ। ଫଳରେ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ବିଦ୍ୟାଳୟ ସମ୍ମୁଖରେ ଏକ ଫ୍ଲାଏଓଭର ବ୍ରିଜ ନିର୍ମାଣ କରିବା, ବିଦ୍ୟାଳୟ ଖୋଲିବା ଓ ବନ୍ଦ ହେବା ସମୟରେ ପୁଲିସ ଟ୍ରାଫିକ ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲେ। ଦାନଗଦି ତହସିଲଦାର ରଞ୍ଜିତ ମଲ୍ଲିକ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ମୃତ ଛାତ୍ରୀଙ୍କ ପରିବାରକୁ ୩୦ ହଜାର ଟଙ୍କା ଓ ଆହତ ଛାତ୍ରୀଙ୍କୁ ୧୦ ହଜାର ଟଙ୍କା ଦେବା ସହ ସ୍କୁଲ ସମୟରେ ପୁଲିସ ମୁତୟନ ଓ ଓଭରବ୍ରିଜ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଐତିହାସିକ ବିଲ୍ ଆସିବ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୩୧।୧ (ଏଜେନ୍ସି): ସଂସଦର ମିଳିତ ଅଧିବେଶନକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ବୋଧନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦ ବାହାରେ ଗଣମାଧ୍ୟମରେ ବିବୃତି ରଖିଥିଲେ। ଏହି ଅଧିବେଶନରେ ଅନେକ ଐତିହାସିକ ବିଲ୍ ଉପସ୍ଥାପନ ହେବ ବୋଲି କହିଥିଲେ। ପ୍ରତ୍ୟେକ ନାରୀଙ୍କୁ ସମ୍ମାନର ଜୀବନଧାରଣ କରିବାକୁ ଦେବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ। ରିଫର୍ମ (ସଂସ୍କାର), ପରଫର୍ମ (ପ୍ରଦର୍ଶନ) ଏବଂ ଟ୍ରାନ୍ସଫର୍ମ (ପରିବର୍ତ୍ତନ) ହେବ। ଏଠାରେ ପ୍ରଧାନମନ୍ତ୍ରୀ ବିରୋଧୀ ଦଳଙ୍କୁ ମଧ୍ୟ ସମାଲୋଚନା କରିଥିଲେ। ୨୦୧୪ ପରେ ପ୍ରଥମ ଥର ପାଇଁ ସଂସଦ ଅଧିବେଶନ ପୂର୍ବରୁ କୌଣସି ବିଦେଶୀ ହସ୍ତକ୍ଷେପ ହୋଇନାହିଁ ବୋଲି କହିଥିଲେ। ବଜେଟ ଅଧିବେଶନର ଦିନେ କିମ୍ବା ଦୁଇ ଦିନ ପୂର୍ବରୁ ଅଶାନ୍ତି ସୃଷ୍ଟି କରିବା ପାଇଁ ପ୍ରୟାସ କରାଯାଇ ନାହିଁ। ବିଦେଶରୁ ନିଆଁ ଲଗାଇବାର କୌଣସି ପ୍ରୟାସ ହୋଇନାହିଁ। ୨୦୧୪ଠାରୁ ପ୍ରାୟ ପ୍ରତ୍ୟେକ ଅଧିବେଶନ ପୂର୍ବରୁ ନିଆଁ ଲଗାଇବାକୁ ଲୋକେ ଚାହିଁ ରହୁଥିଲେ। ଆଉ ଏଠାରେ ବସୁଥିବା କିଛି ଲୋକ ଏହି ନିଆଁକୁ ଉଗ୍ର କରୁଥିଲେ। ସୂଚନାଯୋଗ୍ୟ ଯେ ଆମେରିକା ବ୍ୟବସାୟୀ ଜର୍ଜ ସୋରୋସଙ୍କ ସହ କଂଗ୍ରେସର ସମ୍ବନ୍ଧ ଥିବା ନେଇ ବିଜେପି ଅଭିଯୋଗ କରିଆସୁଛି। ଉଭୟେ ମିଶି ସଂସଦରେ ଦେଶ ବିରୋଧୀ ଏଜେଣ୍ଡା ଚଳାଉଛନ୍ତି।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସବୁବେଳେ ଏପରି କରିଥାନ୍ତି। ସେ ଲୋକଙ୍କ ସମସ୍ୟା ବିଷୟରେ କେବେବେଳେ କଥା ହୋଇ ନ ଥାଆନ୍ତି। ସେହିପରି ସାଂସଦ କାର୍ତ୍ତି ଚିଦମ୍ବରମ କହିଛନ୍ତି ଯେ ଗତ ୧୦ ବର୍ଷ ହେଲା ଦେଶରେ ବିଦେଶୀ ହସ୍ତକ୍ଷେପ ହେଉଥିବା ନେଇ ପ୍ରଧାନମନ୍ତ୍ରୀ ଦେଇଥିବା ମନ୍ତବ୍ୟ ବିଚଳିତ କରିଦେଉଛି। ସେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ପ୍ରତ୍ୟେକ ଫୋରମରେ ଏହାର ପର୍ଦ୍ଦାଫାସ କରିବା ଉଚିତ।

# ଏକମାତ୍ର ଲକ୍ଷ୍ୟ 'ବିକଶିତ ଭାରତ': ରାଷ୍ଟ୍ରପତି

ନୂଆଦିଲ୍ଲୀ, ୩୧।୧ (ଏଜେନ୍ସି): ଅଷ୍ଟାଦଶ ଲୋକସଭାର ବଜେଟ ଅଧିବେଶନ ଶୁକ୍ରବାର ସକାଳ ୧୧ଟାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଲୋକସଭା ଏବଂ ରାଜ୍ୟସଭାର ମିଳିତ ବୈଠକକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧନ କରିଛନ୍ତି। ସେ ବାବାସାହେବ ଆମ୍ବେଦକରଙ୍କ ଏବଂ ସମସ୍ତ ସମ୍ବିଧାନ ପ୍ରଣେତାଙ୍କ ସହିତ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ଅଭିଭାଷଣ ଆରମ୍ଭ କରିଛନ୍ତି। ୫୯ ମିନିଟ୍‌ର ସମ୍ବୋଧନରେ ରାଷ୍ଟ୍ରପତି ସରକାରଙ୍କ ସଫଳତା, ଜନକଲ୍ୟାଣ ଯୋଜନା, ବିଭିନ୍ନ କ୍ଷେତ୍ରରେ କରାଯାଇଥିବା ଉଲ୍ଲେଖନୀୟ କାର୍ଯ୍ୟ ସହିତ ମହାକୁମ୍ଭର ମହତ୍ତ୍ୱ ବିଷୟରେ ସୂଚନା ଦେଇଛନ୍ତି। ରାଷ୍ଟ୍ରପତି କହିଛନ୍ତି ଯେ ସରକାରଙ୍କ କେବଳ ଗୋଟିଏ ମାତ୍ର ସଙ୍କଳ୍ପ ଏବଂ ଲକ୍ଷ୍ୟ ରହିଛି। ଏହା ହେଉଛି 'ବିକଶିତ ଭାରତ'। ଏକ ଦଶନ୍ଧିର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ଏହି ଲକ୍ଷ୍ୟକୁ ନୂଆ ଶକ୍ତି ଯୋଗାଇଛି। ବିକଶିତ ଭାରତରେ ଜନସାଧାରଣଙ୍କ ସାମୂହିକ ଶକ୍ତି, ଦେଶର ଆର୍ଥିକ ବିକାଶକୁ ନେଇ ଏକ ଦୃଢ଼ ଲକ୍ଷ୍ୟ, ଡିଜିଟାଲ ବିପ୍ଳବରେ ଜ୍ଞାନକୌଶଳର ଶକ୍ତି ଏବଂ ଆଧୁନିକ ଭିତ୍ତିଭୂମିର ସଦୃଢ଼ ମୂଳଦୁଆ ରହିଛି। ଭାରତକୁ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ କରିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି। ଏହାକୁ ସାକାର କରିବା ପାଇଁ ସରକାର ସେବା, ସୁଶାସନ, ସମୃଦ୍ଧି ଏବଂ ଗୌରବକୁ ପ୍ରମୁଖ ସିଦ୍ଧାନ୍ତ ଭାବେ ଆପଣାଇଛନ୍ତି। 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ' ସରକାରଙ୍କ ମନ୍ତ୍ର ରହିଛି।

ରାଷ୍ଟ୍ରପତି କହିଛନ୍ତି ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଡିଜିଟାଲ ଟେକ୍ନୋଲୋଜି ଆପଣାଇବା ମାମଲାରେ ଭାରତ ବିଶ୍ୱକୁ ମାର୍ଗ ଦେଖାଉଛି। ଦକ୍ଷତା ସୂଚକାଙ୍କରେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି। ୟୁପିଆଇ ଟେକ୍ନୋଲୋଜି ସଫଳ ହୋଇଛି। ୫୦ ପ୍ରତିଶତରୁ ଅଧିକ ରିୟଲଟାଇମ ଟ୍ରାଞ୍ଜାକ୍ସନ ହେଉଛି। ଛୋଟ ଛୋଟ ଦୋକାନରେ ବ୍ୟାଙ୍କିଂ ସେବା, ୟୁପିଆଇ ଭଳି ସୁବିଧା ଉପଲବ୍ଧ ରହିଛି। ୫ ଲକ୍ଷରୁ ଅଧିକ 'କମର୍ସ ସର୍ଭିସ ସେଣ୍ଟର'ରେ ଅନେକ ସୁବିଧା ରହିଛି। ଡିଜିଟାଲ ଠକେଇ, ସାଇବର କ୍ରାଇମକୁ ବନ୍ଦ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। 'ଗ୍ଲୋବାଲ

**ଆଧୁନିକ ଭିତ୍ତିଭୂମି ଦେଶକୁ ନୂଆ ଆତ୍ମବିଶ୍ୱାସ ଦେଇଛି**

**ଟେକ୍ନୋଲୋଜି କ୍ଷେତ୍ରରେ ଭାରତ ବିଶ୍ୱକୁ ମାର୍ଗ ଦେଖାଉଛି**

**କ୍ଷୁଦ୍ର ବ୍ୟବସାୟୀ ଦେଶର ମେରୁଦଣ୍ଡ**

**୩ କୋଟି ଲୋକଙ୍କୁ ମିଳିବ ଘର**



ସାଇବର ସିକ୍ୟୁରିଟି ଇଣ୍ଡେକ୍ସ'ରେ ଭାରତ ଟିୟର ୱାନ ଷ୍ଟାଟସ୍ ହାସଲ କରିଛି। ସେହିପରି ଆଧୁନିକ ଭିତ୍ତିଭୂମି ଦେଶକୁ ନୂଆ ଆତ୍ମବିଶ୍ୱାସ ଦେଇଛି। ଦେଶ ଅନେକ ଉପଲବ୍ଧି ହାସଲ କରିଛି। ୧୦ ବର୍ଷ ତଳେ ଭିତ୍ତିଭୂମି ବଜେଟ ୨ ଲକ୍ଷ କୋଟି ଥିବାବେଳେ ଏବେ ଏହା ୧୧ ଲକ୍ଷ କୋଟିରୁ ଅଧିକ ରହିଛି। 'ଇଜ୍ ଅଫ୍ ଡୁଇଁ ବିଜ୍‌ନେସ'ରେ ଏକ ଦେଶ ଏକ ଟିକସ, ମେକ୍ ଇନ୍ ଇଣ୍ଡିଆ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସରକାର କ୍ଷୁଦ୍ର ବ୍ୟବସାୟୀଙ୍କୁ ଦେଶର ମେରୁଦଣ୍ଡ ମାନିଛନ୍ତି। 'ଡିପ୍ ୱାଟର ମେଗା ପୋର୍ଟ' ପ୍ରକଳ୍ପ ଆରମ୍ଭ କରାଯାଇଛି। ଏହା ବିଶ୍ୱର ୧୦ ପ୍ରମୁଖ ବନ୍ଦରରେ ସାମିଲ ହେବ। ଏହା ବ୍ୟତୀତ ଶ୍ରୀନଗର-ବାରାମୂଳା ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଯାଇଛି। କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ରେଳ ଲାଇନ ସଂଯୋଗ ହୋଇଯାଇଛି।

ଚାଷୀଙ୍କୁ ନେଇ ରାଷ୍ଟ୍ରପତି କହିଛନ୍ତି ଯେ କୃଷକଙ୍କୁ ଉଚିତ ଦାମ୍ ଦେବାକୁ ଏବଂ ଆୟ ବଢ଼ାଇବାକୁ ସରକାର କାମ କରୁଛନ୍ତି। ୩୩୨ ନିୟୁତ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି। ଖରିଫ ଏବଂ ରବି ଫସଲର ଏମ୍ଏସ୍‌ପି ବୃଦ୍ଧି କରାଯାଇଛି। ୧୦୯ ଉନ୍ନତ କିସମ ଚାଷୀଙ୍କୁ ପ୍ରଦାନ କରାଯାଇଛି। ଜୈବିକ ଚାଷ ପାଇଁ ରାଷ୍ଟ୍ରୀୟ ଅଭିଯାନ ଆରମ୍ଭ ହୋଇଛି। ସେହିପରି ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ଲାଗି ସହାୟତା ଯୋଜନା ଆରମ୍ଭ କରାଯାଇଛି। ୫୦୦ କମ୍ପାନୀରେ ଇଣ୍ଟର୍ଣ୍ଣସିପ୍ ଦିଆଯାଉଛି। ପ୍ରଶ୍ନପତ୍ର ପ୍ରଘଟ ବନ୍ଦ କରିବା ପାଇଁ ନୂଆ ଆଇନ କାର୍ଯ୍ୟକାରୀ କରାଯାଇଛି। ଗ୍ରାମ ସଡ଼କ ଯୋଜନା ପାଇଁ ସରକାର ୨୬ ହଜାର କୋଟି ଟଙ୍କା ମଞ୍ଜୁରି ଦେଇଛନ୍ତି। ଗତ ୧୭ ମାସରେ ୧୭ ବନ୍ଦେ ଭାରତ ଏକ୍ସପ୍ରେସ ଏବଂ ଗୋଟିଏ ନମୋ ଭାରତ ଟ୍ରେନ ସାମିଲ କରାଯାଇଛି। ଗରିବଙ୍କ ଉତ୍ତମ ଜୀବନଯାପନ ଲାଗି ପ୍ରୟାସ କରାଯାଉଛି। ୨୫ କୋଟି ଲୋକେ ଗରିବୀକୁ ପରାସ୍ତ କରି ଆଗକୁ ବଢ଼ିଛନ୍ତି। ସେହିପରି ସରକାର ତିନି କୋଟି ଲୋକଙ୍କୁ ଘର ଦେବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫, ୩୬,୦୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସ୍ୱାମୀତ୍ୱ ଯୋଜନାରେ ୨.୨୫ କୋଟି ସମ୍ପତ୍ତି କାର୍ଡ ଜାରି କରାଯାଇଛି। ଗତ ୬ ମାସରେ ୭୦ ଲକ୍ଷ ସମ୍ପତ୍ତି କାର୍ଡ ଜାରି କରାଯାଇଛି। ଏକ ଦେଶ ଏକ ନିର୍ବାଚନ ଏବଂ ୱାକଫ ସଂଶୋଧନ ପାଇଁ କାମ ଚାଲିଛି। ଦେଶ ଦୃଢ଼ତାର ସହ ନିଷ୍ପତ୍ତି ନେଇପାରୁଛି।

**ସଂସଦର ବଜେଟ ଅଧିବେଶନ ଆରମ୍ଭ**

ରାଷ୍ଟ୍ରପତି କହିଛନ୍ତି ଯେ ଆଜି ସମସ୍ତଙ୍କର ବିକାଶ ହେଉଛି। ଦଳିତ, ବଞ୍ଚିତ ଆଦିବାସୀ ସମାଜକୁ ଏହାର ଲାଭ ମିଳୁଛି। ଯେଉଁ ଜନଜାତିଙ୍କୁ ଉପେକ୍ଷା କରାଯାଉଥିଲା ସେମାନଙ୍କ ଉନ୍ନତିକୁ ସରକାର ପ୍ରାଥମିକତା ଦେଉଛନ୍ତି। ୭୭୦ରୁ ଅଧିକ ଏକଲବ୍ୟ ବିଦ୍ୟାଳୟ ଖୋଲି ଆଦିବାସୀ ଶିଶୁଙ୍କୁ ଶିକ୍ଷା ଦିଆଯାଉଛି। ୮୦ ହଜାର କୋଟି ଟଙ୍କା ବ୍ୟୟରେ ଆଦିବାସୀ ସମ୍ପ୍ରଦାୟର କୋଟି ଲୋକଙ୍କ ପାଇଁ 'ଧରିତ ଆବା ଆଦିବାସୀ ଗ୍ରାମ ଉତ୍କର୍ଷ' ଯୋଜନା ଆରମ୍ଭ କରାଯାଇଛି।

୩୦ ନୂଆ ମେଡିକାଲ କଲେଜ ଖୋଲାଯାଇଛି। ସ୍ୱାସ୍ଥ୍ୟସେବା ପାଇଁ ୫ କୋଟି ଲୋକଙ୍କ ସ୍କ୍ରିନିଂ କରାଯାଇଛି। କର୍କଟ ଔଷଧକୁ ଶୁଳ୍କ ମୁକ୍ତ କରାଯାଇଛି। ଗର୍ଭାଶୟ କର୍କଟ ଚିହ୍ନଟ ପାଇଁ ୯ କୋଟି ମହିଳାଙ୍କ ସ୍କ୍ରିନିଂ କରାଯାଇଛି। ହସ୍ପିଟାଲ, ଚିକିତ୍ସା ଏବଂ ସେବା ପାଇଁ ପରିବାରର ବ୍ୟୟ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ଲକ୍ଷେ ୭୫ ହଜାର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ କରାଯାଇଛି ବୋଲି ରାଷ୍ଟ୍ରପତି କହିଛନ୍ତି।

# ସ୍ପେସ୍‌ୱାକ୍‌ରେ ରେକର୍ଡ କଲେ ସୁନିତା ୱିଲିୟମ୍ସ



ୱାସିଂଟନ, ୩୧।୧ (ଏଜେନ୍ସି): ନାସା ଭୁଲ୍ ପାଇଁ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ଫସି ରହିଥିବା ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନିତା ୱିଲିୟମ୍ସ ସ୍ପେସ୍‌ୱାକ୍ (ମହାକାଶରେ ଚାଲିବା) ରେକର୍ଡ କରିଛନ୍ତି। ସେ ମହାକାଶରେ ସର୍ବାଧିକ ସମୟ ପର୍ଯ୍ୟନ୍ତ ସ୍ପେସ୍‌ୱାକ୍ କରିଥିବା ମହାକାଶଚାରୀ ହୋଇଛନ୍ତି। ସୁନିତା ଗୁରୁବାର ସନ୍ଧ୍ୟାରେ ସହଯୋଗୀ ମହାକାଶଚାରୀ ବୁଚ୍ ୱିଲମୋରଙ୍କ ସହ ଭାରତୀୟ ସମୟ ପ୍ରାୟ ୬ଟା୩୦ରେ ଆଇଏସ୍ଏସ୍ ବାହାରେ ସ୍ପେସ୍‌ୱାକ୍ ଆରମ୍ଭ କରିଥିଲେ। ଏହା ପ୍ରାୟ ୫.୫ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟରେ ଉଭୟ ମହାକାଶଚାରୀ ଆଇଏସଏସର ବାହାର ଅଂଶ ସଫା କରିଥିଲେ। ପରୀକ୍ଷଣ ପାଇଁ ସୂକ୍ଷ୍ମଜୀବଙ୍କ ନମୁନା ସଂଗ୍ରହ କରିଥିଲେ। ଭାଙ୍ଗି ଯାଇଥିବା ଆଣ୍ଟିନାକୁ ମଧ୍ୟ ଅଲଗା କରିଥିଲେ। ଏହାକୁ ମିଶାଇ ସୁନିତା ୯ ଥର ସ୍ପେସ୍‌ୱାକ୍ କଲେଣି। ଏ ପର୍ଯ୍ୟନ୍ତ ମୋଟ ୬୨ ଘଣ୍ଟା ୬ ମିନିଟ୍ ସ୍ପେସ୍‌ୱାକ କରି ସେ ମହାକାଶଚାରୀ ପେଗି ହ୍ୱିଟସନ୍‌ଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି। ପେଗି ୬୦ ଘଣ୍ଟା ୨୧ ମିନିଟ ପର୍ଯ୍ୟନ୍ତ ସ୍ପେସ୍‌ୱାକ୍ କରିଥିଲେ।

**ଏ ପର୍ଯ୍ୟନ୍ତ ସ୍ପେସ ଷ୍ଟେସନ ବାହାରେ କଟାଇଲେଣି ୬୨.୬ ଘଣ୍ଟା**

# ପ୍ରଥମ ଭାରତୀୟ ଭାବେ ଆଇଏସ୍ଏସ୍‌କୁ ଯିବେ ଶୁଭାଂଶୁ

ନୂଆଦିଲ୍ଲୀ, ୩୧।୧ (ଏଜେନ୍ସି): ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ବାୟୁସେନାର ପାଇଲଟ ଶୁଭାଂଶୁ ଶୁକ୍ଲା ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)କୁ ଯାତ୍ରା କରିବେ। ସେ ନାସାର 'ମିଶନ୍ - ଫୋର' ଅଭିଯାନରେ ସାମିଲ ହୋଇଛନ୍ତି। ଏହି ଅଭିଯାନରେ ଶୁଭାଂଶୁ ସ୍ପେଶ୍-ଏକ୍ସର ଡ୍ରାଗନ୍ ସ୍ପେଶକ୍ରାଫ୍ଟକୁ ଖୁବଶୀଘ୍ର ମହାକାଶକୁ ଯିବେ। ମହାକାଶଚାରୀ ପେଗି ହ୍ୱିଟସନ୍ ଏହି ୧୪ ଦିନିଆ ଅଭିଯାନର ନେତୃତ୍ୱ ନେଉଛନ୍ତି। ଆଉ ଶୁଭାଂଶୁ ଏହି ମିଶନ୍‌ର ପାଇଲଟ ହେବେ। ତାଙ୍କ ସହ ପୋଲାଣ୍ଡ ଏବଂ ହଙ୍ଗେରୀ ମହାକାଶଚାରୀ ମଧ୍ୟ ମହାକାଶକୁ ଯିବେ। ଏପ୍ରିଲ-ଜୁନ୍ ମାସ ମଧ୍ୟରେ ଏମାନେ ମହାକାଶକୁ ଯିବେ। ଏହା ପୂର୍ବରୁ ସେ ଇସ୍ରୋର ଗଗନଯାନ ଅଭିଯାନ ପାଇଁ ଚୟନ ହୋଇଥିଲେ। ଏଥିପାଇଁ ଶୁଭାଂଶୁ ପ୍ରଶିକ୍ଷଣ ମଧ୍ୟ ନେଇସାରିଛନ୍ତି।



# ବାସ୍ତୁଦୋଷ: ବଦଳିଲା ରାଜସ୍ଥାନ ବିଧାନସଭାର ଚିତ୍ର

ଜୟପୁର, ୩୧।୧ (ଏଜେନ୍ସି): ରାଜସ୍ଥାନ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହୋଇଯାଇଛି। ମାତ୍ର ସଦସ୍ୟ ବିଧାନସଭାକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏହାର ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ବଦଳି ଯାଇଛି। ତଳର କାର୍ପେଟ ରଙ୍ଗ ବଦଳାଇ ସବୁଜରୁ ଗୋଲାପୀ କରିଦିଆଯାଇଛି। ପ୍ରବେଶ ଦ୍ୱାରର ଦିଗ ପରିବର୍ତ୍ତନ କରାଯାଇଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ବାସ୍ତୁଦୋଷକୁ ନେଇ ଭୟଭୀତ ଭଜନଲାଲ ଶର୍ମାଙ୍କ ସରକାର ଏହି ପଦକ୍ଷେପ ନେଇଛନ୍ତି। ୧୬ ବିଧାୟକଙ୍କ ମୃତ୍ୟୁ ଏବଂ ବାଚସ୍ପତି ଚେତା ହରାଇ ପଡ଼ିବା ପରେ ସରକାରଙ୍କୁ ଏହି ଭୟ ଘାରିଥିଲା। ପରେ ବାସ୍ତୁବିତଙ୍କ ସହ ଯୋଗାଯୋଗ କରି ସରକାର ବିଧାନସଭାରେ ପ୍ରମୁଖ ପରିବର୍ତ୍ତନ କରିଥିଲେ। ବିଧାନସଭାକୁ ଦେଖି ଆଶ୍ଚର୍ଯ୍ୟ ହୋଇଥିବା ବିଧାୟକଙ୍କ ପ୍ରଶ୍ନର ଉତ୍ତର ଦେଇ ବାଚସ୍ପତି ବାସୁଦେବ ଦେବନାନୀ ନିଜେ ଏହି ସୂଚନା ଦେଇଛନ୍ତି। ବାସ୍ତୁଦୋଷ ପାଇଁ ଏଭଳି ପରିବର୍ତ୍ତନ କରାଗଲା। ଆଗାମୀ ଦିନରେ ମଧ୍ୟ ଆଉ କିଛି ପରିବର୍ତ୍ତନ କରାଯିବ ବୋଲି ସେ କହିଛନ୍ତି।

**୧୬ ବିଧାୟକଙ୍କ ମୃତ୍ୟୁ; ଚେତା ହରାଇଥିଲେ ବାଚସ୍ପତି**



ସୂଚନା ଅନୁଯାୟୀ ଏହି ବିଧାନସଭା କୋଠା ୨୦୦୧ରେ ନିର୍ମାଣ ହୋଇଥିଲା। ସେବେଠାରୁ ଏ ପର୍ଯ୍ୟନ୍ତ ପଦରେ ଥାଇ ୧୬ ବିଧାୟକ ପ୍ରାଣ ହରାଇଲେଣି। କିଛି ଦିନ ତଳେ ବାଚସ୍ପତିଙ୍କର ହୃଦ୍‌ଘାତ ହୋଇଥିଲା। ପ୍ରଥମେ ୨୦୦୨ରେ ଆଜମେର ପଶ୍ଚିମ ବିଧାୟକ କିଶନ ମୋଟୱାନୀ, ବର୍ଷେ ପରେ ବାନସୁର ବିଧାୟକ ଜଗତ ଦାୟମା, ସାଗୱାଡ଼ା ବିଧାୟକ ଭିଖାଭା, ୨୦୦୫ରେ ଲୁଣିର ବିଧାୟକ ତଥା ମନ୍ତ୍ରୀ ରାମସିଂହ ବିଷ୍ଣୋଇ, ୨୦୦୬ରେ ଡିଗ୍ ବିଧାୟକ ଅରୁଣ ସିଂହ, ଡୁଙ୍ଗରପୁରର ନାଥୁରାମ ଆହାରିଙ୍କ ମୃତ୍ୟୁ ହୋଇଥିଲା। କିଛି ବର୍ଷ ପାଇଁ ଏହି ମୃତ୍ୟୁ ଘଟଣା ବନ୍ଦ ରହିଥିଲା। ମାତ୍ର ୨୦୧୭ରୁ ପୁଣି ଏହା ବୃଦ୍ଧି ପାଇଥିଲା। ଏହି ବର୍ଷ ମାଣ୍ଡଲଗଡ଼ ବିଧାୟକ କୀର୍ତ୍ତି କୁମାରୀ, ୨୦୧୮ରେ ଧର୍ମପାଲ ଚୌଧୁରୀ, କଲ୍ୟାଣ ସିଂହ, ୨୦୨୦ରେ କୈଳାଶ ଚନ୍ଦ୍ର ତ୍ରିବେଦୀ, ମାଷ୍ଟର ଭୱର ଲାଲ ମେଘୱାଲ, କିରଣ ମାହେଶ୍ୱରୀ, ୨୦୨୧ରେ ଗଜେନ୍ଦ୍ର ସିଂହ ଶକ୍ତାୱତ, ଗୌତମ ଲାଲ ମିନା, ୨୦୨୨ରେ ଭୱର ଲାଲ ଶର୍ମା ଏବଂ ୨୦୨୪ରେ ଅମୃତ ଲାଲ ମିନାଙ୍କ ମୃତ୍ୟୁ ହୋଇଥିଲା। ଚଳିତ ବର୍ଷ ଜାନୁଆରୀ ୨୦ରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିବାବେଳେ ଦେବନାନୀଙ୍କୁ ହୃଦ୍‌ଘାତ ଆସିଥିଲା।

୨୦୦୧ରେ ପୂର୍ବତନ ଅଶୋକ ଗେହଲଟ ସରକାର ଏହି ନୂଆ ବିଧାନସଭାରେ କାର୍ଯ୍ୟାରମ୍ଭ କରିଥିଲେ। ସେହିଦିନଠାରୁ ବାସ୍ତୁଦୋଷକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଏହାକୁ ନେଇ ଅନେକ ଥର ପ୍ରଶ୍ନ ଉଠା ଯାଇଥିଲା। ଯଜ୍ଞ ଏବଂ ବେଦପାଠ ମଧ୍ୟ କରାଯାଇଥିଲା। ୧୬.୧ ଏକରରେ ବ୍ୟାପ୍ତ ଏହି ବିଧାନସଭା କୋଠାରେ ଅତ୍ୟାଧୁନିକ ସୁବିଧା ରହିଛି। ତେବେ ଆନୁଷ୍ଠାନିକ ଭାବେ ୮ ଥର ବାସ୍ତୁଦୋଷ ମାମଲା ଉଠିଛି। ପ୍ରଥମେ ଏହାକୁ ସେତେ ଗୁରୁତ୍ୱ ଦିଆଯାଇ ନ ଥିଲା। ମାତ୍ର ବିଧାୟକଙ୍କ ମୃତ୍ୟୁ ପରେ ସମସ୍ତେ ଚିନ୍ତା ପ୍ରକଟ କରିଥିଲେ। ସୂଚନା ଅନୁଯାୟୀ ବିନା ଉଦ୍‌ଘାଟନରେ ବିଧାନସଭାରେ କାର୍ଯ୍ୟାରମ୍ଭ ହୋଇଥିଲା। ପୂର୍ବତନ ରାଷ୍ଟ୍ରପତି କେଆର ନାରାୟଣନ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିଲା। ମାତ୍ର ଏହା ପୂର୍ବରୁ ସେ ଅସୁସ୍ଥ ହୋଇ ଯାଇଥିଲେ। ତେଣୁ ଉଦ୍‌ଘାଟନ କରିପାରି ନ ଥିଲେ।

ଇତିହାସରେ ପ୍ରଥମ

# ରାଷ୍ଟ୍ରପତି ଭବନରେ ହେବ ବିବାହ

ନୂଆଦିଲ୍ଲୀ, ୩୧।୧ (ଏଜେନ୍ସି): ଇତିହାସରେ ପ୍ରଥମ ଥର ପାଇଁ ରାଷ୍ଟ୍ରପତି ଭବନରେ ବିବାହର ହେବାକୁ ଯାଉଛି। ମଧ୍ୟପ୍ରଦେଶର ଶିବପୁରୀର ବାସିନ୍ଦା ପୁନମ ଗୁପ୍ତା ରାଷ୍ଟ୍ରପତି ଭବନରେ ବିବାହ କରିବାକୁ ଯାଉଛନ୍ତି। ସୂଚନା ଅନୁଯାୟୀ ପୁନମ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ)ର ଜଣେ ମହିଳା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏବଂ ରାଷ୍ଟ୍ରପତି ଭବନରେ ପିଏସଓ ଭାବେ କାର୍ଯ୍ୟ କରୁଛନ୍ତି। ସେ ଜମ୍ମୁ-କଶ୍ମୀରରେ ନିଯୁକ୍ତ ଥିବା ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅବନୀଶ କୁମାରଙ୍କୁ ଫେବୃଆରୀ ୧୨ରେ ରାଷ୍ଟ୍ରପତି ଭବନରେ ବାହା ହେବେ। ଏଥିପାଇଁ ଜୋର୍‌ସୋର୍‌ରେ ପ୍ରସ୍ତୁତି ଚାଲିଛି। ଏହି ବିବାହରେ କେବଳ ପୁନମଙ୍କ ନିକଟସ୍ଥ ସମ୍ପର୍କୀୟମାନେ ହିଁ ଯୋଗ ଦେବେ ବୋଲି ଜଣାପଡିଛି। ଏଥିପାଇଁ ପୁନମଙ୍କ ବାପାମାଆ ଦିଲ୍ଲୀରେ ପହଞ୍ଚି ସାରିଛନ୍ତି। ଏହି ବିବାହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ଅନେକ ବଡ଼ ରାଜନେତା ସାମିଲ ହେବେ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପିଏସଓ ଭାବରେ ନିଯୁକ୍ତ ପୁନମଙ୍କ ଆଚରଣ ଏବଂ ବ୍ୟବହାରରେ ଖୁବ୍ ପ୍ରଭାବିତ ହୋଇଛନ୍ତି। ପୁନମଙ୍କ ବିବାହ ସମ୍ପର୍କରେ ରାଷ୍ଟ୍ରପତି ଜାଣିବା ପରେ ସମସ୍ତ ବ୍ୟବସ୍ଥା କରିଥିଲେ। ଭବନର ମଦର ଟେରେସା କ୍ରାଉନ୍ କମ୍ପ୍ଲେକ୍ସରେ ତାଙ୍କ ବିବାହ ପାଇଁ ସମସ୍ତ ଆୟୋଜନ କରିଥିଲେ। ସୂଚନାଯୋଗ୍ୟ ଯେ ୟୁପିଏସସି ସିଏପିଏଫ ପରୀକ୍ଷା-୨୦୧୮ରେ ପୁନମ ୮୧ତମ ର୍ୟାଙ୍କ ହାସଲ କରିଥିଲେ। ପରେ ସେ ସିଆରପିଏଫରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ହୋଇଥିଲେ। ୨୦୨୪ର ଗଣତନ୍ତ୍ର ଦିବସରେ ହୋଇଥିବା ପରେଡରେ ପୁନମ ସିଆରପିଏଫର ମହିଳା ଦଳର ନେତୃତ୍ୱ ନେଇଥିଲେ।

# ଶମ୍ଭୁ ସୀମାରେ ଆଉ ଜଣେ ଚାଷୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୩୧।୧ (ଏଜେନ୍ସି): ପଞ୍ଜାବ ଏବଂ ହରିୟାଣାର ଶମ୍ଭୁ ସୀମାରେ ଆନ୍ଦୋଳନ କରୁଥିବା ଆଉ ଜଣେ ଚାଷୀ ପ୍ରଗଟ ସିଂହ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ସେ ଅମୃତସର ଲୋପୋକେ ଗ୍ରାମର ବାସିନ୍ଦା ଥିଲେ। ୨ ଏକର ଜମିର ମାଲିକ ପ୍ରଗଟଙ୍କ ୨ ସନ୍ତାନ ଅଛନ୍ତି। ଅନ୍ୟପକ୍ଷରେ ଶମ୍ଭୁ ଏବଂ ଖନୌରୀ ସୀମାରେ ଚାଲୁଥିବା ଏହି ଆନ୍ଦୋଳନ ୧୩ ତାରିଖରେ ବର୍ଷେ ପୂରଣ ହେବାକୁ ଯାଉଛି। ତେଣୁ ଉଭୟ ମୋର୍ଚ୍ଚାରେ ଚାଷୀଙ୍କ ସଂଖ୍ୟା ବୃଦ୍ଧି କରିବାକୁ ନେତା ଯୋଜନା କରୁଛନ୍ତି। ସୂଚନା ଅନୁଯାୟୀ ଏଠାରେ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ କୃଷକ ମହାପଞ୍ଚାୟତ ହେବାକୁ ଯାଉଛି। ଏହାକୁ ସଫଳ କରିବା ପାଇଁ ଚାଷୀ ନେତା ରଣନୀତି ପ୍ରସ୍ତୁତ କରୁଛନ୍ତି। ଅନ୍ୟପକ୍ଷରେ ଚାଷୀ ଜଗଜୀତ ଦଲ୍ଲେୱାଲଙ୍କ ଅନଶନ ଶୁକ୍ରବାର ୬୬ ଦିନରେ ପହଞ୍ଚିଛି।

## ମହାକୁମ୍ଭରେ ଦଳାଚକଟା ମାମଲା

# ନ୍ୟାୟିକ କମିସନଙ୍କ ପ୍ରଶ୍ନର ଉତ୍ତର ଦେଇପାରିଲେନି ଅଧିକାରୀ

ପ୍ରୟାଗରାଜ, ୩୧।୧ (ଏଜେନ୍ସି): ବିଶ୍ୱର ସବୁଠୁ ବଡ଼ ମେଳା ମହାକୁମ୍ଭ ଶୁକ୍ରବାର ୧୯ ଦିନରେ ପହଞ୍ଚିଛି। ଆଜି ସନ୍ଧ୍ୟା ସୁଦ୍ଧା ୧.୪ କୋଟି ଲୋକ ବୁଡ଼ ପକାଇଛନ୍ତି। ଏ ପର୍ଯ୍ୟନ୍ତ ମୋଟ ୩୧ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଲେଣି। ଏହା ମଧ୍ୟରେ ଗତ ୨୯ ତାରିଖରେ ହୋଇଥିବା ଦଳାଚକଟା ଘଟଣାର ତଦନ୍ତ ପାଇଁ ନ୍ୟାୟିକ ଟିମ୍ ପ୍ରୟାଗରାଜରେ ପହଞ୍ଚିଛନ୍ତି। ଅବସରପ୍ରାପ୍ତ ବିଚାରପତି ହର୍ଷ କୁମାରଙ୍କ ନେତୃତ୍ୱରେ ପୂର୍ବତନ ଡିଜି ଭିକେ ଗୁପ୍ତା ଏବଂ ଅବସରପ୍ରାପ୍ତ ଆଇଏଏସ ଡିକେ ସିଂହ ଏହାକୁ ନେଇ ସର୍କିଟ ହାଉସ (ପ୍ରଦକ୍ଷିଣ ଗୃହ)ରେ ବୈଠକ କରିଛନ୍ତି। ଏହି ବୈଠକରେ କମିଶନର (ପ୍ରୟାଗରାଜ ଜୋନ) ବିଜୟ ବିଶ୍ୱାସ ପନ୍ତ, ମେଳା ଅଧିକାରୀ ବିଜୟ କିରନ ଆନନ୍ଦ, ଏଡିଜି ଭାନ ଭାସ୍କର, ଡିଆଇଜି ବୈଭବ କୃଷ୍ଣଙ୍କ ସହିତ ଅନ୍ୟ ଅଧିକାରୀ ସାମିଲ ହୋଇଥିଲେ। ମାତ୍ର ଏହି ଅଧିକାରୀମାନେ ନ୍ୟାୟିକ ଟିମ୍ ପ୍ରଶ୍ନର ଉତ୍ତର ଦେଇପାରି ନ ଥିଲେ। ସବୁ ଅଧିକାରୀ ନିଜେ କରୁଥିବା କାର୍ଯ୍ୟର ପ୍ରଶଂସା କରିବାରେ ଲାଗିଥିଲେ। ଯଦି ସବୁ କିଛି ଠିକ୍ ଥିଲା ତେବେ ଅଘଟଣା କାହିଁକି ଘଟିଲା ବୋଲି ନ୍ୟାୟିକ ଟିମ୍ ପ୍ରଶ୍ନ କରିଥିଲେ।

ଆୟୋଗ ଅଧିକାରୀଙ୍କୁ ପ୍ରଶ୍ନବାଣ ମାରିଥିଲେ। ଏତେ ସଂଖ୍ୟକ ଶ୍ରଦ୍ଧାଳୁ ଆସିବେ ବୋଲି ଜାଣିବା ସତ୍ତ୍ୱେ ସୁରକ୍ଷା ବ୍ୟବସ୍ଥା ପାଇଁ କି ପଦକ୍ଷେପ ନିଆଯାଇଥିଲା? ସଙ୍ଗମ କ୍ଷେତ୍ର ବ୍ୟତୀତ ଆଉ କେଉଁଠି ଦଳାଚକଟା ହୋଇଥିଲା? ଗଣମାଧ୍ୟମରେ ଭାଇରାଲ ହେଉଥିବା ଭିଡିଓର କ'ଣ ସତ୍ୟତା ରହିଛି? ଝୁନ୍‌ସିରେ କୌଣସି ଅଘଟଣ ଘଟିଥିଲା କି? ସବୁ ଘଟଣାର ସିସିଟିଭି ଫୁଟେଜ ଦେଖାଇବାକୁ କମିଶନ କହିଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ କରାଯାଇଥିବା ଯୋଜନା ମାଗିଥିଲେ। ଅନ୍ୟପକ୍ଷରେ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି ଯେ ଦୁର୍ଘଟଣାର ସତ ଏବଂ ତଥ୍ୟ ଲୁଚାଇବା ଜଘନ୍ୟ ଅପରାଧ। ପ୍ରଚାର ପାଇଁ ଏବଂ ଦୁର୍ଘଟଣା ଖବର ଚପାଇବାକୁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ପୀଡ଼ିତଙ୍କ ପିଛା କିଛି କୋଟି ଟଙ୍କା ଖର୍ଚ୍ଚ କରିବାକୁ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି। ସୂଚନାଯୋଗ୍ୟ ଯେ ମୌନି ଅମାବାସ୍ୟା ଦିନ ଦଳାଚକଟା ଘଟିଥିଲା। ଏହି ଦୁର୍ଘଟଣାରେ ୩୫ରୁ ୪୦ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି।

**କୁମ୍ଭାଶ୍ଚର୍ଯ୍ୟ...**

# ମହାକୁମ୍ଭରେ ୧୦୦୮ ବୁଡ଼ ପକାଇ ବିଶ୍ୱ ରେକର୍ଡ



ପ୍ରୟାଗରାଜ, ୩୧।୧ (ଏଜେନ୍ସି): ସମଗ୍ର ବିଶ୍ୱର ଆକର୍ଷଣର କେନ୍ଦ୍ର ପାଲଟି ଯାଇଛି ମହାକୁମ୍ଭ। ଦେଶବିଦେଶରୁ କୋଟି କୋଟି ଲୋକ ସଙ୍ଗମରେ ବୁଡ଼ ପକାଇବାକୁ ଧାଇଁ ଆସୁଛନ୍ତି। ଆସ୍ଥାର ଏହି କେନ୍ଦ୍ରରେ ସାମିଲ ହୋଇ ଅନେକ ବାବା ଏବଂ ବ୍ୟକ୍ତି ଚର୍ଚ୍ଚାରେ ରହିଛନ୍ତି। ଏମାନଙ୍କ ମଧ୍ୟରେ ମଧୁବନି ଜିଲ୍ଲା ଡଙ୍ଗା ଗ୍ରାମର ଯୋଗାଚାର୍ଯ୍ୟ ରବି ବ୍ୟୋମ ଶଙ୍କର ଝା ସାମିଲ ହୋଇଛନ୍ତି। ସେ ୧୦୦୮ ଥର ବୁଡ଼ ପକାଇ ବିଶ୍ୱ ରେକର୍ଡ କରିଛନ୍ତି। ସୂଚନା ଅନୁଯାୟୀ ସେ ମୌନି ଅମାବାସ୍ୟା ଅବସରରେ ଏହି ବୁଡ଼ ପକାଇ ଥିଲେ। ଯୋଗ ସାଧନାରେ ନିପୁଣ ରବି ଝା ପୂର୍ବରୁ ଅନେକ ରେକର୍ଡ ନିଜ ନାମରେ କରିଥିଲେ। ସେ ଦୁବାଇର ଇଣ୍ଡିଆ କ୍ଲବରେ ୨୪ ଘଣ୍ଟା ପର୍ଯ୍ୟନ୍ତ ଜଳରେ ରହି ଯୋଗ କରିଥିଲେ। ଏହା ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଥିଲା।

## ବିଧାନସଭା ନିର୍ବାଚନ ପୂର୍ବରୁ କେଜ୍ରିୱାଲଙ୍କୁ ଝଟ୍‌କା

# ଦଳ ଛାଡ଼ିଲେ ୭ ବିଧାୟକ

ନୂଆଦିଲ୍ଲୀ, ୩୧।୧ (ଏଜେନ୍ସି): ଦିଲ୍ଲୀ ବିଧାନସଭା ନିର୍ବାଚନର ୫ ଦିନ ପୂର୍ବରୁ କ୍ଷମତାସୀନ ଆମ୍ ଆଦମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କୁ ବଡ଼ ଝଟ୍‌କା ଲାଗିଛି। ଶୁକ୍ରବାର ୭ ବିଧାୟକ ଦଳରୁ ଇସ୍ତଫା ଦେଇଛନ୍ତି। ବିଧାନସଭା ନିର୍ବାଚନରେ ଲଢ଼ିବା ପାଇଁ ଟିକଟ ନ ମିଳିବାରେ ଏମାନେ ଅସନ୍ତୁଷ୍ଟ ଥିଲେ। ମାତ୍ର ଏମାନେ ଦୁର୍ନୀତି ପାଇଁ ଇସ୍ତଫା ଦେଇଥିବା କହିଛନ୍ତି। ଏହି ବିଧାୟକମାନେ ହେଲେ ନରେଶ ଯାଦବ (ମେହରୌଲି), ରୋହିତ କୁମାର (ତ୍ରିଲୋକପୁରି), ରାଜେଶ ରିଷି (ଜନକପୁରି), ମଦନ ଲାଲ (କସ୍ତୁରବା ନଗର), ପୱନ ଶର୍ମା (ଆଦର୍ଶ ନଗର), ଭାୱନା ଗୌଡ (ପାଲମ) ଏବଂ ବିଏସ୍ ଜୁନ (ବିଜ୍ୱାଶନ)।

ନରେଶ ଯାଦବ କହିଛନ୍ତି ଯେ ଭାରତୀୟ ରାଜନୀତିକୁ ଦୁର୍ନୀତି ମୁକ୍ତ କରିବା ପାଇଁ ଆନ୍ନା ଆନ୍ଦୋଳନରୁ ଆପ୍‌ର ଅଭ୍ୟୁଦୟ ହୋଇଥିଲା। କିନ୍ତୁ ଦୁଃଖର ବିଷୟ ଏହି କି ଯେ ଆପ୍ ଦୁର୍ନୀତି ହ୍ରାସ କରିପାରି ନାହିଁ। ଏହି ଦଳ ନିଜେ ଦୁର୍ନୀତିରେ ଲିପ୍ତ ହୋଇସାରିଛି। ସେ ଦିଲ୍ଲୀ ମଦ ଦୁର୍ନୀତି ମାମଲା କଥା ମଧ୍ୟ ଉଲ୍ଲେଖ କରିଛନ୍ତି। ସେହିପରି ଭାବନା ଗୌଣ୍ଡ ଦଳର ମୁଖ୍ୟ ଅରବିନ୍ଦ କେଜ୍ରିୱାଲଙ୍କ



ନିଶାଣ କରିଛନ୍ତି। ସେ ଇସ୍ତଫା ପତ୍ରରେ କେଜ୍ରିୱାଲଙ୍କଠାରୁ ବିଶ୍ୱାସ ହରାଇଥିବା ଲେଖିଛନ୍ତି। ସୂଚନାଯୋଗ୍ୟ ଯେ ଆପ୍ ୧୭ ବିଧାୟକଙ୍କ ଟିକଟ କାଟି ଦେଇଥିଲା। ଗତ ଡିସେମ୍ବରରେ କୁରାନକୁ ଅପମାନିତ କରିବା ମାମଲାରେ ପଞ୍ଜାବ କୋର୍ଟ ନରେଶଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ୍ ଦଣ୍ଡ ଶୁଣାଇ ଥିଲେ। ଏହା ପରେ ଆପ୍ ତାଙ୍କୁ ଟିକଟ ଦେଇ ମହିନ୍ଦର ଚୌଧୁରୀଙ୍କୁ ପ୍ରାର୍ଥୀ କରିଥିଲା।

# ସମ୍ପାଦକୀୟ



ଭବିଷ୍ୟତ ଆକଳନ କରିବାର ସର୍ବୋତ୍ତମ ଉପାୟ ହେଉଛି ନିଜେ ଏହାକୁ ସୃଷ୍ଟି କରିବା।
-ଭାରତରତ୍ନ ଡ. ଏ ପି ଜେ ଅବଦୁଲ୍ କାଲାମ୍

ସକାଳ THE SAKALA

## ବଜେଟ୍ ବାଧ୍ୟବାଧକତା

ବ୍ୟବସ୍ଥାର ଅବସ୍ଥା ଦେଖିଲେ ମନରେ ଅନାସ୍ଥା ଭାବ ସୃଷ୍ଟି ହୁଏ। ପରିବର୍ତ୍ତନର ବାର୍ତ୍ତାବହ ମଧ୍ୟମ ବର୍ଗ ସମ୍ଭାବନାର ସଫଳତା ହାସଲ ସକାଶେ ସେମାନଙ୍କ ଅନ୍ତହୀନ ଅପେକ୍ଷାର ସରକାର ଯେପରି ପରୀକ୍ଷା ନେଉଛନ୍ତି। ତାହାର ଶେଷ କେଉଁଠି? ତଥାପି ମରିନି ଆଶା ଓ ବିଶ୍ୱାସ। କେନ୍ଦ୍ର ସରକାରଙ୍କ ୨୦୨୫-୨୬ ଅର୍ଥିକ ବର୍ଷର ବଜେଟ ନେଇ ସେମାନେ ଖୁବ୍ ଆଶାବାଦୀ। ସେମାନେ ଆଗତ ବଜେଟକୁ ଅନୁଶୀଳନ କରୁଥିବା ବେଳେ ଆମ ପ୍ରସ୍ତାବର ସମ୍ଭାବନା ଦିଗକୁ ନିଶ୍ଚୟ ତଉଲିବେ। ସୁଦୃଢ଼ ଗଣତନ୍ତ୍ର ଓ ଏହାର ଭବିଷ୍ୟତ ଯାହା ଉପରେ ନିର୍ଭରଶୀଳ, ସେମାନେ ଯଦି କ୍ରମାଗତ ଅବହେଳାର ସମ୍ମୁଖୀନ ହେବେ, ତେବେ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବା ଅସମ୍ଭବ ନୁହେଁ। ଆମ ଅର୍ଥନୀତିକୁ ଗତି ଦେଇ ଏକ ନୂଆ ଶିଖରରେ ପହଞ୍ଚାଇବା ଆଶାରେ ସରକାର କର୍ପୋରେଟ ସଂସ୍ଥାର ସ୍ୱାର୍ଥରକ୍ଷାକୁ ପ୍ରାଧାନ୍ୟ ଦେଇଆସିଥିବା ବେଳେ ଅନୁଗତ ମଧ୍ୟମବର୍ଗର ଆର୍ଥିକ ସ୍ଥିତିରେ ଦୟନୀୟ ଅବନିତି ଘଟିଲା। ଗୋଟିଏପକ୍ଷରେ ନୂଆ ନିବେଶ ମାଧ୍ୟମରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇ ନ ଥିବାବେଳେ ବର୍ଦ୍ଧିତ ମୁଦ୍ରାସ୍ଫୀତି ଉପଭୋକ୍ତା ସଂସ୍କୃତି ଉପରେ ପ୍ରତିକୂଳ ପ୍ରଭାବ ପକାଇଲା। ବଜାର ଅର୍ଥନୀତିରେ ପରିଲକ୍ଷିତ ମାନ୍ଦାବସ୍ଥାରୁ ଆକାଂକ୍ଷିତ ଜିଡିପି ବୃଦ୍ଧି ବାଧାପ୍ରାପ୍ତ ହେଲା। ଦେଶର ୪୦ ପ୍ରତିଶତ ମଧ୍ୟମବର୍ଗଙ୍କ ଉପାର୍ଜନ ମୂଲ୍ୟବୃଦ୍ଧି ଅନୁପାତରେ ବଢ଼ୁ ନ ଥିବାରୁ ସେମାନଙ୍କ କ୍ରୟ କ୍ଷମତା ହ୍ରାସ ପାଇଲା। ତେଣୁ ଆମ ବଜାର ଅର୍ଥନୀତି ଦୌଡ଼ିବା ପରିବର୍ତ୍ତେ ବେଗ ହ୍ରାସ କରିଛି ଓ ପରିଲକ୍ଷିତ ମାନ୍ଦାବସ୍ଥାର ତାହା ହିଁ ମୁଖ୍ୟ କାରଣ। ଗତ ଦଶବର୍ଷର ଅର୍ଥନୀତିରେ ମଧ୍ୟମବର୍ଗକୁ ଯଥୋଚିତ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏବେ ଉପୁଜିଥିବା ପରିସ୍ଥିତିରେ ସୁଧାର ଆଣିବା ସକାଶେ ଚଳିତ ବଜେଟରେ ବେଗ କସରତ କରାଯାଉଥିବାର ସୂଚନା ମିଳିଛି।

ଏକଥା ସତ ଯେ ବଜେଟ ପ୍ରସ୍ତୁତି ବେଳେ ମଧ୍ୟମବର୍ଗଙ୍କ ଦୁର୍ଗତିକୁ ସାମ୍ନାରେ ରଖି ଆୟକର ହ୍ରାସକୁ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ 'ଷ୍ଟାଣ୍ଡାର୍ଡ ଡିଡକ୍ସନ' ପରିସର ବୃଦ୍ଧି କରିବାକୁ କିଛି ବିଶେଷଜ୍ଞ ପରାମର୍ଶ ମଧ୍ୟ ଦେଇଛନ୍ତି। ଏହି ଅବସ୍ଥା ସରକାରଙ୍କ ପ୍ରତ୍ୟକ୍ଷ ଟିକସ ଆୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ। କିନ୍ତୁ ଏଠାରେ ଆମକୁ କହିବାକୁ ପଡୁଛି, ମଧ୍ୟମବର୍ଗ ଆର୍ଥିକ ସ୍ଥିତିରେ ସୁଧାର ଆସିଲେ ସେମାନଙ୍କ କ୍ରୟଶକ୍ତି ବଢ଼ିବ। ସରକାରଙ୍କ ଜିଏସ୍‌ଟି ଆୟ ସେହି ଅନୁପାତରେ ବୃଦ୍ଧି ପାଇବାର ସୁଯୋଗ ରହିଛି। ତେଣୁ ମୋଟାମୋଟି ଭାବେ ସରକାରଙ୍କ ରାଜସ୍ୱ ଆୟ ଅତୁଟ ରହିବ। ଦିଗହରା ବଜାର ଅର୍ଥନୀତି ନୂଆ ଦିଶାରେ ଅଗ୍ରଗତି କରିବ। ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ଗତି ଦେବାକୁ ହେଲେ ନୀତି ନିର୍ଦ୍ଧାରକ ମଧ୍ୟମବର୍ଗଙ୍କୁ ଆବଶ୍ୟକ ସହାୟତା ଯୋଗାଇବାକୁ ହେବ। ବିତ୍ତୀୟ ହସ୍ତକ୍ଷେପ ମାଧ୍ୟମରେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା, ଗୃହ ନିର୍ମାଣର ସୁଲଭତା ପ୍ରତି ଧ୍ୟାନ ଦେବା ଏବଂ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷାକ୍ଷେତ୍ରରେ ମୌଳିକ ସୁବିଧା ସୁଯୋଗ ସୃଷ୍ଟିକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ସହରତଳି ଅଞ୍ଚଳ ଓ ଗ୍ରାମାଞ୍ଚଳକୁ ହାଇସ୍ପିଡ୍ ଇଣ୍ଟରନେଟ ସୁବିଧା ଯୋଗାଣ ମାଧ୍ୟମରେ ଡିଜିଟାଲ ସାକ୍ଷରର ସୁଯୋଗ ଦିଆଯାଇପାରିଲେ ମଧ୍ୟମବର୍ଗ ସବୁଠାରୁ ବେଶୀ ଉପକୃତ ହେବେ।

ଆମେ ଏଠାରେ ଯେଉଁ ୪୦ ପ୍ରତିଶତ ମଧ୍ୟମ ବର୍ଗଙ୍କ କଥା ଉଲ୍ଲେଖ କରିଛୁ, ସେମାନଙ୍କ ବାର୍ଷିକ ଆୟ ୫ ଲକ୍ଷରୁ ୩୦ ଲକ୍ଷ ଟଙ୍କା ମଧ୍ୟରେ ସୀମିତ। ଏମାନଙ୍କ ମଧ୍ୟରୁ ଦଶ ପ୍ରତିଶତଙ୍କ ଆର୍ଥିକ ସ୍ଥିତି ସମ୍ପନ୍ନ ହୋଇଥିବା ବେଳେ ଅବଶିଷ୍ଟ ୩୦ ପ୍ରତିଶତ ପ୍ରତିକୂଳ ପରିବେଶ ସହ ଏବେ ଯୁଝୁଛନ୍ତି। ଉଚ୍ଚାକାଂକ୍ଷୀ ମଧ୍ୟମବର୍ଗ ସମ୍ଭ୍ରାନ୍ତ ଓ ଉଚ୍ଚବର୍ଗଙ୍କ ସମକକ୍ଷ ହେବା ସକାଶେ ନିଜର ପ୍ରୟାସ ଜାରି ରଖିଥା'ନ୍ତି। ଯେମିତି ଏସ୍‌ୟୁଭି ଗାଡ଼ି, ମୂଲ୍ୟବାନ ବାସଗୃହ ଓ ଆଇଫୋନ ହାସଲ ପ୍ରୟାସରେ ପ୍ରତିବନ୍ଧକ ସାଜିଥାଏ ଉଚ୍ଚ ସୁଧ ଯୁକ୍ତ ବ୍ୟାଙ୍କ ଋଣ। ମୁଦ୍ରାସ୍ଫୀତିର ମୁକାବିଲା କରି ଯେପର୍ଯ୍ୟନ୍ତ ମଧ୍ୟମବର୍ଗ ବଜାରର ସ୍ଥିତି ଜାହିର କରିନାହାନ୍ତି, ସେପର୍ଯ୍ୟନ୍ତ ରିଜର୍ଭବ୍ୟାଙ୍କ ସୁଧହାର ହ୍ରାସ ସପକ୍ଷରେ ନିର୍ଦ୍ଦେଶ ଦେବେ ନାହିଁ। ଏଥିଲାଗି ସରକାରଙ୍କ ପକ୍ଷରୁ କ୍ରମାଗତ ଚାପ ପଡୁଥିଲେ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ଏବେ ମଧ୍ୟ ଏକ ଅନୁକୂଳ ସ୍ଥିତିକୁ ଅପେକ୍ଷା କରିଛନ୍ତି।

ସମୃଦ୍ଧ ଅର୍ଥନୀତିର ଉଚ୍ଚାକାଂକ୍ଷା ରଖି ସରକାର କର୍ପୋରେଟ୍ ସଂସ୍ଥାକୁ ପ୍ରାଧାନ୍ୟ ଦେବାରୁ ବ୍ୟବସ୍ଥା ଦିଗହରା ହୋଇଛି। ଏପରିକି ଏନ୍‌ପିଏ ମାଧ୍ୟମରେ ସେମାନଙ୍କ ଏକଲକ୍ଷ କୋଟି ଟଙ୍କାର ଋଣ ଛାଡ଼ କରି ଦିଆଯିବାରୁ ଦେଶର ବ୍ୟାଙ୍କିଙ୍ଗ ଅବସ୍ଥା ରୁଗ୍ଣ ହୋଇଛି। ସରକାରଙ୍କ ବିପୁଳ ଅର୍ଥରାଶି ସହାୟତା ସତ୍ତ୍ୱେ ଆମ ବ୍ୟାଙ୍କ ସେବା ସ୍ୱାଭାବିକ ସ୍ଥାନରେ ପହଞ୍ଚିନାହିଁ। କେବଳ ସେତିକି ନୁହେଁ, କର୍ପୋରେଟ୍ ଟିକସ ହାର ମଧ୍ୟ ସରକାର ହ୍ରାସ କରିଥିଲେ। ଏତେ ବିପୁଳ ସମ୍ବଳ ବିନିଯୋଗ କରାଯାଇଥିବା କର୍ପୋରେଟ ସଂସ୍ଥାରୁ ଆଦାୟ ହେଉଥିବା ରାଜସ୍ୱଠାରୁ ସରକାର ଅଧିକ ଆୟକର ପାଉଛନ୍ତି। ଏଠାରେ ଆମକୁ କହିବାକୁ ପଡୁଛି ଯେ ବିଶ୍ୱର ତୃତୀୟ ଅର୍ଥନୀତିର ସ୍ୱପ୍ନ ଦେଖୁଥିବା ଭାରତ ଦେଶବାସୀ ଆୟକର ଓ ଜିଏସ୍‌ଟି ଉପରେ ନିର୍ଭର କରି ସମୃଦ୍ଧି ହାସଲ କରିପାରିବନି। ଗତ ୪ ବର୍ଷ ମଧ୍ୟରେ କର୍ପୋରେଟ ସଂସ୍ଥା ସରକାରୀ ପ୍ରୋତ୍ସାହନ ପାଇ ୪ଗୁଣ ଲାଭ କରିଥିବା ବେଳେ ଦେଶରେ ନୂଆ ନିବେଶ କି ନିଯୁକ୍ତିର ସୁଯୋଗ ସୃଷ୍ଟି କରିନାହାନ୍ତି। ଅଥଚ ଆମେରିକା ଓ ଚୀନ୍ ପଛକୁ ଭାରତ ୧୮୫ ଅରବପତିଙ୍କୁ ବିଶ୍ୱର ପ୍ରତିଯୋଗିତା ପାଇଁ ଉପସ୍ଥାପନ କରିଛି। ଏଥିରେ ଦେଶର ୧୪୦ କୋଟି ଜନସମୁଦାୟ କି ଲାଭ ପାଉଛନ୍ତି? ଅଥଚ ସେମାନଙ୍କ ମଧ୍ୟରୁ ୮୦ କୋଟି ସରକାରଙ୍କ ମାଗଣା ଖାଦ୍ୟଶସ୍ୟ ପ୍ରତ୍ୟକ୍ଷ ନିର୍ଭରଶୀଳ। ନିମ୍ନ-ମଧ୍ୟବିତ୍ତଙ୍କ ଆର୍ଥିକ ସ୍ଥିତିରେ ଅବନତି ଘଟୁଥିବାରୁ ସେମାନଙ୍କ ମଧ୍ୟରୁ କିଛି ପ୍ରତିଶତ ତଳସ୍ତରକୁ ଖସିଆସିବା କିଛି ବିଚିତ୍ର ନୁହେଁ। ସରକାର ସ୍ଥିତି ଅନୁଧ୍ୟାନ କରି ଚଳିତ ବଜେଟ ପ୍ରସ୍ତାବରେ କିଛି ସକରାତ୍ମକ ପଦକ୍ଷେପ ନେଉଥିବାର ସୂଚନା ମିଳିଛି।

ମାନସିକ ଅବସାଦଗ୍ରସ୍ତ ଏହି ବର୍ଗ ନିଜକୁ ସୁଧାରି ନେବାର ଦକ୍ଷତା ରଖିଥିବାରୁ ନୀତି ନିର୍ଦ୍ଧାରକ ଓ ବ୍ୟବସାୟୀ ଗୋଷ୍ଠୀ ସେମାନଙ୍କୁ ଯଥୋଚିତ ଗୁରୁତ୍ୱ ଦେବାର ଆବଶ୍ୟକତା ଅଛି। ମନେ ରଖିବାକୁ ହେବ ଯେ ରାଷ୍ଟ୍ରୀୟ ରାଜନୀତି ଓ ଅର୍ଥନୀତି ଇଞ୍ଜିନର ଏମାନେ ହେଲେ ପ୍ରମୁଖ ଚାଳକ। ପରିବର୍ତ୍ତିତ ପରିସ୍ଥିତିରେ ଏମାନେ ନୀତିକୁ ବାଦଦେଇ ରାଜନୀତିକୁ ଆଦରି ନେଇଥିବାରୁ ସେମାନଙ୍କୁ ସବୁଋତୁର ସାଥୀ ରୂପେ ମାନି ନେବା ଉଚିତ ନୁହେଁ। ୧୯୭୫ର ଜରୁରୀକାଳୀନ ପରିସ୍ଥିତି ଓ ୨୦୧୨-୧୩ରେ ଦୁର୍ନୀତି ବିରୋଧୀ ଅଭିଯାନର ମୁଖ୍ୟ ସଞ୍ଚାଳକ ଥିବା ଏହି ମଧ୍ୟମବର୍ଗଙ୍କୁ ଅନୁଗତ୍ୟର ପଗଡ଼ି ପିନ୍ଧାଇ ସବୁଦିନ ପାଇଁ ନିଜର କରିହେବ ନାହିଁ। ସେଭଳି କିଛି ବିପର୍ଯ୍ୟୟ ଘଟିବା ପୂର୍ବରୁ ସରକାର ନିହାତି ସଚେତନ ହେବା ଉଚିତ। ୨୦୨୫-୨୬ ପ୍ରସ୍ତୁତି ପୂର୍ବରୁ ଏହି ଦିଗ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଇଛି। ନିର୍ମଳା ସୀତାରମଣ ବଜେଟ ଉପସ୍ଥାପନରୁ ତାହାର ସୂଚନା ଆମ ପାଠକ ପାଇବେ ବୋଲି ଆଶା କରୁ।

## ଭୂତଳ ଜଳସ୍ତର ଓ ପୃଥିବୀର ଘୂର୍ଣ୍ଣନ ବେଗ

**ବିଜୟ କେତନ ପଟ୍ଟନାୟକ**

ପୃଥିବୀ ଏକ ଜଳଜ ଗ୍ରହ। ଏହାର ୭୧ ଭାଗ ଜଳଦ୍ୱାରା ଆଚ୍ଛାଦିତ। ଅବଶିଷ୍ଟ ୨୯ଭାଗ ଭୂପୃଷ୍ଠ ବା ସ୍ଥଳ ଭାଗ। କିନ୍ତୁ ବିଡ଼ମ୍ବନାର ବିଷୟ ଏହି ଜଳଜ ଗ୍ରହରେ ଯେତିକି ପରିମାଣରେ ଜଳ ଉପଲବ୍ଧ, ତା'ର ୯୭ ପ୍ରତିଶତ ହେଉଛି ଲବଣାକ୍ତ। ମଧୁର ଜଳ ମାତ୍ର ୩ ପ୍ରତିଶତ। ଏହି ୩ ପ୍ରତିଶତ ମଧୁର ଜଳକୁ ଯଦି ୧୦୦ ଭାଗ ଧରାଯାଏ, ସେଥିରୁ ୬୯ ଭାଗ ଗ୍ଲାସିୟର ବା ମେରୁ ଅଞ୍ଚଳରେ ବରଫାଚ୍ଛାଦିତ ହୋଇ ରହିଛି। ୩୦ ପ୍ରତିଶତ ଭୂତଳ ଜଳ ଆର୍ଦ୍ର ବା ପୁଷ୍କରିଣୀର ଜଳ ରୂପେ ସିଧାସଳଖ ଉପଲବ୍ଧ। ଏହି ଜଳ ମନୁଷ୍ୟ ଓ ପଶୁପକ୍ଷୀମାନଙ୍କର ବ୍ୟବହାର ଉପଯୋଗୀ। ଦେଖିବାକୁ ଗଲେ ଭୂପୃଷ୍ଠରେ ମିଳୁଥିବା ବ୍ୟବହାର ଉପଯୋଗୀ ଜଳ ମୋଟ ଉପଲବ୍ଧ ମଧୁର ଜଳର ୧ ପ୍ରତିଶତ ମାତ୍ର। ଏହା ତୁଳନାରେ ଭୂତଳ ଜଳର ପରିମାଣ ପ୍ରାୟ ୩୦ ଗୁଣରୁ ଅଧିକ।

ଭୂତଳ ଜଳ କହିଲେ ସମସ୍ତ ଜଳଉତ୍ସ ଯଥା ବୃଷ୍ଟିଜଳ, ନଦୀ, ନାଳ, କେନାଲରେ ପ୍ରବାହିତ ଏବଂ ହ୍ରଦ, ପୁଷ୍କରିଣୀ ଓ କୂପରେ ସମାହିତ। ଭୂପୃଷ୍ଠ ଜଳ ଯାହା ମୃତ୍ତିକା ଆବରଣ ଭେଦ କରି ନିମ୍ନସ୍ଥ ଭୌଗୋଳିକ ଗଠନ ମଧ୍ୟରେ ରହିଯାଇଥିବା ଅବକ୍ଷିପ୍ତ ଶିଳାର ଫାଟ, ଛିଦ୍ର ବା ଶୂନ୍ୟ ସ୍ଥାନରେ ଭରି ରହିଥାଏ। ବିଶ୍ୱରେ ଉପଲବ୍ଧ ଉଭୟ ଲବଣାକ୍ତ ଓ ମଧୁର ଜଳରାଶିର ମାତ୍ର ୧.୬୯ ପ୍ରତିଶତ ହେଉଛି ଭୂତଳ ଜଳ। ଏହାର ମୋଟ ପରିମାଣ ହେଉଛି ୧୦.୫ ନିୟୁତ ଘନ କିଲୋମିଟର। ବିଶ୍ୱର ଏକ-ତୃତୀୟାଂଶ ଅଧିବାସୀ ସେମାନଙ୍କର ଦୈନନ୍ଦିନ ବ୍ୟବହାର ନିମନ୍ତେ ଏହି ଭୂତଳ ଜଳ ଉପରେ ନିର୍ଭର କରିଥା'ନ୍ତି। ସୁଦୂର ଶୁଷ୍କାଞ୍ଚଳରେ ଏହା ହିଁ ଏକମାତ୍ର ମଧୁର ଜଳ ଉତ୍ସ।

ସମ୍ପ୍ରତି ଏକ ଆକଳନରୁ ଜଣାପଡ଼ିଛି, ବିଶ୍ୱସ୍ତରରେ ଭୂତଳ ଜଳର ୩୬ ପ୍ରତିଶତ ପାନୀୟ, ୪୨ ପ୍ରତିଶତ କୃଷି ଜଳସେଚନ ଏବଂ ୨୨ ପ୍ରତିଶତ ଶିଳ୍ପାୟନରେ ବ୍ୟବହାର ହୋଇଥାଏ। କୁହାଯାଏ ଭୂତଳ ଜଳ ହିଁ ପ୍ରକାରାନ୍ତରେ ବିଶୁଦ୍ଧ ପାନୀୟ ଜଳ ଓ ସ୍ୱଳ୍ପ ବ୍ୟୟସାପେକ୍ଷ। ଅବଶ୍ୟ ଏବେ ଭୂତଳ ଜଳ ବିଭିନ୍ନ କାରଣରୁ ପ୍ରଦୂଷିତ ହେବାରେ ଲାଗିଛି। ମାଟିରେ ଥିବା ଲୌହ, ନାଇଟ୍ରେଟ୍ ଓ ଫ୍ଲୋରାଇଡ୍ ଇତ୍ୟାଦି ବର୍ଷା ଜଳରେ ଧୋଇ ଯାଇ ଭୂତଳ ଜଳରେ ମିଶି ତା'କୁ ପ୍ରଦୂଷିତ କରିଥାଏ। ସମ୍ପ୍ରତି ବିଶ୍ୱରେ ବ୍ୟବହାର ନିମନ୍ତେ ଅଧିକରୁ ଅଧିକ ଭୂତଳ ଜଳ ଉତ୍ତୋଳନ କରାଯାଉଥିବା କାରଣରୁ ଜଳସ୍ତର ଉଦ୍‌ବେଗଜନକ ଭାବରେ ହ୍ରାସ ପାଉଛି। ବିଗତ ପାଞ୍ଚ ଦଶନ୍ଧି ଭିତରେ ବିଶ୍ୱବ୍ୟାପୀ ଭୂତଳ ଜଳ ଉତ୍ତୋଳନ ପ୍ରାୟ ୪ ଗୁଣା ବୃଦ୍ଧି ପାଇଛି। ଏସିଆ ମହାଦେଶ, ଦକ୍ଷିଣ ଓ ଉତ୍ତର ଆମେରିକାରେ ଏହି ହ୍ରାସର ପ୍ରଭାବ ଅତ୍ୟଧିକ।

ଭୂତଳ ଜଳ ଉତ୍ତୋଳନରେ ଭାରତ ବିଶ୍ୱରେ ପ୍ରଥମ। ବର୍ଷକୁ ପ୍ରାୟ ୨୫୦ ବିଲିୟନ ଘନମିଟର ବା ୨୫୦ ଘନ କିଲୋମିଟର ଭୂତଳ ଜଳ ଭାରତରେ ଉତ୍ତୋଳିତ ହୁଏ, ଯାହା ବିଶ୍ୱବ୍ୟାପୀ ଉତ୍ତୋଳିତ ହେଉଥିବା ମୋଟ ଭୂତଳ ଜଳର ଏକ-ଚତୁର୍ଥାଂଶ। ୨୦୧୬ ଏବଂ ୨୦୨୪ ମଧ୍ୟରେ ଭାରତର ଜନସଂଖ୍ୟା ୧୨୯ କୋଟିରୁ ବଢ଼ି ୧୪୫ କୋଟିରେ ପହଞ୍ଚିଲାଣି। ଏହି ସମୟ ଭିତରେ ଜଳସେଚନ ପାଇଁ ଭୂତଳ ଜଳ ଉତ୍ତୋଳନ ୩୮ ପ୍ରତିଶତରୁ ୫୨ ପ୍ରତିଶତକୁ ବୃଦ୍ଧି ପାଇଛି। ଏହାର ମୁଖ୍ୟ କାରଣ ହେଉଛି ଦେଶରେ ବହୁଳ ପରିମାଣରେ ଜଳ ଆବଶ୍ୟକ କରୁଥିବା ଧାନ, ଆଖୁ ଆଦି ଫସଲ ଚାଷ କରାଯାଉଛି। ଏହି କାରଣରୁ ଧାନ, ଗହମ ଉତ୍ପାଦନ କରୁଥିବା ପ୍ରମୁଖ ରାଜ୍ୟଗୁଡ଼ିକ ଯଥା ପଞ୍ଜାବ, ହରିୟାନା ଓ ରାଜସ୍ଥାନ ଭୂତଳ ଜଳ ସଂକଟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେବଳ କୃଷି ଜଳସେଚନ ନିମନ୍ତେ ଦେଶରେ ପ୍ରାୟ ୭୨ ପ୍ରତିଶତ ଭୂତଳଜଳ ବ୍ୟବହୃତ ହେଉଛି।

ଭୂତଳ ଜଳସ୍ତର ହ୍ରାସର ଅନେକ ପାର୍ଶ୍ୱ ପ୍ରତିକ୍ରିୟା ଓ ଗମ୍ଭୀର ପରିଣାମ ରହିଛି, ଯାହା ବାରାନ୍ତରେ ଆଲୋଚନା କରାଯାଇପାରେ। କିନ୍ତୁ ଜଳ କେବଳ ଅମୂଲ୍ୟ ଦ୍ରବ୍ୟ ନୁହେଁ, ଏହା ଯଥେଷ୍ଟ ଶକ୍ତିଶାଳୀ ମଧ୍ୟ। ଭୂତଳ ଜଳ ପତନ ହ୍ରାସ, ପୃଥିବୀର ଆକୃତିକୁ ପ୍ରଭାବିତ କରିବା ସହ ଅକ୍ଷ ଚାରିପଟେ ପୃଥିବୀର ଘୂର୍ଣ୍ଣନ ବେଗରେ ମଧ୍ୟ ପରିବର୍ତ୍ତନ ଆଣିଥାଏ। ଏହି ପ୍ରବନ୍ଧରେ ସେହି ବିଷୟରେ କିଛିଟା ଅବତାରଣା କରାଯାଇଛି। ଆମ ଗ୍ରହ ପୃଥିବୀ ସମ୍ପୂର୍ଣ୍ଣ ରୂପେ ଗୋଲାକାର ନୁହେଁ। ବରଂ ଆକୃତିରେ ଆଳୁ ପରି ଅସମ୍ପୂର୍ଣ୍ଣ ବର୍ତ୍ତୁଳାକାର। ଆଳୁ ଭିତରୁ ଯଦି ପାଣି ବାହାରିଯାଏ, ତେବେ ଏହାର ଆକୃତିରେ ପରିବର୍ତ୍ତନ ଦେଖାଦିଏ।

ୱାଶିଂଟନରୁ ନିକଟରେ ପ୍ରକାଶିତ ଏକ ଗବେଷଣାତ୍ମକ ପ୍ରବନ୍ଧରେ ଦର୍ଶାଯାଇଛି, ୧୯୯୩ରୁ ୨୦୧୦ ମସିହା ମଧ୍ୟରେ ବିଶ୍ୱରେ ୨୦୫୦ ଗିଗାଟନ୍ (୧ ଗିଗାଟନ୍= ୧ବିଲିୟନ ମେଟ୍ରିକ୍ ଟନ୍) ଭୂତଳ ଜଳ ଅପସାରଣ ବା ଉତ୍ତୋଳନ କରାଯାଇଛି। ଏହା ଫଳରେ ପୃଥିବୀର ଅକ୍ଷ ଦଣ୍ଡ ଗୋଟିଏ ପଟକୁ ୩୧.୫ ଇଞ୍ଚ ବା ୮୦ ସେଣ୍ଟିମିଟର ଢଳିଛି। ଏହାବ୍ୟତୀତ ପୃଥିବୀର ତାପମାତ୍ରା କ୍ରମାଗତ ବୃଦ୍ଧି ପାଇବା କାରଣରୁ ମେରୁରେ ଥିବା ବରଫାବୃତ୍ତ ଅଞ୍ଚଳ ଓ ଗ୍ରୀନ୍‌ଲ୍ୟାଣ୍ଡ ଏବଂ ଆଣ୍ଟାର୍କଟିକାର ଗ୍ଲେସିୟର ତରଳିବାରେ ଲାଗିଛି। ବରଫ ତରଳିବା ହେତୁ ନିର୍ଗତ ଜଳଉତ୍ସ ସମୁଦ୍ରରେ ମିଶୁଛି ଏବଂ ସମୁଦ୍ରର ଜଳପତ୍ତନ ବଢ଼ୁଛି। ୧୮୮୦ ମସିହା ପରଠାରୁ ସମୁଦ୍ରର ଜଳପତ୍ତନ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ୨୦୫୦ ମସିହା ବେଳକୁ ଏହି ବୃଦ୍ଧି ୩୦ ସେଣ୍ଟିମିଟରରେ ପହଞ୍ଚିପାରେ। ତନ୍ମଧ୍ୟରୁ ପୃଥିବୀର ଅକ୍ଷଦଣ୍ଡର ଚଳନ ହେତୁ ସାମୁଦ୍ରିକ ଜଳପତ୍ତନ ବୃଦ୍ଧି ୧.୨୫ ସେଣ୍ଟିମିଟର ସହ ସମତୁଲ୍ୟ।

ଦକ୍ଷିଣ କୋରିଆର ସିଓଲ ଜାତୀୟ ବିଶ୍ୱବିଦ୍ୟାଳୟର ଗବେଷକ କିବାନ ସେଯୋ' କୁହନ୍ତି, ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ କାରଣରୁ ଭୂତଳ ଜଳଉତ୍ସ ଆବଣ୍ଟନରେ ପରିବର୍ତ୍ତନ ଘଟୁଛି। ପୃଥିବୀର ଘୂର୍ଣ୍ଣନ ବେଗ ଉପରେ ଏହାର ମଧ୍ୟ ପ୍ରଭାବ ରହିଛି। ମେରୁ ଅଞ୍ଚଳରେ ବରଫ ତରଳି ସମୁଦ୍ରକୁ ପ୍ରବାହିତ ହେବା ଫଳରେ ପୃଥିବୀର ବସ୍ତୁତ୍ୱ ମେରୁ ଅଞ୍ଚଳରୁ ସମୁଦ୍ର ଆଡ଼କୁ ଘୁଞ୍ଚି ଯାଉଛି। ଏହାଦ୍ୱାରା ପୃଥିବୀର ଆକୃତିରେ କିଛିଟା ପରିବର୍ତ୍ତନ ସହ ଏହାର ଘୂର୍ଣ୍ଣନ ବେଗ ଓ ଦୂରତା କମିଯାଉଛି। ଉଦାହରଣ ସ୍ୱରୂପ ସ୍କେଟିଂ କରୁଥିବା ପୁଅ ବା ଝିଅମାନେ ସେମାନଙ୍କର ଦୁଇହାତ ବାହାରକୁ ପ୍ରସାରିତ କଲେ ଯେପରି ସେମାନଙ୍କର ଘୂର୍ଣ୍ଣନ ବେଗ ଆପେ ଆପେ କମିଯାଇ ସ୍ଥିର ଅବସ୍ଥାକୁ ଆସିଯାଏ, ସେହିପରି ପୃଥିବୀର ବସ୍ତୁତ୍ୱ ଅକ୍ଷ ଦଣ୍ଡଠାରୁ ଦୂରକୁ ଘୁଞ୍ଚିଯିବା ଫଳରେ ଏହାର ଘୂର୍ଣ୍ଣନ ବେଗ ମଧ୍ୟ ହ୍ରାସ ପାଉଛି।

ଅନନ୍ତ କାଳରୁ ଚନ୍ଦ୍ର ଉପଗ୍ରହ ସୃଷ୍ଟି ହେବା ସମୟରୁ, ଚନ୍ଦ୍ର ସହିତ ପୃଥିବୀ ସ୍ଥିତି ସାମୁଦ୍ରିକ ଜୁଆର-ଭଟ୍ଟାର ଆକର୍ଷଣ ହେତୁ ପୃଥିବୀର ଘୂର୍ଣ୍ଣନ ଗତି ଧୀର ଗତିରେ ହ୍ରାସ ପାଉଛି ଏବଂ ଏହି କାରଣରୁ ଦିନର ଅବଧି ଶନୈଃ ଶନୈଃ ବୃଦ୍ଧି ପାଉଛି। ଏହା ଏକ ପ୍ରାକୃତିକ ପ୍ରକ୍ରିୟା। କିନ୍ତୁ ମନୁଷ୍ୟକୃତ କାରଣ ଯଥା: ଅଧିକରୁ ଅଧିକ ସବୁଜ ଗୃହ ବାଷ୍ପ ଉତ୍ସର୍ଜନ, ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ କାରଣରୁ ମେରୁ ଅଞ୍ଚଳରେ ବରଫ ତରଳିବା ହେତୁ, ପୃଥିବୀର ବସ୍ତୁତ୍ୱରେ ଅସନ୍ତୁଳନ ଦେଖାଦେଇ ଅକ୍ଷଦଣ୍ଡ ତରଳିବା କାରଣରୁ ଘୂର୍ଣ୍ଣନ ବେଗ ହ୍ରାସ ପାଇବା ଏକ ବିପଜ୍ଜନକ ସଂକେତ। ସମୟ ନିର୍ଘଣ୍ଟ ସଠିକ ଭାବେ ନିର୍ଦ୍ଧାରଣ କରିବାରେ ବାଧା ଉପୁଜିପାରେ। ଭବିଷ୍ୟତରେ ଯୋଗାଯୋଗ ଓ ସମୟ ସଞ୍ଚାଳନ କ୍ଷେତ୍ରରେ ଅନେକ ଅପ୍ରତ୍ୟାଶିତ ପ୍ରଭାବ ମଧ୍ୟ ପଡ଼ିପାରେ।

ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ଓଡ଼ିଶାରେ ତନ୍ତ୍ରଯାନ ବୌଦ୍ଧଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

ବୌଦ୍ଧଧର୍ମରେ ହୀନଯାନ ଅପେକ୍ଷା ମହାଯାନ ଶାଖା ଅଧିକ ଉଦାର ତଥା ସାର୍ବଜନୀନ। ମହାଯାନର ଧର୍ମାଚାର୍ଯ୍ୟମାନେ ସମାଜର ସବୁ ଶ୍ରେଣୀର ଲୋକମାନଙ୍କୁ ଏହାପ୍ରତି ଅଧିକ ଆକର୍ଷିତ କରିବା ପାଇଁ ଏହି ଉଦାରନୀତି ଆପଣେଇଥିଲେ। ସାଧାରଣ ଲୋକମାନଙ୍କ ଆଗରେ ଧର୍ମର ଅର୍ଥ ଥିଲା ବହୁ ଦେବଦେବୀଙ୍କ ପୂଜାପାଠ, ବିଭିନ୍ନ ଧାର୍ମିକ ରୀତିନୀତିର ପାଳନ, ମନ୍ତ୍ରପାଠ, ଭିନ୍ନ ଭିନ୍ନ ପର୍ବପର୍ବାଣି ପାଳନ ଆଦି। ଏଣୁ ମହାଯାନକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ଏହାର ଆଚାର୍ଯ୍ୟମାନେ ଏହିଭଳି ଆଚାର ବିଚାର ସବୁକୁ ଏହା ମଧ୍ୟରେ ଅନ୍ତର୍ଭୁକ୍ତ କରାଇଥିଲେ।

ବୌଦ୍ଧଶାସ୍ତ୍ର 'ତତ୍ତ୍ୱ-ରତ୍ନାବଳୀ' (ଅଦ୍ୱୟ-ବଜ୍ର-ସଂଗ୍ରହ ଗ୍ରନ୍ଥରୁ ସଂଗୃହୀତ) ମୁତାବକ ମହାଯାନର ଦୁଇଗୋଟି ଉପବିଭାଗ ଥିବା ଦର୍ଶାଯାଇଛି- 'ପାରମିତା-ନୟ' ଓ 'ମନ୍ତ୍ର-ନୟ'। ମହାଯାନର ଏହି ମନ୍ତ୍ର-ନୟ ବା ମନ୍ତ୍ରଯାନ ଉପ-ବିଭାଗ ହିଁ ତାନ୍ତ୍ରିକ ବୌଦ୍ଧଧର୍ମର ପ୍ରାରମ୍ଭିକ ପର୍ଯ୍ୟାୟ। ଏହି ମନ୍ତ୍ରଯାନରୁ ହିଁ ମହାଯାନର ମୁଖ୍ୟ ତନ୍ତ୍ର ଆଧାରିତ ବଜ୍ରଯାନ, ସହଜଯାନ ଓ କାଳଚକ୍ରଯାନ ଆଦି ପ୍ରଶାଖାଗୁଡ଼ିକର ପରବର୍ତ୍ତୀ ସମୟରେ ସୃଷ୍ଟି। ପାରମିତା-ନୟର ଶାସ୍ତ୍ର ସବୁ ସମ୍ପୂର୍ଣ୍ଣ ସଂସ୍କୃତ ଭାଷାରେ ରଚିତ ହୋଇଥିବା ବେଳେ ମନ୍ତ୍ର-ନୟ ଶାସ୍ତ୍ରସବୁ ସଂସ୍କୃତ ସହ ପ୍ରାକୃତ, ଅପଭ୍ରଂଶ ତଥା ବିଭିନ୍ନ ଅଣ-ସଂସ୍କୃତ (ଶାବର ଭାଷା ଆଦି) ଭାଷାରେ ରଚନା କରାଯିବା ସହ ଭାଷ୍ୟ କରାଯାଇଛି।

ମନ୍ତ୍ରଯାନର ପ୍ରଚଳନ ଫଳରେ ଧାରଣୀ, ମନ୍ତ୍ର, ମୁଦ୍ରା, ମଣ୍ଡଳ ଆଦି ତନ୍ତ୍ରଶାସ୍ତ୍ରର ଅନ୍ୟାନ୍ୟ ମୌଳିକ ଉପାଦନ ସବୁ କ୍ରମେ ବୌଦ୍ଧଧର୍ମ ଭିତରକୁ ପ୍ରବେଶ କରିଗଲେ। ଏହା ସହ ଯାଦୁବିଦ୍ୟା, ଚମତ୍କାରିକ କ୍ରିୟାମାନ ଓ ଇନ୍ଦ୍ରଜାଲ ଆଦି ପାରମ୍ପରିକ ପ୍ରଥା ଓ ବିଶ୍ୱାସ ସବୁ ସାମିଲ ହୋଇଗଲା। ଏସବୁ ଫଳରେ ମହାଯାନର ରଙ୍ଗ, ରୂପ, ଆକାର, ଆଚାର ବିଚାର ସବୁ ବଦଳି ଯାଇ 'ତନ୍ତ୍ର-ଯାନ' ରୂପରେ ଅନ୍ୟ ଏକ ଧାର୍ମିକ ଯାନ ପ୍ରକାଶିତ ହେଲା। ଏହା ଫଳରେ ମହାଯାନର ଏକ ଅଂଶ ପୂର୍ଣ୍ଣ-ବିକଶିତ ତାନ୍ତ୍ରିକ ବୌଦ୍ଧଧର୍ମରେ ରୂପାନ୍ତରିତ ହୋଇଗଲା। ତାନ୍ତ୍ରିକ ବୌଦ୍ଧଧର୍ମ ଯୌନ-ଯୋଗମୂଳକ ଗୁପ୍ତ-ଆଚାର, ରହସ୍ୟାତ୍ମକ ଷଡ଼-ଅଭିଚାର (ମାରଣ, ମୋହନ, ସ୍ତମ୍ଭନ, ବିଦ୍ୱେଷଣ, ଉଚ୍ଚାଟନ ଓ ବଶୀକରଣ), ପଞ୍ଚ 'ମ'କାର (ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା, ମୈଥୁନ) ଆଦି ତାନ୍ତ୍ରିକ ପ୍ରକ୍ରିୟା ଓ ସାଧନା ଆଧାରିତ ଧର୍ମରେ ପରିଣତ ହୋଇଗଲା।



ଦ୍ୱିତୀୟ ବୁଦ୍ଧ କଥା

ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଚୀନ ପରିବ୍ରାଜକ ହୁଏନ୍‌ସାଂଙ୍କ ଓଡ଼ିଶା ଭ୍ରମଣ କାଳରେ ତାଙ୍କର ଭ୍ରମଣ ବୃତ୍ତାନ୍ତରେ ସେ ଓଡ଼ିଶାର ଓଡ୍ରଦେଶରେ ପ୍ରାୟ ଶହେଗୋଟି ବୌଦ୍ଧବିହାର ଓ ଦଶହଜାର ବୌଦ୍ଧ ସନ୍ନ୍ୟାସୀ ଏବଂ ଦକ୍ଷିଣ କୋଶଳ (ପଶ୍ଚିମ ଓଡ଼ିଶା) ରେ ମଧ୍ୟ ସମସଂଖ୍ୟକ ବିହାର ଓ ଭିକ୍ଷୁ ରହିଥିବା ଏବଂ ସମସ୍ତେ ମହାଯାନ ସମ୍ପ୍ରଦାୟ ଅନ୍ତର୍ଗତ ହୋଇଥିବା ସହ ବିହାରଗୁଡ଼ିକ ଓ ମହାଯାନ ଏସବୁ ଅଞ୍ଚଳରେ ଅତ୍ୟନ୍ତ ସମୃଦ୍ଧ ଓ ସକ୍ରିୟ ଥିବାର ଦର୍ଶାଇଛନ୍ତି।

ପୂର୍ଣ୍ଣ ବିକଶିତ ତାନ୍ତ୍ରିକ ବୌଦ୍ଧଧର୍ମରୁ ଏହାର ଅନ୍ୟ ପ୍ରଶାଖାଗୁଡ଼ିକ କ୍ରମେ ବିକାଶଲାଭ କରିଥିଲେ। ଏଗୁଡ଼ିକ ହେଲେ- ବଜ୍ରଯାନ, ସହଜଯାନ ଓ କାଳଚକ୍ରଯାନ। ଏସବୁ ପ୍ରାଚୀନ 'ଉଡ୍ଡୀୟାନ' ଅଥବା ଓଡ଼ିଶାରେ ଉଦ୍ଭବ ଓ ବିକଶିତ ହୋଇ କ୍ରମେ ଦେଶ ବିଦେଶରେ ପ୍ରଭାବଶାଳୀ ଧର୍ମଶାଖା ଭାବେ ବ୍ୟାପି ଯାଇଥିଲେ।

ବଜ୍ରଯାନର ମୂଳତତ୍ତ୍ୱ ବା ଆତ୍ମା ହେଉଛି 'ଶୂନ୍ୟତା'। ବଜ୍ରଯାନରେ ମୁଖ୍ୟତଃ କ୍ରିୟା-ତନ୍ତ୍ର, ଚର୍ଯ୍ୟା-ତନ୍ତ୍ର, ଯୋଗ-ତନ୍ତ୍ର ଓ ଅନୁତ୍ତର-ତନ୍ତ୍ର ଏହିଭଳି ଚାରିଗୋଟି ଶ୍ରେଣୀର ତନ୍ତ୍ର ସନ୍ନିହିତ। ପ୍ରଥମ ଦୁଇଶ୍ରେଣୀର ତନ୍ତ୍ର ପ୍ରାରମ୍ଭିକ ପର୍ଯ୍ୟାୟର ସାଧକ ଏବଂ ଶେଷ ଦୁଇଟି ଶ୍ରେଣୀ ଉଚ୍ଚତର ଶ୍ରେଣୀର ସାଧକମାନଙ୍କ ପାଇଁ ସେମାନଙ୍କର ପ୍ରାରମ୍ଭିକ ସାଧନାରୁ ସିଦ୍ଧି ପ୍ରାପ୍ତି ପରେ ପରବର୍ତ୍ତୀ ପର୍ଯ୍ୟାୟର ସାଧନା ନିମିତ୍ତ ଉଦ୍ଦିଷ୍ଟ।

ତାନ୍ତ୍ରିକ ବୌଦ୍ଧଧର୍ମରେ 'ବଜ୍ରସତ୍ତ୍ୱ' ବା 'ବଜ୍ରକାୟା' ପରମସତ୍ତ୍ୱ ବା ସର୍ବୋଚ୍ଚ ପ୍ରଭୁ ଅଥବା ପରମେଶ୍ୱର ଭାବେ ପ୍ରତିଷ୍ଠିତ। ବଜ୍ରସତ୍ତ୍ୱ ତତ୍ତ୍ୱ ଉଦ୍ଭବ ହେବା ପରେ ବଜ୍ରଯାନରେ 'ଧ୍ୟାନୀ-ବୁଦ୍ଧ' ନାମକ ଅନ୍ୟ ଏକ ମତ ପ୍ରଚଳିତ ହେଲା। ଏଥିରେ ପାଞ୍ଚଜଣ ଧ୍ୟାନୀବୁଦ୍ଧ ହେଲେ ଭିନ୍ନ ଭିନ୍ନ କୁଳ (ପରିବାର)ର ଏବଂ ସେମାନେ ତାଙ୍କର ଶକ୍ତିସହ ପ୍ରକାଶିତ ହେଲେ। ଏଥିରେ ମୋହ କୁଳର ଧ୍ୟାନୀବୁଦ୍ଧ ହେଲେ ବୈରୋଚନ ଓ ଶକ୍ତି ବଜ୍ରଧାତୀଶ୍ୱରୀ, ଦ୍ୱେଷ କୁଳର ଅକ୍ଷୋଭ୍ୟ (ଶକ୍ତି-ଲୋଚନା), ଚିନ୍ତାମଣି କୁଳର ରତ୍ନ ସମ୍ଭବ (ଶକ୍ତି-ମାମକୀ), ରାଗ କୁଳର ଅମିତାଭ (ଶକ୍ତି-ପାଣ୍ଡରା) ଓ ସମୟ କୁଳର ଧ୍ୟାନୀବୁଦ୍ଧ ହେଲେ ଅମୋଘସିଦ୍ଧି ଓ ତାଙ୍କ ଶକ୍ତି ହେଲେ ଆର୍ଯ୍ୟାତାରା। ଏହିଭଳି ଭାବେ ପ୍ରଥମ ଥର ପାଇଁ ବୌଦ୍ଧ ଧର୍ମ ମଧ୍ୟରେ ବଜ୍ରଯାନୀମାନଙ୍କ ଦ୍ୱାରା 'ଶକ୍ତିତତ୍ତ୍ୱ'ର ପ୍ରଚଳନ ହୋଇଗଲା ଏବଂ ଏହା ସହ ବହୁସଂଖ୍ୟାରେ ଦେବଦେବୀ, ତାଙ୍କ ସାଧନା, ପ୍ରାର୍ଥନା ସ୍ତୁତି ଆଦି ବିଭିନ୍ନ ତତ୍ତ୍ୱମାନ ବୌଦ୍ଧଧର୍ମରେ ପ୍ରତିଷ୍ଠିତ ହେଲେ।

ଉଡ୍ଡୀୟାନ ସମ୍ବଳ (ସମ୍ବଲପୁର) ରାଜ୍ୟର ରାଜା ତଥା ସିଦ୍ଧ ଇନ୍ଦ୍ରଭୂତି ଏହି ବଜ୍ରଯାନ ତାନ୍ତ୍ରିକ ଶାଖାର ପ୍ରବର୍ତ୍ତକ। ଏହା ଅଷ୍ଟମ ଶତାବ୍ଦୀରେ ତାଙ୍କ ଦ୍ୱାରା ବ୍ୟବସ୍ଥିତ ଭାବେ ପ୍ରଚଳିତ ହେଲା। ତାଙ୍କ ଦ୍ୱାରା ବଜ୍ରଯାନର ଅନେକ ଗ୍ରନ୍ଥ ରଚିତ ଓ ସେଥିରୁ ଅନ୍ୟୁନ ତେଇଶି ଗୋଟି ଗ୍ରନ୍ଥ ତିବ୍ବତୀୟ 'ତାଙ୍ଗ୍ୟୁର'ରେ ତିବ୍ବତୀୟ ଅନୁବାଦ ସହ ସଂରକ୍ଷିତ। 'ଜ୍ଞାନସିଦ୍ଧି' ହେଉଛି ଇନ୍ଦ୍ରଭୂତିଙ୍କ ଦ୍ୱାରା ସଂସ୍କୃତ ଭାଷାରେ ରଚିତ ଗ୍ରନ୍ଥ। ପ୍ରସିଦ୍ଧ ତିବ୍ବତୀୟ ଗ୍ରନ୍ଥ ପାଗ୍-ସାମ୍-ଜନ୍-ଜାଙ୍ଗ ମୁତାବକ ବଜ୍ରପାଣିଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇ ଓଡ଼ିଶାର ରତ୍ନଗିରି ମହାବିହାରର ଆଚାର୍ଯ୍ୟ ପିଟୋପାଦ ସମ୍ବଳ (ସମ୍ବଲପୁର) ଯାଇ ସେଠାରୁ କାଳଚକ୍ର-ତନ୍ତ୍ର ଶାସ୍ତ୍ରକୁ ଆଣି ରତ୍ନଗିରି ମହାବିହାରରେ ପ୍ରଥମେ ଭିକ୍ଷୁ ଅବଧୂତିପା, ବୋଧିଶ୍ରୀ ଓ ନାରୋପାଙ୍କୁ ଏହି ଶାସ୍ତ୍ର ଶିକ୍ଷା ଦେଇଥିଲେ। ଉଭୟ ବଜ୍ରଯାନ ଓ କାଳଚକ୍ରଯାନର ରତ୍ନଗିରିଠାରେ ସୁଦୃଢ଼ ଭିତ୍ତି ସ୍ଥାପନ ହୋଇଥିଲା। ବଜ୍ରଯାନ ଭଳି କାଳଚକ୍ରଯାନ ମଧ୍ୟ ଦେଶ-ବିଦେଶକୁ ବ୍ୟାପି ଯାଇଥିଲା।

ଓଡ଼ିଶାର କୋଣ ଅନୁକୋଣରେ ବଜ୍ରଯାନୀ ଦେବଦେବୀଙ୍କର ଅସଂଖ୍ୟ ମୂର୍ତ୍ତି ଓ ବଜ୍ରଯାନର ଅନ୍ୟ ପ୍ରତ୍ନତାତ୍ତ୍ୱିକ ଅବଶେଷ ସବୁ ଯେଭଳି ବହୁଳଭାବେ ଦୃଶ୍ୟମାନ, ସେଥିରୁ ସମଗ୍ର ପ୍ରାଚୀନ ଓଡ଼ିଶାରେ ଏହା ବ୍ୟାପକ ଭାବେ ପ୍ରଚାରିତ ଓ ପ୍ରସାରିତ ହୋଇଥିବା ନିଶ୍ଚିତ।

ବଜ୍ରଯାନ ଶାଖାର ଅନ୍ୟତମ ପ୍ରମୁଖ ଆଚାର୍ଯ୍ୟ ଇନ୍ଦ୍ରଭୂତିଙ୍କ ପୁତ୍ର ଗୁରୁ ପଦ୍ମସମ୍ଭବ ସେହି ଅଷ୍ଟମ ଶତାବ୍ଦୀରେ ତିବ୍ବତ ରାଜାଙ୍କ ନିମନ୍ତ୍ରଣ କ୍ରମେ ସେଠାକୁ ଯାଇ ତିବ୍ବତ ସହ ତାହାର ଚାରିପାଖରେ ଅନ୍ୟ ହିମାଳୟ ଅଞ୍ଚଳର ଦେଶ ଓ ଅଞ୍ଚଳର ବହୁସ୍ଥାନରେ ଏହି ବଜ୍ରଯାନର ବ୍ୟାପକ ପ୍ରଚାର ପ୍ରସାର କରି ସେ ଅଞ୍ଚଳର ମୁଖ୍ୟ ଧର୍ମଗୁରୁ ହେବା ସହ 'ଦ୍ୱିତୀୟ ବୁଦ୍ଧ' ଭାବେ ପରିଚିତ ହୋଇଥିଲେ।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ସନ୍ଦେହମୋଚନର ଶେଷ ପ୍ରୟାସ

**ସତ୍ୟଜ୍ୟୋତି**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଏତ ଗଲା କଳିଙ୍ଗ ନୌବାଣିଜ୍ୟର ଆନ୍ତର୍ଜାତିକ ସ୍ୱୀକୃତି। ଏବେ ଏହାର ଜାତୀୟ ସ୍ୱୀକୃତି ଉପରେ କିଞ୍ଚିତ ଆଲୋଚନା କରିବା ପୂର୍ବରୁ ନୌପୋତ 'ଚାନ୍ଦ ସୌଦାଗର' ବିଷୟରେ ସାମାନ୍ୟ ସୂଚନା ପ୍ରାସଙ୍ଗିକ ଓ ଯଥାର୍ଥ ହେବ।

'ଭାରତୀୟ ନୌବାଣିଜ୍ୟର ଗୌରବାବହ ସ୍ମୃତି ରୋମନ୍ଥନ ଉଦ୍ଦେଶ୍ୟରେ ବିଗତ ଶତାବ୍ଦୀର ସତୁରୀ ଦଶକରେ ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ମିହିର ସେନ୍‌ଙ୍କ ପ୍ରସ୍ତାବକ୍ରମେ ଏକ ପ୍ରଶଂସନୀୟ ଉଦ୍ୟମ ଆରମ୍ଭ କଲା କଲିକତାସ୍ଥିତ 'ଏସିଆଟିକ୍ ସୋସାଇଟି ବେଙ୍ଗଲ୍'। ଏଥିପାଇଁ ଐତିହାସିକ ଗବେଷକ ଡ. ରମେଶ ଚନ୍ଦ୍ର ମଜୁମ୍‌ଦାରଙ୍କ ଅଧ୍ୟକ୍ଷତାରେ ଛଅଜଣିଆ ପରାମର୍ଶଦାତା କମିଟି ଗଠନ ହେଲା। କମିଟିର ପରାମର୍ଶ ଓ ମାର୍ଗଦର୍ଶନରେ ୪୦ ଫୁଟ ଦୈର୍ଘ୍ୟ ଓ ୧୨ଫୁଟ ପ୍ରସ୍ଥ ବିଶିଷ୍ଟ ଏକ ପାଲଟଣା ଇଞ୍ଜିନ୍ ଚାଳିତ ନୌପୋତ - 'ଚାନ୍ଦ ସୌଦାଗର'ର ନିର୍ମାଣ କାର୍ଯ୍ୟ ୧୯୭୪ ମସିହାରେ କଲିକତାସ୍ଥିତ ରାଜବାଗନ୍ ଡକ୍ ୟାର୍ଡରେ ଆରମ୍ଭ ହେଲା। ନିର୍ମାଣ କାର୍ଯ୍ୟ ହାତକୁ ନେଲା ସେଣ୍ଟ୍ରାଲ୍ ଇନ୍‌ଲାଣ୍ଡ ୱାଟର ଟ୍ରାନ୍ସପୋର୍ଟ କର୍ପୋରେସନ୍। 'ଚାନ୍ଦ ସୌଦାଗର'ର ସ୍ଥିରୀକୃତ ଯାତ୍ରାପଥ ଥିଲା ଏହିଭଳି - ଗଞ୍ଜାମ ଜିଲ୍ଲାର ପ୍ରାଚୀନ ବନ୍ଦର 'ପାଲୁର'ରୁ ଯାତ୍ରା ଆରମ୍ଭ କରି ମଛଲିପଟନମ୍- ବିଜୟନଗରମ- କାକିନାଡ଼ା-ଟୁଟିକୋରିନ ଦେଇ ଶ୍ରୀଲଙ୍କା, ମାଲେସିଆ ଓ ବାଲିଦ୍ୱୀପକୁ ଯିବ। ସେଠାରେ ୧୫ଦିନର ରହଣି ପରେ ଇଣ୍ଡୋନେସିଆ ଏବଂ ସେଠାରୁ ଦକ୍ଷିଣ ଭାରତର କୋଚିନ୍ ଦେଇ ପଶ୍ଚିମ ଭାରତୀୟ ବନ୍ଦର ଗୁଜରାଟ୍‌ର 'ବରୁଚ'ରେ ଯାତ୍ରା ସମାପ୍ତ କରିବ। ଛଅମାସର ଏହି ଯାତ୍ରାରେ 'ଚାନ୍ଦ ସୌଦାଗର' ୧୫ ହଜାର ମାଇଲ୍ ଅତିକ୍ରମ କରିବ। ନୌଯାତ୍ରାରେ ବିଶେଷ ଅଭିଜ୍ଞତା, ଦକ୍ଷତା ଓ ଡିଗ୍ରୀ ହାସଲ କରିଥିବା ଜଣେ କ୍ୟାପ୍ଟେନ୍‌ଙ୍କ ସମେତ ଚାରିଜଣ(ଓଡ଼ିଶାରୁ ଜଣେ) ସାମିଲ୍ ହେବାର ଯୋଜନା ଚୂଡ଼ାନ୍ତ ହେଲା। ୧୯୭୭ ମସିହା ଡିସେମ୍ବର ମାସ ୧୪ ତାରିଖରେ 'ଚାନ୍ଦ ସୌଦାଗର'ର ସମୁଦ୍ର ଭିତରେ ପରୀକ୍ଷାମୂଳକ ଯାତ୍ରା(ଟେଷ୍ଟ ଡ୍ରାଇଭ୍) ସଫଳ ହେବା ପରେ ୧୯୭୮ ମସିହା ଫେବୃଆରୀ ୭ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ କଲିକତାସ୍ଥିତ ମ୍ୟାନ୍-ଓ-ୱାର ଜେଟିରେ ଉଦ୍‌ଘାଟନ କଲେ। ୧୯୭୮ ମସିହା ମାର୍ଚ୍ଚ ୧୨ ତାରିଖରେ 'ଚାନ୍ଦ ସୌଦାଗର'କୁ ପାରାଦ୍ୱୀପରେ ତତ୍କାଳୀନ କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରୀ ବିଜୁ ପଟ୍ଟନାୟକ ଏବଂ ତତ୍କାଳୀନ ଓଡ଼ିଶାର ରାଜ୍ୟପାଳ ଭଗବତ୍ ଦୟାଲ୍ ଶର୍ମା ସ୍ୱାଗତ କଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ଅଭିଯାନ ସେଠାରୁ ହିଁ ସମାପ୍ତ ହୋଇଗଲା ଏବଂ 'ଚାନ୍ଦ ସୌଦାଗର' କଲିକତାର କୌଣସି ଏକ ଜେଟିରେ କଳିଙ୍ଗ ନୌବାଣିଜ୍ୟର ସ୍ୱୀକୃତି ଓ ପ୍ରମାଣର ମୂକସାକ୍ଷୀ ହୋଇ ଅଦ୍ୟାବଧି ପଡ଼ିରହିଛି।'

ସାତଦରିଆପାରେ

ଏଠାରେ ଦୁଇଟି ପ୍ରଶ୍ନ ଉଠୁଛି। ପ୍ରଥମତଃ, ସେ ସମୟରେ ପ୍ରାୟ ୨୨ ଲକ୍ଷ ଟଙ୍କା(ନୌପୋତ ନିର୍ମାଣ ପାଇଁ ୭ ଲକ୍ଷ ଓ ନୌଯାତ୍ରା ପାଇଁ ୧୫ ଲକ୍ଷ) ବ୍ୟୟ ଅଟକଳକୁ ସ୍ୱୀକୃତି ଦେଇଥିବା ଏବଂ 'ଚାନ୍ଦ ସୌଦାଗର'କୁ ଉଦ୍‌ଘାଟନ କରିଥିବା ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ଅସ୍ମିତା ଓ ଆଞ୍ଚଳିକତାର ଗୁରୁତ୍ୱ ଦୃଷ୍ଟିରୁ ଏହି ସ୍ମରଣୀୟ ଓ ଐତିହାସିକ ନୌଯାତ୍ରାର ଆରମ୍ଭ ନିଜ ଜନ୍ମମାଟି ଗୁଜରାଟର 'ବାରୁତ୍' ବନ୍ଦର ବଦଳରେ ଓଡ଼ିଶାର 'ପାଲୁର' ବନ୍ଦରରୁ କରାଯିବା ପ୍ରସ୍ତାବରେ ସମ୍ମତି ପ୍ରଦାନ କଲେ କାହିଁକି? ଦ୍ୱିତୀୟତଃ, ତତ୍କାଳୀନ ଭୂରାଜନୈତିକ, ବାଣିଜ୍ୟ, ଅର୍ଥନୀତି ଓ ଜାତୀୟ ରାଜନୀତିରେ ପ୍ରଭାବ, ପ୍ରତିଷ୍ଠା ଓ ଆଧିପତ୍ୟ ଦୃଷ୍ଟିରୁ ଓଡ଼ିଶା ତୁଳନାରେ ପଶ୍ଚିମବଙ୍ଗ ବହୁ ଆଗରେ ଥିଲା। ସମ୍ପୂର୍ଣ୍ଣ ପ୍ରକଳ୍ପର ପରିକଳ୍ପନା, ରୂପାୟନ ଓ ନୌପୋତ ନିର୍ମାଣ ମଧ୍ୟ କଲିକତାରେ ହିଁ ହୋଇଥିଲା। ଏହାସତ୍ତ୍ୱେ ନୌପୋତର ନାମ କଳିଙ୍ଗର ଜଣେ ସାଧବଙ୍କ ନାମରେ ନାମିତ କରିବାକୁ ବଙ୍ଗାଳୀମାନେ ଏତେ ସହଜରେ ରାଜି ହୋଇଗଲେ କିପରି? ଏହାର ସଂକ୍ଷିପ୍ତ ଉତ୍ତର ହିଁ କଳିଙ୍ଗ ନୌବାଣିଜ୍ୟର ସର୍ବଶ୍ରେଷ୍ଠ ଜାତୀୟ ସ୍ୱୀକୃତି। ଭାରତୀୟ ନୌବାଣିଜ୍ୟର ଆଦ୍ୟ ଭୂମି ଯେ କଳିଙ୍ଗ/ଉତ୍କଳ/ଓଡ଼ିଶା - 'ମଜୁମ୍‌ଦାର କମିଟି ପାଖରେ ଏଭଳି ଅକାଟ୍ୟ ଓ ଅଲଙ୍ଘନୀୟ ପ୍ରମାଣ ଥିଲା, ଯାହାକୁ ଟାଳିବା ନା ତ କେନ୍ଦ୍ର ସରକାର କିମ୍ବା କଲିକତା କର୍ତ୍ତୃପକ୍ଷଙ୍କ ପକ୍ଷେ ସମ୍ଭବ ଥିଲା।' ଏହାପରେ କଳିଙ୍ଗ ସାଧବର ସମୁଦ୍ର ବିଜୟର ସ୍ୱୀକୃତି ଓ ପ୍ରମାଣ ଖୋଜିବା ହୁଏତ ନିରର୍ଥକ। (କ୍ରମଶଃ...)

ମୋ: ୯୩୩୮୦୮୭୯୦୦


ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342




ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ଦୁର୍ଘଟଣା ହ୍ରାସ ପାଇଁ ନିୟମ କଡ଼ାକଡ଼ି

# ସରିଲା ସଡ଼କ ସୁରକ୍ଷା ସଚେତନତା ମାସ

ଭଦ୍ରକ, ୩୧।୧(ସମିସ)



ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଞ୍ଚଳିକ ପରିବହନ ଓ ପୁଲିସ୍ ବିଭାଗ ଆନୁକୂଲ୍ୟରେ ଜାନୁୟାରୀ ୧ତାରିଖରୁ ଆରମ୍ଭ କରାଯାଇଥିବା ସଡ଼କ ସୁରକ୍ଷା ମାସ ପାଳନ କାର୍ଯ୍ୟକ୍ରମ ଜାନୁୟାରୀ ୩୧ରେ ଶେଷ ହୋଇଥିଲେ ବି ସମସ୍ତ ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ି କାର୍ଯ୍ୟାନ୍ୱୟନ କରାଯିବା ନେଇ ଜିଲ୍ଲା ପ୍ରଶାସନ ତତ୍ପର ରହିଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଜଣାଇଛନ୍ତି ଯେ ସଡ଼କ ସୁରକ୍ଷା ସଚେତନତା କି ଧରପଗଡ଼ କାର୍ଯ୍ୟ କେବଳ ମାସ ପାଳନ ଭିତରେ ସୀମିତ ନୁହେଁ। ସଡ଼କ ଦୁର୍ଘଟଣାରୁ ଧନଜୀବନର ସୁରକ୍ଷା ପାଇଁ ଦୀର୍ଘମିଆଦି ସୂତ୍ରରେ ଧରପଗଡ଼ କାର୍ଯ୍ୟ ଜାରି ରଖିବାକୁ ସେ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହେଲମେଟ୍ ନ ପିନ୍ଧି ଗାଡ଼ି ଚଲାଇବା, ନାବାଳକ ପିଲାମାନେ ଗାଡ଼ି ଚଲାଇବା, ନିଶାସକ୍ତ ଓ ଗାଡ଼ି ଚଲାଇବାବେଳେ ମୋବାଇଲରେ କଥା ହେବା, ବେନିୟମ ପାର୍କିଂ, ଅତ୍ୟଧିକ ଯାତ୍ରୀ ପରିବହନ, ଦୁଇ ଚକିଆ ଗାଡ଼ିରେ ୩/୪ ଜଣ ବସି ଗାଡ଼ି .ଳନା ଆଦି ଦୃଷ୍ଟି ଗୋଚର ହେଉଥିବା ସଡ଼କ ସୁରକ୍ଷା ନିୟମ ବିରୋଧୀ କାର୍ଯ୍ୟକୁ କଡ଼ାକଡ଼ି ଭାବେ ଧରପଗଡ଼ କରାଯିବା ଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ସଡ଼କ ସୁରକ୍ଷା ମାସ ପାଳନର ଅନ୍ତିମ ଦିନରେ ଡାହାଣୀ ଗଡ଼ିଆ ଛକରେ ପରିବହନ ବିଭାଗ ଓ ପୁଲିସ ଧରପଗଡ଼ରେ ୧୯ଟି ହେଲମେଟ୍ ନପିନ୍ଧିଥିବା କେସ୍ ଓ ଗୋଟିଏ ନାବାଳକ ଗାଡ଼ିଚାଳନା କେସ୍ ରୁଜୁ କରାଯାଇଛି।

## ଫାଙ୍କା ଗୁଳି ଚଳାଇ ବୋମା ମାଡ଼



**ଭଦ୍ରକ, ୩୧।୧(ସମିସ):** ଭଦ୍ରକ ଚରମ୍ପା ସ୍କୁଲ ରୋଡରେ ଏକ ଘର ଉପରେ ଦୁର୍ବୃତ୍ତ ରାତି ୮ଟା ୩୦ରେ ବୋମା ମାଡ଼ କରିଛନ୍ତି। ଫଳରେ ନିଜ ଘର ସାମ୍ନାରେ ଠିଆ ହୋଇଥିବା ନାବାଳିକା ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ନାବାଳିକାଙ୍କ ବାପାଙ୍କ ସୂଚନା ଯେ ବୋମା ମାଡ଼ ହୋଇଛି। ଦୁଇ ଅଜଣା ଯୁବକ ଫାଙ୍କା ଗୁଳି ଚଳାଇ ଫେରାର ହୋଇଯାଇଛନ୍ତି। ଅନ୍ୟପକ୍ଷରେ, ଏହି ଘଟଣା ପଛରେ ଡ୍ରଗ୍ସ କାରବାରକୁ ନେଇ ଚର୍ଚ୍ଚା ହେଉଥିଲା ବେଳେ ଏଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଟାଉନ ପୁଲିସ ଘଟଣାରେ ତଦନ୍ତ ଜାରି ରଖିଛନ୍ତି। ଟାଉନ ଥାନା ପୁଲିସ ଘଟଣାରେ ଦୁଇ ଜଣ ବ୍ୟକ୍ତିଙ୍କୁ ଅଟକ ରଖିଥିବା ଆଇଆଇସି ଅଜୟ ସୁଦର୍ଶନ ବାଗେ ପ୍ରକାଶ କରିଛନ୍ତି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା



**ଭଦ୍ରକ,୩୧।୧(ସମିସ):** ଭଦ୍ରକ ଜିଲ୍ଲାପାଳଙ୍କ ଜିଲ୍ଲା ସଦ୍‌ଭାବନା ଗୃହରେ ଜଣେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବିଭିନ୍ନ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କର୍ମଚାରୀମାନେ ହେଲେ ଜିଲ୍ଲା ପଞ୍ଚାୟତ ଅଧିକାରୀ ବଂଶୀଧର ସିଂ, ସେକ୍ସନ ଅଫିସର (ପ୍ରତିଷ୍ଠାନ ବିଭାଗ) ନିରଞ୍ଜନ ସେଠୀ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସେକ୍ସନ ଅଫିସର ସୁରେଶ ସାହୁ ଓ କନିଷ୍ଠ ରାଜସ୍ୱ ସହାୟକ ପ୍ରମିଳା ମଲ୍ଲିକ। ସଭାରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି, ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ସହ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ରାଉତରାଏ ଆଜି ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଥିବା ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଫୁଲତୋଡା ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଚାରିଗାଁ ପଞ୍ଚାୟତରେ ଖୋଲିଲା ଧାନମଣ୍ଡି

**ବନ୍ତ/ଆଗରପଡ଼ା,୩୧।୧(ସମିସ):** ବନ୍ତ ବ୍ଲକ ଅନ୍ତର୍ଗତ ଚାରିଗାଁ ପଞ୍ଚାୟତରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅଗ୍ରଣୀଚାଷୀ ଗୌତମ ନାୟକଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଧାନକ୍ରୟ କମିଟି ସଭ୍ୟ ଶଙ୍କର୍ଷଣ ଜେନା, ମହତାଳ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ବିଜେପି ନେତା ଗୋପାଳକୃଷ୍ଣ ଦାଶ, ପୂର୍ବତନ ସରପଞ୍ଚ ବନମାଳି ବେହେରା, ପୁରୁଷଣ ସେବା ସମବାୟ ସମିତି ସମ୍ପାଦକ ରାଜେନ୍ଦ୍ର ବେଜ, ଅଶୋକ ପରିଡା, ସୁବା।ସ ପଣ୍ଡା, ରମାକାନ୍ତ ସାହୁ, ରାମଚନ୍ଦ୍ର ସାହୁ, ବିଜୟ ନାଥ, ବାବା।ଜୀ ସାହୁ, ସିତାକାନ୍ତ ଜେନା, ବନମାଳି ନାୟକ, ପର୍ଶୁରାମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମଣ୍ଡି ପୁରୁଷଣ ସେବା ସମବାୟ ସମିତି ଅଧୀନରେ ଥିବା ହେତୁ ଚାରିଗାଁ, ଚକ୍ରାପାଢୀ, ଇଟୁଆ, ବା।ଲିପୋଖରୀ, ତେଲନଟି ଆଦି ଗ୍ରାମର ଚାଷୀ ଧାନ ବିକ୍ରୟ କରିପାରିବେ।

## ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ର ଚାଳକ ଅଟକ



**ବନ୍ତ/ଆଗରପଡ଼ା, ୩୧।୧(ସମିସ):** ଭଦ୍ରକ ଆନନ୍ଦପୁର ରାସ୍ତାରେ ଗଣିଜାଙ୍ଗଠାରୁ ନିଶା ସେବନ କରି ବେପରୁଆ ଭାବେ ଗାଡ଼ି ଚାଳନା କରି ଖସି ଚାଲି ଯାଉଥିବା ଏକ କୋଇଲା ବୋଝେଇ ଭାରୀ ଯାନକୁ ଧରିବାରେ ସଫଳ ହେବା ସହ ଡ୍ରାଇଭରକୁ ଥାନାରେ ପୁଲିସ ଅଟକ ରଖିଥିବା ଜଣାପଡ଼ିଛି। ରାତ୍ରୀ ସମୟରେ ଭଦ୍ରକ ପଟୁ ମୋଟର ସାଇକଲକୁ ଧକ୍କା ଦେଇ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଲୋକେ ଏବଂ ବନ୍ତ ପୁଲିସ୍ କେନ୍ଦୁଆପଦା ଛକ ନିକଟରେ ଗାଡ଼ିଟିକୁ ଅଟକାଇବାକୁ ଉଦ୍ୟମ କରୁଥିଲେ। ସେଠାରେ ଦୁଇଟି ଦୋକାନକୁ ଧକ୍କା ଦେବା ପରେ ଡ୍ରେନ୍‌ରେ ଟ୍ରକ୍‌ଟିର ଆଗ ଚକ ପଶି ଯାଇ ଆଉ ଆଗକୁ ଯାଇ ପାରିନଥିଲା। ପରେ ଡ୍ରାଇଭରକୁ ବନ୍ତ ପୁଲିସ ଥାନାକୁ ନେଇ ଅଟକ ରଖିଥିବା ବେଳେ ଗାଡ଼ିଟି ଦୁର୍ଘଟଣାସ୍ଥଳରେ ପଡ଼ି ରହିଛି। କ୍ଷତିଗ୍ରସ୍ତ ଲୋକମାନେ କୌଣସି କ୍ଷତିପୂରଣ ପାଇ ନଥିବା ଜଣାପଡ଼ିଛି।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ବନ୍ତ/ଆଗରପଡ଼ା,୩୧।୧(ସମିସ):** ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ଗଣ୍ଡକୁରା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦ୍ମନାଭ ଗିରିଙ୍କ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ନିତ୍ୟାନନ୍ଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବନ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ ସାହୁ, ଅତିରିକ୍ତ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ପ୍ରମୋଦ ପଣ୍ଡା, ଭାଗୀରଥି ପାତ୍ର, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭାସ୍କରଚନ୍ଦ୍ର ପାଢ଼ୀ, ଅଲେଖଚନ୍ଦ୍ର ନାୟକ, ସ୍ଥାନୀୟ ସରପଞ୍ଚ ସତ୍ୟଭାମା ଧଳ, ସମିତିସଭ୍ୟା ନିରୁପମା ରାଉତ, ନାଏବ ସରପଞ୍ଚ ଉର୍ମିଳା ଜେନା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗିରିଜା ଶଙ୍କର ଲେଙ୍କା, ପରିଚାଳନା କମିଟି ସଭାପତି ଲକ୍ଷ୍ମଣ ପାଳ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ନୃସିଂହ ଚରଣ ଜେନା, ସମାଜସେବୀ ସନ୍ତୋଷ ନାୟକ, ଶିକ୍ଷାବିତ ହରିହର ପାଣିଗ୍ରାହୀ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଧର୍ମେନ୍ଦ୍ର ନାରାୟଣ ଜେନା, ରମାକାନ୍ତ ରାଉତ, ସୁବାସ ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ରାଜଶ୍ରୀ ନାୟକ, ତପସ୍ୱିନୀ ପହି, ନୃସିଂହ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ପରିଚୟ ଅଭୟ ପ୍ରଧାନ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ ବଳରାମ ଜେନାଗଣେଶ ପ୍ରସାଦ ଦାସ, ଅର୍ଜୁନ ଚରଣ ଜେନା, ଶରତ ଜେନା, ହୃଷୀକେଶ ନାୟକ ସହଯୋଗ କରିଥିଲେ। ବିଦାୟୀ ପ୍ରଧାନଶିକ୍ଷକଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା।

### ଅର୍ଜୁନ ପଲ୍ଲିଶ୍ରୀ ମେଳା

## ନାଚ ଗୀତର ମଜାନେଲେ ଦର୍ଶକ



**ବନ୍ତ/ଆଗରପଡ଼ା,୩୧/୧(ସମିସ):** ବନ୍ତ ବ୍ଲକ ଓଡଙ୍ଗ ପଞ୍ଚାୟତରେ ବିଶ୍ୱାସ ଫାଉଣ୍ଡେସନ ଓ ପଲ୍ଲିଶ୍ରୀ ମେଳା କମିଟି ମିଳିତ ଆନୁକୂଲ୍ୟରେ ୭ ଦିନିଆ ଅର୍ଜୁନ ପଲ୍ଲିଶ୍ରୀ ମେଳାର ଚତୁର୍ଥ ସନ୍ଧ୍ୟାରେ ବିଶ୍ୱାସ ଫାଉଣ୍ଡେସନର ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ସମାଜସେବୀ ସୁଜାତା ଜେନା, ବିଶିଷ୍ଟ ଅତିଥି ବାରିପଦା ମେଡିକାଲ କଲେଜ ଅଧ୍ୟାପିକା ଭାଗ୍ୟଶ୍ରୀ ପଣ୍ଡା, ମୁଖ୍ୟବକ୍ତା ଏଡିଟର ମଞ୍ଜୁଶ୍ରୀ ଜେନା, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ଦାସ, ଭୂମିକନ୍ୟାର ସଭାପତି ସଂଯୁକ୍ତା ବଳ, ବ୍ରାଇଟ ଶିକ୍ଷା ଅନୁଷ୍ଠାନର ଉପନିର୍ଦ୍ଦେଶିକା ଦମୟନ୍ତୀ ରାଉତ, ଆଞ୍ଚଳିକ କଣ୍ଠଶିଳ୍ପୀ ଶଶିକଳା ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତୃତୀୟ ସନ୍ଧ୍ୟାରେ ବିଭିନ୍ନ ସେବା ମୂଳକ କାର୍ଯ୍ୟ ପାଇଁ ଭଦ୍ରକ ମେଡିକାଲର ସେବିକା ପ୍ରତିମା ପଲେଇ, ନିହାରିକା ରାଉତ, ନିବେଦିତା ସାହୁ ଓ ଡ଼ା ସଙ୍ଗୀତା ବଳଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଶ୍ୱାସ ଫାଉଣ୍ଡେସନର ସମ୍ପାଦକ ସୁକାନ୍ତ ବେହେରା ଅତିଥି ପରିଚୟ ଓ ସଭାପତି ଜିତେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କଳାକାର ଓ କୁନିପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସଂସ୍କୃତି ବିଭାଗ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କମିଟି ସଭାପତି ବିଜୟ ଜେନା, ସମ୍ପାଦକ ରମେଶ ମଲ୍ଲିକ, ଅକ୍ଷୟ ବାରିକ, ବୀରକିଶୋର ବାରିକ, ଅକ୍ଷୟ ଗିରି, ଧନେଶ୍ୱର ପଢିହାରୀ, ଚିନ୍ମୟ ଦାସ, ନୀଳେଶ ବାରିକ, ହରିହର ମଣ୍ଡଳ, ରାଜକିଶୋର ସ୍ୱାଇଁ, ଶରତ ପଲେଇ, ନାରାୟଣ ଦାଶ, ଜଗବନ୍ଧୁ ଦାସ, ସନ୍ତୋଷ ମଲିକ, ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## କୁହୁଡ଼ି ବଳୟରେ ଭଣ୍ଡାରିପୋଖରୀ



**ବାରିକପୁର, ୩୧।୧(ସମିସ):** ଗତ ଏକ ସପ୍ତାହ ଧରି ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳ କୁହୁଡି ବଳୟରେ ରହିଛି। ଏଥିପାଇଁ ପ୍ରତ୍ୟେକ ଦିନ ଭୋର ୫ଟାରୁ ଦିନ ୯ଟା ଯାଏଁ ଜନଜୀବନ ଅସ୍ତବ୍ୟସ୍ତ ହେଉଛି। ସକାଳୁଆ କୁହୁଡି ଯୋଗୁଁ ବ୍ଲକ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ବିଷ୍ଣୁପୁରଠାରୁ ବାରିକପୁର, ଧାମନଗର ଛକ, ଆଖୁଆପଦା, ଛତାବର ଯାଏଁ ଯାନବାହନ ଚଳାଚଳରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ଏପରିକି ଏଥିପାଇଁ ଅନେକ ସ୍ଥାନରେ ଛୋଟମୋଟ ଦୁର୍ଘଟଣା ଘଟୁଥିବା ଜଣାଯାଇଛି। ଭୋର ହେଲେ ଘନ କୁହୁଡି ଘେରି ଯାଉଛି। ଲୋକମାନେ ବାଇକ ଓ ସାଇକଲ ଯୋଗେ ଛକ ବଜାରକୁ ଯିବା କଷ୍ଟକର ହୋଇପଡୁଛି।

କୁହୁଡି ପାଇଁ ଦୈନନ୍ଦିନ କାର୍ଯ୍ୟ ସକାଶେ ବାହାରକୁ ଯାଉଥିବା ଲୋକେ ଠିକ୍ ସମୟରେ ଘରୁ ବାହାରି ପାରୁନାହାନ୍ତି। ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ମଧ୍ୟ ଦୈନିକ ଟିଉସନ ତଥା ଶିକ୍ଷାନୁଷ୍ଠାନକୁ ଯିବା କଷ୍ଟକର ହୋଇପଡୁଛି। ବିଭିନ୍ନ ଗ୍ରାମ୍ୟ ବଜାରରେ ମଧ୍ୟ ପ୍ରାତଃ ଜନସମାଗମ ଦେଖିବାକୁ ମିଳୁନାହିଁ। ପୂର୍ବାହ୍ନ ୧୦ଟା ପରେ କୁହୁଡି ସମ୍ପୂର୍ଣ୍ଣ ଛାଡୁଥିବା ବେଳେ ଜନଜୀବନ ସ୍ୱାଭାବିକ ହେଉଛି। ଆଗକୁ କିଛି ଦିନ ଘନ କୁହୁଡି ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## 'ମହୋତ୍ସବ ତିହିଡ଼ିର ପରିଚୟକୁ ବୃଦ୍ଧି କରିଛି'



**ତିହିଡି, ୩୧।୧(ସମିସ):** ମହୋତ୍ସବ ତିହିଡ଼ିର ପରିଚୟକୁ ବୃଦ୍ଧି କରିଛି। ଏହି ମହୋତ୍ସବ ତିହିଡ଼ିର ପ୍ରତିଭା ଅନ୍ୱେଷଣ କରିବାରେ ସଫଳ ପ୍ରୟାସ ବୋଲି ଉଚ୍ଚଶିକ୍ଷା, ଯୁବ ଓ କ୍ରୀଡ଼ା, ଭାଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ତିହିଡି ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମତ ପ୍ରକାଶ କରିଛନ୍ତି। ମହୋତ୍ସବ କମିଟି ସଭାପତି ସୋମନାଥ ପାଢ଼ୀଙ୍କ ପୌରୋହିତ୍ୟ ଓ ଡ. ଲକ୍ଷ୍ମୀଧର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଶିଳ୍ପୀ ଅଶୋକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ହାସ୍ୟ ଅଭିନେତା ସୁମନଙ୍କ ସହ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ତିହିଡ଼ିର ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ମନୋରଞ୍ଜନ କରାଇଥିଲେ। ଆଦର୍ଶ ଚାଷୀ ଓ ଶବଦାହ କରିବାରେ ଅଗ୍ରଣୀ ଭୂମିକା ନେଉଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ତିହିଡ଼ିର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ମାକ୍ରୋୱେବ ଟେକ୍ନୋଲୋଜି ସମ୍ମାନିତ



**ଭଦ୍ରକ, ୩୧।୧(ସମିସ):** ଭୁବନେଶ୍ୱରସ୍ଥିତ ରେଳସଦନ ସମ୍ମିଳନୀ କକ୍ଷରେ ଆୟୋଜିତ ବାର୍ଷିକ ନେଟୱର୍କ ମିଟ-୨୦୨୫ ଅବସରରେ ୨୦୨୪ରେ ଓକେସିଲ ଦ୍ୱାରା ପରିଚାଳିତ ଭଦ୍ରକ 'ମାକ୍ରୋୱେବ ଟେକ୍ନୋଲୋଜି'ର ପରିଚାଳନା ନିର୍ଦ୍ଦେଶକ ମନୋଜ ରାୟଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ମିଳନୀରେ ଓଡିଶା ସରକାରଙ୍କ ବିଦ୍ୟୁତ ଅଣୁବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରମୁଖ ସଚିବ, ବିପିୟୁଟିର ଉପାଧ୍ୟକ୍ଷ, ଓକେସିଲର ପରିଚାଳନା ନିର୍ଦ୍ଦେଶକ, ଓକାକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭଦ୍ରକ ବ୍ୟତୀତ ଓଡ଼ିଶାର ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ପ୍ୟୁଟର ଶିକ୍ଷା ମାଧ୍ୟମରେ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ ଆହ୍ୱାନ ଦେଇଥିଲେ। ଶ୍ରୀ ରାୟଙ୍କ ସଫଳତା ପାଇଁ ଛାତ୍ରଛାତ୍ରୀ, ଅଭିବାବକ, ଶୁଭେଚ୍ଛୁ ମହଲରେ ଖୁସିର ବାତାବରଣ ସୃଷ୍ଟି ହୋଇଛି। ଶ୍ରୀ ରାୟ ଶୁଭେଚ୍ଛୁମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବାରାପୁର ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



**ବାସୁଦେବପୁର,୩୧।୧(ସମିସ):** ବାସୁଦେବପୁର ବ୍ଲକ ଆର୍ଡୁଂ ପଞ୍ଚାୟତର ବାରାପୁର ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀଙ୍କ ଜଗବନ୍ଧୁ ସାହୁ, ମୁଖ୍ୟବକ୍ତା ଭାବେ ଗବେଷକ ଅଜୟ ପଣ୍ଡା, ସମ୍ମାନିତ ଅତିଥି ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ, ଆର୍ଡୁଂ ସରପଞ୍ଚ ସୁବାସଚନ୍ଦ୍ର ସନ୍ଧିବିଗ୍ରହ, ମୀନା କୁମାରୀ ମଲ୍ଲିକ, ମୁକ୍ତିକାନ୍ତ ଅଗସ୍ତୀ, ସିଆରସିସି ମନରଞ୍ଜନ ଧଳ ଯୋଗ ଦେଇଥିଲେ। ବାରାପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଜ୍ୟୋତିପ୍ରକାଶ ଲେଙ୍କା ସଭାପତିତ୍ୱ କରିଥିଲେ। ଶିକ୍ଷକ ଦିଲୀପ ସାହୁ ଓ ଶିକ୍ଷୟିତ୍ରୀ ସୁନିତି ଲତା ସାହୁଙ୍କ ସମ୍ବର୍ଦ୍ଧିତ କରିଥିଲେ। ବାରାପୁର ହାଇସ୍କୁଲର ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଧାମନଗର ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ

ଧାମନଗର, ୩୧।୧(ସମିସ)





ଧାମନଗର ପ୍ରେସ୍ କ୍ଲବ କାର୍ଯ୍ୟାଳୟ ସମ୍ମୁଖରେ ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତ୍ୟ ହିଁ ସାମ୍ବାଦିକତା। ସାମ୍ବାଦିକତା ପାଇଁ ଗଣତନ୍ତ୍ର ତିଷ୍ଠି ରହିଛି। ସାମାଜିକ ବ୍ୟବସ୍ଥାର ନିଚ୍ଛକ ଛବିକୁ ବହୁ କଷ୍ଟ କରି ବିନା ପାରିଶ୍ରମିକରେ ସାମ୍ବାଦିକମାନେ ଯେଉଁଳି ଭାବେ ପରିପ୍ରକାଶ କରୁଛନ୍ତି ତାର ତୁଳନା ନାହିଁ ବୋଲି ଧାମନଗର ପ୍ରେସ କ୍ଲବର ଆୟୋଜିତ ବାର୍ଷିକ ଉତ୍ସବ ସଭାରେ ଅତିଥିମାନେ କହିଛନ୍ତି। ଶୁକ୍ରବାର ଅପରାହ୍ନରେ ପ୍ରେସ କ୍ଲବ ସମ୍ମୁଖ ପଡିଆରେ ବାର୍ଷିକ ଉତ୍ସବ ସଭାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପ୍ରାକ୍ତନ ପିସିସି ପ୍ରସାଦ ହରିଚନ୍ଦନ, ପୂର୍ବତନ ବିଧାୟକ ଲଲାଟେନ୍ଦୁ ଦାସ, ନାଟ୍ୟ ପ୍ରତିଭା ତଥା ସ୍ତମ୍ଭକାର ବିଜୟ ଦାସ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ପ୍ରମୁଖ ଗଣମାଧ୍ୟମର ବିଭିନ୍ନ ଦିଗ, ପ୍ରସଂଗ, ଦାୟିତ୍ୱ, ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରେସ କ୍ଲବର ସଭାପତି ବୈକୁଣ୍ଠନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ସାଧାରଣ ସମ୍ପାଦକ ରଜତ ପଣ୍ଡା ବାର୍ଷିକ ବିବରଣୀ ପାଠ, ସାମ୍ବାଦିକ କିଷାନ ରାଉତ ଅତିଥି ପରିଚୟ ପ୍ରଦାନ ଏବଂ ସାମ୍ବାଦିକ ସୁଧାକର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ସଦସ୍ୟ ଉପଦେଷ୍ଟା ତଥା ସାମ୍ବାଦିକ ଅନିଲ ବାରିକ, ବାସୁଦେବ ତ୍ରିପାଠୀ, ରସାନନ୍ଦ ମହାପାତ୍ର, ରତ୍ନାକର ଦାଶ, ସୁଧୀର ପଣ୍ଡା ଏବଂ ଧନେଶ୍ୱର ପଣ୍ଡା ସମେତ ଶିକ୍ଷାବିତ ଗିରିଶ ବିହାରୀ ମିଶ୍ର, ସମାଜସେବୀ ହେମେନ୍ଦ୍ର ସାହୁ, ନୃତ୍ୟଶିଳ୍ପୀ ଶୁଭେନ୍ଦୁ ଲେଙ୍କା, ଶିକ୍ଷା ଉଦ୍ୟୋଗୀ ଜୟନ୍ତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ସୁଧାକର ଦାଶ ସ୍ୱାଗତ ଭାଷଣ ଓ କିଷାନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜ୍ୟର ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଜିଲ୍ଲାସ୍ତରୀୟ ସାମ୍ବାଦିକ ବନ୍ଧୁମାନେ ଯୋଗ ଦେଇଥିବା ବେଳେ ବହୁ ଅଧିକାରୀ ଓ ଜନପ୍ରତିନିଧି, ଶିକ୍ଷାବିତ୍, ବୁଦ୍ଧିଜୀବୀ, ସମାଜସେବୀ ଯୋଗ ଦେଇଥିଲେ।

ସାମ୍ବାଦିକ ସେକ ଜାଫର ଅଲ୍ଲୀ, ସୁଶାନ୍ତ ରାଉତ, ବିବେକାନନ୍ଦ ସାମଲ, କୈଳାସଚନ୍ଦ୍ର ଗୁପ୍ତା, ପ୍ରଶାନ୍ତ ଦ୍ୱିବେଦୀ, ସନ୍ତୋଷ ମହାପାତ୍ର, ଗୋଲାମ ଜିଲାନି ହବିବ, ତାପସ ରଞ୍ଜନ ସାହୁ, ବିବେକାନନ୍ଦ ପଣ୍ଡା, ସଂଜୀବ ମହାନ୍ତି, ଗୌରାଙ୍ଗ ଦାସ, ଏମଡି ଜାବିର, ଦୁର୍ଗାପ୍ରସାଦ ମହାପାତ୍ର, ପ୍ରଦୀପ ମହାପାତ୍ର, ସରୋଜ ସେଠୀ, ଦୀନକୃଷ୍ଣ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# 'ନବଗ୍ରହ ମନ୍ଦିର ହାତେଇବାକୁ ଟ୍ରଷ୍ଟ ଗଠନ ଭେଳିକି'



**ତିହିଡି, ୩୧।୧(ସମିସ):** ତିହିଡି ବ୍ଲକ ଅନ୍ତର୍ଗତ କୋହ୍ଲ ପଞ୍ଚାୟତ ସଦର ବଜାର ଉପରେ ଥିବା ପୁରାତନ ନବଗ୍ରହ ମନ୍ଦିରଟିକୁ ହାତେଇବାକୁ ଟ୍ରଷ୍ଟ ବୋର୍ଡ ଗଠନ ଏକ ଭେଳିକି ବୋଲି ସ୍ଥାନୀୟ ଗ୍ରାମବାସୀ, ମନ୍ଦିରର ମାର୍ଫତଦାର ଓ ପରିଚାଳନା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଶୁକ୍ରବାର ଦିନ ନବଗ୍ରହ ମନ୍ଦିର ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେମାନଙ୍କ ଅଭିଯୋଗ ଅନୁସାରେ, ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାନ ଅବଦାନରେ ପରିଚାଳିତ ବହୁ ପୁରାତନ ଏହି ନବଗ୍ରହ ମନ୍ଦିରକୁ କରାୟତ୍ତ କରିବାକୁ କିଛି ବ୍ୟକ୍ତି ନବଗ୍ରହ ଠାକୁର ସେବାସଂଘ ଗଠନ କରି ତିହିଡି ଉପନିବନ୍ଧକଙ୍କଠାରେ ଏକ ଦଲିଲ ସମ୍ପାଦନ କରିବା ସହିତ ଦେବୋତ୍ତର ଇନସପେକ୍ଟରଙ୍କୁ ହାତ କରି ଟ୍ରଷ୍ଟବୋର୍ଡ ଗଠନ କରିଛନ୍ତି। ଏ ସମ୍ପର୍କରେ ମନ୍ଦିରର ପୂଜକଗଣ, ମନ୍ଦିର ପାଇଁ ଜମିଦାତା, ମନ୍ଦିର ନିର୍ମାଣକାରୀ ସର୍ବୋପରି ଗ୍ରାମବାସୀ ଆଦୌ ଅବଗତ ନାହାନ୍ତି କି ସରକାରୀ ଭାବେ ବି ସେମାନଙ୍କୁ କୌଣସି ସୂଚନା ଦିଆଯାଇନି। ସେହିପରି ମନ୍ଦିରର ମାର୍ଫତଦାର ମାନେ ଟ୍ରଷ୍ଟ ଗଠନ ନେଇ ଅନୁମତି ପ୍ରଦାନ ବି କରିନାହାନ୍ତି। ଅନ୍ୟପକ୍ଷେ ଟ୍ରଷ୍ଟବୋର୍ଡ ଗଠନ ନେଇ ଆନୁଷଙ୍ଗିକ ନୀତିନିୟମ ପାଳନ କରାଯାଇନି। ଯେଉଁ ୫୬ ଜଣଙ୍କ ଦସ୍ତଖତ ଏଥିରେ ରହିଛି ସେହି ଲୋକମାନଙ୍କର ଠିକଣା କି ଫୋନ ନମ୍ବର ପ୍ରସ୍ତୁତ କାଗଜପତ୍ରରେ ଉଲ୍ଲେଖ କରାଯାଇନାହିଁ। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ପୂର୍ବରୁ ଜିଲ୍ଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନି। ଏଭଳି ଟ୍ରଷ୍ଟ ବୋର୍ଡ ସେମାନଙ୍କ ଭାବାବେଗକୁ ଗଭୀର ଆଘାତ ଦେଇଛି ବୋଲି ବରିଷ୍ଠ ସାହିତ୍ୟିକ ନିର୍ମଳ ସେନାପତି, ଆଇନଜୀବୀ ବିପ୍ଳବ ନାୟକ, ଜିତେନ୍ଦ୍ର ଗ୍ରହାଚାର୍ଯ୍ୟ, ଗୁରୁପଦ ସାହୁ, ଗୌରାଙ୍ଗ ସେନାପତି, ଉଦୟ ଦାସ, ରଣଜିତ ବଳ, ବିଷ୍ଣୁଚରଣ ଗ୍ରହାଚାର୍ଯ୍ୟ, ମହେଶ୍ୱର ଗ୍ରହାଚାର୍ଯ୍ୟ, ପ୍ରଶାନ୍ତ ବଳ, କୈଳାସ ବଳ, ନିରାକାର ସେନାପତି, ସୁବୋଧ ନାୟକ ଓ ଭାଗୀରଥି ଗ୍ରହାଚାର୍ଯ୍ୟ ପ୍ରମୁଖ ବହୁ ଗ୍ରାମବାସୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

● ୨ ବାଇକ୍ ମୁହାଁମୁହିଁ

## ତିନି ଗୁରୁତର

**ମଞ୍ଜୁରୀ ରୋଡ, ୩୧।୧(ସମିସ):** ଭଣ୍ଡାରିପୋଖରୀ ଥାନା ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ନାଥାମୀ ନୀଳକ ରାସ୍ତାର ଭୁଆଳଗଡିଆ ଛକ ନିକଟରେ ଦୁର୍ଘଟଣା ଘଟି ତିନି ଜଣ ଗୁରୁତର ହୋଇଥିବା ଜଣାପଡିଛି। ସନ୍ଧ୍ୟା ପ୍ରାୟ ୬ଟା ବେଳେ ବନ୍ତ ପଟୁ ଆସୁଥିବା ଏକ ବାଇକ୍ ସହ ମଞ୍ଜୁରୀରୋଡ ପାର୍ଶ୍ୱରୁ ଯାଉଥିବା ଅନ୍ୟ ଏକ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଯାଜପୁର ଟାଉନ ଅଞ୍ଚଳର ଏସକେ ରମଦୁ(୩୨), ଶୋଲତାନା ବିବି(୨୫), ଏସକେ ମଜାଫର(୧୪) ଆହତ ହୋଇଛନ୍ତି। ୧୦୮ ଯୋଗେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ବେଳେ ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇଛି।

ଟ୍ରକ୍ ଧକ୍କାରେ ଯୁବକ ମୃତ

## ମୁଖ୍ୟରାସ୍ତା ଅବରୋଧ

**ବାସୁଦେବପୁର, ୩୧।୧(ସମିସ):** ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ପଞ୍ଚାୟତର କସିଆ ରାସ୍ତାରେ (ଓଡି୨୨ଭି -୬୧୨୫) ଟ୍ରକ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ବିନୋବାଭାବେ ନଗର ପଞ୍ଚାୟତର ବଳିରାମ ଜେନା। ବାସୁଦେବପୁର ଅଭିମୁଖେ ଯାଉଥିଲେ। ଚାନ୍ଦିମାଳରୁ କସିଆ ଅଭିମୁଖେ ଉକ୍ତ ଟ୍ରକ ବାଲି ବୋଝେଇ କରି ଯାଉଥିଲା। ଏହି ଘଟଣାରେ ଉତ୍ୟକ୍ତ ଲୋକେ ଡାକ୍ତରଖାନାରୁ ମରଶରୀର ଆଣି ପାରାପୋଖରୀ ଛକ ମୁଖ୍ୟରାସ୍ତା ରଖି ରାସ୍ତା ଅବରୋଧ କରିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକର ବୀମା ଶେଷ ହୋଇଥିବାରୁ ମୃତ ଯୁବକ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇପାରନ୍ତି। କିଛି ଯୁବକ ବେଆଇନ ଭାବେ ବାସୁଦେବପୁର-ଧାମରା ରାସ୍ତା ଅବରୋଧ କରିବା ଫଳରେ ଶହ ଶହ ଗାଡି ଦୁଇ ପାର୍ଶ୍ୱରେ ଅଟକି ରହିଥିଲା। ଯାତ୍ରୀ ବାଟରେ ଅଟକି ରହି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ପୁଲିସର ନିଷ୍କ୍ରିୟତା ଯୋଗୁଁ କିଛି ଲୋକ ଅରାଜକତା ସୃଷ୍ଟି କରୁଛନ୍ତି। ଯେଉଁ ରାସ୍ତାର ଦୁର୍ଘଟଣା ହେଲା ସେହି ରାସ୍ତାର ଅବରୋଧ ନକରି ମୁଖ୍ୟରାସ୍ତାକୁ ଅବରୋଧ କରିବାରୁ ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେଉଥିଲେ।



## ମୁଣ୍ଡ ପୋତା କେଳାଙ୍କ ଗବେଷଣାତ୍ମକ ଚଳଚ୍ଚିତ୍ର 'ଅପରାହ୍ନର ସୂର୍ଯ୍ୟ' ଶୁଭାରମ୍ଭ



**ଭଦ୍ରକ,୩୧।୧(ସମିସ):** ଭଦ୍ରକ ରାନ୍ଦିଆସ୍ଥିତ ମାଧବ ସିନେମା ହଲରେ ପୂର୍ବାହ୍ନ ୧୦ଟାରେ ଶୁଭମୁକ୍ତି ହେଲା ଚଳଚ୍ଚିତ୍ର "ଅପରାହ୍ନର ସୂର୍ଯ୍ୟ'। ଏହା ୪୦ ବର୍ଷ ତଳର ମୁଣ୍ଡ ପୋତା କେଳାଙ୍କ ଜୀବନୀ ଉପରେ ଆଧାରିତ ଏକ କାହାଣୀ। ଏହି ଚଳଚ୍ଚିତ୍ର ଅପରାହ୍ନର ସୂର୍ଯ୍ୟ ଭଦ୍ରକ ଜିଲ୍ଲା ପାଇଁ ଶୁଭାରମ୍ଭ କଲେ ମୁଖ୍ୟଅତିଥି ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ସହ ଚଳଚ୍ଚିତ୍ରର ପ୍ରଯୋଜକ ଓ ନିର୍ଦ୍ଦେଶକ ଅଜୟ ମହାନ୍ତି, କଳାକାର କଳିଙ୍ଗ ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଏହି ଚଳଚ୍ଚିତ୍ର ଆନ୍ଧ୍ରପ୍ରଦେଶର ହେଇଥିଲେ ମଧ୍ୟ ପୁରୁଷ ପୁରୁଷ ଧରି ବ୍ରହ୍ମପୁର ଅଞ୍ଚଳରୁ ଗାଁକୁ ଗାଁ ବୁଲି ମୁଣ୍ଡ ପୋତା ଖେଳ ଦେଖାନ୍ତି। ସେଇଥିରୁ ଯାହା ମିଳେ ସେଇ ତାଙ୍କ ବରଷ ଯାକର ତେଲ ଲୁଣ ଖର୍ଚ୍ଚ। ସେମାନେ ଏବେ ଆଉ ନାହାନ୍ତି। ବୁଡି ଯାଇଥିବା ଲୋକକଳା ଉପରେ ଆଧାରିତ ଏଇ ସିନେମା। ଏଥିରେ ମୁଖ୍ୟ ଭୂମିକାରେ ପ୍ରମୋଦ ଦାସ, ଜୟା ସ୍ୱାମୀ, ମୁନମୁନ୍ ଖୁଣ୍ଟିଆ, ଅଜୟ ମହାନ୍ତି, ଶିଶୁ କଳାକାର ମାନଭି ଭଦ୍ରା, ଶୁଭମ ସାହୁ, ଜାନକୀ ମିଶ୍ର, ସୁସନ୍ଧ୍ୟା ନାରାୟଣୀ ମହାନ୍ତି, ରାହୁଲ ବିନ୍ଧାଣୀ ଓ ସୋମନାଥ ଦାସ ରହିଛନ୍ତି। ସପରିବାର ଦେଖି ପାରିବା ଭଳି ଏହି ଚଳଚ୍ଚିତ୍ର ବୋଲି ପ୍ରଯୋଜକ ପ୍ରକାଶ କରିଥିଲେ।

## ପ୍ରଜ୍ଞାପୀଠରେ ତ୍ରିବେଣୀ ଅମାବାସ୍ୟା ପାଳିତ



**ଭଦ୍ରକ, ୩୧।୧(ସମିସ):** ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ'ର 'ତ୍ରିବେଣୀ' ଅମାବାସ୍ୟା ଆସର ପ୍ରଜ୍ଞାପୀଠରେ ପାଳିତ ହୋଇଯାଇଛି। ବକ୍ତାମାନେ ପର୍ଯ୍ୟାପ୍ତ ଆଲୋଚନା କରି କହିଥିଲେ ଯେ ୧୪୪ବର୍ଷ ପରେ କୁମ୍ଭମେଳାରେ ପୂର୍ଣ୍ଣ କୁମ୍ଭ ସ୍ନାନର ସୁଯୋଗ ପାଇବା ପାଇଁ ଦେଶ ବିଦେଶରୁ ଲକ୍ଷ ଲକ୍ଷ ସାଧୁସନ୍ଥଙ୍କର ସମାଗମ ସଙ୍ଗମ ସ୍ଥଳରେ ହୋଇଛି। ଅନୁଷ୍ଠାନର ନୂତନ ସଭାପତି ପ୍ର. ଡ. ରାମଚନ୍ଦ୍ର ପଣ୍ଡା ଓ ସମ୍ପାଦକ ଶିକ୍ଷକ ନେତା ପ୍ରଭାକର ପରିଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସାହିତ୍ୟ ଆସରରେ ସ୍ମୃତିଫଳକ 'ଆମେ' ଉନ୍ମୋଚନ ହୋଇଥିଲା। ସଭାମୁଖ୍ୟ ଭାବେ ବରିଷ୍ଠ ଅଧିବକ୍ତା ଅଗଣୀଚରଣ ଜେନା ମଞ୍ଚ ସଂଚାଳନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ର. ଡ. ଦେବେନ୍ଦ୍ରନାଥ ଧନୀ, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଭାନୁମତୀ ମାଟିଆ, ବିଶିଷ୍ଟ ସ୍ତମ୍ଭକାର ଡ. ପ୍ରଫୁଲ ସାହୁଙ୍କ ସହ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅବନୀକାନ୍ତ ପ୍ରଧାନ, ଚର୍ଚ୍ଚିକା ମହାପାତ୍ର, ଆଡଭୋକେଟ ହେମନ୍ତ ନାୟକ, ଜଗନ୍ନାଥ ରାଉତ, ଅମ୍ବିକା ଦାସ, ଲକ୍ଷ୍ମୀକାନ୍ତ ବାରିକ, କୈଳାଶଚନ୍ଦ୍ର ଜେନା, ଜଗବନ୍ଧୁ ବାରିକ, ବରିଷ୍ଠ ଅଧିବକ୍ତା ଗିରିଧାରୀ ନାଥ, ତନୁଶ୍ରୀ ନାୟକ, ମାଧବୀ ଲତା ନାୟକ, ଯୁବ କବି ଅକ୍ଷୟ କୁମାର ଜେନା, ଆଦ୍ୟାଶା ନାୟକ, ଆରାଧ୍ୟା ନାୟକ, ଅବସରପ୍ରାପ୍ତ ଫେକର ଅଧିକାରୀ ଗଙ୍ଗାଧର ମଲିକ, ସାମ୍ବାଦିକ ଓମ୍ ପ୍ରକାଶ ମିଶ୍ର, ସାମ୍ବାଦିକ ଶିବାନନ୍ଦ ଦାସ, ଗୟାଧର ରାଉତ, କାହ୍ନୁଚରଣ ପଣ୍ଡା, ପ୍ରଫୁଲ୍ଲ ଦାସ, ଭଦ୍ରକ କଳା ସଂସ୍କୃତି ମଞ୍ଚ ଉପସଭାପତି ତ୍ରିଲୋଚନ ପଣ୍ଡା, ପିତାମ୍ବର ବାରିକ ଯୋଗ ଦେଇଥିଲେ। ପୂର୍ବତନ ସମ୍ପାଦକ ପ୍ର. ଅଟଳ ବିହାରୀ ନାୟକ ଧନ୍ୟବାଦ ଦେଇଥିଲେ।

## ବ୍ୟାପକ ମଦ ଜବତ; ଜଣେ ଗିରଫ

**ବାରିକପୁର, ୩୧।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ବଜାର ନିକଟସ୍ଥ ଏକ ପାନ ଦୋକାନରୁ ବ୍ୟାପକ ମଦ ଜବତ କରାଯାଇଛି। ବରପଦି ଗ୍ରାମର ସତ୍ୟରଞ୍ଜନ ଦାସଙ୍କ ବାରିକପୁରଠାରେ ଦୀର୍ଘ ଦିନ ହେବ ଏକ ପାନ ଦୋକାନ ଦେଇଛି। ନାମକୁ ମାତ୍ର ପାନ ଦୋକାନ କରିଥିବା ବେଳେ ସେ ଦୈନିକ ହଜାର ହଜାର ଟଙ୍କାର ଚୋରା ମଦ କାରବାର କରିଥାଏ। ଅଭିଯୋଗ ମୁତାବକ ପୁଲିସ ଉପଖଣ୍ଡ ଅଧିକାରୀ ତ୍ରିଲୋଚନ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଆଜି ସକାଳୁ ଉକ୍ତ ସ୍ଥାନରେ ଚଢଉ ହୋଇଥିଲା। ବ୍ୟାପକ ଦେଶୀ ଓ ବିଦେଶୀ ମଦ ଜବତ ହୋଇଥିବା ବେଳେ ଅଭିଯୁକ୍ତ ସତ୍ୟରଞ୍ଜନ ଓରଫ୍ ବୁଲାକୁ ପୁଲିସ ଗିରଫ କରିଛି। ପାନ କ୍ୟାବିନ ସମେତ ପାଖ କୁମୁଟି ଓ ନିକଟସ୍ଥ ଏକ ପରିତ୍ୟକ୍ତ ସରକାରୀ ଗୃହରୁ ପୁଲିସ ମଦ ଜବତ କରିଛି। ୩୦-୩୫ ପେଟି ମଦ ଜବତ ହୋଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ଜଣାପଡିଛି। ଜବତ ମଦର ମୂଲ୍ୟ ପ୍ରାୟ ଦେଢ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଧାମନଗର ଥାନା ଓ କେନ୍ଦୁଆପଦା ଫାଣ୍ଡି ପକ୍ଷରୁ ଏହି ମିଳିତ ଚଢଉ ହୋଇଥିଲା। ଥାନାରେ ମାମଲା ରୁଜୁ ହୋଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଏବେ ସରକାରୀ ସ୍ୱୀକୃତି ପ୍ରାପ୍ତ କାଉଟହଠାରୁ ଚୋରାରେ ଅଧିକ ମଦ ବିକ୍ରି ହେଉଥିବା ଉକ୍ତ ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହୋଇଛି। ଅନ୍ୟାନ୍ୟ ସ୍ଥାନରେ ଏଭଳି ଚଢ଼ଉ ପାଇଁ ଦାବି ହୋଇଛି।

## ଯାନବାହନ ଧରପଗଡ଼

**ଭଦ୍ରକ, ୩୧।୧(ସମିସ):** ଭଦ୍ରକ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ମାସର ଶେଷ ଦିବସରେ ଭଦ୍ରକ ସହର ଡାହାଣୀଗଡିଆଠାରେ ଯାଞ୍ଚ କରାଯାଇ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଉକ୍ତ ରାସ୍ତାରେ ବିନା ହେଲମେଟ୍‌ରେ ବାଇକ୍, ସ୍କୁଟି ଚଳାଉଥିବା ୧୯ ଜଣ ଆରୋହୀଙ୍କ ବିରୋଧରେ ଚାଲାଣ କଟାଯାଇଥିଲା। ସେହିଭଳି ଜଣେ ନାବାଳକ ବାଇକ୍ ଚାଳକଙ୍କ ମଧ୍ୟ ଚାଲାଣ କଟାଯାଇଥିଲା। ମୋଟ ୨୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଯାଞ୍ଚରେ ଟ୍ରାଫିକ୍ ସବ୍ ଇନ୍ସପେକ୍ଟର ଶର୍ମିଷ୍ଠା ମିଶ୍ର, ଏସ୍‌ଆଇ ଏସ୍‌ଏସ୍ ନାୟକ ଓ ଟାଉନ ପୁଲିସ ସାମିଲ ଥିଲେ।

## ମହାବୀର କପ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ



**ମଞ୍ଜୁରୀ ରୋଡ, ୩୧।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ ମେଡିକାଲ ପଡିଆରେ ରାଜ୍ୟସ୍ତରୀୟ ମହାବୀର କପ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି ଯୋଗ ଦେଇଥିଲେ। ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, କ୍ଲବ ସଭାପତି ଗୋପୀନାଥ ନାୟକ, ଉପସଭାପତି ଲକ୍ଷ୍ମଣ ସେନାପତି, ସମ୍ପାଦକ ଧନେଶ୍ୱର ସ୍ୱାଇଁ, ସହସମ୍ପାଦକ କରୁଣାକର ଖଣ୍ଡାଇ, ପ୍ରଶିକ୍ଷକ ଶରତଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଜେସିଏ ଖୋର୍ଦ୍ଧା ସହ ଜେଏସି ଅଞ୍ଜନପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜେସିଏ ଖୋର୍ଦ୍ଧା ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୯ଉଇକେଟ ହରାଇ ୧୮୩ ରନ ସଂଗ୍ରହ କରିଥିଲା। ଜବାବରେ ଯାଜପୁରର ଅଞ୍ଜନପୁର ୧୯.୩ଓଭରରେ ୯ଉଇକେଟ ହରାଇ ୧୮୯ରନ କରି ବିଜୟୀ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ଦିଲ୍ଲୀପ ଧଳଙ୍କୁ ପୁରସ୍କୃତ କରାଯାଇଥିଲା। ଚିନ୍ମୟ ସେନାପତି ଓ କାଳନ୍ଦୀ ଚରଣ ପଣ୍ଡା ଅମ୍ପାୟାର ଥିବା ବେଳେ ସ୍କୋରର ଭାବେ ସନ୍ତୋଷ ଖଣ୍ଡାଇ, ଅଜୟ ବାରିକ ଓ ଭାଷ୍ୟକାର ଭାବେ ଶ୍ରୀକାନ୍ତ ଖଣ୍ଡାଇ, ସଞ୍ଜୟ ଶତପଥୀ ଓ ଶରତଚନ୍ଦ୍ର ଜେନା ରହିଥିଲେ। ଶରତଚନ୍ଦ୍ର ବାରିକ ମ୍ୟାଚ ରେଫରୀ ଥିଲେ। ମ୍ୟାଚକୁ ମହାବୀର ଯୁବକ ସଂଘର ସଦସ୍ୟମାନେ ପରିଚାଳନା କରିଥିଲେ।

## ବରିଷ୍ଠ ଅଧ୍ୟାପକ ପଦ୍ମନାଭ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା

**ଅସୁରାଳି, ୩୧।୧(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଇନ୍ଦିରା ଗାନ୍ଧୀ ସ୍ମୃତି ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଜନୀତି ବିଜ୍ଞାନର ବରିଷ୍ଠ ଅଧ୍ୟାପକ ପଦ୍ମନାଭ ତ୍ରିପାଠୀଙ୍କ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ନାରାୟଣଚନ୍ଦ୍ର ମହାନ୍ତି ପୌରହିତ୍ୟ କରିଥିଲେ। ଅଧ୍ୟାପକ ଗୌରାଙ୍ଗ ଚରଣ ନାୟକ, ଅର୍ଚ୍ଚନା ମହାନ୍ତି, ଭାଗୀରଥି ବେହେରା, ଦିଲ୍ଲୀପ ମିଶ୍ର, ନୃସିଂହଚରଣପାଢ଼ୀ, ଚିତ୍ତରଞ୍ଜନଦାସ, ଭରତବେହେରା, ଉମେଶନାୟକ, ରବୀନ୍ଦ୍ର ପ୍ରଧାନ, ଅଭୟ ବେହେରା, ଗୋଲକ ସେଠୀ, କାମଳ ଲୋଚନ ମଲ୍ଲିକ, ମନସ୍ୱିତା ସାହୁ, ଚିନ୍ମୟୀ ସେଠୀ, ଦେବେନ୍ଦ୍ର ରାଉତ, ଅମରେଶ ରାଉତ, ଗୋପବନ୍ଧୁ ଜେନା, ଗୋଲକ ମଲ୍ଲିକ, ନରେନ୍ଦ୍ର ସାହୁ ଶ୍ରୀ ତ୍ରିପାଠୀଙ୍କ ବିଷୟରେ ମତବ୍ୟକ୍ତ କରିଥିଲେ।

## ଏସ୍‌ବିଡି ଇଣ୍ଟର୍‌ନ୍ୟାସନାଲ ସ୍କୁଲର କ୍ରୀଡ଼ା ଉତ୍ସବ



**ଭଦ୍ରକ, ୩୧।୧(ସମିସ):** ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏସ୍‌ବିଡି ଇଣ୍ଟରନ୍ୟାସ୍ନାଲ ସ୍କୁଲର ୧୦ମ କ୍ରୀଡ଼ା ଉତ୍ସବ ଗତ ୨୯ ତାରିଖ ପାଳିତ ହୋଇଯାଇଛି। ଭଦ୍ରକ ଜିଲ୍ଲାର ଡେପୁଟି କଲେକ୍ଟର୍ କାର୍ତ୍ତିକନାଥ ମଣ୍ଡଳ ମୁଖ୍ୟଅତିଥି ରୂପେ ଯୋଗ ଦେଇ ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା, ଚେୟାରମ୍ୟାନ୍ ଦେବାଶିଷ ଦୀକ୍ଷିତ୍, ବିଶିଷ୍ଟ ଶିକ୍ଷାବିତ୍ ବିପିନ ବିହାରୀ କର, ମାଡ଼ାମ୍ ଚେୟାରମ୍ୟାନ୍ ଆଶାବରୀ କରଙ୍କ ଗହଣରେ କ୍ରୀଡ଼ା ପତାକାକୁ ଉତ୍ତୋଳନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରେଡ, ଡ୍ରିଲ୍ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇଥିଲା। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଯଶୋଟିକିରି ମହାବୀର କପ୍ କ୍ରିକେଟ: ଫାଇନାଲରେ ଆଦର୍ଶ କ୍ଲବ୍



**ବାରିକପୁର/ଭଣ୍ଡାରିପୋଖରୀ, ୩୧।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନେରଡା ପଞ୍ଚାୟତ ଯଶୋଟିକିରି କ୍ରିକେଟ ପଡ଼ିଆରେ ୨୮ ତମ ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଶୁକ୍ରବାର ଗଜପତି ଆଜାଦ ଏକାଦଶ ଓ ବାଲେଶ୍ୱର ଆଦର୍ଶ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ଆଦର୍ଶ କ୍ଲବ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ଖେଳାଳି ନଜରୁଲ ଖାଁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦୁର୍ଗା ପଟ୍ଟନାୟକ ଓ ମନୋଜ କୁମାର ଅମ୍ପାୟାର, ସାଗର ରଥ ମ୍ୟାଚ ରେଫରୀ ଥିଲେ। କରନ ଖାଁ, ମାନସ ନନ୍ଦ ଓ ସଚିନ ରଥ ସ୍କୋରର ଏବଂ ପ୍ରତ୍ୟକ୍ଷ ସାହୁ, ପ୍ରଦୀପ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ଫାଇନାଲ ମ୍ୟାଚ ବାଲେଶ୍ୱର ଆଦର୍ଶ କ୍ଲବ ଓ କଟକ ନିମପୁର ମଧ୍ୟରେ ଅନୁଷ୍ଠିତ ହେବ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ,୩୧।୧(ସମିସ):** ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କୋରକୋରାସ୍ଥିତ ଭଦ୍ରକ ଆଇନ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ନେହା ଅଗ୍ରୱାଲ ଏହାକୁ ପରିଚାଳନା କରିଥିଲେ। ଯୌନ ଉତ୍ପୀଡ଼ନ ସହ ସାମ୍ବିଧାନିକ ଅଧିକାର, ତୃତୀୟ ଲିଙ୍ଗୀ ଅଧିକାର ସଂପର୍କିତ ଆଇନ ସହାୟତା ବିଷୟରେ ଆଲୋଚନା ହୋଇଥିଲା। ଭଦ୍ରକ ଆଇନ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରସନ୍ନ ରାୟ, ଇନ୍‌ସପେକ୍ଟର ମୋନାଲିସା କର, ଡ. ତାପସ ମହାନ୍ତି, ଭଦ୍ରକ ଏଲଏଡିସିଏସ୍ ସହକାରୀ ବହ୍ନିଶିଖା ବିଶ୍ୱାଳ, ଭୁବନେଶ୍ୱର ସାଥୀର ସହକାରୀ ନିର୍ଦ୍ଦେଶକ ବିଶ୍ୱଭୂଷଣ ପଟ୍ଟନାୟକ, ଭଦ୍ରକ ତୃତୀୟ ଲିଙ୍ଗ ସୁରକ୍ଷା ମଞ୍ଚ ସଭାପତି ସୌମ୍ୟା ଦାସ, ତୃତୀୟ ଲିଙ୍ଗ ସମ୍ପ୍ରଦାୟ ସହକାରୀ ବାବୁନି ସାହୁ ତଥା ଭଦ୍ରକଆଇନମହାବିଦ୍ୟାଳୟରଅଧ୍ୟାପକ, କର୍ମଚାରୀପ୍ରିୟଦର୍ଶୀରାୟତଥାଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀ ଯୋଗ ଦେଇଥିଲେ।

## ବିଭିନ୍ନ ବିଦ୍ୟାଳୟର ବାର୍ଷିକୋତ୍ସବ

### ହାରାମଣି ବାଳିକା ଉଚ୍ଚବିଦ୍ୟାଳୟ

**ଭଣ୍ଡାରିପୋଖରୀ, ୩୧।୧(ସମିସ):** ହାରାମଣି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ପ୍ରଧାନଶିକ୍ଷକ ଶରତଚନ୍ଦ୍ର ପହିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟଅତିଥି, ପୂର୍ବତନ ପ୍ରଧାନଶିକ୍ଷକ ଭାବଗ୍ରାହୀ ବିଶ୍ୱାଳ ମୁଖ୍ୟବକ୍ତା, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ଧଳ, ଭଣ୍ଡାରିପୋଖରୀ କଲେଜ ଅଧ୍ୟକ୍ଷ ଭରତଚନ୍ଦ୍ର କରଣ, ଶିକ୍ଷୟିତ୍ରୀ ସୌଦାମିନୀ ପଣ୍ଡା ଓ ଶିକ୍ଷକ ଗଗନ ବିହାରୀ ସିଂ, ମୋ ସ୍କୁଲ ସଭାପତି ଶୁଭଶ୍ରୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଦେବସ୍ମିତା ସେନାପତି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଶୈକ୍ଷିକ ଓ ସହଶୈକ୍ଷିକ କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସମରେନ୍ଦ୍ର ଉଦଗାତା ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ କଳ୍ପନା ଦାସ ଧନ୍ୟବାଦ ଦେଇଥିଲେ।

### ଭଣ୍ଡାରିପୋଖରୀ ଉଚ୍ଚବିଦ୍ୟାଳୟ

ସେହିପରି ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରତିକାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଅର୍ଥନୀତିଜ୍ଞ ଡ. ବଳରାମ ମିଶ୍ର, ମୁଖ୍ୟବକ୍ତା ଭାବେ ଡ. ସୁଧାଂଶୁ ଶେଖର ନାୟକ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର ତରାଇ, କାର୍ତ୍ତିକଚନ୍ଦ୍ର ସ୍ୱାଇଁ, ରବୀନ୍ଦ୍ର ମହାରଣା, କ୍ଷୀରୋଦଚନ୍ଦ୍ର ଜେନା, ଜ୍ଞାନରଞ୍ଜନ ଦାସ, ବଂଶୀଧର ଦାସ ପ୍ରମୁଖ ଯୋଗଦାନ କରିଥିଲେ। ତପଜା ସାହୁ ବାର୍ଷିକ ବିବରଣୀ, ବିଷ୍ଣୁପ୍ରିୟା ଜେନା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ରୂପାଲି ଅପରାଜିତା ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ପ୍ରଧାନଶିକ୍ଷକ ରତିକାନ୍ତ ବେହେରାଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ନାଟକ "ଦାରୁ ଦେବତା' ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ମିନୁ ମୁଣ୍ଡା, ମନୋରଞ୍ଜନ ନାୟକ, ପ୍ରକାଶ ମୁଖି ଓ ସୁଶ୍ରୀ ସଂଗୀତା ସାହୁ ଶ୍ରେଷ୍ଠ ଛାତ୍ରଛାତ୍ରୀ ପାଇଁ ପ୍ରତ୍ୟେକ ଏକ ହଜାର ଟଙ୍କା ପୁରସ୍କାର ପ୍ରାପ୍ତ ହୋଇଥିଲେ।

### ପୁରୁଷୋତ୍ତମ ସରକାରୀ ଉଚ୍ଚବିଦ୍ୟାଳୟ

**ବନ୍ତ/ଆଗରପଡ଼ା:** ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ସରମରାସ୍ଥିତ ପୁରୁଷୋତ୍ତମ ସରକାରୀ ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମମତାରାଣୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏସବିଆଇ ବ୍ୟାଙ୍କ ପରିଚାଳକ, ଆଗରପଡ଼ାର ଜୟନ୍ତ ମହାପାତ୍ର, ମୁଖ୍ୟବକ୍ତା ଭାବେ ମଙ୍ଗୁଲି ବିଦ୍ୟାଳୟ ପ୍ରଧାନଶିକ୍ଷକ ରମାକାନ୍ତ ରାଉତ, ସମ୍ମାନିତଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପରମେଶ୍ୱର ପୃଷ୍ଟି, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ଦାସ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଶଶିକାନ୍ତ ଜେନା, ପରିଚାଳନା କମିଟି ସଭାପତି ବିଶ୍ୱନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନୁସୟା ଭୂଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ବାର୍ଷିକ ବିବରଣୀ ପାଠ ନମିତା ଧଳ କରିଥିଲେ। ଧନ୍ୟବାଦ ଅର୍ପଣ ଶିକ୍ଷକ ସୋମନାଥ ବିଶ୍ୱାଳ କରିଥିଲେ। ବିଦ୍ୟାଳୟର ପ୍ରାୟ ତିନି ଶହ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡାରେ ଭାଗ ନେଇଥିବା ବେଳେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଶିକ୍ଷକ/ଶିକ୍ଷୟିତ୍ରୀ ଯଶୋବନ୍ତ ସିଂ, ରାମକୃଷ୍ଣ ଆଇଚ, ତାପସ ଜେନା, ଲସ କିସ୍କୁ, ଦିବ୍ୟଜ୍ୟୋତି ଜେନା, ନିରଞ୍ଜନ ରାଉତ, ଜଲ୍ଲୀ ରାଣୀ ଶଙ୍ଖୁଆ, ସରସ୍ୱତୀ ନାଥ, ଧୀରେନ୍ଦ୍ର ରାଉଳ, ଖଗେଶ୍ୱର ଜେନା ଏବଂ ମଳୟ ଦାସ ପ୍ରମୁଖ ସହଯୋଗ କରିଥିଲେ। ସ୍କୁଲର ପ୍ରତିଷ୍ଠାତାଙ୍କ ପରିବାର ପକ୍ଷରୁ ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ଦୁଇ ଜଣ ଛାତ୍ର ଓ ଛାତ୍ରୀଙ୍କୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରାଯାଇଛି।



## ଭୂମିକନ୍ୟା ପକ୍ଷରୁ ଶୀତ କବିତା ଆସର



**ଭଦ୍ରକ, ୩୧।୧(ସମିସ):** ଭୂମିକନ୍ୟା ପକ୍ଷରୁ କବିତା ପାଠୋତ୍ସବ ଓ ନାରୀ ସମ୍ପର୍କରେ ଆଲୋଚନାଚକ୍ର ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମାର୍ଗଦର୍ଶକ ସାମ୍ବାଦିକ ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ସଂଗଠନର ସଭାପତି ସଂଯୁକ୍ତା ଚଳନାୟକ ଅତିଥି ପରିଚୟ ପ୍ରଦାନ, ସମ୍ପାଦକ ଦମୟନ୍ତୀ ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ଉପସଭାପତି ଶଶିକଳା ମିଶ୍ର ସ୍ୱାଗତ ସଂଗୀତ ଗାନ କରିଥିଲେ। ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ବିଶିଷ୍ଟ ଅତିଥି ଭାବେ ଆଡିସନାଲ ଏସ୍‌ପି(ଡିଆଇବି) ଅଂଶୁମାନ ଦ୍ୱିବେଦୀ, ଇଂ ଅଭୟ ସୁତାର, ମୁଖ୍ୟବକ୍ତା ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଆଖଣ୍ଡଳମଣି ଉଚ୍ଚ ବିଦ୍ୟାପୀଠ ଅଧ୍ୟକ୍ଷ ନିହାର ରଞ୍ଜନ କର, ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନରେ ପ୍ରଧାନ ଅଧ୍ୟାପକ ମମତା ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଅବନି ପ୍ରଧାନ, ମୁଖ୍ୟବକ୍ତା ନାଟ୍ୟଶ୍ରୀ ନିର୍ମଳ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସହସମ୍ପାଦିକା ବୀଣାପାଣି ତ୍ରିପାଠୀ ଓ ସଂଯୁକ୍ତା ଯାଦବ କବିତା ପାଠୋତ୍ସବର ସଂଯୋଜନା କରିଥିଲେ। ବିଭିନ୍ନ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। ସୃଷ୍ଟି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜଙ୍ଗଲ ନିଆଁରେ ଜଳିଗଲା ଶହ ଶହ ଗଛ



**ତୁରୁମୁଙ୍ଗା, ୩୧।୧(ସମିସ):** ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ବାଉଁଶୁଳି ଗୋପାଳିଆ ସାହି ଗ୍ରାମ୍ୟ ଜଙ୍ଗଲରେ ଶୁକ୍ରବାର ଅପରାହ୍ଣରେ ଅଗ୍ନିକାଣ୍ଡ ଘଟି ଶହ ଶହ ଆକାଶିଆ ଓ ୟୁକାଲିପଟାସ ଗଛ ଜଳିପୋଡି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବା ବେଳେ ଚାଷଜମିରୁ ନିଆଁ ଆସି ୫ ଏକର ପରିମିତ ପଟାସ ଓ ଶାଳ ଜଙ୍ଗଲ ଜଳିଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପାଟଣା ଅଗ୍ନିଶମବାହିନୀ ୪ ଘଣ୍ଟା ଧରି ନିଆଁ ଲିଭାଇ ନିଆଁକୁ ଆୟତ୍ତ କରିଛନ୍ତି। ଏନେଇ ଖିରେଇଟାଙ୍ଗିରୀ ବନରକ୍ଷୀ ଡଳିରାଣୀ ସାହୁ କିଛି ଜାଣି ନାହାନ୍ତି ବୋଲି କହିଛନ୍ତି।

## ମୋପେଡ୍ ଆରୋହୀଙ୍କୁ ଧକ୍କାଦେଲା କାର



**ତୁରୁମୁଙ୍ଗା, ୩୧।୧(ସମିସ):** ମଦ୍ୟପ କାର ଡ୍ରାଇଭର ଜଣେ ମୋପେଡ ଆରୋହୀଙ୍କୁ ଧକ୍କା ଦେଇଥିବା ସିସିଟିଭି ଫୁଟେଜ୍ ଦୃଶ୍ୟ ଏବେ ଘୂରି ବୁଲୁଛି। ତୁରୁମୁଙ୍ଗା ଥାନା ବାଉଁଶୁଳି ସରକାରୀ ମଦ ଦୋକାନ ନିକଟରେ ଗତକାଲି ସନ୍ଧ୍ୟାରେ ଏହି ଦୁର୍ଘଟଣା ଫଳରେ ମୋପେଡ ଆରୋହୀ କଣ୍ଟିଆପଡା କଲରାଟାଙ୍ଗର ସାହିର ଲକ୍ଷ୍ମୀଧର ନାଏକ ଗୁରୁତର ଅବସ୍ଥାରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଲକ୍ଷ୍ମୀଧର ସାନଭାଇ ବରୁଣଙ୍କ ସହ ବାଉଁଶୁଳିରେ ଇଟା ତିଆରି କରୁଥିଲେ। କାମ ସାରି ସନ୍ଧ୍ୟାରେ ଘରକୁ ଫେରିବା ସମୟରେ ଏହି ଦୁର୍ଘଟଣା ଘଟିଛି।

## ବାଲିଘାଟକୁ ନେଇ ଗୋଷ୍ଠୀସଂଘର୍ଷ; ୨ ଗୁରୁତର

**ରାମଚନ୍ଦ୍ରପୁର/ଆନନ୍ଦପୁର, ୩୧।୧(ସମିସ):** ଘଷିପୁରା ଥାନା ଅନ୍ତର୍ଗତ ଦେଓଗାଁ କୁସେଇ ନଦୀ ବାଲି ଘାଟକୁ ନେଇ ଦୀର୍ଘ ଦିନ ଧରି ଉତ୍ତେଜନା ଲାଗି ରହିଥିବା ବେଳେ ବାଲି ଉଠାଣକୁ ନେଇ ଶୁକ୍ରବାର ଗୋଷ୍ଠୀ ସଂଘର୍ଷ ହୋଇ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ପୂର୍ବରୁ ବାଲି ଘାଟ ନିଲାମ ନେଇଥିବା ଗୋଷ୍ଠୀଙ୍କ ଆକ୍ରମଣରେ ବର୍ତ୍ତମାନ ବାଲିଘାଟ ବୁଝାବୁଝି କରୁଥିବା ୨ ଯୁବକ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଗାଁର ଦେବେନ୍ଦ୍ର ଦାଶ ଓ ବିଶ୍ୱଜିତ ଦାଶ ଦେଓଗାଁ ବଜାରରେ ଥିବା ବେଳେ ଅନ୍ୟ ଗୋଷ୍ଠୀ ଉଭୟଙ୍କୁ ଏକ କାଠ ରଳାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଘଷିପୁରା ଥାନାରେ ଆହତଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ପୁଲିସ ତଦନ୍ତ କରୁଛି।

## ମଧୁସୂଦନପୁର ଆଶ୍ରମ ବିଦ୍ୟାଳୟର ଛାତ୍ର ଅସୁସ୍ଥ

**ତେଲକୋଇ, ୩୧।୧(ସମିସ):** ତେଲକୋଇ ବ୍ଲକ ମଧୁସୂଦନପୁର ସରକାରୀ ଆଶ୍ରମ ବିଦ୍ୟାଳୟର ଜଣେ ନବମ ଶ୍ରେଣୀର ଛାତ୍ର ଶୌଚ ପାଇଁ ଯାଇଥିବା ବେଳେ ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ସଙ୍ଗେ ସଙ୍ଗେ ଅସୁସ୍ଥ ଛାତ୍ରଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ସଂପୃକ୍ତ ଛାତ୍ର ହେଲେ ହରିଚନ୍ଦନପୁର ଅଞ୍ଚଳର। ଆଜି ପ୍ରାର୍ଥନା ପରେ ଛାତ୍ର ଜଣଙ୍କ ଶୌଚ ପାଇଁ ପରିସ୍ରାଗାରକୁ ଯାଇଥିଲେ। କୌଣସି କାରଣବଶତଃ ସେଠାରେ ସଂଜ୍ଞାହୀନ ହୋଇ ପଡ଼ି ଯାଇଥିଲେ। ପୁଷ୍ଟିକର ଖାଦ୍ୟପେୟର ଅଭାବ ସାଙ୍ଗକୁ ଶାରୀରିକ ଦୁର୍ବଳ ହେତୁ ଛାତ୍ର ଜଣଙ୍କ ସଂଜ୍ଞାହୀନ ହୋଇ ପଡିଯାଇଥିବା ଅଭିଯୋଗ ହୋଇଛି।

## ବଡ଼ବିଲରେ ଯୁକ୍ତଦୁଇ ବିଜ୍ଞାନ ଦ୍ୱାଦଶ ଶ୍ରେଣୀର ବିଦାୟ ସମ୍ବର୍ଦ୍ଧନା



**ଯୋଡ଼ା, ୩୧।୧(ସମିସ):** ଶୁକ୍ରବାର କେନ୍ଦୁଝର ଜିଲ୍ଲା ବଡ଼ବିଲଠାରେ ଥିବା ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ମାଟ୍ କାମ ବେଡାଠାରେ ବିଜ୍ଞାନ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ହେମନ୍ତ ଘଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା ତଥା ମନୋଜ ସାହୁ, ଜଗଦୀଶ ସାହୁ, ରଶ୍ମିତାମୟୀ ସାହୁ, ଆଶୁତୋଷ ସେଠୀ, ଭାରତୀ ମହାନ୍ତ, ନିର୍ଲିପ୍ତା ପାଣିଗ୍ରାହୀ, ଧୀରେନ୍ ମହାନ୍ତ, ରୀନା ବେହେରା ତଥା ଉଚ୍ଚବିଦ୍ୟାଳୟର ରଞ୍ଜନ ରାଉତ ସମେତ ଅନ୍ୟାନ୍ୟ କର୍ମଚାରୀ ଯୋଗଦାନ କରିଥିଲେ। ମନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଛେନାପଦି ଛକରେ ବିଜେପିର ବିକ୍ଷୋଭ

**ସୋସୋ, ୩୧।୧(ସମିସ):** କଂଗ୍ରେସ ନେତା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅପମାନସୂଚକ ଟିପ୍ପଣୀ କରିଥିବାରୁ ଏହା ବିରୋଧରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନମଣ୍ଡଳୀ ହାଟଡିହି ବ୍ଲକର ଛେନାପଦି ଛକଠାରେ ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମଗ୍ର ଭାରତର ସର୍ବୋଚ୍ଚ ସାମ୍ବିଧାନିକ ପଦକୁ ବିଶ୍ୱ ସମ୍ମୁଖରେ ଅପମାନିତ କରିବାକୁ ନେଇ ବିଜେପିର ବରିଷ୍ଠ ନେତା ଆଲୋକ ସେଠୀ, ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ହରମୋହନ ଶାସନି, ସୁଶାନ୍ତ ଜେନା, ମିନତୀ ମହାପାତ୍ର, ତୃପ୍ତିମୟୀ ଜେନା, ବବିତା ସାହୁ, ଯୁଧିଷ୍ଠିର ମଲ୍ଲିକ, ଶଶିକାନ୍ତ ରାଉତ, ରୁଦ୍ରପ୍ରସାଦ ଜେନା, ଦୀପକ ଜେନା, ବନମାଳି ବେହେରା, ସୁରେନ୍ଦ୍ର ବିଶ୍ୱାଳ, ଶୁଭମ ବଇଠା ପ୍ରମୁଖ ଶତାଧିକ ବିଜେପି କର୍ମୀ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

# ୨୦୨୫-୨୬ ଆର୍ଥିକ ବର୍ଷର ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ




**ଯୋଡା, ୩୧।୧(ସମିସ):** ଯୋଡା ପଞ୍ଚାୟତସମିତି କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷ କବୀନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତସମିତିର ଦ୍ୱିତୀୟ ସ୍ୱତନ୍ତ୍ର ପଞ୍ଚାୟତସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନସାଧାରଣ ଯୋଗ ଦେଇଥିଲେ। ଯୋଡା ବିଡିଓ ଅରୁଣିମା ସାହୁ, ଅତିରିକ୍ତ ତହସିଲଦାର ବିଶ୍ୱଜିତ ଦଳେଇ, ଉପାଧ୍ୟକ୍ଷା ମାଳତୀ ଖଟୁଆ, ସାଂସଦ ପ୍ରତିନିଧି ଅଗନୁ ଚରଣ ମହାନ୍ତ, ଚମ୍ପୁଆ ବିଧାୟକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ନାଏକ, ଯୋଡା ବ୍ଲକ ନିର୍ବାହୀ ଯନ୍ତ୍ରୀ ଅଜୟ ସାହୁ, ବାସୁଦେବପୁର ମେଡିକାଲ ଅଫିସର ଅଭିଜିତ ଦୀକ୍ଷିତ ପ୍ରମୁଖଙ୍କ ଉପସ୍ଥିତିରେ ବ୍ଲକର ୧୯ଟି ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନ ପ୍ରକ୍ରିୟା ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହୋଇଥିବା ନେଇ ଗୋଷ୍ଠି ଉନ୍ନୟନ ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ଏହି ଯୋଜନାରେ ପୂର୍ବରୁ ଥିବା ମାନଦଣ୍ଡକୁ କୋହଳ କରାଯାଇ ଦୁଇ ଚକିଆ ଯାନ, ଫ୍ରିଜ, ଲ୍ୟାଣ୍ଡ ଲାଇନ, ମାସିକ ଆୟ ସୀମା ୧୫ ହଜାର ଟଙ୍କା ଥିବା ହିତାଧିକାରୀଙ୍କୁ ଏହି ମାନଦଣ୍ଡରେ ଅନ୍ତର୍ଭୁକ୍ତ ସହ ସେମାନଙ୍କୁ ଯୋଗ୍ୟ ହିତାଧିକାରୀ ଭାବେ ଏହି ଯୋଜନାରେ ସାମିଲ କରାଯିବ ବୋଲି ବିଡିଓ ଏହି ବୈଠକରେ ପ୍ରକାଶ କରିଥିଲେ। ହାୟରପୁର ଓ ଉଲିବୁରୁ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ମାନଙ୍କୁ ନିୟମିତ ଅଣ୍ଡା ଦିଆଯାଉ ନ ଥିବା ଅଭିଯୋଗ ହୋଇଥିଲା। ଜିଲ୍ଲା ପରିଷଦ ସଭ୍ୟା ସୁକୁମାରୀ ଦେହୁରୀ ଅଭିଯୋଗ କରିଥିଲେ ଯେ ଡିଏମଏଫ୍ ଅର୍ଥରେ ନିର୍ମାଣ ହେଉଥିବା ପଳଶା ପଞ୍ଚାୟତରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଠିକାଦାରଙ୍କୁ ବିଲ ମିଳୁ ନଥିବାରୁ ତାହା ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ସେହିପରି ପଳଶା ପଞ୍ଚାୟତର ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ନ ଥିବାରୁ ବାରଣ୍ଡାରେ ଶିଶୁମାନେ ପାଠ ପଢ଼ୁଛନ୍ତି। ଖଣି ଅଞ୍ଚଳରେ ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବସବାସ କରୁଥିଲେ ହେଁ ଭୂମିହୀନଙ୍କୁ ଜମି ପଟ୍ଟା ମିଳୁ ନଥିବାରୁ ଜାତି ସାର୍ଟିଫିକେଟ ମିଳୁ ନଥିବା କୁହାଯାଇଥିଲା। ଦେଓଝର ପଞ୍ଚାୟତର ମସୁରିବେଡା ସାହିରେ ଅଙ୍ଗନବାଡ଼ି ଗୃହ ନିର୍ମାଣ କରିବା ଓ ମୂର୍ଗାବେଡା କେନ୍ଦ୍ରରେ ଥିବା ଅଙ୍ଗନବାଡ଼ି କର୍ମୀ ଅନୁପସ୍ଥିତ ରହୁଥିବା ଅଭିଯୋଗ ହୋଇଥିଲା। ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଥିଲା ଯେ ସୁଭଦ୍ରା ଯୋଜନାରେ ଏ ପର୍ଯ୍ୟନ୍ତ ଯୋଡା ବ୍ଲକରେ ୧୬ ହଜାର ଆବେଦନକାରୀଙ୍କ ଦରଖାସ୍ତ ସମ୍ପୂର୍ଣ୍ଣ ହୋଇଛି।

## ସଡ଼କ ସୁରକ୍ଷା ମାସ ଅଭିଯାନ ଉଦ୍‌ଯାପିତ



କେନ୍ଦୁଝର, ୩୧।୧(ସମିସ): କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ଏବଂ ରାଜ୍ୟ ସରକାରଙ୍କ ବାଣିଜ୍ୟ, ପରିବହନ ବିଭାଗ ପକ୍ଷରୁ ଜାନୁଆରୀ ମାସବ୍ୟାପୀ ପାଳିତ ହେଉଥିବା ଜାତୀୟ ସଡ଼କ ସୁରକ୍ଷା ମାସ ଅଭିଯାନ ଉଦଯାପିତ ହୋଇଛି। କେନ୍ଦୁଝରସ୍ଥିତ ଅଡିଟୋରିୟମଠାରେ ଜିଲ୍ଲାସ୍ତରୀୟ ସମାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, କେନ୍ଦୁଝର ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଓ ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସ ଯୋଗ ଦେଇଥିଲେ। ସଚେତନତା ମାଧ୍ୟମରେ ଟ୍ରାଫିକ ନିୟମର ଉପଯୁକ୍ତ ଅନୁପାଳନ ଦ୍ୱାରା ହିଁ ସଡ଼କ ଦୁର୍ଘଟଣାକୁ ହ୍ରାସ କରାଯାଇ ଧନଜୀବନର ସୁରକ୍ଷା କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବବର୍ଷ ତୁଳନାରେ ଜିଲ୍ଲାରେ ଦୁର୍ଘଟଣାଜନିତ ମୃତାହତ ସଂଖ୍ୟା ହ୍ରାସ ପାଇଥିବାରୁ ଉପସ୍ଥିତ ଅତିଥି ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ସଚେତନଧର୍ମୀ କଣ୍ଢେଇ ନୃତ୍ୟ, ଗୀତିନାଟ୍ୟ, ନାଟକ ଏବଂ ନୃତ୍ୟ ପରିବେଷିତ ହେବା ସହ ଟ୍ରାଫିକ ପୁଲିସ କର୍ମଚାରୀ, ସ୍ୱେଚ୍ଛାସେବୀ, ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ, ଦୀର୍ଘ ଏକ ମାସ ଧରି ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତାକୁ ବ୍ୟାପକ କରି ଟ୍ରାଫିକ ନିୟମର ଅନୁପାଳନକୁ ଲୋକଙ୍କ ଏକ ଅଭ୍ୟାସରେ ପରିଣତ କରିବା ପାଇଁ ଜିଲ୍ଲାବ୍ୟାପୀ ପୋଷ୍ଟର, ଦୃଶ୍ୟଶ୍ରାବ୍ୟ ଚଳଚ୍ଚିତ୍ର ପ୍ରଦର୍ଶନ, ରକ୍ତଦାନ ଶିବିର, ପଦଯାତ୍ରା, ସାଇକଲ ଯାତ୍ରା, ଗାଡିଚାଳକଙ୍କ ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା ସାଙ୍ଗକୁ ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

## ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ କଲେ ବିଧାୟକ



**ଚମ୍ପୁଆ, ୩୧।୧(ସମିସ):** ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଳିକାପ୍ରଶାଦ ପଞ୍ଚାୟତର ହୁଂଜପଶିଠାରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ ଦ୍ୱାରା ଆର୍ଥିକ ବର୍ଷ ୨୦୨୪/୨୫ ମାଣ୍ଡିଆ ମଣ୍ଡି ଉଦଘାଟିତ ହୋଇଯାଇଛି। ଚମ୍ପୁଆ କୃଷକ ଉତ୍ପାଦକ ସଂଗଠନ ପକ୍ଷରୁ ଆୟୋଜିତ ଏହି ମଣ୍ଡି ଉଦଘାଟନ କାର୍ଯ୍ୟକ୍ରମରେ ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡା, ଜିଲ୍ଲା ମୁଖ୍ୟ କୃଷିଅଧିକାରୀ ପର୍ଶୁରାମ ବେହେରା, ଏଡିଓ ସତ୍ୟବାନ ସୋରେନ, ପ୍ରେଗ୍ରାମ ମ୍ୟାନେଜର ଅଭିଷେକ ପଣ୍ଡା, ପ୍ରେଗ୍ରାମ ଅଫିସର ସୁମନସ୍ମିତା ତରାଇ, ମୁଖ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ମେହେର, ବ୍ଲକ ସଂଯୋଜକ ଦେବିଲାଲ ଭୁୟାଁ, ଏଏଓ ହରିଓମ୍ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଖଣିଜ ପାଣ୍ଠି ଓ ଶ୍ରୀଷ୍ଟି ସହାୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ଚାଷୀ ଯୋଗ ଦେଇଥିବା ବେଳେ ୨୩ ଜଣଙ୍କଠାରୁ ୧୦୫ କ୍ୱିଣ୍ଟାଲ ମାଣ୍ଡିଆ କିଣାଯାଇଥିଲା। କ୍ୱିଣ୍ଟାଲ ପ୍ରତି ୪୫ ଶହ ଟଙ୍କାଦରରେ ଏହା ଚାଷୀଙ୍କଠାରୁ କିଣାଯାଉଛି। ବିଶେଷ ଭାବରେ ଏହି ହୁଂଜପଶି ମଣ୍ଡିରେ କାଳିକାପ୍ରସାଦ, ରଜିଆ ଓ କୋଦଗାଡିଆ ପଞ୍ଚାୟତର ଚାଷୀ ନିଜ ଉତ୍ପାଦନକୁ ବିକ୍ରି କରିପାରିବେ।

## ସହିଦ ମାର୍ଗ ରାସ୍ତା ସମ୍ପ୍ରସାରଣ ପାଇଁ ମାପଚୁପ

**କେନ୍ଦୁଝର, ୩୧।୧(ସମିସ):** ସର୍କିଟ ହାଉସକୁ ସଂଯୋଗ କରୁଥିବା ରାସ୍ତାର ସହିଦ ମାର୍ଗର ପ୍ରଶସ୍ତୀକରଣ ପାଇଁ ମାପଚୁପ କରାଯାଇଛି। ପୌରପାଳିକା ଏବଂ ସଦର ତହସିଲ ପକ୍ଷରୁ ଶୁକ୍ରବାର ଏହି ମାପଚୁପ କରାଯାଇଛି। ସର୍କିଟ ହାଉସଠାରୁ ହସପିଟାଲକୁ ସଂଯୋଗ କରୁଥିବା ୨୨୦ ମିଟର ଦୀର୍ଘ ଏହି ରାସ୍ତାର ସଂପ୍ରସାରଣ କରାଯିବ। ପୌରପାଳିକା ପକ୍ଷରୁ ଏହାର ଉନ୍ନତିକରଣ ଏବଂ ପ୍ରଶସ୍ତିକରଣ କରାଯିବ। ଏଥିପାଇଁ ରାସ୍ତାକୁ ମାଡି ନିର୍ମାଣ ହୋଇଥିବା ଘର ଏବଂ ସେଡ ଚିହ୍ନଟ କରାଯାଇଛି। ଆସନ୍ତାକାଲି ୬ ଜଣଙ୍କୁ ଏନେଇ ନୋଟିସ କରାଯାଇ ୭ ଦିନ ସମୟ ଦିଆଯିବ ବୋଲି ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ ନାୟକ ପ୍ରକାଶ କରିଛନ୍ତି। ଏବେ ଏହି ରାସ୍ତା ୨୦ ଫୁଟ ଥିବାବେଳେ ଏହା ସଂପ୍ରସାରଣ କରାଯାଇ ୩୬ ଫୁଟର ରାସ୍ତା ଏବଂ ଡ୍ରେନ ନିର୍ମାଣ କରାଯିବ। ସେହିପରି ଟାଟା ପାୱାର ଅଫିସ ସମ୍ମୁଖ ସର୍କିଟ ହାଉସକୁ ଯାଇଥିବା ରାସ୍ତାର ଉଭୟ ପାଶ୍ୱର୍ରେ ମୋଟ ୩୬ଟି ଭେଣ୍ଡିଂ ଜୋନରେ ଥିବା ଦେକାନକୁ ଉଚ୍ଛେଦ କରି ଗୋଟିଏ ପାଶ୍ୱର୍ରେ ଦୁଇ ମହଲା ମାର୍କେଟ କମ୍ପ୍ଲେକ୍ସ କରାଯିବ। ମାପଚୁପ ବେଳେ ସଦର ତହସିଲଦାର ଶୁଭେନ୍ଦୁ କୁମାର ସାହୁ, କେନ୍ଦୁଝରଗଡ ପୌରପାଳିକା ନିର୍ବାହୀ ଅଧିକାରୀ ଶ୍ରୀ ନାୟକ ଉପସ୍ଥିତ ଥିଲେ।

## ଦାନୀ ଆଡ୍‌ଭାନ୍ସ ଫିଜିଓ କେୟାର ଉଦ୍‌ଘାଟିତ

**କେନ୍ଦୁଝର, ୩୧।୧(ସମିସ):** କେନ୍ଦୁଝର ରୋଟାରୀ କ୍ଲବ ପରିସରରେ ଇଂ ବସନ୍ତ କୁମାର ଦାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ଦାନୀ ଟ୍ରଷ୍ଟ ଆନୁକୁଲ୍ୟରେ 'ଦାନୀ ଆଡଭାନ୍ସ ଫିଜିଓ କେୟାର' ଆଜି ଉଦଘାଟିତ ହୋଇଯାଇଛି। ରୋଟାରୀ କ୍ଲବର ସଭାପତି ରାଜଲକ୍ଷ୍ମୀ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ଫିଜିଓଥେରାପି ସେଣ୍ଟର ଦ୍ୱାରା ଲୋକମାନେ କମ ମୂଲ୍ୟରେ ଉନ୍ନତମାନର ସେବା ପାଇପାରିବେ ବୋଲି କହିଥିଲେ। ପ୍ରଥମ ୩ ଦିନ ସଂପୂର୍ଣ୍ଣ ଦେୟମୁକ୍ତ ରଖାଯାଇଛି। କାର୍ଯ୍ୟକ୍ରମରେ ରୋଟାରୀୟାନ ଦେବବ୍ରତ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ଅମୀୟ ବେହେରା, ବିଜୟନାଥ କାପୁର, ହରିହର ସାହୁ, ମହେଶ ଚାଓଡା, ସଞ୍ଜୟ ମହାପାତ୍ର, ନିରୁପମା ସ୍ୱାଇଁ, ଦାନୀ ଗ୍ରୁପର ଅଧ୍ୟକ୍ଷ ଇଂ ବସନ୍ତ ଦାନୀ, ଇଂ ଜିତେନକ୍ରିଷ୍ଣା ଦାନୀ, ବିଭୂତି ଭୂଷଣ ସାହୁ, ଭାବଗ୍ରାହୀ ମିଶ୍ର, ଜେନାମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଫିଜିଓଥେରାପି ସେଣ୍ଟର ପ୍ରତ୍ୟେକ ଦିନ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ କିମସ୍, କେଏସ୍‌ଇ ଏବଂ କେଏନ୍ସିର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଫିଜିଓଥେରାପି ସେଣ୍ଟରରେ ଅଣ୍ଟା ବଥା, ଆଣ୍ଠୁ ବଥା, ବେକ ବିନ୍ଧା, କାନ୍ଧ ଯନ୍ତ୍ରଣା, ପକ୍ଷାଘାତ, ଗୋଇଠି ଓ ପାଦ ବଥା, ସିଆଟିକା, ମାନସିକ ଅନଗ୍ରସର ଶିଶୁ, ଖେଳଜନିତ ଆଘାତ, ମେରୁଦଣ୍ଡଜନିତ ସମସ୍ୟା, ସମସ୍ତ ପ୍ରକାର ହାଡ ଗଣ୍ଠି ଓ ସ୍ନାୟୁଜନିତ ସମସ୍ୟା ରୋଗର ଉନ୍ନତ ମାନର ମେସିନ ଏବଂ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ଫିଜିଓଥେରାପିଷ୍ଟ ଡାକ୍ତର ଆଶା ଅର୍ପିତା ସୂଚନା ଦେଇଛନ୍ତି।

**ଘନ କୁହୁଡ଼ିରେ ଯାତାୟାତ ବାଧାପ୍ରାପ୍ତ**

## କେନ୍ଦୁଝରକୁ ୟେଲୋ ୱାର୍ଣ୍ଣିଙ୍ଗ

**ବେଲବାହାଲି, ୩୧।୧ (ସମିସ):** ସାରା ରାଜ୍ୟରେ ଶୀତର ପ୍ରକୋପ କମିଥିବା ବେଳେ ଘନ କୁହୁଡି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଦିନରେ ତାପମାତ୍ରା ବୃଦ୍ଧି ପାଉଛି। ପାହାନ୍ତିଆ ସମୟରୁ ଶୀତ ହେବା ସହ ଘନ କୁହୁଡିରେ ସମଗ୍ର ଅଞ୍ଚଳ ଅନ୍ଧକାର ଦିଶୁଛି। କେନ୍ଦୁଝର ଜିଲ୍ଲାରେ ଘନ କୁହୁଡି ପରିଲକ୍ଷିତ ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲା ପାଇଁ ୟେଲୋ ସତର୍କତା ପ୍ରଦାନ କରାଯାଇଛି। ମଙ୍ଗଳବାରଠାରୁ କୁହୁଡିର ପରିମାଣ ବୃଦ୍ଧି ପାଇଥିବା ବେଳେ ଆନନ୍ଦପୁର ଉପଖଣ୍ଡ ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ସକାଳୁ ଦିନ ୯ଟା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ବ୍ୟାଘାତ ହେବା ସହ ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନଗୁଡିକୁ ସଠିକ ସମୟରେ ପହଞ୍ଚି ପାରୁ ନଥିବା ଦେଖିବାକୁ ମିଳିଛି। ଏଣୁ ରାତି ଓ ସକାଳେ ଦୁର୍ଘଟଣା ଏଡାଇବା ପାଇଁ ଯାନବାହନ ଚଳାଚଳରେ ସତର୍କତା ଜରୁରୀ ବୋଲି ଆଞ୍ଚଳିକ ପାଣିପାଗ ପକ୍ଷରୁ ଜଣାଯାଇଛି।

## ଭିନ୍ନକ୍ଷମଙ୍କୁ ଇ-ରିକ୍ସା ବଣ୍ଟନ



**କେନ୍ଦୁଝର, ୩୧।୧(ସମିସ):** କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ମହାନଦୀ କୋଲ୍ଡ ଫିଲଡସ ଲିମିଟେଡ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାର ୧୮ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଇ-ରିକ୍ସା ବଣ୍ଟନ କରାଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ପରିଚାଳିତ ରାଙ୍କୀସ୍ଥିତ ଏଆରସିଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ପ୍ରଭୁକଲ୍ୟାଣ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ ସାମନ୍ତରାୟ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଯୋଗ ଦେଇଥିଲେ। ଭିନ୍ନକ୍ଷମମାନଙ୍କୁ ସ୍ୱାବଲମ୍ବନ କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଳିକ ମତ ବ୍ୟକ୍ତ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଆପ୍‌ର ଦାବିପତ୍ର



**ତୁରୁମୁଙ୍ଗା, ୩୧।୧(ସମିସ):** ଆମ୍ ଆଦମୀ ପାର୍ଟି ପାଟଣା ନିର୍ବାଚନମଣ୍ଡଳୀ ସଭାପତି ଖଗେଶ୍ୱର ମହାନ୍ତଙ୍କ ନେତୃତ୍ୱରେ ବୁଧବାର ୬ଦଫା ଦାବି ନେଇ ଯମୁନାପଶି ପଞ୍ଚାୟତ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଯମୁନାପଶି ପଞ୍ଚାୟତର ଯମୁନାପଶି, କୋଡ଼ଖମଣ, ଗୋଡ଼ିପୋଖରୀ, ବରୁଡିପଶି, ପଦ୍ମକେଶରପୁର, ପଦ୍ମପୁର ଆଦି ଗ୍ରାମରୁ ଶତାଧିକ ଲୋକ ଉପସ୍ଥିତ ଥିଲେ। ଏଡିଇଓ ଦେବାଶିଷ ରାଉତଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ସରକାର ଗଠନର ୧୦୦ ଦିନ ମଧ୍ୟରେ ଚିଟ୍ ଫଣ୍ଡ ଟଙ୍କା ଫେରସ୍ତ ହୋଇପାରିଲାନାହିଁ। ଏଥିସହ ୩୦୦ ୟୁନିଟ ବିଜୁଳି ମାଗଣା ସହ ଅନ୍ୟ ଦାବିନେଇ ବରିଷ୍ଠ କର୍ମୀ ଚିତ୍ତରଞ୍ଜନ ନାଏକ, ପଞ୍ଚାୟତ ସଭାପତି ବନବିହାରୀ ନାଏକ, ବାସନ୍ତୀ ନାଏକ, ବାସନ୍ତୀ ମହାନ୍ତ, କୈବଲ୍ୟ ନାଏକ, ଯମୁନା ନାଏକ, ତିଲୋତ୍ତମା ନାଏକ, ରୁକ ନାଏକ, ବୁଧବାରି ମୁଣ୍ଡା, ଆଦର ନାଏକ, ନିରୁପମା ନାଏକ, ଚମ୍ପାବତୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ 'ଖୁସି'



**ଆନନ୍ଦପୁର, ୩୧।୧(ସମିସ):** ଆନନ୍ଦପୁର ଉପଖଣ୍ଡର ଏକମାତ୍ର ସିବିଏସଇ ମାନ୍ୟତାପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ୨୨ତମ ବାର୍ଷିକ ଉତ୍ସବ "ଖୁସି' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ଶିଳ୍ପୋଦ୍ୟୋଗୀ ଡ.ସୌମ୍ୟରଞ୍ଜନ ସାମଲ ଯୋଗଦେଇ ଶିକ୍ଷା ମଣିଷ ଜୀବନର ଅନ୍ୟତମ ଆବଶ୍ୟକତା ବୋଲି ମତବ୍ୟକ୍ତ କରିବା ସହିତ ଅଭିଭାବକମାନେ ଦେଶ ନିର୍ମାଣ ପାଇଁ ନିଜ ପିଲାମାନଙ୍କୁ ଶିକ୍ଷା ଦିଅନ୍ତୁ ବୋଲି କହିଥିଲେ। ଏ ବର୍ଷର ବୋର୍ଡ ପରୀକ୍ଷା ଦେବାକୁ ଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଖୁସିର ଫଳାଫଳ ଦେଉ ବୋଲି ଧରଣୀଧର ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷାସାହିତ୍ୟର ମୁଖ୍ୟ କବିସୁଧା ଦାଶ କହିଥିଲେ। ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନୀ ମାଝି ବିଶିଷ୍ଟ ଅତିଥି, ସ୍କୁଲର ଅନ୍ୟତମ ସଦସ୍ୟ ଅନ୍ନଦାଶଙ୍କର ମହାନ୍ତି, ଗୋହିରା ସରପଞ୍ଚ ମନ୍ଦାକିନୀ ପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରାଣବଲ୍ଲଭ ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ଅଲେଖଚନ୍ଦ୍ର ମଲ୍ଲିକ ସ୍କୁଲର ସର୍ବାଙ୍ଗୀନ ବିକାଶପାଇଁ ଟ୍ରଷ୍ଟ ନିରନ୍ତର କାର୍ଯ୍ୟ କରିବ ବୋଲି ନିଜର ପ୍ରତିଶ୍ରୁତି ରଖିଥିଲେ। ସ୍କୁଲର ମ୍ୟାନେଜିଂ ଟ୍ରଷ୍ଟି ଡ. ଅଶୋକ ପୁହାଣ ବିଦ୍ୟାଳୟର ସଫଳତାର କଥା କହିଥିଲେ। ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ସ୍ମୃତିଫଳକ ପ୍ରଦାନ କରିଥିଲେ। ସ୍କୁଲର ଅଧ୍ୟକ୍ଷା ଡ. ସୁଜାତା ଘୋଷ, ଭାଇସ ପ୍ରିନ୍ସିପାଲ ରଂଜିତା ଜେନା ପାଟ୍ଟଶାଣୀଙ୍କ ସହ ସ୍କୁଲର ଜେନେରାଲ ମ୍ୟାନେଜର ସନ୍ତୋଷ ସା, ଅଫିସ ଇନଚାର୍ଜ ସୁବାସ ବେହେରା, ବସନ୍ତ ସା, ସୁଜିତ ସାହୁ, ପ୍ରିୟଙ୍କା ନାୟକ, ବିଶ୍ୱରଞ୍ଜନ ସାହୁ, ସୁଭଦ୍ରା ପାତ୍ର ସହଯୋଗ କରିଥିଲେ। ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ଉତ୍ସବରେ ସାମିଲ ହୋଇଥିଲେ।

# ବିଭିନ୍ନ କ୍ଲଷ୍ଟର୍‌ରେ 'ନିପୁଣ ଓଡ଼ିଶା' ମେଳା



**ରାମଚନ୍ଦ୍ରପୁର, ୩୧।୧(ସମିସ):** ଘସିପୁରା ବ୍ଲକ ବାଲିବରୁଆଁ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଛି। ସିଆରସିସି ପ୍ରଶାନ୍ତ ନାଥଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଶାଳଦେଇ ସରପଞ୍ଚ ରୀତାଞ୍ଜଳି ବୋଇତେଇ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ନାୟକଙ୍କ ସଭାପତିତ୍ୱରେ ଏହି ମେଳାରେ କ୍ଲଷ୍ଟର ଅଧୀନ ଆଠଟି ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀ ସାମିଲ ହୋଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାୟ ୧୦୦ଟି ମୌଳିକ ଜ୍ଞାନ ଏବଂ ସଂଖ୍ୟାଜ୍ଞାନ ଷ୍ଟଲକୁ ଅତିଥିମାନେ ବୁଲି ଦେଖିଥିଲେ। ଶ୍ରେଷ୍ଠ ପ୍ରଦର୍ଶିତ ଷ୍ଟଲ ବ୍ଲକସ୍ତରୀୟ ନିପୁଣ ଓଡିଶା ମେଳାକୁ ମନୋନୀତ ହୋଇଛି। ଶିକ୍ଷକ ଟୁନିଆଁ ଜେନା, ତ୍ରିବେଣୀ ରାଉତ, ମହେନ୍ଦ୍ର ଦାସ, ସନ୍ଧ୍ୟାରାଣୀ ଭଞ୍ଜ, ରେଖାରାଣୀ ମାଝୀ, ସ୍ୱପ୍ନାମୟୀ ସାହାଣୀ, ଜୟଶ୍ରୀ ସାହୁ, ଦୀପକ ସାହୁ, ବୁଦ୍ଧଦେବ ଜେନା ସହଯୋଗ କରିଥିଲେ।

**ଯୋଡ଼ା:** ଯୋଡ଼ା ବ୍ଲକ ଜଜାଙ୍ଗ କ୍ଲଷ୍ଟର ଅନ୍ତର୍ଗତ ଜଳହରି ସରକାରୀ ବିଦ୍ୟାଳୟରେ ନିପୁଣ ଓଡିଶା ମେଳା ଅନୁଷ୍ଠିତ ହୋଇଯାଇଛି। ସାତଟି ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଯୋଗ ଦେଇଥିଲେ। ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଶିକ୍ଷାର ମାନବୃଦ୍ଧି ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଏହା ଏକ ପ୍ରୟାସ। ମୁଖ୍ୟଅତିଥି ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ ପ୍ରଣବ ମହାନ୍ତି ଏହାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଏଭି ଓଏମସି ବିଦ୍ୟାଳୟର ଆଧ୍ୟକ୍ଷ ସୌମେନ୍ଦ୍ର ନାୟକ, ଓଡ଼ିଆ ଶିକ୍ଷକ ସଞ୍ଜୟ ସାମନ୍ତରାୟ, କଳା ଶିକ୍ଷକ ଅଭିଶ୍ୱେତା ସ୍ୱାଇଁ, ସରିତା ମହାପାତ୍ର, ଦିଙ୍ଗିଲତା ମାଝୀ ଯୋଗ ଦେଇଥିଲେ। ସିଆରସି ରମାକାନ୍ତ ଓଝାଙ୍କ ତତ୍ତ୍ୱାବଧାନରେ ଖଣ୍ଡବନ୍ଧ, ଜରୋଳି, ଜଳହରି, କ୍ରେଚ ହଟିଂ, କୋରିବାହାଲ, ଭୋଲବେଡା ଆଦି ବିଦ୍ୟାଳୟର ପ୍ରଧାନଶିକ୍ଷକ ଦଶରଥ ସାହୁ, ଧନୁର୍ଜୟ ମୁଣ୍ଡା, ଦୀପକ ପଲେଇ, ପଙ୍କଜ ସେଠୀ, ମୋନାଲିସା ଦାସ, ସଞ୍ଜୁଲତା ନାୟକ, ବିଶ୍ୱକଲ୍ୟାଣୀ ମହାନ୍ତି, ବାବୁଲା କାରୁଆ ଏବଂ ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୬.୬୬ ● ପାଉଣ୍ଡ ୧୦୭.୪୩
- ୟୁରୋ ୯୦.୭୯ ● ୟେନ୍ ୦.୫୬

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୭୬,୨୮୦ (ନୂଆଦିଲ୍ଲୀ)
- ରୁପା : ୧,୧୭,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୭,୫୦୦.୦୦
- ନିଫ୍ଟି ୨୩,୫୦୮.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



**ଅର୍ଥନୈତିକ ସର୍ଭେ ୨୦୨୪-୨୫**

# ୨୦୧୭ ରୁ ୨୦୨୩ ମଧ୍ୟରେ କୃଷି ଅଭିବୃଦ୍ଧି ୫%

ନୂଆଦିଲ୍ଲୀ,୩୧ା୧(ଏଜେନ୍ସି)




କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି। ରିପୋର୍ଟରେ କୃଷି ଆୟ ବୃଦ୍ଧି ଭଳି ସରକାରୀ ପଦକ୍ଷେପ ଦ୍ୱାରା ଭାରତର କୃଷି କ୍ଷେତ୍ର ସାମ୍ପ୍ରତିକ ବର୍ଷଗୁଡ଼ିକରେ ଉଲ୍ଲେଖନୀୟ ସ୍ଥିରତା ଦେଖାଇଥିବା କଥା କୁହାଯାଇଛି। ସମ୍ପ୍ରତି ଦେଶରେ ବର୍ଷ ଯାକ ଦରଦାମ୍ ବୃଦ୍ଧିକୁ ନେଇ ଚିନ୍ତା ବଢ଼ିଥିବାବେଳେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ କୃଷି ଉତ୍ପାଦନ ବୃଦ୍ଧି ଉପରେ ସର୍ଭେରେ ସରକାରଙ୍କୁ ପରାମର୍ଶ ଦିଆଯାଇଛି। ଅର୍ଥନୈତିକ ସର୍ବେକ୍ଷଣ ଅନୁଯାୟୀ, କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ଭାରତୀୟ ଅର୍ଥନୀତିର ମେରୁଦଣ୍ଡ,ଯାହା ଜାତୀୟ ଆୟ ଏବଂ ନିଯୁକ୍ତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ। ବିଗତ ବର୍ଷଗୁଡ଼ିକରେ ( ୨୦୧୬-୧୭ ଆର୍ଥିକବର୍ଷରୁ ୨୦୨୨-୨୩ ଆର୍ଥିକବର୍ଷ) କୃଷି କ୍ଷେତ୍ରରେ ବାର୍ଷିକ ହାରାହାରି ୫ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସରେ କୃଷି କ୍ଷେତ୍ରରେ ୩.୫ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରାଯାଇଛି।

- **ଦଶନ୍ଧିରେ କୃଷି ଆୟ ବାର୍ଷିକ ୫.୨୩% ହାରରେ ବଢ଼ିଛି**
- **ଆନୁଷଙ୍ଗିକ କ୍ଷେତ୍ର କୃଷି ବିକାଶର ବାହକ**
- **ଖରିଫ ଫସଲ ଉତ୍ପାଦନ ୧୬୪୭.୦୫ ଲକ୍ଷ ମେଟ୍ରିକ୍ ଟନ୍ ଛୁଇଁବା ଆଶା**

କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଗ୍ରସ ଭାଲ୍ୟୁ ଆଡେଡ୍ (ଜିଭିଏ) ୨୦୧୫ ଆର୍ଥିକ ବର୍ଷରେ ୨୪.୩୮ ପ୍ରତିଶତ ଥିବାବେଳେ ୨୦୨୩ ଆର୍ଥିକ ବର୍ଷରେ ଏହା ୩୦.୨୩ ପ୍ରତିଶତକୁ ବୃଦ୍ଧି ପାଇଛି। ଅର୍ଥନୀତିରେ ସାମଗ୍ରିକ ଜିଭିଏର ୨୦ ପ୍ରତିଶତ ଅଂଶ ସହିତ କୃଷିର କ୍ରମାଗତ ଏବଂ ସ୍ଥିର ଅଭିବୃଦ୍ଧି ପାଖାପାଖି ୫ ପ୍ରତିଶତ, ଜିଭିଏରେ ୧ ପ୍ରତିଶତ ଅଭିବୃଦ୍ଧି ଯୋଗଦାନ କରିବ।



ଅର୍ଥନୈତିକ ସର୍ଭେରେ ଅଟକଳ କରାଯାଇଛି ଯେ ୨୦୨୪ରେ ଖରିଫ ଶସ୍ୟ ଉତ୍ପାଦନ ୧୬୪୭.୦୫ ଲକ୍ଷ ମେଟ୍ରିକ୍ ଟନ୍ (ଏଲଏମଟି)ରେ ପହଞ୍ଚିବ, ଯାହା ପୂର୍ବ ବର୍ଷ ତୁଳନାରେ ୮୯.୩୭ ଲକ୍ଷ ମେଟ୍ରିକ ଟନ୍ ଅଧିକ। ସମୀକ୍ଷା ଅନୁଯାୟୀ, ଗତ ୧୦ ବର୍ଷ ମଧ୍ୟରେ ବାର୍ଷିକ କୃଷି ଆୟ ୫.୨୩ ପ୍ରତିଶତ ବୃଦ୍ଧି ପାଇଛି। ଅର୍ଥନୈତିକ ସର୍ଭେରେ କୁହାଯାଇଛି ଯେ ସରକାର କୃଷକ ଆୟ ଦ୍ୱିଗୁଣିତ (ଡିଏଫଆଇ) ରିପୋର୍ଟ ୨୦୧୬ର ସୁପାରିସ ଆଧାରରେ କୃଷି ଉତ୍ପାଦକତା ଏବଂ କୃଷକ ଆୟ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ କରୁଛନ୍ତି। ଫସଲ ଓ ପଶୁସମ୍ପଦ ଉତ୍ପାଦକତା ବୃଦ୍ଧି, ଫସଲର ତୀବ୍ରତା ବୃଦ୍ଧି ଏବଂ ଉଚ୍ଚ ମୂଲ୍ୟର ଫସଲ ଗ୍ରହଣ କରିବା ପାଇଁ ବିଭିନ୍ନ ରଣନୀତି ବିଷୟରେ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାଛଡ଼ା ଅର୍ଥନୈତିକ ସର୍ଭେରେ କୁହାଯାଇଛି ଯେ ଜଳସେଚନ ସୁବିଧା ବୃଦ୍ଧି ପାଇଁ ସରକାର ଜଳସେଚନ ବିକାଶ ଏବଂ ଜଳ ସଂରକ୍ଷଣ ପଦ୍ଧତିକୁ ପ୍ରାଥମିକତା ଦେଉଛନ୍ତି। ପିଡିଏମସି ଅଧୀନରେ କ୍ଷୁଦ୍ର ଚାଷୀମାନଙ୍କୁ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା ସ୍ଥାପନ ପାଇଁ ମୋଟ ପ୍ରକଳ୍ପ ମୂଲ୍ୟର ୫୫ ପ୍ରତିଶତ ଆର୍ଥିକ ସହାୟତା ପ୍ରଦାନ କରାଯାଉଥିବା ବେଳେ ଅନ୍ୟ ଚାଷୀମାନଙ୍କୁ ୪୫ ପ୍ରତିଶତ ଆର୍ଥିକ ସହାୟତା ପ୍ରଦାନ କରାଯାଏ।

### ସର୍ବେକ୍ଷଣର ମୁଖ୍ୟାଂଶ




- ପୁଞ୍ଜିନିବେଶ ହ୍ରାସ ଯୋଗୁଁ ଏଫ୍‌ଡିଆଇ ଆଗମନ କମିଛି
- ରାଜସ୍ୱ ନିଅଣ୍ଟକୁ ଜିଡିପିର ୪.୫ ପ୍ରତିଶତରୁ କମ ରଖିବା ପାଇଁ ପ୍ରୟାସ
- ବେକାରୀ ହାର ୨୦୧୭-୧୮ ର ୬.୦% ତୁଳନାରେ ୨୦୨୩-୨୪ ରେ ୩.୨% କୁ ହ୍ରାସ
- ଜିଡିପି ଅନୁପାତରେ ଦେଶର ବାହ୍ୟ ଋଣ ୧୯.୪ ପ୍ରତିଶତ
- ଗତ ୫ ବର୍ଷ ମଧ୍ୟରେ ଭିତ୍ତିଭୂମି କ୍ଷେତ୍ରରେ ସରକାରୀ ଖର୍ଚ୍ଚରେ ବୃଦ୍ଧି
- ତୃଣମୂଳ ସ୍ତରରେ ଢାଞ୍ଚାଗତ ସଂସ୍କାର
- ନିୟାମକ ବ୍ୟବସ୍ଥା କୋହଳ ଉପରେ ଗୁରୁତ୍ୱ
- ବୈଶ୍ୱିକ ସେବା ରପ୍ତାନୀରେ ବିଶ୍ୱରେ ଭାରତ ୭ମ
- ବୀମା ପ୍ରିମିୟମ ୭.୭ ପ୍ରତିଶତ ବୃଦ୍ଧି
- ୯ ମାସରେ ରପ୍ତାନୀରେ ୬ ପ୍ରତିଶତ ବୃଦ୍ଧି
- ଶିକ୍ଷାନୁଷ୍ଠାନର ଶିକ୍ଷାଦାନର ମାନ ଉପରେ ଗୁରୁତ୍ୱ
- ଜିଏସ୍‌ଟି ସଂଗ୍ରହରେ ୧୧ ପ୍ରତିଶତ ବୃଦ୍ଧି ନେଇ ପୂର୍ବାନୁମାନ

**ଉତ୍ପାଦନ ହ୍ରାସ, ସୀମିତ ଯୋଗାଣ ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀ ମହଙ୍ଗା**

## ଡାଲି, ତୈଳବୀଜ, ଟମାଟୋ ଏବଂ ପିଆଜ ମୁଦ୍ରାସ୍ଫୀତି ଚାପ ବଢ଼ାଇଛି

ନୂଆଦିଲ୍ଲୀ,୩୧ା୧(ଏଜେନ୍ସି)



ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ୨୦୨୪ ଆର୍ଥିକବର୍ଷରେ ୫.୪%ରୁ ୨୦୨୫ରେ ୪.୯%କୁ ହ୍ରାସ ଘଟିଛି। ୨୦୨୫ରୁ ୨୦୨୪ ମଧ୍ୟରେ ମୂଳ ମୁଦ୍ରାସ୍ଫୀତିରେ ୦.୯ ପ୍ରତିଶତ ହ୍ରାସ ବଫର୍ ଷ୍ଟକ୍ ଏବଂ ଅବଧି କାଳୀନ ଖୋଲା ବଜାର କାର୍ଯ୍ୟକଳାପକୁ ମଜବୁତ କରିବା ମୁଦ୍ରାସ୍ଫୀତି ସ୍ଥିରତା ପାଇଁ ହୋଇଥିବା କଥା ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି। ହେଲେ ରିପୋର୍ଟରେ କୃଷି ଉତ୍ପାଦନରେ ହ୍ରାସ, ସୀମିତ ଯୋଗାଣ ଯୋଗୁ ଖାଉଟି ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ମହଙ୍ଗା ହୋଇଛି। ଖୁଚୁରା ବଜାର ଉପରେ ଡାଲି, ତୈଳବୀଜ, ଟମାଟୋ ଏବଂ ପିଆଜ ଭଳି ସାମଗ୍ରୀ ମୁଦ୍ରାସ୍ଫୀତି ଚାପ ବଢ଼ାଇଛି। ଏଥିପାଇଁ ଜଳବାୟୁ-ନମନୀୟ ଫସଲ କିସମ ବିକଶିତ କରି ଉତ୍ପାଦନ ବଢ଼ାଇବାକୁ ଅର୍ଥନୈତିକ ସର୍ଭେ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

ସର୍ଭେରେ କୁହାଯାଇଛି ଯେ ଭାରତର ଖାଦ୍ୟ ମୁଦ୍ରାସ୍ଫିତି ହାର ସ୍ଥିର ରହିଛି, ଯାହା ପନିପରିବା ଏବଂ ଡାଲି ଭଳି କେତେକ ଖାଦ୍ୟ ସାମଗ୍ରୀ ଦ୍ୱାରା ପରିଚାଳିତ। ଆର୍ଥିକବର୍ଷ ୨୦୨୫ (ଏପ୍ରିଲରୁ ଡିସେମ୍ବର) ରେ ସାମଗ୍ରିକ ମୁଦ୍ରାସ୍ଫିତି କ୍ଷେତ୍ରରେ ପନିପରିବା ଏବଂ ଡାଲିଜାତ ଦ୍ରବ୍ୟର ଯୋଗଦାନ ୩୨.୩ ପ୍ରତିଶତ ରହିଥିଲା। ବାତ୍ୟା, ପ୍ରବଳ ବର୍ଷା, ବନ୍ୟା, ବଜ୍ରପାତ, କୁଆପଥର ବର୍ଷା ଏବଂ ମରୁଡ଼ି ଭଳି ଚରମ ପାଣିପାଗ ପରିସ୍ଥିତି ପନିପରିବା ଉତ୍ପାଦନ ଏବଂ ମୂଲ୍ୟ ଉପରେ ପ୍ରଭାବ ପକାଇଛି।

- **ସାମଗ୍ରିକ ମୁଦ୍ରାସ୍ଫୀତିରେ ପନିପରିବା, ଡାଲିଜାତ ଦ୍ରବ୍ୟର ଭାଗ ୩୨.୩%**
- **ଜଳବାୟୁ-ନମନୀୟ ଫସଲ କିସମ ବିକଶିତ କରି ଉତ୍ପାଦନ ବଢ଼ାଇବାକୁ ପରାମର୍ଶ**

ଏହି ପ୍ରତିକୂଳ ପାଣିପାଗ ସ୍ଥିତି ମଧ୍ୟ ସଂରକ୍ଷଣ ଏବଂ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରିଥାଏ, ଯାହାର ଫଳସ୍ୱରୂପ ଯୋଗାଣ ଶୃଙ୍ଖଳାରେ ଅସ୍ଥାୟୀ ବ୍ୟାଘାତ ସୃଷ୍ଟି ହୋଇଥାଏ ଏବଂ ପନିପରିବା ମୂଲ୍ୟରେ ବୃଦ୍ଧି ଘଟାଇଛି। ଏଥିରେ ଆହୁରି ଦର୍ଶାଯାଇଛି ଯେ ୨୦୨୨-୨୩ ଏବଂ ୨୦୨୩-୨୪ ରେ କମ୍ ଉତ୍ପାଦନ ଫଳସ୍ୱରୂପ ଆର୍ଥିକ ବର୍ଷ ୨୦୨୪ ଏବଂ ଆର୍ଥିକ ବର୍ଷ ୨୦୨୫ (ଏପ୍ରିଲ-ଡିସେମ୍ବର) ପାଇଁ ପିଆଜର ମୁଦ୍ରାସ୍ଫୀତି ଚାପ ସୃଷ୍ଟି କରିଛି। ସୀମିତ ଯୋଗାଣ କାରଣରୁ ଆର୍ଥିକ ବର୍ଷ ୨୦୨୩ ପରଠାରୁ ଟମାଟୋ ମୂଲ୍ୟର ଚାପ ବଜାରରେ ଅଧିକ ରହିଥିଲା। ସମୀକ୍ଷାରେ ଉଲ୍ଲେଖ କରାଯାଇଛି ଯେ ସରକାରଙ୍କ ବହୁ ପ୍ରୟାସ ସତ୍ତ୍ୱେ, ଟମାଟୋ ଦର ଅଧିକ ରହିଥିଲା କାରଣ ଏହାର ଅତ୍ୟଧିକ ପଚନଶୀଳ ପ୍ରକୃତି ଏବଂ ଉତ୍ପାଦନ ଅଳ୍ପ କେତେକ ରାଜ୍ୟରେ କେନ୍ଦ୍ରୀଭୂତ ହୋଇଥିଲା।

## ଏଫ୍‌ଡିଆଇ କମିଲା

ନୂଆଦିଲ୍ଲୀ,୩୧ା୧(ଏଜେନ୍ସି): ୨୦୨୫ ଆର୍ଥିକବର୍ଷର ପ୍ରଥମ ୮ ମାସରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) ରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲେ ହେଁ ୨୦୨୩ ଏପ୍ରିଲ-ନଭେମ୍ବର ତୁଳନାରେ ପୁଞ୍ଜିନିବେଶ ହ୍ରାସ ଯୋଗୁଁ ମୋଟ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ହ୍ରାସ ପାଇଛି। ଅର୍ଥନୈତିକ ସର୍ବେକ୍ଷଣରୁ ଜଣାପଡିଛି ଯେ ୨୦୨୪ ଆର୍ଥିକବର୍ଷର ପ୍ରଥମ ୮ ମାସରେ ମୋଟ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ୪୭.୨ ବିଲିୟନ ଆମେରିକୀୟ ଡଲାରରୁ ୨୦୨୫ ଆର୍ଥିକବର୍ଷର ସମାନ ଅବଧି ତୁଳନାରେ ୫୫.୬ ବିଲିୟନ ଡଲାରକୁ ବୃଦ୍ଧି ପାଇଛି, ଯାହା ବାର୍ଷିକ ଅଭିବୃଦ୍ଧି ୧୭.୨ ପ୍ରତିଶତକୁ ପ୍ରତିଫଳିତ କରୁଛି। ସର୍ବେକ୍ଷଣରେ ଏହା ମଧ୍ୟ ଦର୍ଶାଯାଇଛି ଯେ ଏପ୍ରିଲ ୨୦ରୁ ସେପ୍ଟେମ୍ବର ୨୦୨୪ ମଧ୍ୟରେ ଭାରତରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ୧ ଟ୍ରିଲିୟନ ଆମେରିକୀୟ ଡଲାର ଅତିକ୍ରମ କରିବ ବୋଲି ଆଶା କରାଯାଉଛି, ଯାହା ଦେଶର ସୁରକ୍ଷିତ ଏବଂ ଉଲ୍ଲେଖନୀୟ ବୈଶ୍ୱିକ ନିବେଶ ଲକ୍ଷ୍ୟକୁ ଦର୍ଶାଏ।

## ନିର୍ମଳାଙ୍କ ଅଷ୍ଟମ ବଜେଟ; ମଧ୍ୟବିତ୍ତଙ୍କୁ ଫୋକସ୍

ନୂଆଦିଲ୍ଲୀ, ୩୧ା୧ (ଏଜେନ୍ସି)






ଶନିବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ୨୦୨୫-୨୬ ଆର୍ଥିକବର୍ଷର ସାଧାରଣ ବଜେଟ ଉପସ୍ଥାପନ କରିବେ। ପୂର୍ବାହ୍ନ ୧୧ଟାରେ ଗୃହରେ ଅର୍ଥମନ୍ତ୍ରୀଙ୍କ ବଜେଟ ଅଭିଭାଷଣ ରହିଛି। ଦରଦମ୍ ବୃଦ୍ଧି ବର୍ଷରେ ଏହି ବଜେଟକୁ ନେଇ ସାଧାରଣ ଲୋକଙ୍କ ଭିତରେ ବଢ଼ିଛି ଉତ୍କଣ୍ଠା। ସାମ୍ପ୍ରତିକ ପରିସ୍ଥିତିରେ ଚଳିଥର ବଜେଟରେ କେନ୍ଦ୍ର ସରକାର ମଧ୍ୟବିତ୍ତ ବର୍ଗଙ୍କୁ ଗୁରୁତ୍ୱ ଦେବା ଅନୁମାନ କରାଯାଉଛି। ବଜେଟରେ ବିଶେଷକରି ମଧ୍ୟବିତ୍ତ ବର୍ଗ ଆୟକର ସୀମା ବଢ଼ିବା ନେଇ ଆଶା ରଖିଥିବାବେଳେ ବିଭିନ୍ନ କ୍ଷେତ୍ରରେ ଦ୍ରବ୍ୟ ଏବଂ ସେବା ଟିକସ(ଜିଏସ୍‌ଟି) ହାର କୋହଳ ପାଇ ଅପେକ୍ଷା ରହିଛି। ଅନ୍ୟପଟେ କାରଦାତା ଟିକସ କ୍ଷେତ୍ରରେ ବଡ଼ ଆଶ୍ୱସ୍ତି ଆଶା ରଖିଛନ୍ତି। ଯେପରିକି ଆୟକର ସ୍ଲାବ୍ ୧୦ ଲକ୍ଷକୁ ଟଙ୍କା ବୃଦ୍ଧି ଏବଂ ଷ୍ଟାଣ୍ଡାର୍ଡ ଡିଡକ୍‌ସନ୍ ୧.୨୦ ଲକ୍ଷକୁ ବଢ଼ିବା ଆଶା କରାଯାଉଛି।

କ୍ରମାଗତ ଭାବେ ଅଷ୍ଟମ ଥର ପାଇଁ ବଜେଟ୍ ଉପସ୍ଥାପନ କରିବେ ନିର୍ମଳା। ଏହି ବଜେଟକୁ ନେଇ ଲୋକଙ୍କ ଅନେକ ଆଶା ରହିଛି। ସବୁ ରାଜ୍ୟର ନଜର କେନ୍ଦ୍ର ସରକାରଙ୍କ ଏହି ବଜେଟ ଉପରେ ରହିଛି। ସେହିଭଳି ଦିନକୁ ଦିନ ବଜାର ଦରବୃଦ୍ଧି ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଅପରପକ୍ଷେ ବଜାର ଚାହିଦା ହ୍ରାସ ଘଟିବାରେ ଲାଗିଛି। ଲୋକେ ଆୟକର ଏବଂ ଉଚ୍ଚ ଜିଏସଟି ହାର ଭିତରେ ଛନ୍ଦି ହୋଇଯାଇଛନ୍ତି। ବିଶେଷ ଭାବେ ମଧ୍ୟବିତ୍ତ ପରିବାର ଆୟକର ସ୍ଲାବରେ ପରିବର୍ତ୍ତନ ପାଇଁ ଆଶା ବାନ୍ଧିଛନ୍ତି। କେନ୍ଦ୍ର ସରକାର ନୂଆ ପୁରୁଣା ଆୟକର ବ୍ୟବସ୍ଥା ବନ୍ଦ କରି ନୂଆ ଆୟକର ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ସେଥିପାଇଁ ନୂଆ ଆୟକର ପଦ୍ଧତିରେ ଆୟକର ସ୍ଲାବକୁ ୭ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଅଶା ରଖିଛନ୍ତି ମଧ୍ୟବିତ୍ତ ବର୍ଗ। ଏହା ସହିତ ମଧ୍ୟବିତ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ମଧ୍ୟ ବଡ ଯୋଜନା ଘୋଷଣା କରିପାରନ୍ତି ସରକାର। ଏଥିରେ ଆୟୁଷ୍ମାନ ଯୋଜନାରେ ସମସ୍ତଙ୍କୁ ସାମିଲ କରିବା ପାଇଁ ମଧ୍ୟ ଘୋଷଣା ହୋଇପାରେ।

ଏହାଛଡା ଶିକ୍ଷା ଋଣ କ୍ଷେତ୍ରରେ ବଡ ସରକାର ଘୋଷଣା କରିପାରନ୍ତି। ଷ୍ଟକ ବଜାର କ୍ଷେତ୍ରରେ ମଧ୍ୟ କିଛି ଟିକସ ରିହାତି ଦେଇପାରନ୍ତି କେନ୍ଦ୍ର ସରକାର। ଏଥିରେ ପୁଞ୍ଜି ଆୟ ଟିକସ କମାଇବା ଉପରେ ନିଷ୍ପତ୍ତି ନେଇପାରନ୍ତି କେନ୍ଦ୍ର ସରକାର। ଏହାସହିତ ଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ଏମଏସଏମଇ କ୍ଷେତ୍ରକୁ ଅଧିକ ପ୍ରୋତ୍ସାହନ ଦେବେ। ଗାମାଞ୍ଚଳର ଲୋକଙ୍କ ହାତକୁ ଅଧିକ କାମ ଦେଇ ସେମାନଙ୍କର ଆୟ ବଢ଼ାଇବା କ୍ଷେତ୍ରରେ ସରକାର ପଦକ୍ଷେପ ନେଇପାରନ୍ତି। ଏହାସହିତ ବିଭିନ୍ନ କୃଷି ଉତ୍ପାଦ ଉପରୁ ଜିଏସ୍‌ଟି ହାର ପ୍ରତାହାର କରିପାରନ୍ତି।

- **ଆୟକର ସ୍ଲାବ୍ ୧୦ ଲକ୍ଷକୁ ବୃଦ୍ଧି ଆଶା**
- **ଷ୍ଟାଣ୍ଡାର୍ଡ ଡିଡକ୍‌ସନ୍ ୧.୨୦ ଲକ୍ଷକୁ ବଢ଼ିପାରେ**
- **ଟିକସ କ୍ଷେତ୍ରରେ ମିଳିପାରେ ବଡ଼ ଆଶ୍ୱସ୍ତି**
- **ପୂର୍ବାହ୍ନ ୧୧ଟାରେ ଅର୍ଥମନ୍ତ୍ରୀଙ୍କ ବଜେଟ୍ ଅଭିଭାଷଣ**

## ଲାଲଚନ୍ଦ୍‌ରେ 'ଜେମ୍‌ଷ୍ଟୋନ୍ ଫେଷ୍ଟିଭାଲ୍'

ଭୁବନେଶ୍ୱର, ୩୧ା୧(ସମିସ)

ପୂର୍ବ ଭାରତର ସର୍ବବୃହତ ଅଳଙ୍କାର ପ୍ରତିଷ୍ଠାନ ଲାଲଚନ୍ଦ ଜୁଏଲର୍ସ ଶୁକ୍ରବାରଠାରୁ ପବିତ୍ର ବସନ୍ତ ପଞ୍ଚମୀ ତଥା ସରସ୍ୱତୀ ପୂଜା ଉପଲକ୍ଷେ ଆରମ୍ଭ କରିଛନ୍ତି 'ରତ୍ନ ପଥର ଉତ୍ସବ'। ଓଡ଼ିଶାରେ ପ୍ରଥମ ଥର ପାଇଁ ଲାଲ୍‌ଚନ୍ଦ୍‌ର ରଘୁନାଥପୁର ଏବଂ ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ସୋ' ରୁମ୍‌ରେ ଏହି ଉତ୍ସବ ଆୟୋଜିତ ହେଉଛି। ଗ୍ରାହକମାନେ ଏହି ଐତିହାସିକ ଉତ୍ସବରେ ସାରା ବିଶ୍ୱରୁ ମୂଲ୍ୟବାନ ରତ୍ନପଥରର ବିଶାଳ ସଂଗ୍ରହର ଲାଭ ଉଠାଇ ପାରିବେ। ରୁବି, ଏମରାଲ୍ଡର ଏତେ ବିଶାଳ ସଂଗ୍ରହ ପ୍ରଥମ ଥର ପାଇଁ ଓଡ଼ିଶାରେ ଦେଖିବାକୁ ମିଳୁଛି। ଜ୍ଞାନ ଓ କଳାର ଦେବୀ ମା' ସରସ୍ୱତୀଙ୍କ ପୂଜାର ଶୁଭ ଅବସରରେ ଏହି ଉତ୍ସବ ଆୟୋଜିତ ହେଉଛି। ରଘୁନାଥପୁର ଏବଂ ମାଷ୍ଟରକ୍ୟାଣ୍ଟିନ୍ ଷ୍ଟୋରକୁ ଆସି ଗ୍ରାହକମାନେ ବିଭିନ୍ନ ରତ୍ନପଥର ଚୟନ କରିବା ସହିତ ବିରଳ ରତ୍ନପଥର ବିଷୟରେ ଜାଣିବାର ସୁଯୋଗ ପାଇପାରିବେ। ନିଜପାଇଁ ତଥା ପ୍ରିୟଜନଙ୍କୁ ରୁବି ଏବଂ ଏମରାଲ୍ଡ ଉପହାର ଦେବାର ଏହା ଏକ ସୁବର୍ଣ୍ଣ ସୁଯୋଗ। ଏହା ସହ ଷ୍ଟୋରକୁ ଆସୁଥିବା ଗ୍ରାହକମାନଙ୍କ ପାଇଁ ରହିଛି ସ୍ୱତନ୍ତ୍ର ରିଆତି। ସରସ୍ୱତୀ ପୂଜା ତଥା ବସନ୍ତ ପଞ୍ଚମୀ ଉପଲକ୍ଷେ ରତ୍ନପଥର ମହୋତ୍ସବ ଆରମ୍ଭ କରାଯାଇଥିବା ଲାଲ୍‌ଚନ୍ଦ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି।

LALCHND
Trusted Brand Since 1948

## ସିମ୍ଫୋନୀର ହେୟାର ଫଲ୍ କଣ୍ଟ୍ରୋଲ ଗିଜର

ଭୁବନେଶ୍ୱର,୩୧ା୧(ସମିସ): ସିମ୍ଫୋନୀ ଲିମିଟେଡ ଜଳ ଗରମ କରିବା ବ୍ୟବସ୍ଥାକୁ ପ୍ରବେଶ କରିଛି। କମ୍ପାନୀ ୯-ଲେୟର ବିଶିଷ୍ଟ ପ୍ୟୁରୋପଡ୍ ପ୍ରଯୁକ୍ତି ସହିତ ୱାଟର ହିଟର ବର୍ଗ ପ୍ରଚଳନ କରିଛି, ଯାହା କେଶ ଝଡିବାର ଅନ୍ୟତମ କାରଣ ହୋଇଥିବା କ୍ଷାରୀୟ ଜଳକୁ ମୃଦୁ ଜଳରେ ରୂପାନ୍ତରିତ କରୁଛି, କ୍ଷତିକାରକ ରସାୟନ ଓ ଅନ୍ୟାନ୍ୟ ଦ୍ରବ୍ୟକୁ ଛାଣିଦେଉଛି। କମ୍ପାନୀ ୱାଟର ହିଟର ବର୍ଗରେ ୩ଟି ମଡେଲ-୯ ଏସ୍‌କେୟୁ ପ୍ରଚଳନ କରିଛି; ଯଥା-ସିମ୍ଫୋନି ସ୍ପା, ସିମ୍ଫୋନି ସଉନା ଏବଂ ସିମ୍ଫୋନି ସୋଲ୍ ଯାହା ଯଥାକ୍ରମେ ୧୦ ଲିଟର,୧୫ ଲିଟର ଏବଂ ୨୫ ଲିଟର କ୍ଷମତାରେ ଆସୁଛି। ମନୋରମ ଦୃଶ୍ୟମାନ ହେଉଥିବା, ୫ ତାରକା ମାନ୍ୟତାପ୍ରାପ୍ତ ଏହି ୱାଟର ହିଟର ବର୍ଗ ହେଭି-ଡ୍ୟୁଟି ହିଟିଂ ଉପାଦାନ ସହିତ ଆସୁଛି, ଯେଉଁଥିରେ ପରିବର୍ଦ୍ଧିତ ଦୀର୍ଘସ୍ଥାୟିତ୍ୱ ନିମନ୍ତେ ଟାଇଟାନିୟମ ପ୍ରୋ କୋଟିଂ, ଦୀର୍ଘ କାର୍ଯ୍ୟକାଳ ନିମନ୍ତେ ଏକ ମ୍ୟାଗନେସିୟମ ରଡ ଏବଂ ପୂର୍ଣ୍ଣାଙ୍ଗ ନିରାପତ୍ତା ବୈଶିଷ୍ଟ୍ୟ ରହିଛି।




**ଜାତୀୟ ସଡ଼କ ସୁରକ୍ଷା ମାସ**

## ଜିଓ ପକ୍ଷରୁ ସାରା ରାଜ୍ୟରେ ସଚେତନତା ଅଭିଯାନ

ଭୁବନେଶ୍ୱର, ୩୧ା୧(ସମିସ): ରିଲାଏନ୍ସ ଜିଓ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରଭାବଶାଳୀ ସଚେତନତା ଅଭିଯାନ ସହିତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଇଛି। ଏହି ପଦକ୍ଷେପ ସଡ଼କରେ ନିଜର ତଥା ଅନ୍ୟମାନଙ୍କ ନିମନ୍ତେ ଯତ୍ନ ଏବଂ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଛି। ଏକ ମାସ ବ୍ୟାପୀ ଏହି ସଚେତନତା ଅଭିଯାନକୁ ମାସର ପ୍ରାରମ୍ଭରେ ରିଲାଏନ୍ସ ଜିଓ ଇନଫୋକମ୍ ଲିମିଟେଡର ଓଡିଶା ମୁଖ୍ୟ ଶ୍ରୀ ପ୍ରଦୀପ ରାଉତ ଶୁଭାରମ୍ଭ କରି ସଡକ ସୁରକ୍ଷା ଏବଂ ସୁରକ୍ଷିତ ଗାଡିଚାଳନାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜିଓ କର୍ମଚାରୀ, ସେମାନଙ୍କ ପରିବାର ଏବଂ ସମାଜର ବିଭିନ୍ନ ବର୍ଗ ମଧ୍ୟରେ ସଡ଼କ ସୁରକ୍ଷା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏହି ମାସବ୍ୟାପୀ ସଡକ ସୁରକ୍ଷା ସଚେତନତା ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏହି ଅଭିଯାନରେ ଆଇଏସଆଇ ୪୧୫୧ ପ୍ରମାଣିତ ପୂର୍ଣ୍ଣ-ମୁଖ ହେଲମେଟ୍ ବ୍ୟବହାରକୁ ଉତ୍ସାହିତ କରିବା, ସିଟ୍ ବେଲ୍ଟର ନିରନ୍ତର ବ୍ୟବହାର ପାଇଁ ପରାମର୍ଶ ଦେବା, ଟ୍ରାଫିକ୍ ନିୟମ ଏବଂ ନିୟମାବଳୀ ପାଳନକୁ ଦୃଢ଼ କରିବା, କୌଣସି ସମୟରେ ମଦ୍ୟପାନ କରି ଗାଡ଼ି ନଚଲାଇବା, ଗତି ସୀମା ପାଳନ କରିବା, ଅନ୍ୟମନସ୍କତାକୁ ଏଡାଇବା, ଖରାପ ପାଗରେ ସତର୍କ ରହିବା ଏବଂ ନିୟମିତ ଭାବରେ ନିଜର ଯାନବାହନ ଯାଞ୍ଚ କରିବା ଭଳି ସଡ଼କ ସୁରକ୍ଷା ପ୍ରମୁଖ ନିୟମଗୁଡିକ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥିଲା।




**ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ-୨୦୨୫**

## ଆକର୍ଷଣରେ ବେଦାନ୍ତ ଆଲୁମିନିୟମ୍ ଷ୍ଟଲ୍

ଭୁବନେଶ୍ୱର, ୩୧ା୧(ସମିସ): ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଉତ୍କର୍ଷ ଓଡ଼ିଶା - ମେକ୍ ଇନ୍ ଓଡ଼ିଶା ୨୦୨୫ କନକ୍ଲେଭରେ ଏହାର କାର୍ଯ୍ୟର ଏକ ବ୍ୟାପକ ପ୍ରଦର୍ଶନୀ ପ୍ରସ୍ତୁତ କରିଥିଲା, ଯେଉଁଥିରେ ଏହାର ଇଏସଜି ଅଭ୍ୟାସ, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ପ୍ରଭାବ ପଦକ୍ଷେପଗୁଡ଼ିକୁ ଅନ୍ତର୍ଭୁକ୍ତ କରି ବିବିଧ ପ୍ରଦର୍ଶନୀ କରାଯାଇଥିଲା। କନକ୍ଲେଭର ପ୍ରଥମ ଦିନରେ, ବେଦାନ୍ତ ଓଡ଼ିଶାରେ ୧ ଲକ୍ଷ କୋଟି ଟଙ୍କାର ନୂତନ ନିବେଶ ଘୋଷଣା କରିଛି, ଯାହା ରାଜ୍ୟର ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ବେଦାନ୍ତ ଗ୍ରୁପର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଏହି ନିବେଶ ସମ୍ମିଳନୀର ନେତୃତ୍ୱ ନେଇଥିଲେ, ତାଙ୍କର ନେତୃତ୍ୱ ରାଜ୍ୟର ସମୃଦ୍ଧି ପାଇଁ କମ୍ପାନୀର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ଆଗକୁ ବଢାଇବାରେ ସହାୟକ ହୋଇଛି। ଏହି କାର୍ଯ୍ୟକ୍ରମରେ, ବେଦାନ୍ତ ଆଲୁମିନିୟମ ନିଯୁକ୍ତି, ଶିକ୍ଷା ଏବଂ ଭିତ୍ତିଭୂମି ପାଇଁ ଏକ ଉତ୍ପ୍ରେରକ ହେବାରେ ଏହାର ପ୍ରୟାସ ପ୍ରଦର୍ଶନ କରିଥିଲା, ଯାହା ଓଡ଼ିଶାକୁ ଏକ ଶିଳ୍ପ ଶକ୍ତିଶାଳୀରେ ପରିଣତ କରିଥିଲା। ଷ୍ଟଲରେ ପରିଦର୍ଶକମାନେ କମ୍ପାନୀର ବିଶ୍ୱସ୍ତରୀୟ ଉତ୍ପାଦଗୁଡ଼ିକର ପ୍ରଦର୍ଶନ ଏବଂ ରାଜ୍ୟର ପ୍ରଗତିରେ କମ୍ପାନୀର ବ୍ୟାପକ ଅବଦାନ ବିଷୟରେ ଅନ୍ତର୍ଦୃଷ୍ଟି ପାଇଥିଲେ। ବେଦାନ୍ତ ଆଲୁମିନିୟମ ଏହାର ଆଗାମୀ ଆଲୁମିନିୟମ ପାର୍କକୁ ମଧ୍ୟ ପରିଚିତ କରାଇଥିଲା, ଯାହା ଭାରତର ସର୍ବବୃହତ ଧାତୁ ପାର୍କ ହେବାକୁ ଯାଉଛି। ୨୫୩ ଏକର ପରିବ୍ୟାପ୍ତ, ଏହି ପାର୍କକୁ ଡାଉନଷ୍ଟ୍ରିମ୍ ଶିଳ୍ପ ପାଇଁ ଏକ ୱାନ୍-ଷ୍ଟପ୍ ହବ୍ ଭାବରେ କଳ୍ପନା କରାଯାଇଛି ଯାହାଦ୍ୱାରା ଓଡ଼ିଶାର ଝାରସୁଗୁଡାରେ କମ୍ପାନୀର ମେଗା ଆଲୁମିନିୟମ ପ୍ଲାଣ୍ଟରୁ ଉଚ୍ଚମାନର ଗରମ ଧାତୁ ବ୍ୟବହାର କରାଯାଇପାରିବ।








# ପୂଜା ପାଇଁ ଲୋଡ଼ା ଭକ୍ତି



ଆଜି ସରସ୍ୱତୀ ପୂଜା। ଚାରିଆଡ଼ ଉତ୍ସବମୁଖର। ପିଲାଙ୍କ ମନ ଭିତରେ କାହିଁ କେତେ ଆଗ୍ରହ। ସଭିଏଁ ନୂଆ ଜାମା ପିନ୍ଧି ବିଦ୍ୟାଳୟ ଯିବେ। ମାଆ ସରସ୍ୱତୀଙ୍କ ପୂଜା କରିବେ। ଏମିତି କେତେ କ'ଣ ଭାବନା ସମସ୍ତଙ୍କ ମନରେ। ସବୁବର୍ଷ ସରସ୍ୱତୀ ପୂଜାରେ ମାଧ ବାବୁ ସୁଲି ପାଇଁ ନୂଆ ଡ୍ରେସ୍ ଆଣନ୍ତି। ହେଲେ ଏ ବର୍ଷ ଅସୁବିଧା ଯୋଗୁଁ ସେ ଆଉ ନୂଆ ଡ୍ରେସ୍ ଆଣିପାରି ନାହାନ୍ତି। ସେଥିପାଇଁ ବାପା ବୋଉ ଯେତେ ବୁଝାଇଲେ ବି ସେ ସ୍କୁଲ ଯିବାକୁ ନାରାଜ। ଠିକ୍ ଏତିକିବେଳେ ସୁଲିକୁ ଡାକିବା ପାଇଁ ଘରେ ପହଞ୍ଚିଲା ଲୁସି। ଦେଖିଲା ସୁଲି କଇଁକଇଁ ହୋଇ କାନ୍ଦୁଛି। ତା'ର ଏକା ଜିଦ୍ ବାପା ତା' ପାଇଁ ନୂଆ ଡ୍ରେସ୍ ଆଣିଲେ ତାକୁ ପିନ୍ଧି ସେ ସ୍କୁଲକୁ ଯିବ। ଲୁସି କହିଲା, ଆଲୋ ସାଙ୍ଗ! ନୂଆ ଡ୍ରେସ୍ ନ ହେଲେ କ'ଣ ସରସ୍ୱତୀ ପୂଜା ହେଉନି। ତୋତେ କିଏ କହିଲା? ସୁଲି କହିଲା, ମିଲି କହୁଥିଲା ସରସ୍ୱତୀ ପୂଜାରେ ନୂଆ ଡ୍ରେସ୍ ପିନ୍ଧିଲେ ମାଆ ପ୍ରସନ୍ନ ହୋଇ ବର ଦିଅନ୍ତି। ଆଚ୍ଛା ଠିକ୍ ଅଛି କହିଲା ଲୁସି। ସୁଲିର ଏ ଜିଦ୍ ଦେଖି ମାଧ ବାବୁଙ୍କ ଠାରୁ ସବୁ ବିଷୟ ବୁଝିନେଲା ଲୁସି। ଅଙ୍କଲ ଯେତିକି ଅଭାବ ଭିତରେ ଅଛନ୍ତି, ସେ ପରିବାର ଚଳେଇବା କଥା ଭାବିବେ ନା' ସୁଲି ପାଇଁ ନୂଆ ଡ୍ରେସ୍ କିଣି ଆଣିବେ ! ହେଲେ ସେ ସବୁ କଥା ତ ସୁଲି ବୁଝିବାକୁ ନାରାଜ। ସବୁବର୍ଷ ଲୁସି ନୂଆ ଡ୍ରେସ୍ ଧରି ଆସି ସୁଲି ଘରେ ପିନ୍ଧେ। ଏଥର କିନ୍ତୁ କିଛି ଅଲଗା ହେଲା। ଲୁସି ମନେ ମନେ ଭାବିଲା, ଏଥର ମୁଁ ଆଉ ନୂଆ ଜାମା ନ ପିନ୍ଧି ସୁଲିକୁ ଦେଇଦିଏ। ଲୁସି ତା' କଅଁଳ ହାତରେ ସୁଲିର ଆଖିର ଲୁହ ପୋଛି ଦେଇ କହିଲା ସାଙ୍ଗ, ଏଇ ନେ ତୋ ନୂଆଁ ଡ୍ରେସ୍ କହି ଜରି ପ୍ୟାକେଟ୍ ଭିତରେ ଥିବା ନୂଆ ଡ୍ରେସ୍ ହଲେ ବଢ଼େଇ ଦେଲା ସୁଲିର ହାତକୁ। ନୂଆ ଡ୍ରେସ୍ ହାତରେ ପଡ଼ିବାରୁ ସୁଲିର ମନ ଭାରି ଖୁସି। ସେ ତତ୍‌କ୍ଷଣାତ ଆଉ ଟିକେ ବି ଡେରି ନ କରି ବିଦ୍ୟାଳୟ ଯିବାକୁ ସଜ ହୋଇଗଲା। ଏଥର ଦୁଇ ସାଙ୍ଗ ଏକାମୁହାଁ ହୋଇ ବିଦ୍ୟାଳୟ ଗଲେ। ଦୁହେଁ ଗୋଟେ ନିଃଶ୍ୱାସରେ ଯାଇ ବିଦ୍ୟାଳୟରେ ପହଞ୍ଚିଲେ। ସେତେବେଳକୁ ସବୁ ପିଲା ବିଦ୍ୟାଳୟକୁ ଆସି ସାରିଥାନ୍ତି। ସଭିଏଁ ମିଶି ମାଆ ସରସ୍ୱତୀଙ୍କ ପୂଜାରେ ଲାଗିଲେ। ପିଲାଏ ମହାଆନନ୍ଦରେ ସରସ୍ୱତୀଙ୍କ ବନ୍ଦନା ଗାଇଲେ। ବିଦ୍ୟାଳୟ ପରିସର ପିଲାଙ୍କ ଗୀତରେ ଫାଟି ଉଠୁଥାଏ। ପ୍ରଧାନଶିକ୍ଷକ କହିଲେ- ପିଲାମାନେ ଏଥର ଆଖି ବନ୍ଦ କରି ଆମେ ସଭିଏଁ କିଛି ସମୟ ମାଆଙ୍କୁ ଧ୍ୟାନ କରିବା। ଆଜି ଯିଏ ଅନ୍ୟର କିଛି ମଙ୍ଗଳ ଚିନ୍ତା କରିଥିବ, ତା' ଉପରେ ମାଆଙ୍କ ପ୍ରଭାବ ନିଶ୍ଚୟ କିଛି ଅଲଗା ହେବ। ସାର୍‌ଙ୍କ କହିବା ଅନୁଯାୟୀ ସେୟା ହେଲା। ସଭିଏଁ ଆଖି ବନ୍ଦ କରି କିଛି ସମୟ ଧ୍ୟାନ କଲା ପରେ ସମସ୍ତଙ୍କ ଧ୍ୟାନ ସିନା ଭଙ୍ଗ ହେଲା, ହେଲେ ଲୁସିର କିନ୍ତୁ ହେଉ ନ ଥାଏ। ଭକ୍ତିର ବିଭୋରତାରେ ତା'ର ଆଖିରୁ ଧାର ଧାର ଲୁହ ବହି ଯାଉଥାଏ ଏବଂ ମୁହଁରେ ଏକ ପ୍ରକାର ଦିବ୍ୟ ଖୁସି ଦେଖା ଯାଉଥାଏ। ସଭିଏଁ ଲୁସିକୁ ଚାହିଁ ରହିଥାନ୍ତି। ଠିକ୍ ଏତିକିବେଳେ ଲୁସିର ଧ୍ୟାନ ଭଙ୍ଗ ହେଲା। ମିଲି ଆଉ ଝିଲି କହିଲେ- ସାର୍! ଲୁସି ତ ପୁରଣା ଡ୍ରେସ୍ ପିନ୍ଧି ମାଆଙ୍କ ପୂଜା କରିବାକୁ ଆସିଛି, ମା' କେମିତି ତା' ଉପରେ ପ୍ରସନ୍ନ ହେଲେ। ଝିଲି ଆଉ ମିଲିର କଥା ଶୁଣି ସାର୍ କହିଲେ – ତମମାନଙ୍କ ମନରେ ଭୁଲ୍ ଧାରଣା ରହିଛି। ମାଆ କାହାର ପୋଷାକ ଦେଖନ୍ତିନି। ଦେଖନ୍ତି ଅନ୍ତରର ଭକ୍ତିର ଗଭୀରତା। ଲୁସିର ମାଆଙ୍କ ପ୍ରତି ଅଧିକ ଭକ୍ତି, ତେଣୁ ସେ ଧ୍ୟାନରେ ଅଧିକ ଶକ୍ତି ପାଇଲା। ଆଉ ତୁମମାନଙ୍କ ଅପେକ୍ଷା ଅଧିକ ଧ୍ୟାନରତ ହୋଇପାରିଲା। ଝିଲି ତୁମେ ଏଇ ଟିକେ ପୂର୍ବରୁ ଯାହା କହୁଥିଲ, ମାଆ ଏକା ଲୁସି ଉପରେ ପ୍ରସନ୍ନ ବୋଲି ସେମିତି ନୁହଁ, ତୁମ ଉପରେ ବି ମାଆ ପ୍ରସନ୍ନ ଅଛନ୍ତି। ସେ ପରା ଜଗତ୍‌ଜନନୀ ମାଆ ବିଦ୍ୟାଦାତ୍ରୀ। ସେ ତୁମରି ଆମରି ଆମ ସଭିଙ୍କ ମାଆ। କଥାରେ ଅଛି ପରା:-ଯାହାର ଯେତେ ଭକ୍ତି, ତାହାର ସେତେ ଶକ୍ତି। ସାର୍‌ଙ୍କ କଥା ଶୁଣି ସବୁ ପିଲା ଖୁସି ହୋଇଗଲେ। ଝିଲି ବି ତା' ମନ ଭିତରେ ଥିବା ଭୁଲ୍ ଧାରଣା ବୁଝି ପାରିଲା। ସଭିଏଁ ଆଉ କିଛି ସମୟ ଅପେକ୍ଷା କଲା ପରେ ପୁଷ୍ପାଞ୍ଜଳି ହେଲା। ସେତେବେଳକୁ ସୁଲି ବି ତା' ଭୁଲ୍ ବୁଝିସାରିଥିଲା। ସଭିଏଁ ପ୍ରସାଦ ପାଇ ଘରକୁ ଫେରିଲେ। ଫେରିଲା ବେଳେ ବାଟରେ ସୁଲି ତା' ସାଙ୍ଗ ଲୁସିକୁ କହିଲା- ସାଙ୍ଗ! ଆଜି ତୁ ମୋ ଆଖି ଖୋଲିଦେଲୁ। ଆଜିଠାରୁ ଆଉ ମୁଁ ବାପାଙ୍କୁ କୌଣସି ପୂଜାରେ ନୂଆ ଜାମା ଆଣିବା ପାଇଁ ବାଧ କରିବିନି। ମୁଁ ଆଜି ମୋ ଭୁଲ୍ ବୁଝିପାରିଛି। ଆଉ ତୋ' ଭାବନା ମୁଁ ସବୁବେଳେ ମୋ ମନ ତଳେ ସାଇତି ରଖିବି। ତୋ' ପାଇଁ ଆସିଥିବା ଡ୍ରେସ୍ ତୁ ନିଜେ ନ ପିନ୍ଧି ମୋତେ ପିନ୍ଧିବା ପାଇଁ ଦେଇଦେଇଥିବାରୁ ଧନ୍ୟବାଦ ସାଙ୍ଗ। ଆଉ ଆଜି ମୁଁ ଜାଣିଲି ସାଙ୍ଗ ପ୍ରକୃତ ପୂଜା ବସ୍ତ୍ରରେ ନଥାଏ, ଥାଏ ଭକ୍ତିରେ। ଭକ୍ତିପୂର୍ଣ୍ଣ ପୂଜା ହିଁ ବାସ୍ତବ ପୂଜା। ସୁଲିରୁ ପାଟିରୁ ଏଇ ପ୍ରଶଂସା ଶୁଣି ଲୁସି ଫିଁ' କରି ହସି ଦେଇ ଘରମୁହାଁ ହେଲା। ସୁଲି ବି ତା' ବାଟକୁ ଚାହିଁଚାହିଁ ଘର ଭିତରକୁ ଚାଲିଗଲା। ■



ଅଶୋକ କୁମାର ପ୍ରଧାନ

ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

## କୁନି ତାରକା




# ବିଦ୍ୟାଦାୟିନୀ ମାଆ



ପ୍ରଶାନ୍ତ କୁମାର ସାହୁ

ମାଆ ସରସ୍ୱତୀ ବିଦ୍ୟା ଦାୟିନୀ
କୋଟି ନମସ୍କାର ହଂସ ବାହିନୀ।
ତୋ ବିନା ମୂରୁଖ ଏ ଅକିଞ୍ଚନ
ତୋ ବିନା ପୂର୍ଣ୍ଣାଙ୍ଗ ନୁହେଁ ଜୀବନ।
ଦୀନ ହୀନ ମୁହିଁ ଶିଶୁ ଅବୋଧ
ବାକ୍ୟକୁ ମୋହର କରିବୁ ଶୁଦ୍ଧ।
କହିବୁ ମୋ କଣ୍ଠେ ମିଠା ବଚନ
ହରଣ କରିବି ସଭିଙ୍କ ମନ।
ଅବାଟକୁ ଗଲେ ଆଣିବୁ ଟାଣି
ସତପଥେ ଛିଡ଼ା କରିବୁ ଆଣି।
ପର ଉପକାରେ ବଳାଇ ମନ
ରଖିବି ଯେପରି ଦେଶର ମାନ।
ଏତିକି ମିନତି ତୋର ପୟରେ
ଦୟା ରଖିଥିବୁ ମୋହରି ଠାରେ। ■

ଇନ୍ଦିପୁର, ଢେଙ୍କାନାଳ
ମୋ- ୯୭୭୭୦୯୦୦୫୬



# ମା' ସରସ୍ୱତୀ



ଗୋପୀନାଥ ଦାଶ

ମାଘ ମାସ ଶୁକ୍ଳ ପକ୍ଷ ପଞ୍ଚମୀ
ମା' ସରସ୍ୱତୀଙ୍କ ପୂଜା
ବସନ୍ତ ଋତୁ ପଞ୍ଚମୀ ତିଥି
ଉଡ଼େ ହଂସ ବାହିନୀଙ୍କ ଧ୍ୱଜା।
ମାଆ ବାଗ୍‌ଦେବୀ ବୀଣା ଧାରିଣୀ
ବିଦ୍ୟା ଭଣ୍ଡାର ସରସିନୀ
ଜ୍ଞାନଦାତ୍ରୀ, ଶାରଦେଶ୍ୱରୀ
ବେଦମାତା ବିଦ୍ୟା ଜନନୀ।
ହୁଅ ବିରାଜିତ କରୁଛୁ ଅର୍ପଣ
ଫୁଲ ଭୋଗ ଧୂପ ଦୀପ
ପୁସ୍ତକ ଧାରିଣୀ ଉଭା ହୁଅ ମାଆ
ସଜାଇ ରଖିଛୁ ମଣ୍ଡପ।
ଅଜ୍ଞାନକୁ ହରି ଜ୍ଞାନ ଦିଅ ଭରି
ଅନ୍ଧାରୁ ଆଲୋକେ ନିଅ
ଆଶୀର୍ବାଦ ଭରି ସଦ୍‌ବୁଦ୍ଧି ଦିଅ
ରଚିବୁ ନୂଆ ପରିଚୟ।
ଶତରୂପା ମା' ବିଦ୍ୟା ପ୍ରଦାୟିନୀ
କମଳ ଆସନ ବିରାଜିତା
ଭକତି କୁସୁମ ଚରଣେ ତୁମର
ମା' ଶୁଭ୍ରବସ୍ତ୍ର ଶୋଭିତା। ■

ବରପାଲିପଡ଼ା, ବଲାଙ୍ଗିର
ମୋ-୬୩୭୧୮୦୫୦୭୦

## ପ୍ରହେଳିକା

- ବସନ୍ତ ଋତୁର ପଞ୍ଚମୀ ସିଏ
ଶୁକ୍ଳ ପକ୍ଷ ତିଥି ଯେଦିନ ହୁଏ
ମାଆଙ୍କ ପ୍ରବେଶ ହୁଏ ସେ ଦିନ
କରୁଥାନ୍ତି ଯିଏ ଜ୍ଞାନ ପ୍ରଦାନ
ଶ୍ୱେତ ବସ୍ତ୍ର ପିନ୍ଧି ସିଏ ଆସନ୍ତି
ବୁଦ୍ଧି ବିଦ୍ୟା ଜ୍ଞାନ ପରଷୁଥାନ୍ତି
ଶିକ୍ଷା ନିକେତନେ ପୂଜା ହୁଅଇ
ନାମ ତାଙ୍କ କିଏ ପାରିବ କହି ?
ମା' ସରସ୍ୱତୀ

- ସଙ୍ଗୀତରେ ସିଏ ଭରଇ ସୁର
କି ସୁନ୍ଦର ସତେ ଶ୍ରୁତି ମଧୁର
ହାତେ ଧରିଥାନ୍ତି ମା' ସରସ୍ୱତୀ
ନାରଦଙ୍କ ହାତେ ଥାଏ ନିହାତି
କିଏ ସେ ଜାଣିଛି ନାମଟି ତା'ର
ଦେଇଦିଅ ଶୀଘ୍ର ତାର ଉତ୍ତର ?
ଉ-ବୀଣା

- କି ସୁନ୍ଦର ଆହା ରୂପଟି ତା'ର
ମନ ମୋହୁଥାଏ ସବୁ ଅକ୍ଷର
ଅଜଣା କଥା ସେ ଜଣାଇ ଦିଏ
ଜ୍ଞାନର ପ୍ରଦୀପ ସେ ଜାଳୁଥାଏ
ଧଳା କିଆରିରେ କଳା ଫସଲ
କିଏ ସେ କହିବ ନାମଟି ତା'ର ?
ଉ-ବହି

- ଧବଳ ରଙ୍ଗର ପକ୍ଷୀଟି ସିଏ
ପବିତ୍ର ପ୍ରତୀକ ଦୁନିଆଁ କୁହେ
ସରସ୍ୱତୀଙ୍କର ବାହନ ସିଏ
ନାମଟି ତାହାର କହିବ କିଏ ?
ଉ-ହଂସ



ପ୍ରଶାନ୍ତ କୁମାର ନାଥ
ବେଙ୍ଗାଲୁରୁ
ମୋ-୮୩୧୦୩୨୮୩୪୫

## ମଡେଲିଂ ଓ ନୃତ୍ୟରେ ଧୁରନ୍ଧର

# ସିଦ୍ଧି ସମ୍ପୂର୍ଣ୍ଣା

ଶିଶୁ ପ୍ରତିଭା




**ନୃତ୍ୟ ହେଉ କି ମଡେଲିଂ ସବୁଥିରେ ସେ ବେଶ୍ ପାରଙ୍ଗମ। ସମ୍ବଲପୁରୀ ଲୋକନୃତ୍ୟ ହେଉ କି ହିପ୍‌ହପ୍ ସବୁଥିରେ ସେ ଦର୍ଶକଙ୍କ ମନ ଜିଣିଛନ୍ତି। ର୍‍ୟାମ୍ପରେ ସେ ଡିଜାଇନର୍‌ମାନଙ୍କ ପୋଷାକ ପିନ୍ଧି ଆଗଧାଡ଼ିର ମଡେଲମାନଙ୍କ ଭଳି ର୍‍ୟାମ୍ପ ୱାକ୍ କଲାବେଳେ ଦର୍ଶକେ ଆଚମ୍ବିତ ହୋଇଯାନ୍ତି। ଏଭଳି ଜଣେ ପ୍ରତିଭାବାନ ଶିଶୁ କଳାକାର ହେଉଛନ୍ତି ସମ୍ବଲପୁର ଅଞ୍ଚଳର ସିଦ୍ଧି ସମ୍ପୂର୍ଣ୍ଣା ନାୟକ। ଜଣେ କୁନି ମଡେଲ ଭାବେ ସିଦ୍ଧି ରାଜ୍ୟ ତଥା ରାଜ୍ୟ ବାହାରେ ଫେଶନ୍ ଶୋ'ଗୁଡ଼ିକରେ ଅଂଶଗ୍ରହଣ କରି ଅନେକବାର ପୁରସ୍କୃତ ଓ ସମ୍ମାନିତ ମଧ୍ୟ ହୋଇଛନ୍ତି।**

ସମ୍ବଲପୁର ସହରର ଚୈତନ୍ୟ କୁମାର ନାୟକ ଓ ବିନ୍ଦିଆ ରାନୀ ନାୟକଙ୍କ ଝିଅ ସିଦ୍ଧି। ଗୁରୁନାନକ ପବ୍ଲିକ୍ ସ୍କୁଲରେ ସେ ତୃତୀୟ ଶ୍ରେଣୀରେ ପାଠ ପଢୁଛନ୍ତି। ଚୈତନ୍ୟ ମଧ୍ୟ ଜଣେ କଳାକାର। ତାଙ୍କର ଡ୍ରାମା, ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଭଲ ନାଁ ରହିଛି। ତେଣୁ ଝିଅ ସିଦ୍ଧିକୁ ମଧ୍ୟ ସେ କଳାକ୍ଷେତ୍ରରେ ଆଗକୁ ଆଣିବା ପାଇଁ ଇଚ୍ଛା ରଖିଥିଲେ। ପିଲାଦିନରୁ ନୃତ୍ୟ ଓ ମଡେଲିଂରେ ସିଦ୍ଧିଙ୍କର ରୁଚି ରଖିଥିଲା। ଝିଅର ନୃତ୍ୟ ପ୍ରତି ଆଗ୍ରହ ଦେଖି ଚୈତନ୍ୟ ତାକୁ ସମ୍ବଲପୁର କଳାକେନ୍ଦ୍ରରେ ଗୁରୁ ପୁଷ୍ପାଞ୍ଜଳି ବେହେରାଙ୍କଠାରୁ ସମ୍ବଲପୁରୀ ଲୋକନୃତ୍ୟ ଶିଖିବାକୁ ସୁଯୋଗ ଦେଇଥିଲେ। ଏହାପରେ ସିଦ୍ଧି ଝାରସୁଗୁଡ଼ାରେ ଆୟୋଜିତ 'ସମ୍ବଲପୁରୀ ଝଟ୍‌କା' ମଡେଲିଂ ଶୋ' ପାଇଁ ଅଡିସନ୍ ଦେଇଥିଲେ। ଏଥିରେ ସେ ସେ ଶ୍ରେଷ୍ଠ ଦଶଜଣଙ୍କ ମଧ୍ୟରେ ରହିଥିଲେ ସୁଦ୍ଧା ଟାଇଟଲ୍ ଜିତି ପାରି ନଥିଲେ। ଏହାପରେ ମଡେଲିଂରେ ଆହୁରି ଭଲ ପ୍ରଦର୍ଶନ କରିବା ପାଇଁ ସେହେବାଜ଼ ଖାନଙ୍କ ଠାରୁ ଏଦିଗରେ ତାଲିମ ନେବା ଆରମ୍ଭ କଲେ। ଆଉ ଏବେ ସେ ଏତେ କମ୍ ବୟସରେ ମଡେଲିଂ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ି ପାରିଛନ୍ତି। ସେ ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ଫେଶନ୍ ଶୋ'ଗୁଡିକରେ ଅଂଶଗ୍ରହଣ କରି ଅନେକ ଥର ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି। ଅନେକ ଥର ସେ ରନସ୍‌ଅର୍ପ କିମ୍ବା ଟାଇଟଲ୍ ବିଜେତା ହୋଇଛନ୍ତି। ରାୟପୁରଠାରେ ଗତବର୍ଷ ଅନୁଷ୍ଠିତ ହୋଇଥିବା ଜୁନିଅର ବିଭାଗର ' ଷ୍ଟାର ଫେସ୍ ଅଫ୍ ଛତିଶଗଡ଼' ଟାଇଟଲ ସିଦ୍ଧି ଜିତିବା ପରେ ଚାରିଆଡୁ ତାଙ୍କୁ ପ୍ରଶଂସାର ସୁଅ ଛୁଟିଥିଲା। ବର୍ଷ ହେଲାଣି ସେ ଗୁରୁ ଲକ୍ଷ୍ମଣ ସାହୁଙ୍କୁ ପାଖରୁ 'ହିପ୍‌ହପ୍' ଶିଖୁଛନ୍ତି। ସମ୍ବଲପୁରୀ ଲୋକନୃତ୍ୟରେ ରସରକେଲୀ, ଡାଲଖାଇ, ଚୁଟକୁଚୁଟା ଆଦି ଗୀତର ତାଳେ ତାଳେ ନାଚି ଦର୍ଶକଙ୍କୁ ମତୁଆଲା କରିଦିଅନ୍ତି। ଏସବୁ ଭିତରେ ବି ସେ ପାଠପଢ଼ାକୁ ଅବହେଳା କରି ନାହାନ୍ତି। ଭବିଷ୍ୟତରେ ରିଆଲିଟି ଶୋ'ଗୁଡ଼ିକରେ ଅଂଶଗହଣ କରି ନିଜ ଅଞ୍ଚଳ ତଥା ରାଜ୍ୟ ପାଇଁ ଗୌରବ ଆଣିବା ପାଇଁ ଲକ୍ଷ୍ୟ ରଖିଛନ୍ତି ସିଦ୍ଧି। ■

- ଶୁଭମ ଖଡ଼ିରତ୍ନ, ସମ୍ବଲପୁର

## ସକାଳ ଶିଶୁ କୁଇଜ୍ -୧୫୨

୧. କୁତବ ମିନାର କିଏ ନିର୍ମାଣ କରିଥିଲେ?
ଉତ୍ତର : ______

୨. ଗୁରୁ କେଳୁଚରଣ ମହାପାତ୍ରଙ୍କର କେଉଁ ନୃତ୍ୟ ସହ ସମ୍ପର୍କ ରହିଛି ?
ଉତ୍ତର : ______

୩.ଭାରତର କେଉଁ ସହରକୁ ହ୍ରଦର ସହର ବୋଲି କୁହାଯାଏ?
ଉତ୍ତର : ______

୪. ପାଇକ ବିଦ୍ରୋହ କେବେ ହୋଇଥିଲା?
ଉତ୍ତର : ______

୫.ବାୟୁମଣ୍ଡଳର କେଉଁ ସ୍ତରରେ ମେଘ ସୃଷ୍ଟି ହୁଏ?
ଉତ୍ତର : ______

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

### ଗତ ସପ୍ତାହର କୁଇଜ୍ ବିଜେତା

- ଓମ୍ ସାଇ ରବିନାରାୟଣ କର , କୋଡାଙ୍ଗ, କୋଣାର୍କ
- ଅଂଶୁମାନ ପ୍ରଧାନ, ଲୋହାରପାଲି, ପଦ୍ମପୁର, ବରଗଡ଼
- ଶ୍ରୀନିବାସ ପଣ୍ଡା, ଦିଗପହଣ୍ଡି, ଗଞ୍ଜାମ

### ଆମର ଯୋଗାଯୋଗ ଠିକଣା

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯


ସ୍ୱନ୍ଦିତା ଦିବ୍ୟାରାଣୀ
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



ଦୀପାଲି ମହାନ୍ତି
ଦ୍ୱିତୀୟ ଶ୍ରେଣୀ
ସାଇ ସରସ୍ୱତୀ ବିଦ୍ୟା ମନ୍ଦିର
ଲକ୍ଷ୍ମୀ ସାଗର, ଭୁବନେଶ୍ୱର



ମାନସ ରଞ୍ଜନ ଆଚାର୍ଯ୍ୟ
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର



ଶାନ୍ତନୁ ଶାନ୍ତି ସ୍ୱରୂପ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର


# ଇଂଲଣ୍ଡ ବିପକ୍ଷରେ ଟି-୨୦ ସିରିଜ୍ ଜିତିଲା ଭାରତ

**ପୁଣେ,୩୧ ।୧(ଏଜେନ୍ସି):** ହାର୍ଦ୍ଦିକ ପାଣ୍ଡ୍ୟା (୫୩) ଓ ଶିବମ ଦୁବେ (୫୩)ଙ୍କ ଅର୍ଦ୍ଧଶତକ ସହ ସ୍ପିନରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଚତୁର୍ଥ ଟି-୨୦ରେ ଭାରତ ୧୫ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି । ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଗୋଟିଏ ମ୍ୟାଚ୍ ବାକିଥାଇ ଭାରତ ୩-୧ରେ ଅପରାଜେୟ ଅଗ୍ରଣୀ ସହ ଆଗୁଆ ସିରିଜ୍ କବ୍‌ଜା କରିଛି । ଏହା ପରେ ରବିବାର ସିରିଜ୍‌ର ୫ମ ତଥା ଶେଷ ଟି-୨୦ ଖେଳାଯିବ । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୧୨ ରନ୍‌ରେ ୩ ୱିକେଟ ହରାଇଥିଲେ ମଧ୍ୟ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୮୧ ରନ୍ କରିଥିଲା । ଜବାବରେ ଇଂଲଣ୍ଡ କୌଣସି ୱିକେଟ ନ ହରାଇ ୬୨ ରନ୍ କରିଥିଲାବେଳେ ଭାରତୀୟ ସ୍ପିନର ୫ ରନ୍‌ରେ ୩ଟି ଓ ଏହାର କିଛି ସମୟ ପରେ ମିଳିତଭାବେ ୮ ରନ୍‌ରେ ଆଉ ୩ଟି ୱିକେଟ ଅକ୍ତିଆର କରିବା ଫଳରେ ଇଂଲଣ୍ଡ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା । ଭ୍ରମଣକାରୀ ଦଳ ଆଉ ୨ଟ ବଲ୍ ଖେଳିବାକୁ ବାକିଥାଇ ୧୬୬ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଦଳ





ପକ୍ଷରୁ ହ୍ୟାରୀ ବ୍ରୁକ୍ ସର୍ବାଧିକ ୫୧, ବେନ୍ ଡକେଟ ୩୯ ଓ ଫିଲିପ ସଲ୍ଟ ୨୩ ରନ୍ କରିଥିଲେ । ଭାରତ ପକ୍ଷରୁ ରବି ବିଷ୍ଣୋଇ ଓ ହର୍ଷିତ ରାଣା ୩ଟି ଲେଖାଏଁ, ବରୁଣ ଚକ୍ରବର୍ତ୍ତୀ ୨ଟି ୱିକେଟ ପାଇଥିଲେ । ଶିବମ ଦୁବେ ଆହତ ହେବା ଫଳରେ ହର୍ଷିତ (କନକସସ ବଦଳଖେଳାଳି)ଙ୍କୁ ଏହି ମ୍ୟାଚ୍‌ରେ ଖେଳିବାକୁ ସୁଯୋଗ ମିଳିଥିଲା । ସିରିଜ୍‌ରେ ପ୍ରଥମଥର ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୨ ରନରେ ୩ଟି ଓ ପରେ ୫୭ ରନରେ ୫ ୱିକେଟ ହରାଇ ବିପଦରେ ପଡିଥିଲା । ଷଷ୍ଠ ୱିକେଟରେ ପାଣ୍ଡ୍ୟା ଓ ଦୁବେ ୪୫ ବଲରୁ ଦ୍ରୁତ ୮୭ ରନକରି ସ୍ଥିତି ସମ୍ଭାଳିବା ସହ ଭାରତକୁ ବିପଦ ମୁକ୍ତ କରିଥିଲେ । ଓପନର ସଞ୍ଜୁ ସାମସନ ୧, ତିଳକ ବର୍ମା ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଖାତା ଖୋଲି ପାରି ନ ଥିଲେ । ଏହି ଦୁଇ ବ୍ୟାଟରଙ୍କ ଖରାପ ଫର୍ମ ଜାରି ରହିଛି । କିନ୍ତୁ ଅଭିଷେକ ଶର୍ମା ଆଉଟ ହେବା ପୂର୍ବରୁ ୧୯ ବଲରୁ ୪ ଚୌକା ଓ ୧ ଛକା ସହ ୨୯ ରନ କରିଥିଲେ । ସେହିପରି ରିଙ୍କୁ ୨୬ ବଲରୁ ୪ ଚୌକା ଓ ୧ ଛକା ସହ ୩୦ ରନ ସଂଗ୍ରହ କରିଥିଲେ । ପାଣ୍ଡ୍ୟା ୩୦ ବଲର ସମ୍ମୁଖୀନ ହୋଇ ୪ଟି ଲେଖାଏ ଚୌକା ଓ ଛକା ସହ ୫୩ ରନକରି ଆଉଟ ହୋଇଥିଲେ । ଅନ୍ତିମ ବ୍ୟାଟର ଭାବେ ଦୁବେ ୩୪ ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୨ ଛକା ସହ ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ ।

## ସଚିନଙ୍କୁ ମିଳିବ ସିକେ ନାଇଡୁ ପୁରସ୍କାର

● ବୁମ୍ରା ଓ ମନ୍ଧାନା ଶ୍ରେଷ୍ଠ କ୍ରିକେଟର

**ମୁମ୍ବଇ, ୩୧।୧(ଏଜେନ୍ସି):** ଭାରତୀୟ କ୍ରିକେଟକୁ ଆଜୀବନ ଅବଦାନ ନିମନ୍ତେ କିଂମ୍ବଦନ୍ତୀ ଖେଳାଳି ସଚିନ ତେନ୍ଦୁଲକରଙ୍କୁ ପୁରସ୍କୃତ କରାଯିବ । ଆଜୀବନ ଅବଦାନ ଲାଗି ସିକେ ନାଇଡୁ ପୁରସ୍କାର ପ୍ରଦାନ କରାଯାଇଥାଏ । ଭାରତରେ ଭଗବାନ ଭାବେ ବିବେଚିତ ସଚିନ ୨୦୦ ଟେଷ୍ଟ, ୪୬୩ ଦିନିକିଆ ଓ ଗୋଟିଏ ମାତ୍ର ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ ଖେଳିଛନ୍ତି । ଭାରତ ରତ୍ନରେ ସମ୍ମାନିତ ଏହି ଖେଳାଳି ସମସ୍ତ ଫର୍ମାଟରେ ବିଶ୍ୱରେ ସର୍ବାଧିକ ୩୪, ୦୦୦ରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି । ଆସନ୍ତାକାଲି ପୁରସ୍କାର ଉତ୍ସବରେ ବିସିସିଆଇ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯିବ ।

ଏହା ବ୍ୟତୀତ ଚଳିତବର୍ଷ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଗ୍ରହଣ କରିଥିବା ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯିବ । ଅଶ୍ୱିନ ଭାରତ ପକ୍ଷରୁ ଖେଳି ୫୩୭ଟି ୱିକେଟ ନେଇଛନ୍ତି । ଏହା ଛଡ଼ା ଚଳିତ ବର୍ଷର ଶ୍ରେଷ୍ଠ ପୁରୁଷ କ୍ରିକେଟର ଭାବେ ଯଶପ୍ରୀତ୍ ବୁମ୍ରା ଓ ମହିଳା କ୍ରିକେଟର ଭାବେ ସ୍ମୃତି ମନ୍ଧାନାଙ୍କୁ ମଧ୍ୟ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି । ସର୍ଫରାଜ ଖାନ୍ ଓ ଆଶା ଶୋଭନା ଅନ୍ତର୍ଜାତୀୟ କ୍ରିକେଟରେ ଶ୍ରେଷ୍ଠ ଡେବ୍ୟୁଟାଣ୍ଟ ବା ପଦାର୍ପଣକାରୀ ଖେଳାଳି ଭାବେ ପୁରସ୍କାର ପାଇବେ । ମହିଳା କ୍ରିକେଟର ଦୀପ୍ତି ଶର୍ମା ସର୍ବାଧିକ ୱିକେଟ ନେଇଥିବାରୁ ତାଙ୍କୁ ମଧ୍ୟ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯିବ ।

## ଗଲ ଟେଷ୍ଟ: ଅଷ୍ଟ୍ରେଲିଆ ବିପକ୍ଷରେ ଶ୍ରୀଲଙ୍କାର ସଂଘର୍ଷ

**ଗଲ୍, ୩୧।୧(ଏଜେନ୍ସି):** ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟରେ ପରାଜୟ ଏଡାଇବାକୁ ଆୟୋଜକ ଶ୍ରୀଲଙ୍କା ସଂଘର୍ଷ ଜାରି ରଖିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୬ ୱିକେଟ ହରାଇ ୬୫୪ ରନ୍‌ରେ ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା । ଦଳ ପକ୍ଷରୁ ଉସ୍‌ମାନ ଖୱାଜା ୨୩୨, ଷ୍ଟିଭେନ ସ୍ମିଥ୍ ୧୪୨ ଓ ପଦାର୍ପଣ କରିଥିବା ଜୋଶ ଇଂଲିଶ ୧୦୨ ରନ୍ କରିଥିଲେ । ଜବାବରେ ତୃତୀୟ ଦିନ ଖେଳ ଶେଷସୁଦ୍ଧା ଶ୍ରୀଲଙ୍କା ପ୍ରଥମ ଇନିଂସରେ ୫ ୱିକେଟ ହରାଇ ୧୩୬ ରନ୍ ସଂଗ୍ରହ କରିଛି । ଷ୍ଟମ୍ପ ଅପସାରଣ ବେଳକୁ ଦିନେଶ ଚାଣ୍ଡିମଲ ୬୩ ଓ କୁଶାଲ ମେଣ୍ଡିସ୍ ୧୦ ରନ୍‌ରେ ବ୍ୟାଟିଂ କରୁଥିଲେ ।

## ଜାତୀୟ କ୍ରୀଡ଼ା: ରୀମା ଭୋଇ, ମହିଳା ରଗ୍‌ବୀ ଦଳକୁ ସ୍ୱର୍ଣ୍ଣ



ରୀମା ଭୋଇ



ପ୍ରତ୍ୟାଶା ରାୟ



ସ୍ୱସ୍ତି ସିଂ



ମହିଳା ରଗ୍‌ବୀ ଦଳ

**ଭୁବନେଶ୍ୱର, ୩୧।୧(ସମିସ):** ଭାରୋତ୍ତୋଳିକା ରୀମା ଭୋଇ, ମହିଳା ରଗ୍‌ବୀ ଦଳ ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି । ଏହା ଫଳରେ ଓଡ଼ିଶାର ସ୍ୱର୍ଣ୍ଣପଦକ ସଂଖ୍ୟା ୩ରେ ପହଞ୍ଚିଛି । ଗତକାଲି ମହିଳା ୪ଗୁଣା ୧୦୦ ମିଟର ମେଡ୍‌ଲେ ରିଲେରେ ଓଡ଼ିଶା ପ୍ରଥମ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା । ଶୁକ୍ରବାର ଅନୁଷ୍ଠିତ ଅନ୍ୟ ଇଭେଣ୍ଟ ମଧ୍ୟରୁ ପୁରୁଷ ରଗ୍‌ବୀ ଦଳ, ସାଇକଲ ଚାଳିକା ସ୍ୱସ୍ତି ସିଂ ଓ ସନ୍ତରଣକାରୀ ପ୍ରତ୍ୟାଶା ରାୟ କାଂସ୍ୟ ପଦକ ହାସଲ କରିଛନ୍ତି । ଏହା ଛଡ଼ା ମହିଳା ଖୋ ଖୋ ଦଳ ଏବଂ ମହିଳା ଉଶୁରେ ମଞ୍ଜୁ ମୁଣ୍ଡା ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବାରୁ ଓଡ଼ିଶାକୁ ଆଉ ଦୁଇଟି ପଦକ ମିଳିବା ରାସ୍ତା ପରିଷ୍କାର ହୋଇଯାଇଛି ।

ମହିଳା ଭାରୋତ୍ତୋଳନର ୫୯ କିଲୋଗ୍ରାମ୍ ଶ୍ରେଣୀରେ ରୀମା ଭୋଇ ୧୮୯ କେଜି ଓଜନ ଉଠାଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । କିନ୍ତୁ ୫୫ କିଲୋଗ୍ରାମ୍ ଶ୍ରେଣୀରେ ମିନା ସାନ୍ତା ୧୮୧ ଓ ସ୍ନେହା ସୋରେନ ୧୮୦ କେଜି ଓଜନ ଉଠାଇ ପଦକରୁ ବଞ୍ଚିତ ହୋଇଛନ୍ତି । ମହିଳା ରଗବୀ ଫାଇନାଲରେ ଓଡ଼ିଶା ୨୯-୫ ଗୋଲରେ ବିହାରକୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପୁରୁଷ ଦଳ ସେମିଫାଇନାଲରେ ପରାଜିତ ହୋଇଥିଲେ ମଧ୍ୟ ପଶ୍ଚିମବଙ୍ଗକୁ ୨୬-୧୦ ଗୋଲରେ ହରାଇ କାଂସ୍ୟ ପଦକ ହାସଲ କରିଛନ୍ତି । ମହିଳା ସନ୍ତରଣର ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା ରାୟ କାଂସ୍ୟ ପଦକ ପାଇଛନ୍ତି । ସେହିପରି ମହିଳା ୬୦ କିଲୋମିଟର ରୋଡ ମାସ୍ ଷ୍ଟାର୍ଟ ଇଭେଣ୍ଟରେ ସ୍ୱସ୍ତି ସିଂ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି ।

● ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍

## କ୍ରମାଗତ ଫାଇନାଲରେ ଭାରତ

**କ୍ୱାଲାଲମ୍ପୁର, ୩୧ ।୧(ଏଜେନ୍ସି):** ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍‌ରେ ଗତଥରର ଚାମ୍ପିଅନ ଭାରତ ଫାଇନାଲରେ ପ୍ରବେଶ କରିଛି । ଶୁକ୍ରବାର ଅନୁଷ୍ଠିତ ଲୋ ସ୍କୋରିଂ ଦ୍ୱିତୀୟ ସେମିରେ ଭାରତ ୫ ଓଭର ବାକିଥାଇ ଇଂଲଣ୍ଡକୁ ୯ ୱିକେଟରେ ହରାଇ କ୍ରମାଗତ ଦ୍ୱିତୀୟଥର ଫାଇନାଲକୁ ଉଠିଛି । ଟାଇଟଲ ପାଇଁ ଭାରତ ରବିବାର ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ । ଦକ୍ଷିଣ ଆଫ୍ରିକା ପ୍ରଥମ ସେମିରେ ୫ ୱିକେଟ ଅଷ୍ଟ୍ରେଲିଆକୁ ପରାସ୍ତ କରି ଫାଇନାଲକୁ ଉଠିଛି ।

ଦ୍ୱିତୀୟ ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ ହରାଇ ୧୧୩ ରନ କରିଥିଲା । ଦଳ ତରଫରୁ ଓପନର ଡେଭିନା ପେରିନ ୪୫, ଅବି ନୋଗ୍ରୋଭ ୩୦ ରନକରଥିଲେ । ଜବାବରେ



ଭାରତ ୧୫ ଓଭରରେ ମାତ୍ର ଗୋଟିଏ ୱିକେଟ ହରାଇ ୧୧୭ ରନକରି ବିଜୟୀ ହୋଇଥିଲା । ଭାରତୀୟ ବାମହାତୀ ସ୍ପିନର ପାରୁଣିକା ସିସୋଦିଆ ୨୧ ରନ ଦେଇ ୩ ୱିକେଟ ଅକ୍ତିଆର କରି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଭାରତ ତରଫରୁ ଓପନର ଜି କମଳିନୀ ୫୬, ଗୋଙ୍ଗାଡି ତ୍ରିଶା ୩୫ ରନ କରିଥିଲେ । ବୋଲିଂରେ ଭାରତ ପକ୍ଷରୁ ପାରୁଣିକା, ବୈଷ୍ଣବୀ ଶର୍ମା ୩ଟି ଲେଖାଏ ଅକ୍ତିଆର କରିଥିଲେ ।

## ଏସୀୟ ଶୀତକାଳୀନ କ୍ରୀଡ଼ା

## ଭାରତରୁ ଭାଗନେବେ ୮୮

**ନୂଆଦିଲ୍ଲୀ, ୩୧।୧(ଏଜେନ୍ସି):** ଚୀନ୍‌ର ହର୍ବିନଠାରେ ଏସୀୟ ଶୀତକାଳୀନ କ୍ରୀଡ଼ା (ଏସିଆନ୍ ୱିଣ୍ଟର ଗେମ୍ସ) ଫେବୃଆରୀ ୭ରୁ ୧୪ ତାରିଖଯାଏ ଖେଳାଯିବ । ଏହି ପ୍ରତିଯୋଗିତା ଲାଗି ଭାରତ ସରକାର ଏକ ୮୮ ଜଣିଆ ଦଳକୁ ଅଂଶଗ୍ରହଣ ଲାଗି ଅନୁମତି ପ୍ରଦାନ କରିଛନ୍ତି । ସେମାନଙ୍କ ମଧ୍ୟରେ ୫୯ଜଣ ଆଥ୍‌ଲେଟ୍ ଓ ୨୯ଜଣ ଟିମ୍ ଅଫିସିଆଲ ରହିଛନ୍ତି । ପ୍ରଥମଥର ଲାଗି ସରକାରଙ୍କ ପକ୍ଷରୁ ସମସ୍ତ ପ୍ରତିଯୋଗୀଙ୍କୁ ଭାଗନେବା ଲାଗି ଆର୍ଥିକ ସହାୟତା ଯୋଗାଇଦିଆଯାଇଛି । କିନ୍ତୁ ୨୩ ଜଣିଆ ଆଇସ୍ ହକି ଟିମ୍‌କୁ ବିନା ଆର୍ଥିକ ସହାୟତାରେ ଭାଗନେବାକୁ ଅନୁମତି ଦେଇଛି ।

## ରଣଜୀ ଟ୍ରଫିରେ ମଧ୍ୟ କୋହଲି ବିଫଳ

**ନୂଆଦିଲ୍ଲୀ, ୩୧ ।୧(ଏଜେନ୍ସି):** ଦୀର୍ଘ ୧୨ ବର୍ଷ ପରେ ରଣଜୀ ଟ୍ରଫିକୁ ପ୍ରତ୍ୟାବର୍ତ୍ତନ କରିଥିବା ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ବିଫଳ ହୋଇଛନ୍ତି । ଏଠାରେ ଚାଲିଥିବା ରେଳବାଇ ବିପକ୍ଷ ମ୍ୟାଚ୍‌ରେ କୋହଲି ୪ ନଂରେ ବ୍ୟାଟିଂ କରିବାକୁ ଆସି ୬ ରନ କରିଥିବା ବେଳେ ୨୯ ବର୍ଷୀୟ ଦ୍ରୁତ ବୋଲର ହିମାଂଶୁ ସାଙ୍ଗୱାନଙ୍କ ଇନ୍‌ସୁଇଙ୍ଗ୍ ବଲ୍‌ରେ ବୋଲ୍ଡ ହୋଇ ପ୍ୟାଭିଲିଅନ ଫେରିଥିଲେ । କୋହଲି ଆଉଟ ହେବା ପରେ ଷ୍ଟାଡିୟମରେ ଉପସ୍ଥିତ ୧୦, ୦୦୦ ଦର୍ଶକ ନିରାଶ ହୋଇ ଛାଡି ଚାଲିଯାଇଥିଲେ ଓ ଷ୍ଟାଡିୟମ ପୂରା ଫାଙ୍କା ହୋଇଯାଇଥିଲା । କୋହଲି ୧୫ଟି ବଲର ସମ୍ମୁଖୀନ ହୋଇ ଗୋଟିଏ ଚୌକା ମାରିବା ସହ ଆଉଟ ହେବା ପୂର୍ବରୁ ୬ ରନ ସଂଗ୍ରହ କରିଥିଲେ । ୫ଟି ବଲ୍ ଖେଳିବା ପରେ ସେ ଖାତା ଖୋଲିଥିଲେ । ଚୌକା ମାରିବା ପରେ ସେ ବୋଲ୍ଡ ହୋଇଥିଲେ । ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷସୁଦ୍ଧା ଦିଲ୍ଲୀ ପ୍ରଥମ ଇନିଂସରେ ୭ ୱିକେଟ ହରାଇ ୩୩୪ ରନ କରିଛି । ରେଳବାଇ ପ୍ରଥମ ଇନିଂସରେ ୨୪୧ ରନକରିଥିଲା । ଫଳରେ ଦିଲ୍ଲୀ ୩ ୱିକେଟ ବାକି ରଖି ୯୩ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି । ସୁମିତ ମାଥୁର ୭୮ ଓ ସିଦ୍ଧାନ୍ତ ଶର୍ମା ୧୫ ରନକରି ଅପରାଜିତ ରହିଛନ୍ତି । ଅଧିନାୟକ ଆୟୁଷ ବାଦୋନୀ ୯୯ ରନକରି ଆଉଟ ହୋଇଥିଲେ ।

## ହକି ଇଣ୍ଡିଆ ଲିଗ୍: ଟାଇଗର୍ସ- ତୁଫାନ୍ସ ଫାଇନାଲ

**ରାଉରକେଲା, ୩୧ ।୧(ଏଜେନ୍ସି):** ଚଳିତ ହକି ଇଣ୍ଡିଆ ଲିଗ୍(ଏଚ୍‌ଆଇଏଲ୍) ଷଷ୍ଠ ସଂସ୍କରଣର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି । ଶନିବାର ଟାଇଟଲ ପାଇଁ ଶ୍ରଚି ବେଙ୍ଗଲ ଟାଇଗର୍ସ ଓ ହାଇଦରାବାଦ ତୁଫାନ୍ସ ପରସ୍ପରକୁ ଭେଟିବେ । ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ପ୍ରଥମ ସେମିରେ ବେଙ୍ଗଲ୍ ସୁଟ୍ ଆଉଟ୍‌ରେ ୬-୫ ଗୋଲରେ ତାମିଲନାଡୁ ଡ୍ରାଗନ୍ସକୁ ହରାଇଥିଲା । ସେହିପରି ଏକପାଖିଆ ଦ୍ୱିତୀୟ ସେମିରେ ତୁଫାନ୍ସ ୩-୧ ଗୋଲରେ



ସୁରମା ହକି କ୍ଲବକୁ ପରାସ୍ତ କରି ଫାଇନାଲକୁ ଉଠିଛି । ତୁଫାନ୍ସ ତରଫରୁ ୨୫ତମ ମିନିଟ୍‌ରେ ଅମନଦୀପ ଲାକ୍ରା ପେନାଲ୍ଟି କର୍ଣ୍ଣର ଜରିଆରେ, ୩୫ତମ ମିନିଟ୍‌ରେ ଜ୍ୟାକବ ଆଣ୍ଡରସନ, ୪୩ତମ ମିନିଟ୍‌ରେ ନୀଳକାନ୍ତ ଶର୍ମା ଗୋଲ୍ ସ୍କୋର କରିଥିଲେ । ତୁଫାନ୍ସ ସବୁ ବିଭାଗରେ ଉନ୍ନତ ପ୍ରଦର୍ଶନ କରିଥିଲା ।

**ସୁଟ୍‌ଆଉଟରେ ହାରିଲା ଡ୍ରାଗନ୍ସ**

ପ୍ରଥମ ସେମି ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ଅମୀମାଂସିତ ରହିଥିଲା ଓ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା । ୧୮ତମ ମିନିଟ୍‌ରେ ଡ୍ରାଗନ୍ସର ନାଥନ୍ ଏଫ୍ରାଉମ୍ସ ଗୋଲ ଦେବା ପରେ ବେଙ୍ଗଲର ପ୍ରଦୀପ ସିଂହ ସାନ୍ଧୁ ୩୦ତମ ମିନିଟ୍‌ରେ ଗୋଲ ଦେଇଥିଲେ । ୩୨ ତମ ମିନିଟରେ ଡ୍ରାଗନ୍ସର କାର୍ତ୍ତି ସେଲଭମ୍ ଗୋଲ ଦେଇ ପୁଣିଥରେ ଡ୍ରାଗନ୍ସକୁ ଅଗ୍ରଣୀ କରାଇଥିଲେ । ୫୩ତମ ମିନିଟ୍‌ରେ ବେଙ୍ଗଲ୍‌ର ସାମ ଲେନ୍ ଗୋଲ ଦେଇଥିଲେ ।



## ଓସିଏର ମ୍ୟାଚ୍ ପ୍ରସ୍ତୁତି ସନ୍ତୋଷ ଜନକ : ମୁଖ୍ୟମନ୍ତ୍ରୀ

**କଟକ, ୩୧।୧(ସମିସ):** ଭାରତ-ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ମ୍ୟାଚ୍ ନିମନ୍ତେ ବାରବାଟୀ ଷ୍ଟାଡିୟମରେ ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଆଜି ମଧ୍ୟାହ୍ନରେ ବାରବାଟୀରେ ପହଞ୍ଚି ପ୍ରସ୍ତୁତି ସମୀକ୍ଷା କରିବା ସହ ଓଡ଼ିଶା କ୍ରିକେଟ ଆସୋସିଏସ୍‌ନ (ଓସିଏ)ର ମ୍ୟାଚ ପ୍ରସ୍ତୁତିରେ ସନ୍ତୋଷ ବ୍ୟକ୍ତ କରିଥିଲେ । ଏଠାରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବା ଗୌରବର ବିଷୟ । ସମସ୍ତଙ୍କ ସହଯୋଗରେ ପ୍ରସ୍ତୁତି ଆଗେଇ ଚାଲିଛି । ମ୍ୟାଚ୍ ସଫଳତାର ସହ ଆୟୋଜନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ, ବିଧାୟକ ତଥା ଓସିଏ ଆପେକ୍ସ କାଉନ୍ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଜୟ କୁମାର ଦଳବେହେରା, ପ୍ରକାଶ ଚନ୍ଦ୍ର ସେଠୀ, ଦେବୀ ରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓସିଏ ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ରଣଜୀ ଟ୍ରଫିରେ ରାଜେଶଙ୍କୁ ୫ ୱିକେଟ | ସର୍ଭିସେସ ୧୯୯ ପ୍ରଥମ ଇନିଂସ ଅଗ୍ରଣୀ

**କଟକ, ୩୧।୧(ସମିସ):** ଡ୍ରିମସ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫିର ଅନ୍ତିମ ଲିଗ୍‌ରେ ସର୍ଭିସେସକୁ କଡା ଜବାବ ଦେଇଛି ଘରୋଇ ଓଡ଼ିଶା । ଓଡ଼ିଶାର ଇନିଂସ୍ ୧୮୦ରନରେ ସୀମିତ ରହିବା ପରେ ସର୍ଭିସେସ ୧୯୯ରନରେ ଅଲଆଉଟ ହୋଇଛି । ଶୁକ୍ରବାର ଖେଳର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ୩ ୱିକେଟ ହରାଇ ୧୬୬ରନ କରିବା ସହ ୧୪୭ରନରେ ଆଗୁଆ ରହିଛି । ୱିକେଟ କିପର ଆଶୀର୍ବାଦ ସ୍ୱାଇଁ ୬୩ରନ ଏବଂ ରାଜେଶ ଧୂପର ୧୦ରନରେ ଅପରାଜିତ ଅଛନ୍ତି । ଅସମାପ୍ତ ପ୍ରଥମ ପାଳି ୮୫/୨ରୁ ଆଜି ସର୍ଭିସେସ ବ୍ୟାଟିଂ ଆରମ୍ଭ କରିଥିଲା । ୪୦ରନରେ ଅପରାଜିତ ଥିବା ରବି ଚୌ÷ହ୍ୱାନ ଏକାକି ଲଢୁଆ ବ୍ୟାଟିଂ କରି ୧୨୦ରନର ପାଳି ଖେଳିଥିଲେ । ଓଡ଼ିଶାର ୩ ପେସ ବୋଲର ସମସ୍ତ ୱିକେଟ ବାଣ୍ଟି ନେଇଥିଲେ । ରାଜେଶ ମହାନ୍ତିଙ୍କୁ ସର୍ବାଧିକ ୫ଟି ୱିକେଟ ମିଳିଥିଲା । ତାପସ ଦାସ ୩ଟି ଏବଂ ସୁନୀଲ ରାଉଳ ୨ଟି ୱିକେଟ ଅକ୍ତିଆର କରିଥିଲେ ।

## ବାରବାଟୀ ଏକଦିବସୀୟ: ଆଉ ୯ ଦିନ

# ରବିବାର ଅପରାହ୍ଣ ୪ରୁ ଅନଲାଇନ୍ ଟିକଟ୍

● ଜୋମାଟୋ ଆପ୍‌ରେ ବୁକ୍ ହେବ ଟିକଟ

● ମୋବାଇଲ ନମ୍ବର, ମେଲ୍ ଆଇଡିରେ ପଞ୍ଜୀକରଣ

● ଜଣକୁ ସର୍ବାଧିକ ୨ଟି ଟିକଟ; ପରିଚୟପତ୍ର ଅନାବଶ୍ୟକ

**କଟକ, ୩୧।୧(ସମିସ):** ବାରବାଟୀ ମୁକାବିଲା ପାଇଁ ରବିବାର ଠାରୁ ଆରମ୍ଭ ହେବ ଅନଲାଇନ୍ ଟିକଟ ବୁକିଂ । ଫେବୃୟାରୀ ୯ରେ ଏଠାରେ ହେବାକୁ ଥିବା ଭାରତ-ଇଂଲଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ମ୍ୟାଚ୍ ନିମନ୍ତେ ଆଶାୟୀ କ୍ରିକେଟପ୍ରେମୀ ସେଦିନ ଅପରାହ୍ନ ୪ଟାରୁ ଟିକଟ୍ ବୁକ୍ କରିପାରିବେ । ଟିକଟ୍ ବିକ୍ରି ଦାୟିତ୍ୱ ନେଇଥିବା ଏଜେନ୍ସି ଏ ପର୍ଯ୍ୟନ୍ତ ଏସ୍‌ଓପି ପ୍ରଦାନ କରିନାହିଁ । ପୂର୍ବ ଆଲୋଚନା ଅନୁଯାୟୀ, ଟିକଟ ବିକ୍ରି ସମୟ ଅପରାହ୍ନ ୪ଟା ଧାର୍ଯ୍ୟ ହୋଇଛି । ମୋବାଇଲ ଆପ୍ଲିକେସନ district by zomato କିମ୍ବା ଗୁଗଲ୍ ବ୍ରାଉଜରରେ zomato.in ଲଗ୍ ଇନ କରି ଟିକଟ୍ ବୁକ୍ କରିହେବ ।

ଅଗଣିତ କ୍ରିକେଟପ୍ରେମୀ ବାରବାଟୀ ମୁକାବିଲା ନିମନ୍ତେ ଟିକଟକୁ ଅପେକ୍ଷା କରି ରହିଛନ୍ତି । ଆସନ୍ତା ୨ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଟିକଟ୍ ଉପଲବ୍ଧ ହେବ । କାଉଣ୍ଟର ଖୋଲିବା ଆଗରୁ ଅନଲାଇନ୍ ଜରିଆରେ ଟିକଟ ବୁକିଂ ଆରମ୍ଭ ହେବ । ମୋଟ୍ ୪ହଜାର ଟିକଟ୍ ଅନଲାଇନ୍‌ରେ ବିକ୍ରି ନିମନ୍ତେ ଓସିଏ ସ୍ଥିର ରହିଛି । ଏହା ଭିତରେ ଗ୍ୟାଲେରୀ ନଂ-୨ର ୧୦୭୦ଟି, ଗ୍ୟାଲେରୀ ନଂ-୪ର ୧୦୮୦ଟି, ଗ୍ୟାଲେରୀ ନଂ-୭ର ୧୫୦୦ଟି, ସ୍ପେଶିଆଲ ଏନକ୍ଲୋଜରର ୨୦୦ଟି, ଏସି ବକ୍ସର ୫୦ଟି ଏବଂ ନ୍ୟୁ ପ୍ୟାଭିଲିୟନର ୧୦୦ଟି ଟିକଟ ରହିଛି । ତେବେ ମୋବାଇଲ ଆପ୍ଲିକେସନ district by zomato କିମ୍ବା ଗୁଗଲ୍ ବ୍ରାଉଜରରେ zomato.in ଲଗ୍ ଇନ୍ କରିବା ନିମନ୍ତେ ମୋବାଇଲ ନମ୍ବର କିମ୍ବା ମେଲ୍ ଆଇଡିର ଆବଶ୍ୟକତା ରହିବ । ଓଟିପି ବ୍ୟବହାର କରି ପଞ୍ଜୀକରଣ କରିବାକୁ ପଡ଼ିବ । ଜଣେ ବ୍ୟକ୍ତି ସର୍ବାଧିକ ୨ଟି ଟିକଟ୍ ବୁକିଂ କରି ପାରିବ । ଲଗ୍ ଆଉଟ୍ କରି ପୁର୍ନବାର ଲଗ୍ ଇନ୍ କଲେ ମଧ୍ୟ ଆଉ ଟିକଟ୍ ବୁକିଂ ସମ୍ଭବପର ହେବନାହିଁ । ତେବେ ଟିକଟ ବୁକିଂ ନିମନ୍ତେ ପରିଚୟପତ୍ରର ଆବଶ୍ୟକତା ପଡ଼ିବନାହିଁ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି । ଅନଲାଇନ୍‌ରେ ଟିକଟ୍ କ୍ରୟ କରିଥିବା କ୍ରୀଡ଼ାପ୍ରେମୀ ୭, ୮ ଓ ୯ ତାରିଖ ତିନି ଦିନ ଭିତରେ ଏହା ସଂଗ୍ରହ କରିବେ । କଟକର କେମ୍ବ୍ରିଜ ସ୍କୁଲ ଏବଂ ଭୁବନେଶ୍ୱରର କିଟ୍ ଆଥଲେଟିକ ଷ୍ଟାଡିୟମରେ ଏଥି ପାଇଁ ସ୍ୱତନ୍ତ୍ର ଭାବେ କାଉଣ୍ଟର ଖୋଲାଯିବ । ୭ ଓ ୮ ତାରିଖରେ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କାଉଣ୍ଟର ଖୋଲା ରହିବା ବେଳେ ୯ ତାରିଖ ତଥା ମ୍ୟାଚ୍ ଦିନ ସକାଳ ୭ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ କାଉଣ୍ଟର ଖୋଲାଯିବ ।

ସକାଳ THE SAKALA
www.thesakala.com

WANTED

The Sakala (A unit of Nandighosha Network Pvt. Ltd.) invites application for the following position

| Name of the Post | Qualification/ Experience |
| --- | --- |
| 1. Layout Designer | 2-5 years of working experience in Layout Designing (work experience in Adobe InDesign software is preferable). |

Please send your CV with recent passport size photo to hr@thesakala.com on or before 8th February 2025.

9437016499

Sd/- HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS